بِسْمِ اللّٰهِ الرَّحْمٰنِ الرَّحِيْمِ نَحْمَدُهٗ وَنُصَلِّيْ عَلٰى رَسُوْلِهِ الْكَرِيْمِ وَعَلٰى عَبْدِهِ الْمَسِيْحِ الْمَوْعُوْدِ

ବିଶେଷ ସଂଖ୍ୟା
"ଜଲସା ସାଲାନା ନମ୍ବର୍"

ସମ୍ପାଦକ:
କମୁଲ୍ ହକ୍ ଖାନ୍

ସହ ସମ୍ପାଦକ:
ସୟଦ୍ ଅତାଉଲ୍ ୱାହାବ

وَلَقَدْ نَصَرَكُمُ اللّٰهُ بِبَدْرٍ وَّاَنْتُمْ اَذِلَّةٌ

Weekly BADAR
Qadian
Odia

www.akhbarbadr.in

ଖଣ୍ଡ: 10

ସଂଖ୍ୟା:51-52

ବାର୍ଷିକ ଦେୟ
୬୦୦/-

26 ଜମାଦିଉସ୍ ସାନି- 04 ରଜବ୍ 1447, ହିଜ୍ରୀ କମ୍ରୀ ●18-25, ଫତହ୍ 1404 ହି.ଶ ● 18-25 DEC 2025 ମସିହା


# ଇସ୍‌ଲାମୀୟ ଶିକ୍ଷାର ପ୍ରକାଶରେ ଜାତୀୟ ଏକତାର ମହତ୍ତ୍ୱ ଓ କଲ୍ୟାଣ




ଜଲ୍‌ସା ସାଲାନା ୟୁ.କେ ଅବସରରେ ଆନ୍ତର୍ଜାତିକ ଏକତାର ଜୀବନ୍ତ ଆଧ୍ୟାତ୍ମିକ ଦୃଶ୍ୟ
ପ୍ରିୟ ହୁଜୁରେ ଅନୱର୍ ଅ.ବଙ୍କ ହସ୍ତରେ ପୃଥିବୀ ବ୍ୟାପୀ ଆଗତ ଅହମଦିମାନଙ୍କ ହସ୍ତ




ବଦରର ପାଠକଙ୍କ ପାଇଁ ପ୍ରାର୍ଥନାର ସହିତ

ଜମାଅତ୍ ଅହମଦିୟାର ପଞ୍ଚମ ଖଲିଫା ହ.ମିର୍ଜା ମସ୍ରୁର ଅହମଦ୍ ଅ.ବଙ୍କ ଏକ ସୁନ୍ଦର ଓ ମନୋରମ  ଫଟୋଚିତ୍ର

## ବଦରର ପାଠକବୃନ୍ଦଙ୍କ ନିମନ୍ତେ ହୁଜୁର୍ ଅନୱର୍ ଅ.ବଙ୍କ ପକ୍ଷରୁ ଏକ ବିଶେଷ ସନ୍ଦେଶ (ବାର୍ତ୍ତା)

MA 6-11-2024

ସାପ୍ତାହିକ ବଦର୍, କାଦିଆନ୍‌ର ପ୍ରିୟ ପାଠକବୃନ୍ଦ

**ଅସସଲାମୁ ଅଲୈକୁମ୍ ୱ ରହମତୁଲ୍ଲାଃହି ୱ ବର୍‌କାତୁହୁ ।**

ଅଲ୍‌ହମ୍‌ଦୁଲିଲ୍ଲାଃ ସମ୍ବାଦପତ୍ର ବଦର୍‌କୁ "**ଇସ୍‌ଲାମୀୟ ଶିକ୍ଷାର ପ୍ରକାଶରେ ଜାତୀୟ ଏକତାର ମହତ୍ତ୍ୱ ଓ କଲ୍ୟାଣ**" ବିଷୟବସ୍ତୁକୁ କେନ୍ଦ୍ର କରି ଏକ ବିଶେଷ ସଂଖ୍ୟା ପ୍ରକାଶିତ କରିବାକୁ ସାମର୍ଥ୍ୟ ଓ ସୌଭାଗ୍ୟ ଅର୍ଜନ ହେଉଅଛି । ଅଲ୍ଲାଃତାଲା ପ୍ରତ୍ୟେକ ଦୃଷ୍ଟିରୁ ଉକ୍ତ ବିଶେଷ ସଂଖ୍ୟାକୁ କଲ୍ୟାଣମୟ କରନ୍ତୁ। **ଆମିନ୍ ।**

ଏଥି ସଂକ୍ରାନ୍ତରେ ମୋତେ ସନ୍ଦେଶ ପ୍ରେରଣ କରିବା ନିମନ୍ତେ ଅନୁରୋଧ କରାଯାଇଅଛି । ତତ୍‌ସଂପର୍କରେ ମୁଁ କେତେକ ଆବଶ୍ୟକୀୟ ପ୍ରସଙ୍ଗ ବର୍ଣ୍ଣନା କରିଦେବା ଆବଶ୍ୟକ ଓ ଉଚିତ୍ ବୋଲି ମନେକରୁଛି ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଇସଲାମ୍ ଧର୍ମ ମୁସଲମାନମାନଙ୍କୁ ପାରସ୍ପାରିକ ଭ୍ରାତୃତ୍ୱବୋଧ, ପ୍ରେମ ତଥା ଆନ୍ତରୀକତା, ଏକତା ଏବଂ ସଂହତିର ଶିକ୍ଷା ପ୍ରଦାନ କରି ଆସିଛି ଓ ପରସ୍ପର ମଧ୍ୟରେ ମତଭେଦ, ଫାଟ ଓ ପୃଥକତା ସୃଷ୍ଟି କରିବାକୁ ବାରଣ କରିଛି । ଅତଏବ୍ ଏଥି ସଂକ୍ରାନ୍ତରେ ଅଲ୍ଲାଃତାଲା ପବିତ୍ର କୁରଆନ୍ କରୀମରେ କହିଛନ୍ତି ଯେ, وَاعْتَصِمُوْا بِحَبْلِ اللّٰهِ جَمِيْعًا وَّلَا تَفَرَّقُوْا **(ଆଲେ ଇମ୍ରାନ୍: 104)** ଅର୍ଥାତ୍ ହେ ବିଶ୍ୱାସକାରୀମାନେ! ତୁମେମାନେ ଅଲ୍ଲାଃତାଲାଙ୍କ ରଜ୍ଜୁକୁ ଦୃଢ ଭାବେ ଧାରଣ କର (ଧରି ରଖ) ଏବଂ ପରସ୍ପର ଠାରୁ ପୃଥକ୍ ହୁଅ ନାହିଁ ।

ସେହିପରି ଏକ ହଦିସ୍‌ରେ ବର୍ଣ୍ଣିତ ହୋଇଛି ଯେ, ରସୁଲୁଲ୍ଲାଃ ସ.ଅ କହିଲେ, ଅଲ୍ଲାଃତାଲା ମୋର ଧର୍ମାବଲମ୍ବୀମାନଙ୍କୁ ଅନ୍ଧକାର ଓ ମାର୍ଗଭ୍ରଷ୍ଟତାରେ ଏକତ୍ରିତ ହେବାକୁ ଦେବେ ନାହିଁ । ଅଲ୍ଲାଃତାଲାଙ୍କ ସାହାଯ୍ୟ ସଂପ୍ରଦାୟ ସହିତ ସର୍ବଦା ରହିଥାଏ । مَنْ شَذَّ شُذَّ اِلَى النَّارِ ଅର୍ଥାତ୍ ଯେଉଁ ବ୍ୟକ୍ତି ଜମାଅତ୍ (ସଂପ୍ରଦାୟ) ଠାରୁ ପୃଥକ୍ ହେଲା ତେବେ ସେହି ବ୍ୟକ୍ତିକୁ ଅଗ୍ନି (ନିଆଁ) ମଧ୍ୟକୁ ନିକ୍ଷେପ କରିଦିଆଗଲା ।

**(ତିର୍ମିଜି କିତାବୁଲ୍ ଫିତନ୍)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଏହି ଶିକ୍ଷା ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସ ମଧ୍ୟ ନିଜର ସଂପ୍ରଦାୟକୁ ଦେଇଛନ୍ତି । ସୁତରାଂ ଆପଣ କୁହନ୍ତି: ସାହାବାମାନଙ୍କ ଉପରେ ଅଲ୍ଲାଃତାଲାଙ୍କ କି କୃପା ରହିଥିଲା ଏବଂ ସେମାନେ କିପରି ରସୁଲୁଲ୍ଲାଃ ସ.ଅଙ୍କ ଆଜ୍ଞାବହତ୍ୱରେ ନିଜର ପ୍ରାଣକୁ ଉତ୍ସର୍ଗ କରି ଉତ୍ସର୍ଗୀକୃତ ଏବଂ ବଳିଦାନକାରୀ ଜମାଅତ୍ ରୂପେ ବିବେଚିତ ହୋଇଥିଲେ । ଉକ୍ତ କଥାଟି ନିରାଟ ସତ୍ୟ ଯେ, ଯେପର୍ଯ୍ୟନ୍ତ କୌଣସି ଜାତି ଆଜ୍ଞାବହତ୍ୱ ଏବଂ ନିୟମଭିତ୍ତିକ ସିଦ୍ଧାନ୍ତକୁ ଅବଲମ୍ବନ କରିନେଇ ନାହିଁ ସେପର୍ଯ୍ୟନ୍ତ କୌଣସି ଜାତି ଜାତିର ପଦବାଚ୍ୟ ହୋଇପାରିବ ନାହିଁ । ଯେପର୍ଯ୍ୟନ୍ତ କୌଣସି ଜାତି ମଧ୍ୟରେ ଜାତୀୟତା ଏବଂ ଐକ୍ୟ ମନୋଭାବର ଆତ୍ମା ସଂଚାର କରି ଦିଆଯାଇ ନାହିଁ ସେପର୍ଯ୍ୟନ୍ତ କୌଣସି ଜାତି ଜାତିର ପଦବାଚ୍ୟ ହୋଇପାରିବ ନାହିଁ । ଯଦି ପରସ୍ପର ମଧ୍ୟରେ ମତପାର୍ଥକ୍ୟ ଦେଖାଦିଏ ଏବଂ ବୈମନସ୍ୟତା, ଶତ୍ରୁତା ଓ ଅନୈକ୍ୟତା ମନ ଭିତରେ ଯଦି ଥାଏ ତେବେ ଜାଣି ନିଅ ଯେ, ଏହିସବୁ ଲକ୍ଷଣ ଅଧୋଗତି ଏବଂ ପତନର ନିଦର୍ଶନ ଅଟନ୍ତି..... ଅଲ୍ଲାଃତାଲାଙ୍କ ହାତ ଜମାଅତ୍ ଉପରେ ରହିଥାଏ ।

ହୁଜୁର ଅ.ବ କହିଲେ, ତହିଁରେ ଏହି ରହସ୍ୟ ହିଁ ନିହିତ ରହିଛି ଯେ, ଅଲ୍ଲାଃତାଲା ଏକେଶ୍ୱରବାଦକୁ ପସନ୍ଦ କରନ୍ତି । ତେଣୁ ଯେପର୍ଯ୍ୟନ୍ତ ଆଜ୍ଞା ପାଳନ ବା ଆଜ୍ଞାବହତ୍ୱ ପ୍ରଦର୍ଶନ କରାଯାଇ ନାହିଁ ସେପର୍ଯ୍ୟନ୍ତ ଏକତା ସ୍ଥାପିତ ହୋଇ ପାରିବ ନାହିଁ । ଅତଏବ୍ ସାହାବାମାନଙ୍କ ପରି ଅବସ୍ଥା ଓ ସାହାବାମାନଙ୍କ ପରି ଏକତା ସୃଷ୍ଟି କରିବାର ଆବଶ୍ୟକତା ମଧ୍ୟ ରହିଛି । କାରଣ ଅଲ୍ଲାଃତାଲା ଏହି ସଂପ୍ରଦାୟକୁ ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସଙ୍କ ହସ୍ତ ଦ୍ୱାରା ପ୍ରସ୍ତୁତ କରିଛନ୍ତି । ଅଲ୍ଲାଃତାଲା ଏହି ସଂପ୍ରଦାୟକୁ ସେହି ଜମାଅତ୍ ସହିତ ସାମିଲ୍ କରିଛନ୍ତି ଯେଉଁ ଜମାଅତ୍ (ସଂପ୍ରଦାୟ) ରସୁଲୁଲ୍ଲାଃ ସ.ଅ ପ୍ରସ୍ତୁତ (ଗଠନ) କରିଥିଲେ ।

ଯେହେତୁ ଜମାଅତ୍‌ର ଉନ୍ନତି ଏହିପରି ଲୋକମାନଙ୍କର ଆଦର୍ଶ ଦ୍ୱାରା ସମ୍ଭବର ହୋଇଥାଏ । ତେଣୁ ତୁମେମାନେ ପୁଣ୍ୟଶ୍ଳୋକ ମସିହ୍ ମଉଦ୍ ଅ.ସଙ୍କ ଜମାଅତ୍ ବୋଲାଇ ସାହାବାମାନଙ୍କ ସହିତ ସାକ୍ଷାତ୍ କରିବାର ଯେଉଁ କାମନା ପୋଷଣ କରୁଛ ତାହା ପ୍ରଥମେ ନିଜ ମଧ୍ୟରେ ସୃଷ୍ଟି କର । ଆଜ୍ଞାନୁବର୍ତ୍ତୀ ତ' ଏପରି ହେବା ଉଚିତ୍ ଯେପରି ପାରସ୍ପାରିକ ପ୍ରେମ, ଆନ୍ତରୀକତା, ଭ୍ରାତୃତ୍ୱତା ହୋଇଥାଏ । ଅତଃ ପ୍ରତ୍ୟେକ ସ୍ଥିତିରେ ତୁମେମାନେ ସେହି ରୂପ ଅବଲମ୍ବନ କର ଯେଉଁ ରୂପ ସାହାବାମାନେ ଅବଲମ୍ବନ କରିଥିଲେ ।"

**(ତଫ୍‌ସିର୍ ହ. ମସିହ୍ ମଉଦ୍ ଅ.ସ, ଗ୍ରନ୍ଥଖଣ୍ଡ-3, ପୃ-317-319)**

ସେହିପରି ହୁଜୁର ଅ.ବ କୁହନ୍ତି:

"ଈଶ୍ୱର ଏହା ଚାହୁଁଛନ୍ତି ଯେ, ଯେଉଁ ଆତ୍ମାମାନେ (ଲୋକମାନେ) ପୃଥିବୀର ବିଭିନ୍ନ ଭୂଖଣ୍ଡରେ ବାସ କରୁଛନ୍ତି, ସେମାନେ ଇଉରୋପରେ ବାସ କରନ୍ତୁ ଅବା ଏସିଆରେ ବାସ କରନ୍ତୁ, ସେହି ସମସ୍ତ ଲୋକମାନଙ୍କୁ ଯେଉଁମାନେ ପୁଣ୍ୟ ସ୍ୱଭାବର ଅଧିକାରୀ ଅଟନ୍ତି ସେହି ଲୋକମାନଙ୍କୁ ସେ (ଅଲ୍ଲାଃତାଲା) ଏକେଶ୍ୱରବାଦ ଆଡ଼କୁ ଆକର୍ଷିତ କରିବାକୁ ଚାହୁଁଛନ୍ତି ଓ ଅଲ୍ଲାଃତାଲା ନିଜର ସେହି ଭକ୍ତମାନଙ୍କୁ ଗୋଟିଏ ଧର୍ମରେ ଏକତ୍ରିତ କରି ଦିଅନ୍ତୁ । **ଆମିନ୍** । ଏହା ହିଁ ଈଶ୍ୱରଙ୍କର ଅଭିପ୍ରାୟ ଯେଉଁ ଅଭିପ୍ରାୟ ସକାଶେ ମୁଁ (ହ. ମସିହ୍ ମଉଦ୍ ଅ.ସ) ଏହି ସଂସାରକୁ ପ୍ରେରିତ ହୋଇଅଛି ।"

**(ଅଲ୍ ୱସିୟତ୍, ରୁହାନୀ ଖଜାଏନ୍, ଗ୍ରନ୍ଥଖଣ୍ଡ-20, ପୃ-306-307)**

ଅତଏବ୍ ଆମମାନଙ୍କର ଏହି ଅଭିପ୍ରାୟ ଯେ, ସଂସାରବାସୀ ନିଜର ସୃଷ୍ଟିକର୍ତ୍ତାଙ୍କୁ ଚିହ୍ନି ନିଅନ୍ତୁ ଓ ସମଗ୍ର ସଂସାର ଆଁହଜରତ ସ.ଅଙ୍କ ଧ୍ୱଜା ତଳେ ଚାଲି ଆସୁ ।

ହୁଜୁର ଅନ୍‌ୱର୍ ଅ.ବ କହିଲେ,"ଅଲ୍ଲାଃତାଲାଙ୍କ କୃପାରୁ ଏକେଶ୍ୱରବାଦ ଆଜି କେବଳ ଓ କେବଳ ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସଙ୍କ ଜମାଅତ୍‌ର ହିଁ ବିଶେଷତା ଓ ଅନନ୍ୟ ପରିଚୟ ଅଟେ । ଅନ୍ୟମାନେ (ମୁସଲମାନମାନେ) ସମସ୍ତେ ବିକ୍ଷିପ୍ତତାର ଶିକାର ହୋଇଛନ୍ତି । ତେଣୁ ଯେପର୍ଯ୍ୟନ୍ତ ସେମାନେ ଅଲ୍ଲାଃତାଲାଙ୍କ ପ୍ରଦତ୍ତ ପୁରସ୍କାରର ମୂଲ୍ୟକୁ ହୃଦୟଙ୍ଗମ କରିନେଇ ନାହାନ୍ତି ସେପର୍ଯ୍ୟନ୍ତ ସେମାନେ ବିକ୍ଷିପ୍ତତାର ଶିକାର ହୋଇ ଚାଲିଥିବେ ।"ତେଣୁ ଆମେମାନେ ସୌଭାଗ୍ୟଶାଳୀ ଅଟୁ ଯେ, ଖିଲାଫତ୍‌ର କଲ୍ୟାଣ ଦ୍ୱାରା ଉନ୍ନତିର ରାଜପଥରେ (ଉତ୍ତରୋତ୍ତର ପଥରେ) ଅଗ୍ରସର ଅଟୁ ଏବଂ କାଲି ସମଗ୍ର ସଂସାରରେ ଇସ୍‌ଲାମ୍ ଧର୍ମର ଧ୍ୱଜା ଆମେମାନେ ଉଚ୍ଚ କରି ଚାଲିଥିବୁ। ଅଲ୍ଲାଃତାଲା ଏହା ଚାହୁଁଛନ୍ତି ଯେ, ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସଙ୍କର ଏହି ସୁନ୍ଦର ଜମାଅତ୍ ଏକତ୍ରିତ ହୋଇ ରହୁ ।

ସୁତରାଂ ଏମ୍.ଟି.ଏର ଯେଉଁ ପୁରସ୍କାର ଅଲ୍ଲାଃତାଲା ଆମମାନଙ୍କୁ ପ୍ରଦାନ କରିଛନ୍ତି ତାହା ଜମାଅତ୍‌ର ଏକତା, ଅଖଣ୍ଡତା ଏବଂ ଖିଲାଫତ୍ ସହିତ ସଂଶ୍ଳୀଷ୍ଟତାର ଏକ ଅନନ୍ୟ ସଂପର୍କ ଲୋକମାନଙ୍କ ମଧ୍ୟରେ ସୃଷ୍ଟି କରି ଦେଇଛନ୍ତି। ଯେତେବେଳେ ଏମ୍.ଟି.ଏରେ ଉପସ୍ଥିତ ଖଲିଫାଙ୍କ ଖୁତ୍‌ବା ଜୁମା ଏବଂ ଉଦ୍‌ବୋଧନ ପ୍ରସାରିତ ହୋଇଥାଏ ସେତେବେଳେ ସମସ୍ତ ପୃଥିବୀରରେ ଓ ସମଗ୍ର ଦେଶ ବିଦେଶେର ପରିବ୍ୟାପ୍ତ ଥିବା ପ୍ରତ୍ୟେକ ଜାତି, ପ୍ରତ୍ୟେକ ବର୍ଣ୍ଣର ଅହମଦିମାନେ ଅତ୍ୟନ୍ତ ପ୍ରେମ ଓ ଆନ୍ତରୀକତାର ସହିତ ହୁଜୁର ଅନ୍‌ୱର୍ ଅ.ବଙ୍କ ସେହି ଖୁତ୍‌ବା ଜୁମା ଓ ଉଦ୍‌ବୋଧନକୁ ଶୁଣିଥାଆନ୍ତି । ସେହି ଅହମଦିମାନେ ନିଜର ବିଶ୍ୱାସ ତଥା ଆସ୍ଥାକୁ ଦୃଢୀଭୂତ ହେଉଥିବାର ଦେଖିବାକୁ ପାଆନ୍ତି । ଏକତା ଓ ସଂହତିରେ ଅହମଦିମାନେ ଉନ୍ନତି କରିଥାଆନ୍ତି । ଅତଏବ୍ ଇସ୍‌ଲାମୀୟ ଶିକ୍ଷାରେ ଜାତୀୟ ଏକତାର ଯେଉଁ ମହତ୍ତ୍ୱ ଏବଂ କଲ୍ୟାଣ ସଂପର୍କରେ ବର୍ଣ୍ଣନା କରାଯାଇଛି ଆଜି ଖିଲାଫତ୍ ଅହମଦିୟାର ଛତ୍ର ଛାୟାତଳେ ଜମାଅତ୍ ଅହମଦିୟା ତା'ର ଏକ ବ୍ୟବହାରିକ ନିଚ୍ଛକ ପ୍ରତିଛବି ଅଟେ ।

ଅତଏବ୍ ଅଲ୍ଲାତାଲାଙ୍କ ନିକଟରେ ମୋର ଏତିକି ଦୁଆ (ପ୍ରାର୍ଥନା) ଯେ, ଅଲ୍ଲାଃତାଲା ସମସ୍ତ ପାଠକମଣ୍ଡଳୀମାନଙ୍କୁ ଏହି ସାମର୍ଥ୍ୟ ପ୍ରଦାନ କରନ୍ତୁ ସେମାନେ ଈଶ୍ୱରଙ୍କର କୃତଜ୍ଞତା ଜ୍ଞାପନ କରି ଈଶ୍ୱରଙ୍କ ସେହି ରଜ୍ଜୁ (ଦଉଡ଼ି) କୁ ଦୃଢ ରୂପେ ଧରି ରଖନ୍ତୁ । ଅଲ୍ଲାଃତାଲା ଆପଣମାନଙ୍କ ସହିତ ଥାଆନ୍ତୁ । **ଆମିନ୍ ।**

**ୱସ୍‌ସଲାମ୍**

**ବିନୀତ**

**ଖଲିଫତୁଲ୍ ମସିହ୍ ଖାମିସ୍**

☆--☆--☆



## ସମ୍ପାଦକୀୟ

### ଜାତୀୟ ଏକତା....
### କିନ୍ତୁ କିପରି ପ୍ରାପ୍ତ ହେବ ?

ଆମର ପ୍ରିୟ ମାତୃଭୂମି ଭାରତ ନାନା ଧର୍ମ, ଜାତି, ବର୍ଣ୍ଣ ଓ ବଂଶଧରମାନଙ୍କର ଦୋଳି (ପେଷଣସ୍ଥଳୀ) ଅଟେ । ସମୟ ବିତିବା ସହିତ ଏହି ମାତୃଭୂମିରେ ଜାତୀୟ ଏକତାର ବାତାବରଣ କ୍ରମଶଃ ପ୍ରଦୂଷିତ ହୋଇ ଚାଲିଛି । ଉକ୍ତ ଦେଶରେ ନାନା ଧର୍ମର ତ' ଏତେଟା ଭୂମିକା ରହି ନାହିଁ । କିନ୍ତୁ ରାଜନୀତିକୁ ସାଫଲ୍ୟ ମଣ୍ଡିତ ତଥା କୃତାର୍ଥ କରିବା ନିମନ୍ତେ ଧର୍ମର ଭୁଲ ଏବଂ କୁତ୍ସିତ ବ୍ୟବହାର ହିଁ ଏଥି ନିମନ୍ତେ ଦାୟି ଅଟେ । ତହିଁରେ ନାନା ଧର୍ମାବଲମ୍ବୀ ରାଜନୈତିକ ନେତୃବୃନ୍ଦମାନେ ଅନ୍ତର୍ଭୁକ୍ତ ଅଛନ୍ତି । ସେହି ରାଜନେତାମାନଙ୍କର ସଂପର୍କ ହିନ୍ଦୀ ଧର୍ମ ସହିତ ରହିଛି ଏବଂ ସେମାନେ ନିଜର ହିନ୍ଦୁ ଭୋଟରମାନଙ୍କ ଶସ୍ତା ପ୍ରସିଦ୍ଧି ଅର୍ଜନ କରିବା ନିମନ୍ତେ ହିନ୍ଦୁ ଧର୍ମକୁ ବିପଦରେ ଥିବା କହି ଅନ୍ୟ ଧର୍ମର ଲୋକମାନଙ୍କ ସହିତ ହିନ୍ଦୁମାନଙ୍କୁ କଳହ କରାଇ ନିଜର ରାଜନୀତିକୁ ସଫଳ କରିବା ପାଇଁ ହୀନ ପ୍ରୟାସ କରିଥାଆନ୍ତି । ସେମାନଙ୍କୁ ଏହି ସଫଳତା ସେତେବେଳେ ଅତି ନିକଟବର୍ତ୍ତୀ ବୋଲି ଦୃଶ୍ୟମାନ ଏବଂ ମନେହୁଏ ଯେତେବେଳେ ହିନ୍ଦୁ ଧର୍ମର ଧାର୍ମିକ ମାର୍ଗଦର୍ଶକମାନେ ଏବଂ ଧାର୍ମିକ ଗୁରୁମାନେ ଏପରି ରାଜନେତାମାନଙ୍କ ସହାୟକ ଏବଂ ବନ୍ଧୁ ହୋଇଯାଆନ୍ତି । ସେହି ରାଜନେତାମାନେ ନିଜ ସହିତ ସମଧର୍ମୀ ଲୋକମାନଙ୍କୁ ନିଜ ସହିତ ସାମିଲ୍ କରିବା ନିମନ୍ତେ ଉଦ୍ୟମ କରିଥାଆନ୍ତି । ଏଥି ପାଇଁ ସେହି ରାଜନେତାମାନଙ୍କୁ ବେଳେବେଳେ ଅତ୍ୟାଚାର ଓ ଉଗ୍ର ରୂପ ଧାରଣ କରିବାକୁ ପଡ଼ୁ ପଛେ ସେମାନେ ଏହି ଅତ୍ୟାଚାର ଏବଂ ଉଗ୍ର ରୂପର ସାହାଯ୍ୟ ଲୋଡ଼ି ଥାଆନ୍ତି ।

ସମାବସ୍ଥା ମୁସଲମାନ ରାଜନୈତିକ ନେତୃବୃନ୍ଦମାନଙ୍କର ମଧ୍ୟ ରହିଛି । ଅର୍ଥାତ୍ ସେମାନେ ମଧ୍ୟ ନିଜର ରାଜନୀତିକୁ ସାଫଲ୍ୟ ମଣ୍ଡିତ ଏବଂ କୃତାର୍ଥ କରିବା ନିମନ୍ତେ ମୁସଲମାନ ଜନତାଙ୍କୁ ଇସ୍‌ଲାମ୍ ଧର୍ମ ପ୍ରତି ବିପଦ ରହିଛି ବୋଲି କହି ନିଜର କୁତ୍ସିତ ଓ ଘୃଣ୍ୟ ଅଭିପ୍ରାୟରେ ସାମିଲ୍ କରିଥାଆନ୍ତି। ସେହି ରାଜନେତାମାନେ ନିଜର ଅଭିପ୍ରାୟକୁ ସଶକ୍ତ କରିବା ନିମନ୍ତେ ମୁସଲମାନ ବିଦ୍ୱାନ୍‌ମାନଙ୍କର ମଧ୍ୟ ସାହାଯ୍ୟ ନେଇଥାଆନ୍ତି । କାରଣ ଏହା ମାଧ୍ୟମରେ ସେମାନେ ନିଜର ରାଜନୀତିର ଦୋକାନକୁ ସୁରୁଖୁରୁରେ ଚଳାଇ ପାରିବେ । ସମାବସ୍ଥା ଅନ୍ୟ ଧର୍ମାବଲମ୍ବୀମାନଙ୍କର ଏବଂ ଅନ୍ୟ ଜାତିର ରାଜନେତାମାନଙ୍କର ମଧ୍ୟ ରହିଛି । ଏହା କେବଳ ଭାରତବର୍ଷର ନୁହେଁ ବରଂ ପଡ଼ୋଶୀ ଦେଶମାନଙ୍କରେ ମଧ୍ୟ ରାଜନେତାମାନେ ନିଜ ରାଜନୀତିର ଦୋକାନକୁ ଆଲୋକିତ କରିବାକୁ ଯାଇ ଧର୍ମର ଉତ୍ତରୀୟ ପରିଧାନ କରି କୁତ୍ସିତ ଏବଂ ଘୃଣ୍ୟ ଧନ୍ଦାକୁ ଚରମ ସୀମାରେ ପହଞ୍ଚାଇ ଦେଇଛନ୍ତି । ଏଥି ସଂକ୍ରାନ୍ତରେ ପାକିସ୍ତାନ ଭାରତ ଠାରୁ ଆଗରେ ରହିଛି । ସେଠାକାର ରାଜନେତାମାନେ ମୌଲବୀମାନଙ୍କର ସାହାଯ୍ୟ ନେଇ ନିଜର ଦୋକାନକୁ ବିଗତ 15 ବର୍ଷ ମଧ୍ୟରେ ଭଲ ଭାବରେ ଆଲୋକିତ କରି ଦେଇଛନ୍ତି । କିନ୍ତୁ ପରିଶେଷରେ ପାକିସ୍ତାନର ଯେଉଁ ଅବସ୍ଥା ରହିଛି ତାହା ସମସ୍ତଙ୍କୁ ଜଣା ଏବଂ ସମସ୍ତଙ୍କ ସମ୍ମୁଖରେ ରହିଛି । ତେଣୁ ପାକିସ୍ତାନରେ ନା ରାଜନୀତି ସ୍ଥିର ରହିପାରୁଛି ଓ ନା ହିଁ ସେଠାରେ ଧର୍ମର ବାସ୍ତବିକତା ଅବ୍ୟାହତ ରହି ପାରୁଛି । ପାକିସ୍ତାନରେ ନା ଅର୍ଥନୀତି ତିଷ୍ଠି ପାରିଲା, ନା ସାମାଜିକ ସଂପର୍କ ତିଷ୍ଠି ପାରିଲା । ଧର୍ମ, ରାଜନୀତି, ଅର୍ଥନୀତି ଏବଂ ଅର୍ଥବ୍ୟବସ୍ଥା ଇତ୍ୟାଦି ସବୁକିଛି କ୍ଷିପ୍ତ ବିକ୍ଷିପ୍ତ ଏବଂ ଖଣ୍ଡ ବିଖଣ୍ଡିତ ହୋଇ ସାରିଛି । ପାକିସ୍ତାନ ପରେ ଏହି ସଂକଟାବସ୍ଥା ବର୍ତ୍ତମାନ ଭାରତରେ ସୃଷ୍ଟି ହେଉଛି। ବଡ଼ ଦୁଃଖ ଓ ପରିତାପର ବିଷୟ ଏହିକି ଯେ, ଦିନିକୁ ଦିନ ଉକ୍ତ ପ୍ରସଙ୍ଗଟି ବୃଦ୍ଧି ପାଇବାରେ ଲାଗିଛି । ଯେତେବେଳେ ପାକିସ୍ତାନ ରାଜନୀତିରେ ଧାର୍ମିକ ଚରମପନ୍ଥାର ପ୍ରାରମ୍ଭ କଲା ସେତେବେଳେ ତା' ସମ୍ମୁଖରେ ସାଂପ୍ରତିକ କାଳର କୌଣସି ଆଦର୍ଶ ଏବଂ ଦୃଷ୍ଟାନ୍ତ ନଥିଲା। ଅତଏବ୍ ତହିଁରୁ ନୀତିଶିକ୍ଷା ପ୍ରାପ୍ତ କରି ସେ (ପାକିସ୍ତାନ) ପଛକୁ ଘୁଞ୍ଚି ଯାଇଥାଆନ୍ତା। କିନ୍ତୁ ଭାରତ ସମ୍ମୁଖରେ ପାକିସ୍ତାନର ଦୃଷ୍ଟାନ୍ତମୂଳକ ପରିଣାମ ବିଦ୍ୟମାନ ରହିଛି ।


| କ୍ର.ନଂ | ସୂଚୀପତ୍ର | ପୃ- ସଂଖ୍ୟା |
|---|---|---|
| ୧. | ହୁଜୁର ଅନୱର୍ ଅ.ବଙ୍କ ସନ୍ଦେଶ | ୩ |
| ୨. | ଜାତୀୟ ଏକତା.... କିନ୍ତୁ କିପରି ପ୍ରାପ୍ତ ହେବ ? | ୧-୨ ଓ ୧୪-୧୮ |
| ୩. | ଖତୁବା ଜୁମା ହୁଜୁର ଅନୱର୍ ଅ.ବ | ୩-୧୩ |
| ୪. | ପବିତ୍ର କୁରଆନ୍ କରୀମ୍ | ୧୫-୨୫ |
| ୫. | ହଦିସ୍ | ୧୬, ୧୪, ୧୫, ୨ |
| ୬ | ଖୁତବା ହଜ୍ଜତୁଲ୍ ୱିଦା | ୧୬ |
| ୭ | ହୁଜୁର ଅ.ବଙ୍କ ଦ୍ୱରା ପ୍ରଦତ୍ତ ଜାତୀୟ ଏକତା ଉପରେ ଦିଆଯାଇଥିବା ବହୁମୂଲ୍ୟ ଉପଦେଶ | ୧୮-୨୨ |


କେବଳ ସେତିକି ନୁହେଁ ଭାରତ, ପାକିସ୍ତାନ, ବାଂଲାଦେଶ ସମ୍ମୁଖରେ ଇଉରୋପର ଅତୀତର ଇତିହାସ ମଧ୍ୟ ବିଦ୍ୟମାନ ରହିଛି । ଅପରପକ୍ଷେ ଦ୍ୱାଦଶ ଓ ତ୍ରୟୋଦଶ ଶତାବ୍ଦୀର ଭୟଙ୍କର ଏବଂ ଅନ୍ଧକାରମୟ ଯୁଗ ଇଉରୋପ ଉପରେ ମଧ୍ୟ ଆସିଥିଲା । ସେହି କାଳର ଧାର୍ମିକ ଚରମପନ୍ଥୀମାନେ ନିଜର କୁତ୍ସିତ ତଥା ଘୃଣ୍ୟ ସାଂସାରିକ ସ୍ୱାର୍ଥକୁ ସାଧନ କରିବା ନିମନ୍ତେ ସାଧାରଣ ମନୁଷ୍ୟମାନଙ୍କ ଉପରେ ଅକଥନୀୟ ଅତ୍ୟାଚାର କରିଥିଲେ, ବିଦ୍ୱାନ୍ ମନୀଷୀମାନଙ୍କୁ, ବୈଜ୍ଞାନିକ ଓ ଦାର୍ଶନିକମାନଙ୍କୁ ଲଜ୍ଜାଜନକ ଶାସ୍ତି ପ୍ରଦାନ କରିଥିଲେ । ଗ୍ୟାଲିଲିଓ ଏବଂ ତାଙ୍କ ପରି ଅନେକ ବିଦ୍ୱାନ୍‌ମାଙ୍କୁ ଧାର୍ମିକ ଠିକାଦାରମାନେ କାଠଗଡ଼ାରେ ଛିଡ଼ା କରାଇଥିଲେ। କିନ୍ତୁ ଯେତେବେଳେ ଇଉରୋପ ରାଜନୀତି ଏବଂ ଧର୍ମକୁ ପୃଥକ କରି ସେକୁଲାର୍ ଅର୍ଥାତ୍ ଧର୍ମ ନିରପେକ୍ଷଜନିତ ମାନସିକତା ଆରମ୍ଭ କଲା ସେତେବେଳେ ସେଠାରେ ଉନ୍ନତିର ଯୁଗ ଆସିଲା ଏବଂ ଆଜି ମଧ୍ୟ ଇଉରୋପର ଦେଶମାନେ ଭାରତ ଏବଂ ପାକିସ୍ତାନ ଓ ଏସିଆର ଅନେକ ଦେଶମାନଙ୍କ ଠାରୁ (ଅପେକ୍ଷା) ସର୍ବାଗ୍ରେ ରହିଛନ୍ତି । ସେହି କାଳକୁ ଇଉରୋପରେ ନୂତନ ଅଭ୍ୟୁଦୟ ବା ନବ ଜୀବନ ବୋଲି କୁହା ଯାଇଥାଏ। ଏପରି ହୁଅନ୍ତା କି ଭାରତ, ପାକିସ୍ତାନ, ବାଂଲାଦେଶର ରାଜନେତାମାନେ, ଧାର୍ମିକ ମାର୍ଗଦର୍ଶକମାନେ ଇଉରୋପର ସେହି ଇତିହାସରୁ ନୀତିଶିକ୍ଷା ପ୍ରାପ୍ତ କରନ୍ତୁ ଏବଂ ପୁଣି ଥରେ ସେହି ଇତିହାସକୁ ପୁନରାବୃତ୍ତି ନ କରନ୍ତୁ । ପୁନଶ୍ଚ ସେହି ତିକ୍ତ ଅନୁଭୂତିର ପୁନରାବୃତ୍ତ କରନ୍ତୁ ନାହିଁ ଯଦ୍ଦ୍ୱାରାକି ଶତାବ୍ଦୀ ଧରି ଗୋଟିଏ ଜାତି କଷ୍ଟ ସହ୍ୟ କରିଥିଲା ।

କିନ୍ତୁ ଏଠାରେ କଥାଟା ସମାପ୍ତ ହୋଇଯାଉ ନାହିଁ । ଇଉରୋପର ସେହି ସାଂସାରିକ ଉନ୍ନତିରେ ଇଉରୋପ ଧର୍ମର ସକାରାତ୍ମକ ଭୂମିକାକୁ ମଧ୍ୟ ପାସୋରି ଦେଇ ଧର୍ମକୁ ସଂପୂର୍ଣ୍ଣ ରୂପେ ପାସୋରି ଦେଇଛି । ଫଳତଃ ସେଠାରେ ଚାରାତ୍ରିକ ସ୍ଖଳନ ଏବଂ ଚାରିତ୍ରିକ ଅନୁପସ୍ଥିତି ସଂଘଟିତ ହୋଇଯାଇଛି । ସ୍ୱାଧୀନତା ନାମରେ ଲଜ୍ଜାକୁ ଉର୍ଦ୍ଧ୍ୱରେ ରଖି ଦିଆଯାଇଛି ଏବଂ ସେମାନେ (ଇଉରୋପୀୟମାନେ) ପୁନରୁଜ୍ଜୀବନ ତଥା ପୁନଃ ପ୍ରବର୍ତ୍ତନର ସେହି ଯୁଗ ପରେ ପୁନଃ ଆଧାତ୍ମିକ ମୃତ୍ୟୁ ଅଭିମୁଖେ ଅଗ୍ରସର ହେଉଛନ୍ତି। ଭାରତ ଏବଂ ପାକିସ୍ତାନ ପରି ଉନ୍ନତ ଏବଂ ବିକଶିତ ଦେଶମାନଙ୍କରେ ଇଉରୋପର ସେହି ଇତିହାସରୁ ଅନେକ ପ୍ରସଙ୍ଗରେ ନୀତିଶିକ୍ଷା ଶିକ୍ଷା କରିପାରିବେ । ପ୍ରଥମତଃ ସେମାନେ ଧର୍ମର ସମସ୍ତ ସାଂସାରିକ ସ୍ୱାର୍ଥପ୍ରିୟ ଧାର୍ମିକ ମାର୍ଗଦର୍ଶକ ତଥା ଧର୍ମଗୁରୁମାନଙ୍କୁ ବିଦାୟ ଜଣାନ୍ତୁ ଏବଂ ପୁନଶ୍ଚ ଧର୍ମର ସେହି ମହାଭିପ୍ରାୟକୁ ପ୍ରାପ୍ତ କରନ୍ତୁ ଯଦ୍ଦ୍ୱାରିକି ମନୁଷ୍ୟର ଈଶ୍ୱରଙ୍କ ସହିତ ସଂପର୍କ ସ୍ଥାପିତ ହୋଇଥାଏ । ପରିଣାମ ଏହା ହେବ ଯେ, ସାଂସାରିକ ଉନ୍ନତି ମଧ୍ୟ ନିଜ ନିଜ ସ୍ଥାନରେ ସ୍ଥାପିତ ହେବ ଓ ଧାର୍ମିକ ଉନ୍ନତି ମଧ୍ୟ ଯାହାକି ଆତ୍ମାର ପ୍ରକୃତ ତୃପ୍ତତା ଏବଂ ସନ୍ତୁଷ୍ଟିର ଏକ ବୃହତ୍ ମାଧ୍ୟମ ଅଟେ ତାହା ମଧ୍ୟ ପ୍ରାପ୍ତ ହୋଇଯିବ । ଏହା ହିଁ ସେହି ପଥ୍ୟ (ନୁସଖା) ଯାହା ମାଧ୍ୟମରେ ଆମେମାନେ ଜାତୀୟ ଏକତା ବା ଜାତୀୟ ସଂହତି ପ୍ରାପ୍ତ କରି ପାରିବା। ଭାରତ କିମ୍ବା ଅନ୍ୟାନ୍ୟ ବିକାଶଶୀଳ ରାଷ୍ଟ୍ରମାନେ ଯେପର୍ଯ୍ୟନ୍ତ ପରସ୍ପର

ମଧ୍ୟରେ ଏକତା, ସଦ୍ଭାବନାର ବାତାବରଣ ସ୍ଥାପନ କରିଦେଇ ନାହାନ୍ତି ସେପର୍ଯ୍ୟନ୍ତ ସେମାନେ ଉନ୍ନତିକୁ କଦାପି ପ୍ରାପ୍ତ କରିପାରିବେ ନାହିଁ। ପୁନଶ୍ଚ ସେହି ଏକମତ ଏବଂ ଏକତା ସେହି ରାଷ୍ଟ୍ରମାନଙ୍କରୁ ବାହାରି ଅନ୍ୟ ପଡ଼ୋଶୀ ରାଷ୍ଟ୍ରମାନଙ୍କ ପର୍ଯ୍ୟନ୍ତ ନବ୍ୟାପୀ ଯାଉ । ଯେପର୍ଯ୍ୟନ୍ତକି ସମସ୍ତ ସଂସାର ଏକତା ଏବଂ ସଂହତି ଓ ଏକମତର ଆଲୋକ ଦ୍ୱାରା ଆଲୋକିତ ହୋଇଯାଇ ନାହିଁ ସେପର୍ଯ୍ୟନ୍ତ ଏହି ମହାନ୍ କାମ ସ୍ୱାର୍ଥାନ୍ୱେଷୀ ରାଜନୀତି ଏବଂ ସାଂସାରିକ ସ୍ୱାର୍ଥ ସାଧନ ସକାଶେ ଧର୍ମର ବ୍ୟବହାର ଦ୍ୱାରା ଲକ୍ଷ୍ୟସ୍ଥଳ ପର୍ଯ୍ୟନ୍ତ କଦାପି ପହଞ୍ଚି ପାରିବ ନାହିଁ । ବରଂ କେବଳ ଓ କେବଳ ନିଃସ୍ୱାର୍ଥପର ପ୍ରେମ ହିଁ ତାହାକୁ ସାଫଲ୍ୟ ମଣ୍ଡିତ କରାଇ ପାରିବ । ନୈସର୍ଗିକ ପ୍ରେମ କେବଳ ଓ କେବଳ ବିଶେଷ ଆଧ୍ୟାତ୍ମିକତା ଦ୍ୱାରା ହିଁ ପ୍ରାପ୍ତ ହୋଇପାରିବେ । ଏଥି ନିମନ୍ତେ ଆମ ଧର୍ମରେ ଅନେକ ସାଧନ ମହଜୁଦ୍ ରହିଛି । ତେଣୁ ଏହା ଆବଶ୍ୟକ ଯେ, ପ୍ରତ୍ୟେକ ଧର୍ମର ବିଦ୍ୱାନ୍ ମନୀଷୀ ଏବଂ ବୁଦ୍ଧିଜୀବୀମାନେ ପ୍ରେମ ଓ ଏକତାର ସେହି ବହୁମୂଲ୍ୟ ନିଧି (ଧନ) ନିଜର ପବିତ୍ର ଧାର୍ମିକ ଗ୍ରନ୍ଥରୁ କାଢ଼ି ଜନସାଧାରଣଙ୍କ ସମ୍ମୁଖରେ ଉପସ୍ଥାପିତ କରନ୍ତୁ । ପୁଣ୍ୟଶ୍ଳୋକ ମହାବତାର ତଥା ମହାମାନ୍ୟ ହ. ମୁହମ୍ମଦ୍ ମୁସ୍ତଫା ସ.ଅ କହିଲେ, اَلْخَلْقُ عِيَالُ اللّٰهِ فَاَحَبُّ الْخَلْقِ اِلَى اللّٰهِ مَنْ اَحْسَنَ اِلٰى عِيَالِهٖ **(ବହିକି, ଫି ଶାଆବିଲ୍ ଇମାନ୍, ମିଶ୍‌କାତ୍, ବାବ୍- ଅସ୍ ସାଫିକତିହି ୱର୍ ରହ୍‌ମତା ଅଲଲ୍ ଖଲ୍‌କି, ପ୍ରାମାଣ୍ୟ-ହଦିକତୁସ୍ ସାଲିହିନ୍, ହଦିସ୍ ନଂ-712)**

ପରିଶେଷରେ ଜମାଅତ୍ ଅହମଦିୟାର ସଂସ୍ଥାପକ ହ. ମିର୍ଜା ଗୁଲାମ୍ ଅହମଦ୍ କାଦିୟାନୀ ଅ.ସ, ପ୍ରତିଶୃତ ମସିହ୍ ଓ ଅଙ୍ଗୀକୃତ ମେହ୍‌ଦୀଙ୍କର ପବିତ୍ର ବାଣୀ ଉପସ୍ଥାପିତ କରି ନିଜର ଏହି କଥନକୁ ସମାପ୍ତ କରାଯାଉଅଛି। ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସ କୁହନ୍ତି: "ମୁଁ ଶିଷ୍ଟତା, ସଭ୍ୟତାର ଓ ବିନୀତତାର ସହିତ ମୁସଲମାନମାନ ବିଦ୍ୱାନ୍‌ମାନଙ୍କୁ, ଖ୍ରୀଷ୍ଟିଆନ୍‌ମାନଙ୍କୁ ଏବଂ ହିନ୍ଦୁ ଧର୍ମର ବିଦ୍ୱାନ୍ ପଣ୍ଡିତ ତଥା ଆର୍ଯ୍ୟମାନଙ୍କୁ ଉକ୍ତ ପତ୍ରିକା ପ୍ରେରଣ କରି ଦେଉଛି ଏବଂ ଅବଗତ କରି ଦେଉଅଛି ଯେ, ମୁଁ ଚାରିତ୍ରିକ ଏବଂ ଆସ୍ଥାଭିତ୍ତିକ ଓ ବିଶ୍ୱାସିକ ଦୁର୍ବଳତା ଏବଂ ତ୍ରୁଟି ବିଚ୍ୟୁତିର ସଂଶୋଧନ ସକାଶେ ଏହି ସଂସାରକୁ ପ୍ରେରିତ ହୋଇଅଛି.......ମୁଁ ଉକ୍ତ କଥାର ପରିପନ୍ଥୀ (ବିରୋଧୀ) ଅଟେ ଯେ, ଧର୍ମ ନିମନ୍ତେ ଯେଉଁ ଖଡ଼୍‌ଗ ଉତ୍ତୋଳନ କରାଯାଇଥାଏ ଏବଂ ଧର୍ମ ନିମନ୍ତେ ଈଶ୍ୱରଙ୍କ ଭକ୍ତମାନଙ୍କର ରକ୍ତପାତ କରାଯାଏ........ମୁଁ ସମସ୍ତ ମୁସଲମାନମାନଙ୍କ, ଖ୍ରିଷ୍ଟିଆନମାନଙ୍କ ଏବଂ ହିନ୍ଦୁ ଓ ଆର୍ଯ୍ୟମାନଙ୍କ ସମ୍ମୁଖରେ ଉକ୍ତ କଥା ପରିପ୍ରକାଶ କରିଦେବାକୁ ଚାହୁଁଛି ଯେ, ସଂସାରରେ ମୋର କେହି ବି ଶତ୍ରୁ ନାହିଁ । ମୁଁ ମାନବଜାତିକୁ ଏପରି ପ୍ରେମ କରୁଅଛି ଯେପରିକି ଦୟାମୟୀ ମାତା ନିଜର ସନ୍ତାନମାନଙ୍କୁ ଭଲ ପାଇଥାଏ । କେବଳ ସେହି ମାତା ପରି ନୁହଁ ବରଂ ମାତା ଠାରୁ ବି ଅଧିକ ମୁଁ ଭଲ ପାଉଛି । ମନୁଷ୍ୟମାନଙ୍କ ପ୍ରତି ସହାନୁଭୂତି ପ୍ରଦର୍ଶନ କରିବା ମୋର ପରମ କର୍ତ୍ତବ୍ୟ ଅଟେ । ମିଥ୍ୟା, ସିର୍କ ଅତ୍ୟାଚାର ଓ ପ୍ରତ୍ୟେକ ପ୍ରକାରର ଅପକର୍ମ ଅନ୍ୟାୟ ଓ ଅସଦ୍‌ବ୍ୟବହାରରୁ ଅନାସକ୍ତ ଭାବ ବ୍ୟକ୍ତ କରିବା ମୋର ନୈତିକଜନିତ ସିଦ୍ଧାନ୍ତ ଅଟେ ।"**(ଅର୍ବଇନ୍, ପୃ-1-2)** ☆--☆--☆

## ପୃ-16ରେ ବର୍ଣ୍ଣିତ ହଦିସର ଅବଶିଷ୍ଟାଂଶ....

**(ବୁଖାରୀ, କିତାବୁଲ୍ ଇମାନ୍, ବାବ୍- ମିନଲ୍ ଇମାନି ଅଙ୍ଁ ୟୁହିବ୍‌ବୁ ଲିଅଖିହି ମା ୟୁହିବ୍‌ବୁ ଲିନଫ୍‌ସିହି)**

**(ପ୍ରାମାଣ୍ୟ- ହଦିକତୁସ୍ ସାଲିହିନ୍, ଲେଖକ-ମଲକ୍ ସୈଫୁର୍ ରହମାନ୍ ସାହେବ, ହଦିସ୍ ନଂ-731) (ଅବଶିଷ୍ଟାଂଶ...ପରବର୍ତ୍ତୀ ସ୍ତମ୍ଭରେ)**

## ଅଲ୍ଲାଃତାଲାଙ୍କ ବାଣୀ

"ୱମା ଅର୍‌ସଲନାକା ଇଲ୍ଲା ରହ୍‌ମତନ୍ ଲିଲ୍ ଆଲମିନ୍ ।"

(ଅଲ୍ ହଜ୍:31)

**ଅର୍ଥାତ ହେ ମୁହମ୍ମଦ ସ.ଅ ଆମ୍ଭେ ତୁମକୁ ସମଗ୍ର ସଂସାରବାସୀଙ୍କ ନିମନ୍ତେ କେବଳ କରୁଣା ରୂପେ ଗଢ଼ି ପ୍ରେରଣ କରିଛୁ ।**

ତାଲିବେ ଦୁଆ: Sarafat Ali Khan,
S/o- Manwar Ali Khan ,
Jamat Ahmadiya Karadapalli
(Odisha)

عَنِ ابْنِ مَسْعُوْدٍ رَضِيَ اللّٰهُ عَنْهُ قَالَ : قَالَ رَجُلٌ لِرَسُوْلِ اللّٰهِ صَلَّى اللّٰهُ عَلَيْهِ وَسَلَّمَ : كَيْفَ لِيْ اَنْ اَعْلَمَ اِذَا اَحْسَنْتُ اَوْ اِذَا اَسَاْتُ فَقَالَ النَّبِيُّ صَلَّى اللّٰهُ عَلَيْهِ وَسَلَّمَ اِذَا سَمِعْتَ جِيْرَانَكَ يَقُوْلُوْنَ : قَدْ اَحْسَنْتَ، فَقَدْ اَحْسَنْتَ وَاِذَا سَمِعْتَهُمْ يَقُوْلُوْنَ : قَدْ أَسَأْتَ، فَقَدْ اَسَأْتَ ۔

**ଅନୁବାଦ:** ହ. ହ. ଅବଦୁଲ୍ଲାଃ ଇବ୍‌ନେ ମସ୍‌ଉଦ୍ ର.ଅ ର.ଅ ବର୍ଣ୍ଣନା କରନ୍ତି ଯେ, ଯେତେବେଳେ ଜଣେ ବ୍ୟକ୍ତି ରସୁଲୁଲ୍ଲାଃ ସ.ଅଙ୍କୁ କହିଲା, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ମୁଁ କିପରି ଜାଣିବି ଯେ, ମୁଁ ଭଲ କାମ କରୁଛି ଅବା ମନ୍ଦ କାମ କରୁଛି ? ହୁଜୁର ସ.ଅ କହିଲେ, ବସ୍ ! ଯେତେବେଳେ ତୁମେ ନିଜର ପଡ଼ୋଶୀମାନଙ୍କୁ ଏହା କହୁଥିବାର ଶୁଣ କି ତୁମେ ବହୁଳ ଭଲ ଅଟ ତେବେ ତୁମେ ଜାଣିନିଅ ଯେ, ତମ୍ଭର କାର୍ଯ୍ୟଶୈଳୀ ତଥା ତୁମର ଆଚରଣ ଉତ୍ତମ ଅଟେ । ସେହିପରି ତୁମେ ଯେତେବେଳେ ନିଜର ପଡ଼ୋଶୀମାନଙ୍କୁ ଏହା କହୁଥିବାର ଶୁଣି କି ତୁମେ ବହୁତ ମନ୍ଦ ବା ଖରାପ ଲୋକ ଅଟ ତେବେ ସେପରିପ୍ରେକ୍ଷୀରେ ଜାଣିନିଅ ଯେ, ତୁମର ଆଚରଣ ଓ ବ୍ୟବହାର ଅତ୍ୟନ୍ତ ମନ୍ଦ (ଖାରପ) ଅଟେ । **(ଇବ୍‌ନେ ମାଜା, ଅବ୍‌ୱାବୁଜ୍ ଜୁହୋଦ୍, ବାବ୍- ସନାଉଲ୍ ହୁସ୍‌ନି)(ପ୍ରାମାଣ୍ୟ- ହଦିକତୁସ୍ ସାଲିହିନ୍, ଲେଖକ-ମଲକ୍ ସୈଫୁର୍ ରହମାନ୍ ସାହେବ, ହଦିସ୍ ନଂ-423)**

عَنْ اَبِيْ هُرَيْرَةَ رَضِيَ اللّٰهُ عَنْهُ اَنَّ رَسُوْلَ اللّٰهِ صَلَّى اللّٰهُ عَلَيْهِ وَسَلَّمَ قَالَ : مَنْ كَانَ يُؤْمِنُ بِاللّٰهِ وَالْيَوْمِ الْاٰخِرِ فَلَا يُؤْذِ جَارَهٗ، وَمَنْ كَانَ يُؤْمِنُ بِاللّٰهِ وَالْيَوْمِ الْاٰخِرِ فَلْيُكْرِمْ ضَيْفَهٗ ، وَمَنْ كَانَ يُؤْمِنُ بِاللّٰهِ وَالْيَوْمِ الْاٰخِرِ فَلْيَقُلْ خَيْرًا اَوْلِيَسْكُتْ ۔

**ଅନୁବାଦ:** ହ. ହ. ଅବୁ ହୁରୈରାହ୍ ର.ଅ ର.ଅ ବର୍ଣ୍ଣନା କରନ୍ତି ଯେ, ଆଁହଜରତ ସ.ଅ କହିଲେ, ଯେଉଁ ବ୍ୟକ୍ତି ଅଲ୍ଲାଃତାଲା ଏବଂ ଶେଷ ଦିବସ ଉପରେ ବିଶ୍ୱାସ ରଖେ ଅର୍ଥାତ୍ ପ୍ରକୃତ ବିଶ୍ୱାସକାରୀ ବ୍ୟକ୍ତି ସେ ନିଜର ପଡ଼ୋଶୀକୁ କଷ୍ଟ ନଦେଉ । ସେହିପରି ଯେଉଁ ବ୍ୟକ୍ତି ଅଲ୍ଲାଃତାଲା ଏବଂ ପ୍ରଳୟ ଦିବସ ଉପରେ ବିଶ୍ୱାସ ରଖୁଛି ସେ ନିଜର ଅତିଥିର ଅତିଥି ସତ୍କାର କରୁ ଓ ଅତିଥି ପ୍ରତି ସମ୍ମାନ ପ୍ରଦର୍ଶନ କରୁ । **(ବୁଖାରୀ, କିତାବୁଲ୍ ଅଦବ୍, ବାବ୍- ମନ୍ କାନା ୟୁମିନୁ ବିଲ୍ଲାଃହି ୱଲ୍ ୟୌମିଲ୍ ଆଖିରି) (ପ୍ରାମାଣ୍ୟ- ହଦିକତୁସ୍ ସାଲିହିନ୍, ଲେଖକ-ମଲକ୍ ସୈଫୁର୍ ରହମାନ୍ ସାହେବ, ହଦିସ୍ ନଂ-427)** ☆--☆--☆

## ଉର୍ଦ୍ଦୁ ନଜମ୍ (ହ. ମସିହ୍ ମଉଦ୍ ଅ.ସ)

اُنکو سودا ہوا ہے۔ ویدوں کا
اُنکا دِل مبتلاء ہے ویدوں کا

اس آریوں! اس قدر کرو کیوں جوش
کیا نظر آگیا ہے ویدوں کا ؟

نہ کیا ہے نہ کرسکے پیدا
سوچ لو یہ خد ہے ویدوں کا

عقل رکھتے ہو آپ بھی سوچو
کیوں بھروسہ کیا ہے ویدوں کا

بے خدا کوئی چیز کیونکر
ہو یہ سراسر خطاء ہے ویدوں کا

ناستک مَت کے وید ہیں حامی
بس یہی مُدّعا ہے ویدوں کا

کال سر پر کھڑا ہے ویدوں کا

☆--☆--☆

## ଅଲ୍ଲାଃତାଲାଙ୍କ ବାଣୀ

"ଲନ୍ ତନାଲୁଲ୍ ବିର୍‌ରା ହତ୍ତା ତୁନ୍‌ଫିକୁ ମିମ୍ମା ତୁହିବ୍‌ବୁନ୍ ।"

(ଆଲେ ଇମ୍ରାନ୍ :93)

ଅର୍ଥାତ ଯେପର୍ଯ୍ୟନ୍ତ ତୁମେମାନେ ଅଲ୍ଲାଃତାଲାଙ୍କ ଉଦ୍ଦେଶ୍ୟରେ ନିଜର ପ୍ରିୟ ଧନକୁ ବ୍ୟୟ କରିଦେଇ ନାହଁ ସେପର୍ଯ୍ୟନ୍ତ ତୁମେମାନେ ସଂପୂର୍ଣ୍ଣ ପୁଣ୍ୟ ଲାଭ କରିପାରିବ ନାହିଁ ।

ତାଲିବେ ଦୁଆ: Sheikh Ghulam Ahmad & Family,
Jamat Ahmadiya Kerang,
Darul Barkat (Odisha)

# (ଖୁତ୍‌ବା ଜୁମା)

ଏହି ଅଙ୍ଗୀକାର ମଧ୍ୟ ଅଲ୍ଲାଃତାଲାଙ୍କ ତରଫରୁ ରହିଛି ଯେ, ଯେଉଁ ବ୍ୟକ୍ତି ଅଲ୍ଲାଃତାଲାଙ୍କ ମାର୍ଗରେ ନିଜର ପ୍ରିୟ ଅର୍ଥକୁ ବ୍ୟୟ କରିବ, ତେବେ ଅଲ୍ଲାଃତାଲା କୁହନ୍ତି ଯେ, ଆମ୍ଭେ ସେହି ବ୍ୟକ୍ତିକୁ କେଇଗୁଣା ବୃଦ୍ଧି କରି ପ୍ରଦାନ କରିବୁ । ସଂସାରରୁ ହିଁ ତା'କୁ ବହୁତ କିଛି ପ୍ରାପ୍ତ ହେବ ଏବଂ ମୃତ୍ୟୁ ପରେ ଶେଷ ଦିବସର ପ୍ରତିଫଳକୁ ମଧ୍ୟ ସେହି ବ୍ୟକ୍ତି ଦେଖିନେବ । ଅର୍ଥାତ୍ କିପରି ସୁଖ ପ୍ରାପ୍ତ ହୋଇଥାଏ ? ଅତଏବ୍ ବର୍ତ୍ତମାନ ମୁଁ ଏହି ପ୍ରସଙ୍ଗ ଆଡ଼କୁ ତୁମମାନଙ୍କର ଧ୍ୟାନ ଆକର୍ଷଣ କରୁଛି ଯେ, ଇସଲାମ୍ ଧର୍ମର ଉନ୍ନତି ସକାଶେ ଆପଣମାନେ ନିଜର ପ୍ରିୟ ଧନକୁ ଅବଶ୍ୟ ବ୍ୟୟ କରନ୍ତୁ । (ହ. ମସିହ୍ ମଉଦ୍[ଅ.ସ])

ହ. ମୁସ୍‌ଲେହ୍ ମଉଦ୍[ର.ଅ] ଜମାଅତ୍‌ର ସଦସ୍ୟବୃନ୍ଦଙ୍କୁ ଆହ୍ୱାନ ଦେଇଥିଲେ ଯେ, ଏକ ପାଣ୍ଠି ଗଠନ କରାଯିବ ସେହି ପାଣ୍ଠିରେ ଆପଣମାନେ କିଛି ଆର୍ଥିକ ସାହାଯ୍ୟ ଓ ସହଯୋଗ କରନ୍ତୁ । କାରଣ ଆମେମାନେ ଅହମଦିୟତ୍ ଓ ଇସ୍‌ଲାମ୍ ଧର୍ମର ସନ୍ଦେଶକୁ ସଂସାରର କୋଣ ଅନୁକୋଣ ପର୍ଯ୍ୟନ୍ତ ପହଞ୍ଚାଇ ଦେବୁ ଏବଂ ଜମାଅତ୍‌ର ବ୍ୟବସ୍ଥାକୁ ସୁଦୃଢ଼ କରିପାରିବା । କାରଣ ବିରୋଧୀମାନଙ୍କର କଳହ, ଉପଦ୍ରବ ତଥା ହିଂସାର ଆମେ ଉପଚାର କରିପାରିବୁ । ସେହିପରି ଜମାଅତ୍ ବିପକ୍ଷରେ ଯେଉଁ କୁମନ୍ତ୍ରଣା ଚାଲିଛି ତାହାକୁ ଆମେମାନେ ଭୁଲ୍ ବୋଲି ପ୍ରମାଣିତ କରିବୁ ଏବଂ କେବଳ ସେତିକି ନୁହଁ ବରଂ ତବ୍‌ଲିଗ୍‌ର କର୍ତ୍ତବ୍ୟ ମଧ୍ୟ ଆମେମାନେ ସଠିକ୍ ଭାବରେ ନିର୍ବାହ କରିପାରିବୁ ।

ଏହରାରମାନଙ୍କର ଯେଉଁ ଦାବି ରହିଥିଲା ଯେ, ସେମାନେ କାଦିୟାନ୍‌ର ସର୍ବନାଶ ଏବଂ ମୂଳୋତ୍ପାଟନ କରିଦେବେ । ଅହମଦିୟତ୍‌କୁ ଭୂପୃଷ୍ଠରୁ ନିଶ୍ଚିହ୍ନ କିରଦେବେ ଏବଂ ଆଜି ପର୍ଯ୍ୟନ୍ତ ଏହି ସ୍ଲୋଗାନ୍ ଆମର ବିରୋଧୀମାନେ ଦେଇ ଆସୁଛନ୍ତି.....ସେହି ସବୁ ସ୍ଲୋଗାନ୍‌ଗୁଡ଼ିକର ଉତ୍ତର ପ୍ରତ୍ୟେକ ବର୍ଷ ଜମାଅତ୍‌ର ଉନ୍ନତି ଦ୍ୱାରା ପ୍ରଦାନ କରାଯାଇଥାଏ । ବିରୋଧୀମାନଙ୍କର ସେହି ସବୁର ଉତ୍ତର ଅଲ୍ଲାଃତାଲାଙ୍କ କୃପାରୁ ହିଁ ପ୍ରଦାନ କରାଯାଇଥାଏ । ଜମାଅତ୍‌ରେ ବୈଅତ୍ କରି ସାମିଲ୍ ହେଉଥିବା ଲୋକମାନେ ହିଁ ସେହି ବିରୋଧୀମାନଙ୍କ ପ୍ରଶ୍ନର ଉତ୍ତର ଅଟନ୍ତି । ଆଜି 220ଟି ଦେଶରେ ପରିବ୍ୟାପ୍ତ ଜମାଅତ୍‌ର ଉନ୍ନତି ହିଁ ବିରୋଧୀମାନଙ୍କର ପ୍ରଶ୍ନର ଉତ୍ତର ଅଟନ୍ତି । ସେହି ବିରୋଧୀମାନେ ଯେଉଁମାନେ ଅହମଦିମାନଙ୍କ ବିରୁଦ୍ଧରେ ସ୍ଲୋଗାନ୍ ଦେଉଥିଲେ ସେମାନଙ୍କୁ ଅହମଦିମାନେ ଏହି ଉତ୍ତର ଦେଉଛନ୍ତି ଯେ, ହେ ବିରୋଧୀମାନେ ! ଦେଖ ! ତୁମେମାନେ ଯେଉଁ ସ୍ଲୋଗାନ୍ ଦେଉଥିଲ ଯେ, ତୁମେମାନେ ଅହମଦିୟତ୍‌କୁ ଭୂପୃଷ୍ଠିରୁ ନିଶ୍ଚିହ୍ନ କରିଦେବେ । କିନ୍ତୁ ଏହା ଅଲ୍ଲାଃତାଲାଙ୍କର ଅସୀମ କୃପା କି ସେ ଜମାଅତ୍ ଅହମଦିୟା ଉନ୍ନତି ପରେ ଉନ୍ନତି କରି ଚାଲିଛି, ଉନ୍ନତିର ଉତ୍ତରୋତ୍ତର ପଥରେ ଅଗ୍ରଗତି କରି ଚାଲିଛି ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଆଜି ମଧ୍ୟ ପ୍ରତ୍ୟେକ ଅହମଦିମାନେ ଯେଉଁମାନେ ପ୍ରକୃତ ସହୃଦୟର ସହିତ ବଳିଦାନ ଦେଉଛନ୍ତି ସେମାନେ ଉକ୍ତ ଉନ୍ନତିକୁ ମର୍ମେ ମର୍ମେ ଅନୁଭବ କରିପାରିବେ ଏବଂ ଯେଉଁ ବଳିଦାନକାରୀମାନେ ରହିଛନ୍ତି ସେମାନେ ନିଜର ଘଟଣା ମଧ୍ୟ ମୋତେ ପତ୍ର ଆକାରରେ ଉଲ୍ଲେଖ କରିଥାଆନ୍ତି । ଏହିସବୁ ଘଟଣାକୁ ପାଠ କରି ମୁଁ ଆଶ୍ଚର୍ଯ୍ୟ ଭାବ ପ୍ରକାଶ କରେ ଯେ, ଅଲ୍ଲାଃତାଲା କିଭଳି ସେହି ବଳିଦାନକାରୀମାନଙ୍କୁ ସମାର୍ଥ୍ୟ ପ୍ରଦାନ କଲେ ଓ କିପରି ଅଲ୍ଲାଃତାଲା ସେମାନଙ୍କର ବିଶ୍ୱାସକୁ ଆହୁରି ଦୃଢୀଭୂତ କଲେ ?

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ଆପଣମାନେ ନିଜ ନିଜର ଉପସନାର ସ୍ତରକୁ ମଧ୍ୟ ବୃଦ୍ଧି କରନ୍ତୁ ଏବଂ ଆର୍ଥିକ ବଳିଦାନ କରି ଆପଣମାନେ ଏହା ଭାବି ବସି ଯାଆନ୍ତୁ ନାହିଁ ଯେ, ଆପଣମାନେ ଉପସନାରୁ ମୁକ୍ତ ହୋଇଯାଇଛନ୍ତି । ଆଁହଜରତ ସ.ଅ କହିଲେ, ନମାଜ୍, ରୋଜା, ମଧ୍ୟ ଆର୍ଥିକ ବଳିଦାନ ସହିତ ଏକାନ୍ତ ଜରୁରୀ ଅଟେ ।

ଦେଖନ୍ତୁ ! ଅଲ୍ଲାଃତାଲା ଯେଭଳି ଆଁହଜରତ ସ.ଅଙ୍କୁ ହ. ଅବୁ ବକ୍କର ର.ଅ, ହ. ଉମର ର.ଅ ଓ ହ. ଉସମାନ୍ ର.ଅ ପରି ବଳିଦାନକାରୀ ସାହାବା ପ୍ରଦାନ କରିଥିଲେ । ସେହିପରି ଏହି କାଳରେ ହ. ଅବୁ ବକ୍କର୍ ସିଦ୍ଦିକ୍ ର.ଅଙ୍କ ପରି ହ. ମସିହ୍ ମଉଦ୍ ଅ.ସଙ୍କୁ ମଧ୍ୟ ନିଜର ପ୍ରିୟ ମୁନିବ୍ ହ. ମୁହମ୍ମଦ୍ ସ.ଅଙ୍କ ଆଜ୍ଞାବହତ୍ୱ କରିବା ଯୋଗୁଁ ଏପରି ଦାସ ପ୍ରଦାନ କଲେ ଯେଉଁମାନେ ପ୍ରତ୍ୟେକଟି ଜିନିଷକୁ ଉତ୍ସର୍ଗ କରିବା ନିମନ୍ତେ ପ୍ରସ୍ତୁତ ଥିଲେ ଏବଂ ସେମାନେ ସତ୍ୟବାଦୀ ହ. ଅବୁ ବକ୍କର୍ ର.ଅଙ୍କ ପରି ଆଦର୍ଶ ଓ ଉଦାହରଣ ପ୍ରଦର୍ଶନ କରିଛନ୍ତି ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଏପରି ନବାଗତ ଅହମଦି ଯୁବକମାନଙ୍କର ବିଶ୍ୱାସ କେବଳ ଦୃଢୀଭୂତ ହୁଏ ତାହା ନୁହେଁ ବରଂ ଆମ ପୁରାତନ ଅହମଦିମାନଙ୍କର ବିଶ୍ୱାସ ମଧ୍ୟ ଦୃଢୀଭୂତ ହୋଇଥାଏ । ଆମମାନଙ୍କୁ ଏହା ଭାବିବା ଉଚିତ୍ ଯେ, କିପରି ଅଲ୍ଲାଃତାଲା ସେହି ଲୋକମାନଙ୍କର ମାର୍ଗଦର୍ଶନ କରିଥାଆନ୍ତି ।

ତେହ୍‌ରିକେ ଜଦିଦ୍‌ର 90ତମ ବର୍ଷରେ ଜମାଅତ୍‌ର ସଦସ୍ୟବୃନ୍ଦଙ୍କ ପକ୍ଷରୁ ଉପସ୍ଥାପିତ କରାଯାଇଥିବା ଆର୍ଥିକ ବଳିଦାନର ଚର୍ଚ୍ଚା ଏବଂ 91ତମ ବର୍ଷର ଶୁଭାରମ୍ଭର ଘୋଷଣା ।

ବିଗତ ବର୍ଷରେ ବିଶ୍ୱବ୍ୟାପୀ ଜମାଅତ୍ ଅହେମଦିୟାକୁ ତେହ୍‌ରିକେ ଜଦିଦ୍‌ରେ 19.55 ମିଲିୟନ୍ ପାଉଣ୍ଡ୍ ଆର୍ଥିକ ବଳିଦାନ ଦେବାର ସାମର୍ଥ୍ୟ ପ୍ରାପ୍ତ ହୋଇଛି । ଅଲ୍‌ହମ୍‌ଦୁ ଲିଲ୍ଲାଃ । ଉକ୍ତ ଆଦାୟ ବିଗତ ବର୍ଷ ତୁଳନାରେ ଆଦାୟ 15 ଲକ୍ଷ 64 ହଜାର ପାଉଣ୍ଡ୍ ଅତିରିକ୍ତ ଅଟେ ।

ବିଭିନ୍ନ ଦେଶରେ ବାସ କରୁଥିବା ନୈଷ୍ଠିକ ଅହେମଦିମାନେ ବିଶେଷ କରି ନବ ଦୀକ୍ଷିତ ଯୁବକମାନଙ୍କ ପକ୍ଷରୁ ଉପସ୍ଥାପିତ କରାଯାଇଥିବା ବଳିଦାନ ସଂକ୍ରାନ୍ତରେ ବିଶ୍ୱାସବର୍ଦ୍ଧକ ଘଟଣାବଳୀର ଚର୍ଚ୍ଚା ।

07 NOVEMBER 2025 ମସିହା ଅନୁଯାୟୀ ୦୭ ନବୁଓ୍ୱତ୍ ୧୪୦୪ ହିଜ୍ରୀ ଶମ୍‌ଶୀ, ସ୍ଥାନ-ମସ୍‌ଜିଦ୍ ମୁବାରକ ଇସ୍‌ଲାମାବାଦ୍ ଟେଲ୍‌ଫୋର୍ଡ଼ (ସରେ) ୟୁ.କେ ।

ଖୁତ୍‌ବାର ଏହି ମଧ୍ୟବର୍ତ୍ତୀ ଟୀକା ବଦର୍‌ର ସମ୍ପାଦକୀୟ ମଣ୍ଡଳୀ ଓ ଅଲ୍‌ଫଜଲ୍ ଲଣ୍ଡନ୍‌ର ସମ୍ପାଦକୀୟ ମଣ୍ଡଳୀଙ୍କ ପକ୍ଷରୁ କୃତଜ୍ଞତା ସହିତ ପ୍ରକାଶିତ କରାଯାଉଛି

وَلَا الضَّآلِّيۡنَ۔

ତଶହୁଦ୍, ତଉଜ୍ ଏବଂ ସୁରାଃ ଫାତିହାର ଆବୃତ୍ତି କରିବା ପରେ ହୁଜୁର ଅନ୍ୱର୍ ଅୟେଦହୁଲ୍ଲାଃହୁନ୍ତି । ତାଆଲା ବନିସ୍ରେହିଲ୍ ଅଜିଜ୍ ସୁରାଃ ବକ୍ରାହର ନିମ୍ନୋକ୍ତ ଆୟତ୍ ଆବୃତ୍ତି କଲେ:

مَثَلُ الَّذِيۡنَ يُنۡفِقُوۡنَ اَمۡوَالَهُمۡ فِيۡ سَبِيۡلِ اللّٰهِ كَمَثَلِ حَبَّةٍ اَنۡۢبَتَتۡ سَبۡعَ سَنَابِلَ فِيۡ كُلِّ سُنۡۢبُلَةٍ مِّائَةُ حَبَّةٍ ؕ وَاللّٰهُ يُضٰعِفُ لِمَنۡ يَّشَآءُ ؕ وَاللّٰهُ وَاسِعٌ عَلِيۡمٌ۔

**(ଅଲ୍ ବକ୍ରାହ୍:262)**

**ଅନୁବାଦ୍:** ଯେଉଁମାନେ ଅଲ୍ଲାଃଙ୍କ ଉଦ୍ଦେଶ୍ୟରେ ନିଜର ଧନ ବ୍ୟୟ କରନ୍ତି ସେମାନଙ୍କ ଏହି କାର୍ଯ୍ୟରେ ଉପମା ସେହି ଶସ୍ୟର ଏକ ବୀଜ ସହିତ ତୁଳନୀୟ ଯେଉଁଥିରୁ ସାତଗୋଟି ଶସ୍ୟଗୁଚ୍ଛ ଉତ୍ପନ୍ନ ହୁଏ ଏବଂ ପ୍ରତ୍ୟେକ ଶସ୍ୟ ଗୁଚ୍ଛରେ ଏକଶତ ବୀଜ ଥାଏ ଏବଂ ଅଲ୍ଲାଃ ଯାହାଙ୍କ ଉପରେ ପ୍ରସନ୍ନ ହୁଅନ୍ତି ତାହାଙ୍କୁ ଏହା ଠାରୁ ବି ଅଧିକ ପ୍ରଦାନ କରନ୍ତି ଏବଂ ଅଲ୍ଲାଃ ହିଁ ଅତ୍ୟନ୍ତ ବଦାନ୍ୟ ଓ ସର୍ବଜ୍ଞ ଅଟନ୍ତି ।

ନଭେମ୍ବର ମାସ 1 ତାରିଖରୁ ଅଲ୍ଲାଃତାଲାଙ୍କ କୃପାରୁ ଜମାଅତ୍ ଅହମଦିୟାର ତେହ୍‌ରିକେ ଜଦିଦ୍‌ର ନୂତନ ଆର୍ଥିକ ବର୍ଷ ଆରମ୍ଭ ହୋଇଥାଏ। ଏହାକୁ କେନ୍ଦ୍ର କରି ତେହ୍‌ରିକେ ଜଦିଦ୍‌ର ନୂତନ ବର୍ଷର ପରମ୍ପରାଗତ ଘୋଷଣା ମଧ୍ୟ କରାଯାଇଥାଏ । ସେହିପରି ଆର୍ଥିକ ବଳିଦାନର ମହତ୍ତ୍ୱ ସଂକ୍ରାନ୍ତରେ କିଛି ଚର୍ଚ୍ଚା ମଧ୍ୟ କରାଯାଇଥାଏ । ଅତଏବ୍ ଉକ୍ତ ଚର୍ଚ୍ଚା କରିବା ପୂର୍ବରୁ ମୁଁ ବଳିଦାନ କରିବାର ମହତ୍ତ୍ୱ ଏବଂ ତେହ୍‌ରିକେ ଜଦିଦ୍‌ର ସଂକ୍ଷିପ୍ତ ପୃଷ୍ଠଭୂମି ସଂପର୍କରେ କିଛି ବର୍ଣ୍ଣନା କରିଦେଉଛି ।

ହୁଜୁର୍ ଅନ୍ୱର୍ ଅ.ବ କହିଲେ, ତେହ୍‌ରିକେ ଜଦିଦ୍‌ର ଶୁଭାରମ୍ଭ 1934 ମସିହାରେ ହୋଇଥିଲା । କେତେକ ନବାଗତମାନେ ଅଛନ୍ତି, କେତେକ ଯୁବକମାନେ ଅଛନ୍ତି । ତେଣୁ ଛୋଟ ପିଲାମାନଙ୍କୁ ଜ୍ଞାତ ନଥିବ ଯେ, ସେମାନେ କେଉଁଥି ପାଇଁ ତେହ୍‌ରିକେ ଜଦିଦ୍‌ର ଚାନ୍ଦା ଦେଉଛନ୍ତି ? ଯେପରକି ମୁଁ କହିଲି, ଏହାର ଶୁଭାରମ୍ଭ 1934 ମସିହାରେ ହୋଇଥିଲା। ଅତଏବ୍ ହ. ମୁସ୍‌ଲେହ୍ ମଉଦ୍ ର.ଅ ତେହ୍‌ରିକେ ଜଦିଦ୍‌ର ଶୁଭାରମ୍ଭ କରିଥିଲେ । ଏହାର କାରଣ ଏହା ଥିଲା ଯେ, ଯେତେବେଳେ ଜମାଅତ୍ ଅହମଦିୟା ବିରୁଦ୍ଧରେ ଏହରାର୍ ଶତ୍ରୁମାନଙ୍କ ପକ୍ଷରୁ ଏକ ଉପଦ୍ରବ ମୁଣ୍ଡ ଟେକି ଉଠିଥିଲା ଏବଂ ସେତେବେଳେ ସେମାନେ ଖୁବ୍ ଉପଦ୍ରବ ସୃଷ୍ଟି କରିଥିଲେ । ଏହରାର୍‌ମାନେ ଆମ ବିରୁଦ୍ଧରେ ଏକ ଝଡ଼ ସୃଷ୍ଟି କରିଥିଲେ ଏବଂ ସେମାନଙ୍କର ଏହି ସ୍ଲୋଗାନ୍ ଥିଲା ଯେ, "ସେମାନେ ଅହମଦିୟତ୍‌କୁ ଧ୍ୱଂସ ବିଧ୍ୱଂସ କରିଦେବେ (ବ୍ୟାଣ୍ଡ ବଜେଇ ଦେବେ) ।" ସେହିପରି ବହିସ୍ତି ମକ୍‌ବରାହ୍ ଯେଉଁଠି ପୁଣ୍ୟଶ୍ଳୋକ ହ. ମସିହ୍ ମୁଦ୍ ଅ.ସଙ୍କ କବର ରହିଛି ତା'ର ମର୍ଯ୍ୟାଦା କ୍ଷୁର୍ଣ୍ଣ କରିବାକୁ ମଧ୍ୟ ଏହରାର୍‌ରମାନେ ଯୋଜନା କରିଥିଲେ।

ହୁଜୁର ଅନ୍ୱର୍ ଅ.ବ କହିଲେ, ଏହା ତ' ସେମାନଙ୍କ ନିମନ୍ତେ ସାଧାରଣ କଥା ଅଟେ । ସେତେବେଳେ ମଧ୍ୟ ଯେଭଳି ଭାବରେ ସୁରକ୍ଷା ଦାୟିତ୍ୱ ଦିଆଯାଇଥାଆନ୍ତା ସରକାର ଜମାଅତ୍‌କୁ ସେଭଳି ସୁରକ୍ଷା ପ୍ରଦାନ କରି ନଥିଲା । ବରଂ ଏହା କହିବା ଉଚିତ୍ ବୋଲି ମନେହେବ ଯେ, ସରକାର ସେତେବେଳେ ବିରୋଧୀମାନଙ୍କୁ ସମର୍ଥନ ଦେଉଥିଲା । ଏଭଳି ଘଡ଼ିସନ୍ଧି ମୁହୂର୍ତ୍ତରେ ହ. ମୁସ୍‌ଲେହ୍ ମଉଦ୍ ର.ଅ ଜମାଅତ୍‌କୁ ଆହ୍ୱାନ ଜଣାଇଲେ (ଅର୍ଥାତ୍ ତେହ୍‌ରିକ୍ କଲେ) ଯେ, ଏକ ପାଣ୍ଠି ଗଠନ କରାଯାଉ। କାରଣ ଆମେମାନେ ଅହମଦିୟତ୍ ଏବଂ ଇସ୍‌ଲାମ୍ ଧର୍ମର ସନ୍ଦେଶକୁ ପୃଥିବୀର କୋଣ ଅନୁକୋଣ ପର୍ଯ୍ୟନ୍ତ ପହଞ୍ଚାଇଦେବୁ ଓ ଜମାଅତ୍‌ର ବ୍ୟବସ୍ଥାକୁ ସୁଦୃଢ଼ କରିଦେବୁ । କାରଣ ଆମେମାନେ ବିରୋଧୀମାନଙ୍କର ଉପଦ୍ରବ, କୋଳାହଳ ତଥା ହିଂସାର ଉପଚାର ଓ ସମାଧାନ କରିବାକୁ ସକ୍ଷମ ଓ ସଫଳ ହୋଇପାରିବୁ । ସେହିପରି ଜମାଅତ୍ ବିରୁଦ୍ଧରେ ଯେଉଁ କୁମନ୍ତ୍ରଣା ହେଉଥିଲା ତାହାକୁ ଭୁଲ୍ ବୋଲି ସାବ୍ୟସ୍ତ କରିଥାଆନ୍ତୁ । କେବଳ ସେତିକି ନୁହେଁ ଯେ, ଆମେମାନେ ସେମାନଙ୍କୁ ଭୁଲ୍ ବୋଲି ପ୍ରମାଣିତ କଲୁ ତାହା ନୁହେଁ, ବରଂ ଆମେମାନେ ତବ୍‌ଲିଗର କର୍ତ୍ତବ୍ୟ ମଧ୍ୟ ନିର୍ବାହ କରିବାକୁ ସକ୍ଷମ ମଧ୍ୟ ହେବୁ । କାରଣ ବର୍ତ୍ତମାନ ପର୍ଯ୍ୟନ୍ତ ଆମମାନଙ୍କୁ ତବ୍‌ଲିଗ୍‌ର ଯେଉଁ କର୍ତ୍ତବ୍ୟ ନିର୍ବାହ କରିବା ଉଚିତ୍ ଥିଲା ସେହି କର୍ତ୍ତବ୍ୟକୁ ଆମମାନେ ଗାମ୍ଭୀରତାର ସହିତ ସମ୍ପାଦନ କରି ନଥିଲୁ । ଅତଏବ୍ ଏହି ମାନସିକତାର ସହିତ ହ. ମୁସ୍‌ଲେହ୍ ମଉଦ୍ ର.ଅ ତେହ୍‌ରିକେ ଜଦିଦ୍‌ର ଘୋଷଣା କରିଥିଲେ । ଆପଣ ର.ଅ ଏହା ମଧ୍ୟ କହିଥିଲେ ଯେ, ଆମେମାନେ ଦେଶ ତଥା ଦେଶ ବାହାରେ ମଧ୍ୟ ଅହମଦିୟତ୍‌ର ସନ୍ଦେଶ ପହଞ୍ଚାଇବୁ । କାରଣ ଶତ୍ରୁ ଆମମାନଙ୍କର ଯୋଜନାକୁ କେଉଁଠି ବି କ୍ଷତି ପହଞ୍ଚାଇବାକୁ ଚେଷ୍ଟା ନକରନ୍ତୁ । ଗୋଟିଏ ସ୍ଥାନରେ ଯଦି ବିରୋଧ ରହିଛି ତେବେ ଅନ୍ୟ ସ୍ଥାନରେ ଆମମାନଙ୍କୁ ଉନ୍ନତି ଦୃଶ୍ୟମାନ ହେଉଛି (ଦେଖାଯାଉଛି) ଏବଂ ଜମାଅତ୍‌ର ବ୍ୟବସ୍ଥା ପରିବ୍ୟାପ୍ତ ହୋଇ ଚାଲିଛି । ଅଲ୍ଲାଃତାଲାଙ୍କ କୃପାରୁ ଆମେମାନେ ଦେଖୁଛେ ଯେ, ସଂସାରର ସମସ୍ତ ଦେଶମାନଙ୍କରେ ଅହମଦିୟତ୍ ଏବଂ ପ୍ରକୃତ ଇସ୍‌ଲାମ ଧର୍ମର ସନ୍ଦେଶ ପହଞ୍ଚି ସାରିଛି ଏବଂ ଆମମାନଙ୍କର ମିଶନାରୀ ମୁବଲ୍ଲିଗିନ୍‌ମାନେ ସେଠାରେ କାମ କରୁଛନ୍ତି । ସଂସାରର ବିଭିନ୍ନ ଦେଶମାନଙ୍କରେ ଆମେମାନେ ମସ୍‌ଜିଦ୍ ନିର୍ମାଣ କରିଅଛୁ, ଆମମାନଙ୍କର ବିଦ୍ୟାଳୟମାନ କାମ କରୁଛିନ୍ତି, ମୁବଲ୍ଲିଗ୍‌ମାନେ ଏବଂ ମୁଅଲ୍ଲିମିନ୍‌ମାନେ ସେବା କରିବାକୁ ସାମର୍ଥ୍ୟ ଲାଭ ପାଉଛନ୍ତି, ଧର୍ମ ତଥା ଆଧ୍ୟାତ୍ମିକ ଭିତ୍ତିକ ସାହିତ୍ୟିକ ପୁସ୍ତକମାନ ପ୍ରକାଶିତ ହେଉଛି । ଏମ.ଟି.ଏ ଷ୍ଟୁଡ଼ିଓ ଅନେକ ଦେଶମାନଙ୍କରେ ସ୍ଥାପିତ ହୋଇଅଛି । ଏତଦ୍‌ଭିନ୍ନ କେନ୍ଦ୍ରୀୟ ଷ୍ଟୁଡ଼ିଓ ସମଗ୍ର ବିଶ୍ୱରେ ପରିବ୍ୟାପ୍ତ ହୋଇଅଛି । ରେଡ଼ିଓ ଷ୍ଟେସନ ସ୍ଥାପିତ ହୋଇଅଛି। ଅତଏବ୍ ଏହି ସମସ୍ତ କାର୍ଯ୍ୟ ପାଇଁ ଅର୍ଥ ଚାନ୍ଦା ପାଣ୍ଠିରୁ ହିଁ ପୂରଣ କରାଯାଇଥାଏ । କିନ୍ତୁ ତେହ୍‌ରିକେ ଜଦିଦ୍ ତହିଁରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥାଏ ।

ତେହ୍‌ରିକେ ଜଦିଦ୍ ଅଧୀନ ବିଶ୍ୱ ବ୍ୟାପୀ ମୁବଲ୍ଲିଗିନ୍‌ମାନଙ୍କୁ ପ୍ରସ୍ତୁତ କରାଯାଇଛି ଏବଂ ଅଲ୍ଲାଃତାଲାଙ୍କ କୃପାରୁ ବିଶ୍ୱର ପ୍ରାୟ 6,7ଟି ଦେଶରେ ଯାମିୟା ଅହମଦିୟା ସ୍ଥାପିତ ହୋଇଅଛି । ସେଠାରେ ମୁବଲ୍ଲିଗିନ୍ ଏବଂ ମୁଅଲ୍ଲିମିନ୍‌ମାନେ ପ୍ରସ୍ତୁତ ହୁଅନ୍ତି । ପୁନଶ୍ଚ ସେହି ମୁବଲ୍ଲିଗିନ୍‌ମାନେ ସଂସାରରେ ପରିବ୍ୟାପ୍ତ ହୋଇ ଇସ୍‌ଲାମ୍ ଓ ଅହମଦିୟତ୍‌ର ବାର୍ତ୍ତା ତଥା ତବ୍‌ଲିଗ୍ (ପ୍ରଚାର) କାର୍ଯ୍ୟ କରୁଛନ୍ତି । ଏହରାର୍‌ମାନଙ୍କର ଯେଉଁ ଦାବି ରହିଥିଲା ଯେ, ଆମେମାନେ କାଦିୟାନ୍‌କୁ ଧ୍ୱଂସ ବିଧ୍ୱଂସ କରିଦେବୁ, ଅହମଦିୟତ୍‌କୁ ଭୂପୃଷ୍ଠରୁ ନିଶ୍ଚିହ୍ନ କରିଦେବୁ । ବିରୋଧୀମାନେ ଉକ୍ତ ନାରା (ସ୍ଲୋଗାନ୍) ଆଜି ପର୍ଯ୍ୟନ୍ତ ଦେଉଛନ୍ତି ।

ହୁଜୁର ଅନ୍ୱର୍ ଅ.ବ କହିଲେ, ବିଗତ ଦିନମାନଙ୍କର ରବ୍‌ୱାରେ ଏକ ସମ୍ମିଳନୀର ଆୟୋଜନ ହୋଇଥିଲା, ଅର୍ଥାତ୍ ଗୈର୍ ଅହମଦିମାନଙ୍କର ଜଲ୍‌ସା ହୋଇଥିଲା । ଉକ୍ତ ଜଲ୍‌ସାରେ ମଧ୍ୟ ସେମାନେ ଏହି ସ୍ଲୋଗାନ୍ ଦେଇଥିଲେ ଯେ, ସେମାନେ ଜମାଅତ୍ ଅହମଦିୟାକୁ ନିଶ୍ଚିହ୍ନ କରିଦେବେ। ଅତଏବ୍ ଅଲ୍ଲାଃତାଲାଙ୍କ କୃପାରୁ ଏହିସବୁ ସ୍ଲୋଗାନ୍‌ର ଉତ୍ତର ପ୍ରତ୍ୟେକ

**କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)**

"ପ୍ରାଣୀମାନଙ୍କ ପ୍ରତି ସହାନୁଭୂତି ଓ ସମବେଦନା ଜ୍ଞାପନ କରିବା ଏଭଳି ଏକ ବସ୍ତୁ ଯେ, ଯଦି ମନୁଷ୍ୟ ତାହାକୁ ପରିତ୍ୟାଗ କରିଦିଏ ଏବଂ ତହିଁରୁ ଦୂରେଇ ଯାଏ ତେବେ କ୍ରମଶଃ ସେ ହିଂସ୍ର ପ୍ରାଣୀରେ ପରିଣତ ହୋଇଯାଏ ।"

(ମଲଫୁଜାତ୍, ଖଣ୍ଡ-7, ପୃ-282, ସଂସ୍କରଣ ବର୍ଷ- 1984 ମସିହା)

**ତାଲିବେ ଦୁଆ:** Mohammad Moin,
S/o- Mohammad Majid,
Jamat Ahmadiya Karadapalli (Odisha)

**ନବୀ ସ.ଅଙ୍କ ବାଣୀ:-**

"ଇଜ୍‌ତନିବୁଲ୍ ଗଜିବା"

ଅର୍ଥାତ କ୍ରୋଧରୁ ସର୍ବଦା ବର୍ତ୍ତିବା ଉଚିତ୍, କାରଣ କ୍ରୋଧ ହେଉଛି ମଣିଷର ପରମ ଶତ୍ରୁ ।

**ତାଲିବେ ଦୁଆ:** Sk Deedar Ahmed & Family,
Jamat Ahmadiya Kerang,
Darul Fazal (Odisha)

ବର୍ଷ ଜମାଅତ୍‌ର ଉନ୍ନତି ମାଧ୍ୟମରେ ପ୍ରଦାନ କରାଯାଇଥାଏ । ଜମାଅତ୍‌ରେ ବୈଅତ୍ କରି ସାମିଲ୍ ହେଉଥିବା ଲୋକମାନେ ହିଁ ସେହି ବିରୋଧୀମାନଙ୍କ ପ୍ରଶ୍ନର ଉତ୍ତର ଅଟନ୍ତି । ଆଜି 220ଟି ଦେଶରେ ପରିବ୍ୟାପ୍ତ ଜମାଅତ୍‌ର ଉନ୍ନତି ହିଁ ବିରୋଧୀମାନଙ୍କର ପ୍ରଶ୍ନର ଉତ୍ତର ଅଟନ୍ତି । ସେହି ବିରୋଧୀମାନେ ଯେଉଁମାନେ ଅହମଦିମାନଙ୍କ ବିରୁଦ୍ଧରେ ସ୍ଲୋଗାନ୍ ଦେଉଥିଲେ ସେମାନଙ୍କୁ ଅହମଦିମାନେ ଏହି ଉତ୍ତର ଦେଉଛନ୍ତି ଯେ, ହେ ବିରୋଧୀମାନେ ! ଦେଖ ! ତୁମେମାନେ ଯେଉଁ ସ୍ଲୋଗାନ୍ ଦେଉଥିଲ ଯେ, ତୁମେମାନେ ଅହମଦିୟତ୍‌କୁ ଭୂପୃଷ୍ଠରୁ ନିଶ୍ଚିହ୍ନ କରିଦେବ ତାହା ତୁମେ କରିପାରିଲ ନାହିଁ । କିନ୍ତୁ ଏହା ଅଲ୍ଲାଃତାଲାଙ୍କର ଅସୀମ କୃପା କି ଜମାଅତ୍ ଅହମଦିୟା ଉନ୍ନତି ପରେ ଉନ୍ନତି କରି ଚାଲିଛି, ଉନ୍ନତିର ଉତ୍ତରୋତ୍ତର ପଥରେ ଆଗେଇ ଚାଲିଛି ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଅତଏବ୍ ଏହା ଅଲ୍ଲାଃତାଲାଙ୍କ କୃତ୍ୟ ଏବଂ ତାହାଙ୍କ ସମର୍ଥନର ଜ୍ୱଳନ୍ତ ପ୍ରମାଣ ଅଟେ ଯେ, ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସ ଯେଉଁ ଦାବି କରିଥିଲେ ତାହା ସତ୍ୟ ଅଟେ ଏବଂ ଅଲ୍ଲାଃତାଲାଙ୍କ କୃପାରୁ ଅହମଦିୟତ୍ କୌଣସି ମନୁଷ୍ୟ ଦ୍ୱାରା ସ୍ଥାପିତ ଚାରାଗଛ ନୁହେଁ, କୌଣସି ସଂଗଠନ ଦ୍ୱାରା ସ୍ଥାପିତ ଚାରାଗଛ ନୁହେଁ, କୌଣସି ସରକାରଙ୍କ ଦ୍ୱାରା ସ୍ଥାପିତ ଚାରାଗଛ ନୁହେଁ । ବରଂ ଅହମଦିୟତ୍ ଈଶ୍ୱରଙ୍କ ଦ୍ୱାରା ସ୍ଥାପିତ ଏକ ଚାରାଗଛ ଅଟେ । ଏହି ଚାରାଗଛ କ୍ରମଶଃ ଫଳବତ୍ ବୃକ୍ଷରେ ପରିଣତ ହୋଇ ସାରିଛି । ଉକ୍ତ ବୃକ୍ଷର ଶାଖା ପ୍ରଶାଖାମାନ ସମଗ୍ର ବିଶ୍ୱରେ ପରିବ୍ୟାପ୍ତ ହୋଇ ସାରିଛି ଏବଂ ଉକ୍ତ ଶାଖା ପ୍ରଶାଖାକୁ ଅଲ୍ଲାଃତାଲା ଆହୁରି ବୃଦ୍ଧି କରି ଚାଲିଛନ୍ତି । ଉକ୍ତ ସଂପ୍ରଦାୟଟି ବର୍ତ୍ତମାନ ଜାରି ରହିଛି ଏବଂ ଆଗକୁ ଆଗେଇ ଚାଲିଛି ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ମୁଁ ପ୍ରାରମ୍ଭରେ ଯେଉଁ ଆୟତ୍ ଆବୃତ୍ତି କରିଛି ତହିଁରେ ମଧ୍ୟ ଅଲ୍ଲାଃତାଲା କୁହନ୍ତି ଯେ, ଯେଉଁ ବ୍ୟକ୍ତିମାନେ ଅଲ୍ଲାଃତାଲାଙ୍କ ମାର୍ଗରେ ନିଜର ପ୍ରିୟ ଧନକୁ ବ୍ୟୟ କରି ଥାଆନ୍ତି ସେମାନଙ୍କର ଉଦାହରଣ ଏକ ଶସ୍ୟ ବୀଜ ପରି ଅଟେ । ଯେପରିକି ଅନୁବାଦରେ ବର୍ଣ୍ଣିତ ହୋଇଛି ଯେ, ସେହି ଶସ୍ୟଗୁଚ୍ଛରୁ ସାତଗୋଟି ଶସ୍ୟଗୁଚ୍ଛ ଉତ୍ପନ୍ନ ହୁଏ ଏବଂ ପ୍ରତ୍ୟେକ ଗୁଚ୍ଛରେ ଏକଶତ ବୀଜ ଥାଏ ଏବଂ ଅଲ୍ଲାଃ ଯାହାଙ୍କ ଉପରେ ପ୍ରସନ୍ନ ହୁଅନ୍ତି ତାହାଙ୍କୁ ଏହା ଠାରୁ ମଧ୍ୟ ଅଧିକ ପ୍ରଦାନ କରନ୍ତି ଏବଂ ଅଲ୍ଲାଃ ହିଁ ଅତ୍ୟନ୍ତ ବଦାନ୍ୟ ଓ ସର୍ବଜ୍ଞ ଅଟନ୍ତି । ଅତଏବ୍ ଅଲ୍ଲାଃତାଲା ଏହି ଅଙ୍ଗୀକାର ପ୍ରଦାନ କରିଛନ୍ତି ଯେ, ତୁମ୍ଭେମାନେ ଆମ୍ଭେ ମାର୍ଗରେ ଯେଉଁ ଧନକୁ ବ୍ୟୟ କରୁଅଛ ସେହି ଧନର ପ୍ରତିଫଳ ପ୍ରଦାନ କରି ଆମ୍ଭେ ରହି ପାରିବୁ ନହିଁ । ବରଂ ଆମ୍ଭେ ଏହି ସାମର୍ଥ୍ୟ ରଖୁ କି ତୁମ୍ଭେମାନଙ୍କର ଉକ୍ତ ବଳିଦାନକୁ 700 ଗୁଣା କରି ନୁହେଁ ବରଂ ଏହାଠୁ ବି ଅଧିକ ଗୁଣା କରି ପ୍ରଦାନ କରିଦେବୁ । ଅତଏବ୍ ଉପରୋକ୍ତ ଆଦେଶାବଳୀ ପ୍ରଦାନ କରି ଅଲ୍ଲାଃତାଲା ବିଶ୍ୱାସକାରୀମାନଙ୍କ ହୃଦୟରେ ଉକ୍ତ ଆହ୍ୱାନ ସୃଷ୍ଟି କରିଛନ୍ତି ଯେ, ହେ ବିଶ୍ୱାସକାରୀମାନେ! ତୁମ୍ଭେମାନେ ନିଜର ହୃଦୟକୁ ଖୋଲିଚାଲ ଏବଂ ଅଲ୍ଲାଃତାଲାଙ୍କ ମାର୍ଗରେ ବ୍ୟୟ କରିଚାଲ । ଯେଉଁ କାର୍ଯ୍ୟ ସେ ସାଂପ୍ରତିକ କାଳରେ ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସଙ୍କ ଉପରେ ନ୍ୟସ୍ତ ହୋଇଥିଲା ଓ ଆପଣ ଅ.ସଙ୍କ ଜମାଅତ୍ ଉପରେ ନ୍ୟସ୍ତ ହୋଇଥିଲା ସେହି କାର୍ଯ୍ୟକୁ ତୁମ୍ଭେମାନେ ସହୃଦୟରତାର ସହିତ ସମ୍ପାଦନ କର । ଯଦି ତୁମ୍ଭେମାନେ ଏପରି କର ତେବେ ସେପରିପ୍ରେକ୍ଷୀରେ ଅଲ୍ଲାଃତାଲା ତୁମ୍ଭର ଧନରେ ଅଜସ୍ର କଲ୍ୟାଣ ପ୍ରଦାନ କରିବେ ଏବଂ ଆମ୍ଭେମାନେ ପ୍ରତ୍ୟେକ ବର୍ଷ ଦେଖିଥାଉ ଓ ମୁଁ ଖୁତବାରେ ବର୍ଣ୍ଣନା ମଧ୍ୟ କରିଥାଏ । ଚଳିତ ବର୍ଷ ମଧ୍ୟ ଅନେକ ଉଦାହରଣମାନ ରହିଛି ଯେ, ଅଲ୍ଲାଃତାଲା କିପରି ଲୋକମାନଙ୍କର ହୃଦୟ ଖୋଲି ଦିଅନ୍ତି ଏବଂ ଅନେକ ସ୍ଥାନରେ କୌଣସି ପ୍ରକାରର ଅଭାବରୁ ସଂପୂର୍ଣ୍ଣ ରୂପେ ନିଃସ୍ପୃହ ତଥା ଚିନ୍ତାମୁକ୍ତ ହୋଇ ଲୋକମାନେ ଆର୍ଥିକ ବଳିଦାନ ଦେଇ ଚାଲିଛନ୍ତି । ପୁନଶ୍ଚ ଅଲ୍ଲାଃତାଲା ସେହି ବଳିଦାନକାରୀମାନଙ୍କୁ ଆର୍ଥିକ ବଳିଦାନର ଉତ୍ତମ ପ୍ରତିଫଳ ମଧ୍ୟ ପ୍ରଦାନ କରିଥାଆନ୍ତି କିମ୍ବା ସେମାନଙ୍କ ହୃଦୟକୁ ସନ୍ତୁଷ୍ଟ ପ୍ରଦାନ କରିଥାନ୍ତି । ସେହି ବଳିଦାନକାରୀମାନେ ଉକ୍ତ ବଳିଦାନ ଉପରେ ପ୍ରସନ୍ନ ହୋଇଥାଆନ୍ତି । ଯଦି ସେମାନଙ୍କୁ ଏହାର ଦ୍ରୁତ ପରିଣାମ ନ ବି ପ୍ରାପ୍ତ ହୁଏ ତେବେ କିଛି କାଳ ପରେ ସେମାନଙ୍କର ମନସ୍କାମନା ମଧ୍ୟ ପୂର୍ଣ୍ଣ ହୋଇଯାଇଥାଏ । ଅର୍ଥାତ୍ ଯେଉଁ ଉଦ୍ଦେଶ୍ୟ ରଖି ସେମାନେ ଅଲ୍ଲାଃତାଲାଙ୍କ ମାର୍ଗରେ ବଳିଦାନ ଦେଇଥିଲେ ସେହି ଉଦ୍ଦେଶ୍ୟ ସେମାନଙ୍କର ପୂର୍ଣ୍ଣ ହୋଇଯାଇଥାଏ । ଅଲ୍ଲାଃତାଲା କୁହନ୍ତି ଯେ, ଏହି ଯୁଗରେ ମଧ୍ୟ ସେମାନଙ୍କୁ ଆର୍ଥିକ ବଳିଦାନର ପୁଣ୍ୟ ତଥା ପ୍ରତିଫଳ ପ୍ରାପ୍ତ ହେବ ଓ ପରବର୍ତ୍ତୀ କାଳରେ ମଧ୍ୟ ସେମାନଙ୍କୁ ଅଜସ୍ର ପ୍ରତିଫଳ ମଧ୍ୟ ପ୍ରାପ୍ତ ହେବ ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ପ୍ରାକ୍ତନ (ପୁରାତନ), ବରିଷ୍ଠ ବିଦ୍ୱାନ୍‌ମାନେ ମଧ୍ୟ ଉକ୍ତ ଆୟତ୍‌ର ବ୍ୟାଖ୍ୟା କରିଛନ୍ତି । ଉଦାହରଣ ସ୍ୱରୂପ ଇମାମ୍ ରାଜି ର.ଅ ମଧ୍ୟ ନିଜ ଭାଷଣରେ ଉଲ୍ଲେଖ କରିଛନ୍ତି ଯେ, ଅଲ୍ଲାଃତାଲା ବଳିଦାନକାରୀର ଅର୍ଥକୁ ବୃଦ୍ଧି କରି ଫେରସ୍ତ କରିବାର ପ୍ରତିଶ୍ରୁତି ପ୍ରଦାନ କରିଛନ୍ତି । ଇମାମ୍ ରାଜି ଉଲ୍ଲେଖ କରନ୍ତି ଯେ, ଅଲ୍ଲାଃତାଲା ଜୀବନ ପ୍ରଦାନ କରିବା ଓ ମୃତ୍ୟୁ ପ୍ରଦାନ କରିବାର ନିଜର ବିଶେଷ ଶକ୍ତିର ପ୍ରମାଣ ମଧ୍ୟ ଦେଇଛନ୍ତି । ଯଦି ଏହି ଶକ୍ତି ଈଶ୍ୱରଙ୍କ ମଧ୍ୟରେ ନଥାଆନ୍ତା ତେବେ ଅର୍ଥ ବ୍ୟୟ କରିବାର ଆଦେଶ କଦାପି ଚରିତାର୍ଥ ଓ ଦୃଢୀଭୂତ ହୋଇ ନଥାଆନ୍ତା। କାରଣ ପ୍ରତିଫଳ ଓ ଶାସ୍ତି ଦେବାରେ କୌଣସି ସତ୍ତା ନଥାଆନ୍ତା ତେବେ ଅର୍ଥ ବ୍ୟୟ କରି ନିରର୍ଥକ ଅଟେ । ଯଦି ପ୍ରତିଫଳ ଏବଂ ଶାସ୍ତି ନାହିଁ ତେବେ ଅଲ୍ଲାଃତାଲା ଏହା କହି ନଥାଆନ୍ତେ ଯେ, ତୁମ୍ଭେମାନେ ମୋ ମାର୍ଗରେ ନିଜର ପ୍ରିୟ ଧନକୁ ବ୍ୟୟ କର ଏବଂ ମୁଁ ତୁମ୍ଭକୁ ଏହାର ଉତ୍ତମ ପ୍ରତିଫଳ ପ୍ରଦାନ କରିବି । କହିବାର ତାତ୍ପର୍ଯ୍ୟ ଏହିକି ଯେ, ଅଲ୍ଲାଃତାଲା ହିଁ ସେହି ସତ୍ତା ଅଟନ୍ତି ଯିଏ ନିଜ ମାର୍ଗର ବ୍ୟୟ କରୁଥିବା ବଳିଦାନକାରୀମାନଙ୍କୁ ଉତ୍ତମ ପ୍ରତିଫଳ ପ୍ରଦାନ କରିଥାଆନ୍ତି ଓ ପାପକାରୀମାନଙ୍କୁ ଆର୍ଥିକ ବଳିଦାନକାରୀମାନଙ୍କ ତୁଳନାରେ ଶାସ୍ତି ମଧ୍ୟ ମିଳିଥାଏ । ଏଥି ସଂକ୍ରାନ୍ତରେ ଆପଣ ଏହା ହିଁ ଉଲ୍ଲେଖ କରିଛନ୍ତି । ଅତଏବ୍ ଅନ୍ୟ ଅର୍ଥରେ କହିବାକୁ ଗଲେ ଅଲ୍ଲାଃତାଲା ଅର୍ଥ ବ୍ୟୟକାରୀମାନଙ୍କୁ ଏହା କହିଥାଆନ୍ତି ଯେ, ହେ ବଳିଦାନକାରୀମାନେ ଆମ୍ଭେ ତୁମ୍ଭକୁ ସୃଷ୍ଟି କରିଅଛୁ ଏବଂ ତୁମ୍ଭ ଉପେରେ ନିଜର ପୁରସ୍କାରକୁ ସଂପୂର୍ଣ୍ଣ କରିଅଛୁ ଓ ତୁମ୍ଭେ ମୋର ଉତ୍ତମ ପ୍ରତିଫଳର ଶକ୍ତି ସହିତ ଅବଗତ ଅଟ । ହୁଜୁର ଅନ୍‌ୱର୍ ଅ.ବ କହିଲେ, ଅଲ୍ଲାଃତାଲା କୁହନ୍ତି : " ହେ ମନୁଷ୍ୟ ବା ହେ ବଳିଦାନକାରୀ ! ତୋର ଏହି ଜ୍ଞାନ ତୋତେ ଆର୍ଥିକ ବଳିଦାନ କରିବା ନିମନ୍ତେ ଉତ୍ସାହିତ ଅନୁପ୍ରାଣିତ କରୁ । କାରଣ ସେହି ଈଶ୍ୱର ହିଁ ସ୍ୱଳ୍ପ ଅର୍ଥକୁ ଅଧିକ ପ୍ରତିଫଳ ରୂପେ ତୋତେ ପ୍ରଦାନ କରିଥାଆନ୍ତି । ଏହି ଆଧିକ୍ୟତାର ଉଦାହରଣ ପ୍ରଦାନ କରିଛନ୍ତି । ଅର୍ଥାତ୍ ଗୋଟିଏ ଶସ୍ୟ ବୀଜରୁ ସାତଟି ଶସ୍ୟଗୁଚ୍ଛ ଆମ୍ଭେ ବାହାର କରିଥାଉ ଓ ପ୍ରତ୍ୟେକ ଶସ୍ୟଗୁଚ୍ଛରେ 100ଟି ବୀଜ ହୋଇଥାଏ । ପୁନଶ୍ଚ ଏହାକୁ ବର୍ଣ୍ଣନା କରି ଇମାମ୍ ରାଜି ଉଲ୍ଲେଖ କରନ୍ତି ଯେ, يُنْفِقُوْنَ اَمْوَالَهُمْ فِيْ سَبِيْلِ اللّٰهِ ଅର୍ଥାତ୍ ଆର୍ଥିକ ବଳିଦାନକାରୀମାନେ ଈଶ୍ୱରଙ୍କ ମାର୍ଗରେ ନିଜର ପ୍ରିୟ ଧନକୁ ବ୍ୟୟ କରିଥାଆନ୍ତି । ଏଠାରେ ଫି ସବିଲିଲ୍ଲାଃରୁ ଯଥାର୍ଥ ଧର୍ମ ଅଟେ ।" **(ଅତ୍ ତଫ୍‌ସିରୁଲ୍ କବିର୍ ଲିଲ୍ ଇମାମ୍ ଫଖ୍ରୁଦ୍ଦୀନ୍ ଅର୍ ରାଜି, ଗ୍ରନ୍ଥଖଣ୍ଡ-4, ପୃ-39, ମକ୍‌ତବା ଦାରୁଲ୍ କୁତୁବୁଲ୍ ଇଲ୍‌ମିୟହା, ବୈରୁତ୍)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଆର୍ଥିକ ବଳିଦାନକାରୀମାନେ ଈଶ୍ୱରଙ୍କ

### ହଦିସେ ନବୱୀ ସ.ଅ.ସ :-

"ନମାଜ ପରିତ୍ୟାଗ କରିବା ଫଳରେ ମନୁଷ୍ୟ ଶିର୍କ ଏବଂ କୁଫର୍ (ଅନ୍ୟ କାହାକୁ ଅଲ୍ଲାଃଙ୍କ ସହିତ ସମକକ୍ଷ କରିବା ଓ ଅମାନ୍ୟକାରୀ) ର ନିକଟବର୍ତ୍ତୀ କରିଦିଏ " ।

(ମୁସ୍‌ଲିମ୍, କିତାବୁଲ୍ ଇମାନ୍)

ତାଲିବେ ଦୁଆ: Majlis Lajna Imaillah,
Jamat Ahmadiya Kerang (Odisha)

### କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

**ଅଲ୍ଲାଃତାଲା କୁହନ୍ତି:** كُوْنُوْا مَعَ الصّٰدِقِيْنَ
(ଅତ୍ ତୌବା :119)

**ଅନୁବାଦ୍:** ହେ ବିଶ୍ୱାସାକାରୀମାନେ ! ସତ୍ୟବାଦୀଙ୍କ ସହ ସାମିଲ୍ ହୁଅ।

ତାଲିବେ ଦୁଆ: Amina Begum Saheba, W/o- Late Mianjan Khan, Jamat Ahmadiya Nargaon, Dist- Cuttack, (Odisha)

ଧର୍ମ ସକାଶେ ନିଜର ପ୍ରିୟ ଧନକୁ ବ୍ୟୟ କରିଥାଆନ୍ତିହୁଜୁର ଅନୱର୍ ଅ.ବ କହିଲେ, ସୁତରାଂ ଆମ୍ଭେମାନେ ଜମାଅତ୍ ଅହମଦିୟାରେ ସର୍ବଦା ଏହି ଦୃଶ୍ୟ ଅବଲୋକନ କରିଥାଉ । ଅର୍ଥାତ୍ ଅଲ୍ଲାଃତାଲା କିପରି ନିଜର ପ୍ରତିଶୃତି ଏବଂ ଅଙ୍ଗୀକାରକୁ ଓ ନିଜର ଉକ୍ତ ଆଦେଶାବଳୀକୁ ପୂର୍ଣ୍ଣ କରିଥାଆନ୍ତି ।

ହୁଜୁର ଅନ୍ୱର୍ ଅ.ବ କହିଲେ, ମୁସ୍‌ଲେହ୍ ର.ଅ ମଧ୍ୟ ଉକ୍ତ ଆୟତ୍‌ର ବ୍ୟାଖ୍ୟା କହିଲେ, ଯଦି ତୁମେମାନେ ଧାର୍ମିକ କାର୍ଯ୍ୟ ସକାଶେ ନିଜର ଅର୍ଥକୁ ବ୍ୟୟ କରିବ ତେବେ ଯେପରି ଗୋଟିଏ ଶସ୍ୟବୀଜରୁ ଅଲ୍ଲାଃକାଲା ସାତ ଶହ ଶସ୍ୟ ସୃଷ୍ଟି କରିଦେଇ ଥାଆନ୍ତି ଠିକ୍ ସେହିପରି ସେ ତୁମମାନଙ୍କର ଅର୍ଥକୁ ମଧ୍ୟ ସେ ବୃଦ୍ଧି କରିଦେବେ । କେବଳ ସେତିକି ନୁହେଁ ବରଂ ଏହାଠୁ ବି ଅଧିକ ସେ ଉନ୍ନତି ପ୍ରଦାନ କରିବେ । ଯେପରିକି ଅଲ୍ଲାଃତାଲା ପବିତ୍ର କୁର୍‌ଆନ୍ କରୀମ୍‌ରେ وَاللّٰهُ يُضٰعِفُ لِمَنْ يَّشَآءُ ଇଙ୍ଗିତ କରିଛନ୍ତି । ସୁତରାଂ ଇତିହାସ ଉକ୍ତ କଥାର ସାକ୍ଷୀ ଯେ, ଏହିପରି ହିଁ ହୋଇଛି । ହ. ଅବୁ ବକ୍କର୍ ର.ଅ ନିଃସନ୍ଦେହ ରୂପେ ବଳିଦାନ ଦେଇଥିଲେ । କିନ୍ତୁ ଈଶ୍ୱର ତାଙ୍କୁ ନିଜର ବାର୍ତ୍ତାବହଙ୍କର ପ୍ରଥମ ଖଲିଫା କରି ତାଙ୍କୁ ସେହି ମହାନ ପୁରସ୍କାର ଦ୍ୱାରା ପୁରୁସ୍କୃତ କଲେ ଯେ, ସେହି ପୁରସ୍କାର ତୁଳନାରେ ଅନ୍ୟମାନଙ୍କ ପୁରସ୍କରାର କୌଣସି ସ୍ଥିତି (ମୂଲ୍ୟ) ନାହିଁ । ସେହିପରି ହ. ଉମର୍ ର.ଅ ଅନେକ କିଛି ଅର୍ଥ ଦେଲେ । କିନ୍ତୁ ଆପଣ ର.ଅ କେତେ ବଡ଼ ପୁରସ୍କାର ପ୍ରାପ୍ତ କଲେ। ହ. ଉସ୍‌ମାନ୍ ର.ଅ ମଧ୍ୟ ଯାହା କିଛି ବ୍ୟୟ କଲେ ତହିରୁ ଲକ୍ଷାଧିକ ଗୁଣା ଅତିରିକ୍ତ ପୁରସ୍କାର ସେ ଇହ କାଳରେ ହିଁ ପ୍ରାପ୍ତ କରିନେଲେ । ସେହିପରି ଆମେମାନେ ପ୍ରତ୍ୟେକ ସାହାବାମାନଙ୍କର ଅବସ୍ଥାକୁ ଦେଖିଥାଉ । ସେଠାରେ ମଧ୍ୟ ଈଶ୍ୱରଙ୍କର ଏହି ବ୍ୟବହାର ଦୃଶ୍ୟମାନ ହୋଇଥାଏ । ହ. ଅବ୍ଦୁର୍ ରହ୍‌ମାନ୍ ବିନ୍ ଔଫ୍ ର.ଅଙ୍କୁ ହିଁ ଦେଖିନିଅ ଯେ, "ଯେତେବେଳେ ତାଙ୍କର ବିୟୋଗ ହେଲା ସେତେବେଳେ ତାଙ୍କ ପାଖରେ 3 କୋଟି ଟଙ୍କା ଗଚ୍ଛିତ ଓ ସଞ୍ଚିତ ଥିଲା । ଏତଦ୍‌ଭିନ୍ନ ନିଜ ଜୀବନରେ ସେ ଲକ୍ଷ ଲକ୍ଷ ଟଙ୍କା ଦାନ ମଧ୍ୟ ଦେଉଥିଲେ । ସେହିପରି ସାହାବାମାନେ ନିଜର ମାତୃଭୂମିକୁ ଯେତେବେଳେ ପିରତ୍ୟାଗ କଲେ ସେତେବେଳେ ସେମାନଙ୍କୁ ଉତ୍ତମ ମାତୃଭୂମି ପ୍ରାପ୍ତ ହେଲା । ସେହି ସାହାବାମାନେ ନିଜର ଭାଇ ଭଉଣୀମାନଙ୍କୁ ଛାଡ଼ିଥିଲେ କିନ୍ତୁ ସେମାନଙ୍କୁ ନିଜ ଭାଇ ଭଉଣୀମାନଙ୍କ ତୁଳନାରେ ସର୍ବୋତ୍କୃଷ୍ଟ ଭାଇ ଭଉଣୀ ପ୍ରାପ୍ତ ହେଲେ । ସେହି ସାହାବାମାନେ ନିଜର ମାତାପିତାଙ୍କୁ ଯେତେବେଳେ ଛାଡ଼ିଲେ ସେତେବେଳେ ସେମାନଙ୍କୁ ନିଜ ମାତାପିତାଙ୍କ ଅପେକ୍ଷା ସର୍ବାଧିକ ପ୍ରେମ କରୁଥିବା ରସୁଲ୍ କରୀମ୍ ସ.ଅ ପ୍ରାପ୍ତ ହେଲେ। ଅତଏବ୍ ଅଲ୍ଲାଃତାଲାଙ୍କ ମାର୍ଗରେ ବଳିଦାନ ଦେଉଥିବା ଲୋକମାନେ କେବେ ବି ଉତ୍ତମ ପ୍ରତିଫଳରୁ ବଞ୍ଚିତ ହୁଅନ୍ତି ନାହିଁ ।" **(ତଫ୍‌ସିର୍ କବିର, ଗ୍ରନ୍ଥଖଣ୍ଡ-2, ପୃ-604, ସଂସ୍କରଣ ବର୍ଷ-2004 ମସିହା)**

ହୁଜୁର ଅନ୍ୱର୍ ଅ.ବ କହିଲେ, ବିଗତ ଖୁତ୍‌ବାରେ ବଦ୍‌ରି ସାହାବାମାନଙ୍କ ଚର୍ଚ୍ଚା କରୁଥିଲି । ଆଜିକାଲି ଆଁହଜରତ ସ.ଅଙ୍କ ଯେଉଁ ଜୀବନର ଚର୍ଚ୍ଚା ହେଉଛି ତହିଁରେ ଆଁହଜରତ ସ.ଅଙ୍କ ଜୀବନରେ ଘଟିଥିବା ଯୁଦ୍ଧର ଚର୍ଚ୍ଚା ଚାଲିଛି । ସେହି ଜୀବନୀରେ ମଧ୍ୟ ସାହାବାମାନଙ୍କର ପୁଣ୍ୟାବଳୀର ଚର୍ଚ୍ଚା ଆସି ଯାଇଥାଏ (ବଳିଦାନର ଚର୍ଚ୍ଚା ଆସିଯାଇଥାଏ) । ବର୍ତ୍ତମାନ ଦେଖନ୍ତୁ! ସେହି ସାହାବାମାନଙ୍କୁ ଅଲ୍ଲାଃତାଲା କିପରି ପୁରସ୍କୃତ କରି ଚାଲିଥିଲେ ଏବଂ ଆମେମାନେ ଇତିହାସରେ ଏହା ଦେଖୁ ଯେ, ଅଲ୍ଲାଃତାଲା ସେହି ସାହାବାମାନଙ୍କର ବଳିଦାନକୁ ବ୍ୟର୍ଥ ହେବାକୁ ଦେଲେ ନାହିଁ । ବରଂ ସେହି ସାହାବାମାନଙ୍କୁ ଅଜସ୍ର କଲ୍ୟାଣ ପ୍ରଦାନ କରି ସେମାନଙ୍କୁ ପୁରସ୍କୃତ ମଧ୍ୟ କଲେ । ଅତଏବ୍ ଅଲ୍ଲାଃତାଲା ଅସଂଖ୍ୟ ସ୍ଥାନରେ ମୁସଲମାନ ଏବଂ ବିଶ୍ୱାସକାରୀମାନଙ୍କୁ ବ୍ୟୟ କରିବା ନିମନ୍ତେ ତାଗିଦ୍ କରିଛନ୍ତି । ଅଲ୍ଲାଃତାଲା କେତେକ ସ୍ଥାନରେ କୁହନ୍ତି ଯେ, ହେ ବିଶ୍ୱାସକାରୀ ମୁସଲମାନମାନେ ! ତୁମେମାନେ ନିଜର ପ୍ରିୟ ଧନ ମଧ୍ୟରୁ ଅଲ୍ଲାଃତାଲାଙ୍କ ମାର୍ଗରେ ଅର୍ଥ ବ୍ୟୟ କର । ମୁଁ ତୁମାନଙ୍କୁ ଏହାର ଉତ୍ତମ ପ୍ରତିଫଳ ପ୍ରଦାନ କରିବି । ତୁମମାନଙ୍କ ଧନରେ ବ୍ୟାପକତା ପ୍ରଦାନ କରି ଚାଲିବି । ମୁଁ ନିଜ କୃପାରୁ ତୁମମାନଙ୍କୁ ପୁରସ୍କୃତ କରି ଚାଲିବି । ଅଲ୍ଲାଃତାଲାଙ୍କର ଉକ୍ତ ପ୍ରତିଫଳମୂଳକ ପୁରସ୍କାରକୁ ଆମେମାନେ ସ୍ୱଚକ୍ଷୁରେ ଅବଲୋକନ କିରଥାଉ ।

ହୁଜୁର ଅନ୍ୱର୍ ଅ.ବ କହିଲେ, ଆଜି ମଧ୍ୟ ପ୍ରତ୍ୟେକ ଅହମଦି ଯେଉଁମାନେ ପ୍ରକୃତ ରୂପେ ସହୃଦୟର ସହିତ ଈଶ୍ୱରଙ୍କ ମାର୍ଗରେ ନିଜର ପ୍ରିୟ ଅର୍ଥକୁ ଉତ୍ସର୍ଗ କରିଥାଆନ୍ତି । ସେହି ବଳିଦାନକାରୀ ଅହମଦିମାନେ ନିଜେ ଅନୁଭବ କରନ୍ତି ଏବଂ ନିଜର ବିଶ୍ୱାସବର୍ଦ୍ଧକ ଘଟଣାବଳୀ ମୋତେ ପତ୍ର ମାଧ୍ୟମରେ ଉଲ୍ଲେଖ କରି ଜଣାନ୍ତି । ସେମାନେ କୁହନ୍ତି ଯେ, ଆମେମାନେ ଆଶ୍ଚର୍ଯ୍ୟଚକିତ ଯେ, ଅଲ୍ଲାଃତାଲା କିପରି ଆମମାନଙ୍କୁ ତାହାଙ୍କ ମାର୍ଗରେ ଅର୍ଥ ବଳିଦାନ ଦେବା ନିମନ୍ତେ ସାମର୍ଥ୍ୟ ପ୍ରଦାନ କଲେ ଓ କିପରି ଆମମାନଙ୍କର ବିଶ୍ୱାସକୁ ଦୃଢ଼ୀଭୂତ କଲେ ?

ହୁଜୁର୍ ଅନ୍ୱର୍ ଅ.ବ କହିଲେ, ମୁଁ କେତେକ ଉଦାହରଣ ଉପସ୍ଥାପିତ କରିବି । କିନ୍ତୁ ଏହା ପୂର୍ବରୁ ମୁଁ ଆହଦିସ୍‌ରୁ କେତେକ ଜ୍ଞାନଭିତ୍ତିକ ଓ ଐତିହାସିକ ସମ୍ବଳିତ ପ୍ରାମାଣ୍ୟମାନ ମଧ୍ୟ ବର୍ଣ୍ଣନା ଏବଂ ଉପସ୍ଥାପିତ କରିବି। ହ. ମୁସ୍‌ଲେହ୍ ମଉଦ୍ ର.ଅ ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସଙ୍କ ଏକ କଥାର ବ୍ୟାଖ୍ୟା କରିଛନ୍ତି ଯହିଁରେ ହ. ମସିହ୍ ମଉଦ୍ ଅ.ସ ହ. ଇସା ଅ.ସ ଏହା କହିଛନ୍ତି ଯେ, "ନିଜ ନିମନ୍ତେ ଆକାଶ ଉପରେ ଧନ ଏକତ୍ରିତ କର ଯେଉଁଠି ପୋକ ଧନକୁ କ୍ଷତି ପହଞ୍ଚାଇ ଥାଏ, ନା ଧନରେ କଳଙ୍କି ଲାଗିଥାଏ ଓ ନା ହିଁ ସେଠାରେ ଚୋରମାନେ ଡକାୟତି କିର ଧନକୁ ଲୁଣ୍ଠନ କରିପାରିବେ....।" ଏ ହେଉଛି ହ. ଯୀଶୁ ଖ୍ରୀଷ୍ଟଙ୍କ ଶିକ୍ଷା ଯାହା ଇଞ୍ଜିଲ୍‌ରେ ବର୍ଣ୍ଣିତ ହୋଇଛି । କିନ୍ତୁ ପବିତ୍ର କୁରଆନ୍ କରୀମ୍ ଏହା କୁହେ ଯେ, "ହେ ବିଶ୍ୱାସାକୀରମାନେ ତୁମେମାନେ ଯଦି ଅଲ୍ଲାଃତାଲାଙ୍କ କୋଷରେ ନିଜର ପ୍ରିୟ ଧନକୁ ଏକତ୍ରିତ କରିବ ତେବେ ସେହି ଧନକୁ କେହି ବି ଚୋରି କରିପାରିବ ନାହିଁ । ବରଂ ତୁମକୁ ଅନ୍ତତଃ ସେହି ଧନ ବଦଳରେ ଅଲ୍ଲାଃତାଲା 700 ଗୁଣା ଅତିରିକ୍ତ ପୁରସ୍କାର ପ୍ରଦାନ କରି ପୁରସ୍କୃତ ମଧ୍ୟ କରିବେ । ତେବେ ଏହାର କୌଣସି ସୀମା ନିର୍ଦ୍ଧାରଣ କରାଯାଇ ନାହିଁ । ବରଂ ସେ ଅଜସ୍ର କଲ୍ୟାଣ ଓ ଅଭିବୃଦ୍ଧି ପ୍ରଦାନ କରିବେ ।" ହ. ଇସା ଅ.ସ ପୁନଶ୍ଚ କୁହନ୍ତି : "ସେଠାରେ ଶସ୍ୟବୀଜକୁ କୌଣସି ପୋକ ଖାଇ ପାରିବ ନାହିଁ । କିନ୍ତୁ ପବିତ୍ର କୁରଆନ୍ କରୀମ୍ ଏହା କୁହେ ଯେ, ଅଲ୍ଲାଃତାଲାଙ୍କ ମାର୍ଗରେ ତୁମମାନଙ୍କ ଦ୍ୱାରା ବ୍ୟୟ କରାଯାଇଥିବା ଧନ କେବଳ ସୁରକ୍ଷିତ ହୋଇ ରହି ନଥାଏ ବରଂ ଏକରୁ ସାତ ଶହ ଗୁଣା ଅଭିବୃଦ୍ଧ ଫେରସ୍ତ ମିଳିଥାଏ । ନିଃସନ୍ଦେହ ରୂପେ ଅଲ୍ଲାଃତାଲା କୌଣସି ମନୁଷ୍ୟର ସାହାଯ୍ୟକୁ ଅପେକ୍ଷା କରନ୍ତି ନାହିଁ କି ସେ ଅଭାବି ନୁହନ୍ତି । କିନ୍ତୁ ସେ ନିଜର ଭକ୍ତମାନଙ୍କ ଉପେରେ ଦୟାବତୀର୍ଣ୍ଣ କରି ଯଦି କୌଣସି କାର୍ଯ୍ୟ କରିବାର ସେମାନଙ୍କୁ ସୁଯୋଗ ପ୍ରଦାନ କରନ୍ତି ତେବେ ତାହା ଏଇଥି ପାଇଁ ଯେ, ସେ ବଳିଦାନର ସେହି ସ୍ତରକୁ ଉଚ୍ଚ ଏବଂ ବୃଦ୍ଧି କରିବାକୁ ଚାହାନ୍ତି ।" **(ତଫ୍‌ସିର୍ କବିର୍, ଗ୍ରନ୍ଥଖଣ୍ଡ-2, ପୃ-604-605, ସଂସ୍କରଣ ବର୍ଷ-2004 ମସିହା)**

ହୁଜୁର ଅନ୍ୱର୍ ଅ.ବ କହିଲେ, ଇହକାଳରେ ମଧ୍ୟ ବ୍ୟବହାରିକ ରୂପେ ସେହି ଧନକୁ ଅଲ୍ଲାଃତାଲା 700% ପ୍ରତିଶତ କରିବାକୁ ସକ୍ଷମ ଅଟନ୍ତି । କିନ୍ତୁ ସେହି ସବୁ ପୁଣ୍ୟର ପ୍ରତିଫଳ ଅଲ୍ଲାଃତାଲା ପରକାଳରେ ଅନେକ

### ଅଲ୍ଲାଃତାଲାଙ୍କ ବାଣୀ

**ଅଲ୍ଲାଃତାଲା କୁହନ୍ତି:** وَمَا خَلَقْتُ الْجِنَّ وَالْاِنْسَ اِلَّا لِيَعْبُدُوْنِ

(ଅଜ୍ ଜାରିୟାତ୍: 57)

**ଅନୁବାଦ୍:** ଏବଂ ଆମ୍ଭେ ଜିନ୍ନ ଓ ଇନସକୁ ନିଜର ଉପାସନା ସକାଶେ ସୃଷ୍ଟି କରିଅଛୁ ।

**ତାଲିବେ ଦୁଆ:** Akhtara Begum & Family,
B.D.A, Bhubaneshwar (Odisha)

### ଅଲ୍ଲାଃତାଲାଙ୍କ ବାଣୀ

**ଅଲ୍ଲାଃତାଲା କୁହନ୍ତି:** وَذَكِّرْ فَاِنَّ الذِّكْرٰى تَنْفَعُ الْمُؤْمِنِيْنَ

(ଅଜ୍ ଜାରିୟାତ୍: 56)

**ଅନୁବାଦ୍:** ଏବଂ ସ୍ମରଣ କରାଉ ଥାଅ, କାରଣ ସ୍ମରଣ କରାଇବା ବିଶ୍ୱାସକାରୀମାନଙ୍କୁ ଲାଭ ଦେଇଥାଏ ।

**ତାଲିବେ ଦୁଆ:** Shamim Ahmad, S/o- Late Sk Abdul
Gaffar & Jamila Sahiba, Jamat Ahmadiya
Kotpalla (Odisha)

ଗୁଣା କରି ମଧ୍ୟ ପ୍ରଦାନ କରି ଅଭିବୃଦ୍ଧି କରି ଚାଲନ୍ତି । ଏହାର ବ୍ୟାଖ୍ୟା ହ. ଖଲିଫତୁଲ୍ ମସିହ୍ ଅୱଲ୍ ର.ଅ ମଧ୍ୟ ଏକ ସ୍ଥାନରେ କହିଛନ୍ତି । ଅତଏବ୍ ଆପଣ ର.ଅ ଏକ ସ୍ଥାନରେ କୁହନ୍ତି: "ହେ ଜମାଅତ୍‌ର ସଦସ୍ୟବୃନ୍ଦ ! ତୁମେମାନେ ଉକ୍ତ କଥାକୁ ଭଲ ଭାବରେ ମନେରଖ ଯେ, ଅବତାରମାନେ ଲୋକମାନଙ୍କୁ ଯେଉଁ ଚାନ୍ଦା ମାଗନ୍ତି ତାହା ସେମାନେ ନିଜ ସକାଶେ ମାଗନ୍ତି ନାହିଁ । ବରଂ ସେହି ଅବତାରମାନେ ଚାନ୍ଦା ଦେଉଥିବା ଲୋକମାନଙ୍କୁ କିଛି ଦେବା ନିମନ୍ତେ ଆହ୍ୱାନ ଜଣାଇଥାଆନ୍ତି । ଅର୍ଥାତ୍ ଚାନ୍ଦା ଦେଉଥିବା ଲୋକମାନେ, ବଳିଦାନକାରୀମାନଙ୍କ ଲାଭ ସକାଶେ ଅବତାରମାନେ ସେମାନଙ୍କୁ ଆର୍ଥିକ ବଳିଦାନ ଦେବା ନିମନ୍ତେ କହିଥାଆନ୍ତି । ଅର୍ଥାତ୍ ହେ ବଳିଦାନକାରୀମାନେ ଅଲ୍ଲାଃତାଲା ତୁମମାନଙ୍କ ଉପରେ ନିଜର କୃପାବତୀର୍ଣ୍ଣ କରନ୍ତୁ ଓ ତୁମମାନଙ୍କର ଧନକୁ ଅଭିବୃଦ୍ଧି କରନ୍ତୁ ।"

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ହ. ଖଲିଫତୁଲ୍ ମସିହ୍ ଅୱଲ୍ (ଜମାଅତ୍ ଅହମଦିୟାର ପ୍ରଥମ ଖଲିଫା) କହିଲେ, ଅଲ୍ଲାଃତାଲାଙ୍କ ନିକଟରେ ଦେବା ନିମନ୍ତେ ଅନେକ ମାର୍ଗ ରହିଛି । ସେହି ମାର୍ଗ ମଧ୍ୟରୁ ଏହି ମାର୍ଗ ମଧ୍ୟ ରହିଛି ଯାହାର ଚର୍ଚ୍ଚା ପ୍ରାରମ୍ଭିକ ସୁରାଃରେ ଅର୍ଥାତ୍ ସୁରାଃ ବକ୍ରାହ୍‌ର مِمَّا رَزَقْنٰهُمْ يُنْفِقُوْنَ ର ଚତୁର୍ଥ ଆୟତରୁ ହିଁ ପ୍ରତିପାଦିତ କରିଛନ୍ତି । ପୁନଶ୍ଚ ସୁରାଃ ବକ୍ରାହ୍‌ର ଆୟତ୍ ସଂଖ୍ୟା 178ରେ ଅଲ୍ଲାଃତାଲା ଏହା ଇଙ୍ଗିତ କରିଛନ୍ତି ଯେ, وَاٰتَى الْمَالَ عَلٰى حُبِّهٖ । ପୁନଶ୍ଚ ସେହି ଅଧ୍ୟାୟର ଆୟତ୍ ସଂଖ୍ୟା-255ରେ اَنْفِقُوْا مِمَّا رَزَقْنٰهُمْ ଚର୍ଚ୍ଚା କରିଛନ୍ତି । ହୁଜୁର୍ ର.ଅ ପୁନଶ୍ଚ କହିଲେ, ବର୍ତ୍ତମାନ ଉକ୍ତ ପ୍ରସଙ୍ଗକୁ ଖୋଲି ଇନ୍‌ଫାକ୍ ଫି ସବିଲିଲ୍ଲାଃ ପ୍ରସଙ୍ଗକୁ ବର୍ଣ୍ଣନା କରାଯାଇଥାଏ ଯେ, ଇଞ୍ଜିଲ୍‌ରେ ଏକ ପଦ ରହିଛି ଯେ, ଯେକେହି ତୋତେ ଟଙ୍କା ମାଗେ ତେବେ ତୁ ସେହି ବ୍ୟକ୍ତିକୁ ଟଙ୍କା ଦେ । କିନ୍ତୁ ଦେଖ ! ପବିତ୍ର କୁରଆନ୍ କରୀମ୍ ଉକ୍ତ ପ୍ରସଙ୍ଗକୁ ପାଞ୍ଚଟି ରୁକୁ ମଧ୍ୟରେ ସମାପ୍ତ କରିଛି ଏବଂ ସବିଶେଷ ରୂପେ ବର୍ଣ୍ଣନା କରିଛି । ପ୍ରଥମ ପ୍ରଶ୍ନ ତ' ଏହା ହିଁ ଯେ, ଧନ କାହାକୁ ଦେବ ଓ କାହିଁକି ଦେବ ? ଅତଏବ୍ ଏଥି ସଂକ୍ରାନ୍ତରେ ପବିତ୍ର କୁରଆନ୍ କରୀମ୍ ଏହା ବର୍ଣ୍ଣନା କରିଛି ଯେ, ଅଲ୍ଲାଃତାଲାଙ୍କ ବାଣୀ ନିମନ୍ତେ ଅର୍ଥଦାନ କର । ତେଣୁ ଅର୍ଥ ବ୍ୟୟକାରୀର ଉଦାହରଣ ସେହିପରି ଯେପରି ଜଣେ କୃଷକ ଶସ୍ୟବୀଜକୁ କୃଷି କ୍ଷେତ୍ରରେ ବପନ କରେ । ଉଦାହରଣ ସ୍ୱରୂପ ବାଜ୍ରାର କ୍ଷେତରୁ ଅନେକ ଶସ୍ୟଗୁଚ୍ଛ ବାହାରିଥାଏ ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ହ. ଖଲିଫତୁଲ୍ ମସିହ୍ ଅୱଲ୍ ର.ଅ ପୁନଶ୍ଚ କୁହନ୍ତି: "وَاللّٰهُ يُضٰعِفُ لِمَنْ يَّشَآءُ । ଅଲ୍ଲାଃତାଲା ଯାହାକୁ ଚାହାନ୍ତି ତାହାକୁ ଅଭିବୃଦ୍ଧି କରି ପ୍ରଦାନ କରିଦେଇଥାଆନ୍ତି । ଅର୍ଥାତ୍ କେତେକ ସ୍ଥାନରେ ଅଲ୍ଲାଃତାଲା ଏକ ବଦଳେର ଦଶଟି ଏବଂ ଅନ୍ୟ କେତେକ ସ୍ଥାନରେ ଅଲ୍ଲାଃତାଲା ଏକ ବଦଳରେ 700 ଗୁଣାର ଚର୍ଚ୍ଚା କରିଛନ୍ତି । ଉକ୍ତ ଆବଶ୍ୟକତା, ଆକଳନ, ସମୟ ଓ ଅବସର ଦୃଷ୍ଟିରୁ ତାରତମ୍ୟ ରହିଛି । ଉଦାହରଣ ସ୍ୱରୂପ ଜଣେ ବ୍ୟକ୍ତି ନଈ କୂଳରେ ଛିଡ଼ା ହୋଇଛି, ଶୀତଋତୁ ଅଛି ଓ ବର୍ଷା ହେଉଛି । ଏଭଳି ପରିସ୍ଥିତିରେ ଜଣେ ବ୍ୟକ୍ତି ସେହି ବ୍ୟକ୍ତିକୁ ଜଳ ମାଗେ ତେବେ ସେହି ବ୍ୟକ୍ତି ଉକ୍ତ ବ୍ୟକ୍ତିକୁ ଗିଲାସରେ ଜଳ ଭର୍ତ୍ତି କରି ଦେଇ ଦେଉ । ଚାରିଆଡ଼େ ପାଣି ରହିଛି ତେବେ କିଛି ବଡ଼କଥା ନୁହଁ । କିନ୍ତୁ ଯଦି ଜଣେ ବ୍ୟକ୍ତି ଅନ୍ୟ ବ୍ୟକ୍ତିକୁ ପାଣି ଦେଇଦିଏ ତେବେ ତାହା ମହାପୁଣ୍ୟ ଅଟେ । ଅତଏବ୍ ତାରତମ୍ୟ ଦୃଷ୍ଟିରୁ ଅଲ୍ଲାଃତାଲା ପୁଣ୍ୟରେ ପାର୍ଥକ୍ୟ ରଖି ଦେଇଛନ୍ତି । ବଳିଦାନ ଆବଶ୍ୟକତା ଅନୁଯାୟୀ କେଉଁଠି ଅତ୍ୟଧିକ ହୋଇଥାଏ ଓ ତା'ର ଅବଶ୍ୟକତା ମଧ୍ୟ ଅଧିକ ହୋଇଥାଏ । ତେଣୁ ସେହି ବଳିଦାନର ପ୍ରତିଫଳ ମଧ୍ୟ ଅଲ୍ଲାଃତାଲା 700 ଗୁଣା କିମ୍ବା ତା' ଠାରୁ ଅଧିକ ଗୁଣା କରି ପ୍ରଦାନ କରିଥାଆନ୍ତି । ଅପରପକ୍ଷେ ବଳିଦାନ ଏତେ ଅଧିକ ହୋଇ ନଥାଏ । କିନ୍ତୁ ସେ ଯାହା ହେଉ ଯେଉଁଠି ବଳିଦାନର ଆବଶ୍ୟକତା ରହିଥାଏ ସେଠାରେ ଅଲ୍ଲାଃତାଲା ପୁଣ୍ୟ ଓ ପ୍ରତିଫଳ ଶୂନ୍ୟ ରଖିବେ ତାହା ନୁହେଁ ବରଂ ସେଠାରେ ମଧ୍ୟ ଅଲ୍ଲାଃତାଲା ଦଶଗୁଣା ପ୍ରତିଫଳ ପ୍ରଦାନ କରିଥାଆନ୍ତି ।"

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ଉପରୋକ୍ତ ଉଦାହରଣ ହ. ଖଲିଫତୁଲ୍ ମସିହ୍ ଅୱଲ୍ ର.ଅ ଅର୍ଥ ବ୍ୟୟ କରିବା ସଂପର୍କରେ ଦେଇଛନ୍ତି । ଏଥି ସଂକ୍ରାନ୍ତରେ ମଧ୍ୟ ଆପଣ ର.ଅ ଆଉ ଏକ ଉଦାହରଣ ହ. ରାବିଆ ବସରୀଙ୍କର ଘଟଣା ବର୍ଣ୍ଣନା କରିଛନ୍ତି । ଅର୍ଥାତ୍ ସେ ଘରେ ବସିଥିଲେ, ହଠାତ୍ ଅତିଥି ଆସିଗଲେ ଏବଂ ଘରେ ଖାଇବା ନିମନ୍ତେ କେବଳ ଦୁଇଟି ରୁଟି ଥିଲା । ସେ ନିଜର ଚାକରାଣୀକୁ କହିଲେ, ହେ ଚାକରାଣୀ ! ଦିପଟ ରୁଟି ଆଣି ଦାନ ଦେଇଦେଲୁ । ଚାକରାଣୀ କହିଲା, ସାଆନ୍ତାଣୀ ! କି ଅଦ୍ଭୁତ କଥା ଆପଣ କହୁଛନ୍ତି ? ଘରେ ଅତିଥିମାନେ ଆସିଛନ୍ତି ଏବଂ ଏହି ଯେଉଁ ସ୍ୱଳ୍ପ ଖାଦ୍ୟ ରହିଛି ଅର୍ଥାତ୍ ଦି ପଟ ରୁଟି ରହିଛି ତାହାକୁ ଆପଣ କହୁଛନ୍ତି ଗରିବ ଲୋକମାନଙ୍କ ମଧ୍ୟରେ ବାଣ୍ଟିଦେବି ? କିଛି ସମୟରେ ବାହାରୁ ସ୍ୱର ଶୁଭିଲା ଏବଂ ଜଣେ ମହିଳା କହିଲା, ସାଆନ୍ତାଣୀ ଆମ ପଡ଼ୋଶୀ ମହିଳା କିଛି ରୁଟି ପଠାଇଛନ୍ତି । ଯେତେବେଳେ ଆହାର ଆସିଲା ସେତେବେଳେ ହ. ରାବିଆ ବସରି ରୁଟି ଗଣିଲେ । ତେବେ ତାହା 18ଟି ରୁଟି ଥିଲା । ହ. ରାବିଆ ବସରିଙ୍କ ଅଲ୍ଲାଃତାଲାଙ୍କ ସହିତ ଅତି ନିବିଡ଼ ସଂପର୍କ ଥିଲା। ଅଲ୍ଲାଃତାଲାଙ୍କ ଉପରେ ତାଙ୍କର ଅଗାଧ ବିଶ୍ୱାସ ରହିଥିଲା ଯେ, ସେ ଅର୍ଥାତ୍ ଅଲ୍ଲାଃତାଲା ତାଙ୍କର (ରାବିଆ ବସରିଙ୍କ) ଗୁହାରି (କଥା)କୁ ଅବଶ୍ୟ ଶୁଣିବେ ଓ ତାଙ୍କର କଥାକୁ ଅଲ୍ଲାଃତାଲ ନିଶ୍ଚୟ ପୂର୍ଣ୍ଣ କରିବେ । ସେ ଦିପଟ ରୁଟି ଦେଇଥିଲେ ତେବେ ଏହାଠୁ ବି ଅଧିକ ହେବା ଉଚିତ୍ ଥିଲା । ଏହା ତୁଳନାରେ ଦୁଇଗଣା ତ' ହେବା ଉଚିତ୍ ଥିଲା । ସେ କହିଲେ ଏହି 18ଟି ରୁଟି ମୋର ନିମନ୍ତେ ନୁହେଁ । ମୋ ଘରେ 20 ଜଣ ଅତିଥି ଆସଛନ୍ତି । ତେଣୁ ଅଲ୍ଲାଃତାଲାଙ୍କ ତରଫରୁ 20 ପଟ ରୁଟି ଆସିବା ଉଚିତ୍ ଥିଲା । ତେଣୁ ଏହି 18 ପଟ ରୁଟି ମୋର ନୁହେଁ । ଆଉ କାହାର ହୋଇଥିବ । ମୋର ନୁହେଁ, ମୁଁ ଏହି ରୁଟି ନେବି ନାହିଁ । ଏହି ରୁଟିକୁ ଫେରସ୍ତ କରିଦିଅ । ଆପଣଙ୍କ ଚାକରାଣୀ କହିଲା, ସାଆନ୍ତାଣୀ ! ରୁଟି ଆପଣ ରଖି ନିଅନ୍ତୁ । କାରଣ ଏହି ରୁଟି ଅଲ୍ଲାଃତାଲା ପୁରସ୍କାର ସ୍ୱରୂପ ପ୍ରଦାନ କରିଛନ୍ତି । କିନ୍ତୁ ରାବିଆ ବସରି କହିଲେ, ନା ମୁଁ ଏହି ରୁଟି ନେବି ନାହିଁ । ଏହି ରୁଟି ମୋର ନୁହେଁ । ମୋ ନିମନ୍ତେ ଉକ୍ତ ରୁଟି ପ୍ରେରିତ ହୋଇ ନାହିଁ । ଇତି ମଧ୍ୟରେ ପଡ଼ିଶାର ସେହି ଧନୀକ ମହିଳା ଜଣକ ନିଜର ଚାକରାଣୀକୁ ଡାକ ମାରିଲା, ହେ ଚାକରାଣୀ! ତୁମେ କୁଆଡ଼େ ଚାଲି ଯାଇଥିଲ ? ମୁଁ ତ' ରାବିଆ ବସରୀଙ୍କ ନିମନ୍ତେ ଅନ୍ୟ ଖାଦ୍ୟ ସମାଗ୍ରୀ ପ୍ରସ୍ତୁତ କରିଥିଲି । ଯେତେବେଳେ ସେହି ଆହାର ଆସିଲା ସେତେବେଳେ ତହିଁରେ 20 ପଟ ରୁଟି ଥିଲା । ଅତଏବ୍ ଏହିପରି ଭାବରେ ଏହି ମହାନ୍ ଲୋକମାନେ ଅଲ୍ଲାଃତାଲାଙ୍କ ଉପରେ ଅଗାଧ ତଥା ଦୃଢ ବିଶ୍ୱାସ ରଖୁଥିବା ହେତୁ ଅଲ୍ଲାଃତାଲା ସେମାନଙ୍କର ଆକାଂକ୍ଷାକୁ ମଧ୍ୟ ପୂରଣ କରୁଥିଲେ ।

ଏଥି ସଂକ୍ରାନ୍ତରେ ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସ ଉକ୍ତ କଥା କହିଛନ୍ତି ଯେ, କେହି ଅଲ୍ଲାଃତାଲାଙ୍କ ମାର୍ଗରେ କାହିଁକି ନିଜର ଅର୍ଥକୁ ବ୍ୟୟ କରିବ ? ଆପଣ ଅ.ସ କହିଲେ, ଯଦି ଦେବାର ଅଛି ତେବେ ପ୍ରଥମତଃ ଏହା କେବଳ ଅଲ୍ଲାଃତାଲାଙ୍କ ଅନୁଗ୍ରହ ଓ ତାହାଙ୍କ ପ୍ରସନ୍ନତା ପ୍ରାପ୍ତି ସକାଶେ ତୁମେମାନେ ଅର୍ଥତ୍ୟାଗ କର । ଉପକାର ପ୍ରଦର୍ଶନ କରିବା ନିମନ୍ତେ ଅର୍ଥ ଦିଅ ନାହିଁ । କେବଳ ସେତିକି ନୁହେଁ ବରଂ ଅଲ୍ଲାଃତାଲାଙ୍କ ଅନୁଗ୍ରହତା ଏବଂ ତାହାଙ୍କ ପ୍ରସନ୍ନତା ପ୍ରାପ୍ତି ନିମନ୍ତେ ଅର୍ଥର ବଳିଦାନ ଦିଅ । କାରଣ

### ହ. ଅମୀରୁଲ୍ ମୁମିନିନଙ୍କ ନୀତିବାଣୀ:-

"ପବିତ୍ର କୁରଆନ୍‌କୁ ବୁଝିବା ଓ ତା' ମୁତବାକ ନହିଦାୟତ୍ ପାଇଁ ଅସଲ ଆବଶ୍ୟକତା ହେଉଛି ତକ୍‌ୱା (ଅର୍ଥାତ ଧର୍ମପରାୟଣତା)" ।

(ମଲଫୁଜାତ୍, ଖଣ୍ଡ-5, ପୃ-121)

ତାଲିବେ ଦୁଆ: Idris Khan, Jamat Ahmadiya Kerang, Mahmoodabad (Odisha)

### କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ତୁମେ ଆପୋଷରେ ଖୁବ୍ ଶୀଘ୍ର ସୁଲାହ୍ କରିନିଅ ଓ ନିଜ ଭାଇ ଭଉଣୀମାନଙ୍କ ଦୋଷକୁ କ୍ଷମା କର । କାରଣ ଦୁଷ୍ଟ ହେଉଛି ସେହି ବ୍ୟକ୍ତି ଯିଏ ନିଜ ଭାଇ ସହିତ ସୁଲାହ୍ କରିବାକୁ ରାଜି ହୁଏ ନାହିଁ " ।

(ମଲ୍‌ଫୁଜାତ୍, ଖଣ୍ଡ-5, ପୃ-121)

ତାଲିବେ ଦୁଆ: Abdul Chand & Family, Jamat Ahmadiya Kerang, Darul Anwar (Odisha)

ଏହା ଦ୍ୱାରା ଅଲ୍ଲାତାଲା ପ୍ରସନ୍ନ ହୋଇଯିବେ । ଅଲ୍ଲାଃତାଲା ଆମମାନଙ୍କ ଉପରେ ଅସଂଖ୍ୟ ଉପକାର କରିଛନ୍ତି । ତେଣୁ ତାହାଙ୍କ ସେହି ଉପକାରକୁ ମନେ ପକାଇ ତାହାଙ୍କ ମାର୍ଗରେ ନିଜର ପ୍ରିୟ ଧନକୁ ତ୍ୟାଗ କରିଦିଅ । ଅଲ୍ଲାଃତାଲାଙ୍କ ମାର୍ଗରେ ଅର୍ଥ ଏଇଥି ପାଇଁ ଦାନ କର ଯେ, ତାହାଙ୍କ ଧର୍ମ ସକାଶେ ଅର୍ଥ ଦାନ କରିବା ଅତ୍ୟନ୍ତ ଜରୁରୀ ଅଟେ । କିପରି ଅଲ୍ଲାଃତାଲାଙ୍କର ଅର୍ଥ ଦାନ କରିବ ? ତାହାଙ୍କ ପ୍ରସନ୍ନତା ପ୍ରାପ୍ତି ସକାଶେ ଅର୍ଥ ଦାନ କର । ନା କି ଉପକାର ପ୍ରଦର୍ଶନ କରିବା ନିମନ୍ତେ ତାହାଙ୍କ ମାର୍ଗରେ ନିଜର ପ୍ରିୟ ଧନକୁ ବ୍ୟୟ କର । **(ହକାଇକୁଲ୍ ଫୁର୍କାନ୍, ଗ୍ରନ୍ଥଖଣ୍ଡ-1 ପୃ-420-421)**

ଁକୌଣସି ବ୍ୟକ୍ତି ଯିଏ ଆର୍ଥିକ ବଳିଦାନ ଦେଇଛି ସେ ଜମାଅତ୍ ଉପରେ କୌଣସି ଉପକାର ନାହିଁ । ବରଂ ଏହା ଅଲ୍ଲାଃତାଲାଙ୍କ କୃପା କି ତୁମେମାନେ ଯେତେବେଳେ ତାହାଙ୍କ ମାର୍ଗରେ ସତ୍‌ହୃଦୟର ସହିତ ବ୍ୟୟ କରିଥାଅ ସେତେବେଳେ ସେ ତୁମମାନଙ୍କୁ ଅବଶ୍ୟ ଅଭିବୃଦ୍ଧି ପ୍ରଦାନ କରି ଥାଆନ୍ତି । ଅର୍ଥାତ୍ ତୁମମାନଙ୍କର ଧନ, ମନ ଓ ପ୍ରାଣରେ ଅଜସ୍ର ବୃଦ୍ଧି ଏବଂ କଲ୍ୟାଣ ପ୍ରଦାନ କରନ୍ତି ।

ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସ କୁହନ୍ତି ଯେ, "ଈଶ୍ୱରଙ୍କ ମାର୍ଗରେ ଯେଉଁ ଲୋକମାନେ ନିଜର ପ୍ରିୟ ଧନକୁ ବ୍ୟୟ କରିଥାଆନ୍ତି । ସେମାନଙ୍କ ଧନରେ ଅଲ୍ଲାଃତାଲା ଏପରି କଲ୍ୟାଣ ପ୍ରଦାନ କରି ଦେଇଥାଆନ୍ତି ଯେପରିକି ଏକ ଶସ୍ୟବୀଜକୁ ଯେତେବେଳେ ଚାଷ ଜମିରେ ବପନ (ବୁଣାଯାଏ) କରାଯାଏ ସେତେବେଳେ ଦେଖିବାକୁ ଗଲେ ତାହା ଗୋଟିଏ ଶସ୍ୟବୀଜ ହୋଇଥାଏ । କିନ୍ତୁ ଈଶ୍ୱର ତହିଁରେ ଅର୍ଥାତ୍ ସେହି ଶସ୍ୟବୀଜରେ 700 ଗୁଣା ଅର୍ଥାତ୍ ପ୍ରତିଶତ ଶସ୍ୟଗୁଚ୍ଛ ବାହାର କରିବାକୁ ସକ୍ଷମ ଅଟନ୍ତି ଏବଂ ପ୍ରତ୍ୟେକ ଶସ୍ୟଗୁଚ୍ଛରେ 100 ଶସ୍ୟବୀଜ ଅଲ୍ଲାଃତାଲା ସୃଷ୍ଟି କରିଦେଇ ଥାଆନ୍ତି । ଅର୍ଥାତ୍ ପ୍ରକୃତ ବସ୍ତୁକୁ ଅଧିକ କରିଦେବା । ଏହା ଏକ ନୈତିକ ଜନିତ ପ୍ରସଙ୍ଗ ଅଟେ ଯେ, ପ୍ରକୃତ ବା ମୂଳ ବସ୍ତୁକୁ ଅଧିକ କରିଦେବା ଏହା ଈଶ୍ୱରଙ୍କ ଶକ୍ତି ମଧ୍ୟରେ ପ୍ରବିଷ୍ଟ ଓ ଅନ୍ତର୍ଭୁକ୍ତ ଅଟେ । ବାସ୍ତବରେ ଆମେମାନେ ସମସ୍ତ ଈଶ୍ୱରଙ୍କ ସେହି ଶକ୍ତି ଦ୍ୱାରା ହିଁ ଜୀବିତ ଅଛୁ ଏବଂ ଯଦି ଈଶ୍ୱର ନିଜ ତରଫରୁ କୌଣସି ବସ୍ତୁକୁ ଅଧିକ ତଥା ପ୍ରାଚୁର୍ଯ୍ୟତା ପ୍ରଦାନ କରିବାକୁ ସକ୍ଷମ ଓ ସାମର୍ଥ୍ୟବାନ ହୋଇ ନଥାଆନ୍ତେ ତେବେ ସମସ୍ତ ସଂସାରର ବିନାଶ ଓ ଧ୍ୱଂସ ହୋଇଯାଇଥାଆନ୍ତା ଏବଂ ଗୋଟିଏ ବି ଜୀବ ଧରାପୃଷ୍ଠରେ ଜୀବିତ ରୁହନ୍ତା ନାହିଁ ।" **(ଚଶ୍‌ମାଏ ମାଆରିଫତ୍, ରୁହାନୀ ଖଜାଏନ୍, ଗ୍ରନ୍ଥଖଣ୍ଡ-23, ପୃ-170-171)**

ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସ ଉଲ୍ଲେଖ କରିଛନ୍ତି ଯେ, "ତାବିରୁର୍ ରୋୟା ଗ୍ରନ୍ଥରେ ଅର୍ଥକୁ କଲିଜା ସହିତ ତୁଳନା କରାଯାଇଛି । ସ୍ୱପ୍ନରେ ଯଦି କୌଣସି ବ୍ୟକ୍ତି ଅର୍ଥ (ଧନ ବା ଟଙ୍କା) ଦେଖେ ତେବେ ଏହାର ଅର୍ଥ କଲିଜା ହୋଇଥାଏ କିମ୍ବା ଯଦି କୌଣସି ବ୍ୟକ୍ତି ସ୍ୱପ୍ନରେ ନିଜର କଲିଜା କାଢି ଅନ୍ୟ ବ୍ୟକ୍ତିକୁ ଦେଉଥିବାର ଦେଖେ ତେବେ ଏହାର ଅର୍ଥ ଧନ ଅଟେ । ତେଣୁ ଦାନ ଦକ୍ଷିଣା କରିବା ଜୀବନ ଦେବା ସହିତ ତୁଲ୍ୟ ଅଟେ । ଅର୍ଥାତ୍ ଆର୍ଥିକ ବଳିଦାନର ଯଥେଷ୍ଟ ମହତ୍ତ୍ୱ ରହିଛି । ମନୁଷ୍ୟ ଦାନ କରିବା ସମୟରେ କିପରି ସତ୍ୟବାଦୀତା ଓ ଅବିଚଳତା ପ୍ରଦର୍ଶନ କରିଥାଏ ? ପ୍ରକୃତ କଥା ଏହିକି ଯେ, ଯେପର୍ଯ୍ୟନ୍ତ ବ୍ୟବହାରିକ ଉଦାହରଣ ପ୍ରଦର୍ଶନ କରାଯାଇ ନାହିଁ ସେପର୍ଯ୍ୟନ୍ତ କେବଳ କଥନ ଦ୍ୱାରା କିଛି ବି ହୋଇ ନଥାଏ । ସଦ୍‌କା ବା ଦାନକୁ ସଦ୍‌କା ଏଇଥି ପାଇଁ କୁହାଯାଏ ଯେ, ତାହା ଅର୍ଥାତ୍ ସଦ୍‌କା (ଦାନ) ସତ୍ୟବାଦୀଙ୍କର ଲକ୍ଷଣକୁ ପରିପ୍ରକାଶିତ କରିଥାଏ । କାରଣ ସତ୍ୟବାଦୀ ବ୍ୟକ୍ତିର ସତ୍ୟନିଷ୍ଠତା ସିଦ୍ଧ ଓ ପ୍ରମାଣିତ ହୋଇଯାଏ । କାରଣ ବିଶ୍ୱାସରେ ପ୍ରକୃତ ସତ୍ୟତା ନିହିତ ରହିଥାଏ ।" **(ମଲ୍‌ଫୁଜାତ୍, ଗ୍ରନ୍ଥଖଣ୍ଡ-1, ପୃ-238, ସଂସ୍କରାଣ ବର୍ଷ-1984 ମସିହା)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ହଦିସ୍‌ରେ ବର୍ଣ୍ଣିତ ହୋଇଛି ଯେ, ନବୀ କରୀମ୍ ସ.ଅ କହିଲେ, ହେ ସାହାବାମାନେ ! ମୁଁ ତୁମମାନଙ୍କୁ ସର୍ବାଧିକ ବଦାନ୍ୟ ଅସ୍ତିତ୍ୱ ସଂପର୍କରେ କହିବି ନାହିଁ ? ସାହାବାମାନେ କହିଲେ, ହେ ଅଲ୍ଲାଃତାଲାଙ୍କ ବାର୍ତ୍ତାବହ ! ଅବଶ୍ୟ । ଆପଣ ସ.ଅ କହିଲେ, ଅଲ୍ଲାଃତାଲା ହେଉଛନ୍ତି ସମସ୍ତ ବଦାନ୍ୟକାରୀଙ୍କ ମଧ୍ୟରୁ ଅନ୍ୟତମ ବଦାନ୍ୟକାରୀ । ପୁନଶ୍ଚ ଆଁହଜରତ୍ ସ.ଅ କହିଲେ, ମୁଁ ସମଗ୍ର ମାନବ ଜାତି ମଧ୍ୟରୁ ସର୍ବାଧିକ ଦାନବୀର ବ୍ୟକ୍ତି ଅଟେ । **(ମଜ୍‌ମୁଆ ଅଜ ଜୱାଇଦି ଗ୍ରନ୍ଥଖଣ୍ଡ1, ପୃ-224, କିତାବୁଲ୍ ଇଲ୍‌ମି, ବାବ୍- ଫି ମନ୍ ନଶରା ଇଲ୍‌ମନ୍.......760)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ପୁନଶ୍ଚ ଆପଣ ସ.ଅ ନମାଜ, ରୋଜା ଏବଂ ଆର୍ଥିକ ବଳିଦାନ ଆଡ଼କୁ ଜମାଅତ୍‌ର ସଦସ୍ୟବୃନ୍ଦଙ୍କ ଧ୍ୟାନ ଆକର୍ଷଣ କରିଛନ୍ତି । ଏକ ବର୍ଣ୍ଣନାରେ ବର୍ଣ୍ଣିତ ହୋଇଛି ଯେ, ରସୁଲୁଲ୍ଲାଃ ସ.ଅ କହିଲେ, ନମାଜ, ରୋଜା ଏବଂ ଈଶ୍ୱରଙ୍କ ନାମ ଭଜିବା ବା ଈଶ୍ୱର ଚର୍ଚ୍ଚା କରିବା ଇତ୍ୟାଦି ଅଲ୍ଲାଃତାଲାଙ୍କ ମାର୍ଗରେ ବ୍ୟୟ କରାଯାଇଥିବା ଧନକୁ ଅଲ୍ଲାଃତାଲା 700 ଗୁଣା କରି ବୃଦ୍ଧି କରି (ପ୍ରଦାନ) କରିଥାଆନ୍ତି । **(ସୁନନ୍ ଅବି ଦାଉଦ୍ କିତାବୁଲ୍ ଜିହାଦ୍, ବାବ୍-ପି ତଜ୍‌ଇଫିଜ୍ ଜିକ୍ରି, ଫି ସବିଲିଲ୍ଲାଃହି, ହଦିସ୍ ନଂ-2498)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଅତଏବ୍ ଏହି ନିର୍ଦ୍ଦେଶ ସେହି ଲୋକମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ଯେଉଁମାନେ ଅଲ୍ଲାଃତାଲାଙ୍କ ମାର୍ଗରେ ଆର୍ଥିକ ବଳିଦାନ ଦେଲେ । ଅର୍ଥାତ୍ ଆର୍ଥିକ ବଳିଦାନକାରୀ ଲୋକମାନେ ନିଜ ଆର୍ଥିକ ବଳିଦାନର ସ୍ତରକୁ ବୃଦ୍ଧି କରିବା ସହିତ ନିଜର ଉପାସନାର ସ୍ତରକୁ ମଧ୍ୟ ବୃଦ୍ଧି କରନ୍ତୁ । ଆର୍ଥିକ ବଳିଦାନ କରି ଆପଣମାନେ ଏହା ଭାବି ବସି ଯାଆନ୍ତୁ ନାହିଁ ଯେ, ଆପଣମାନେ ଉପସନାରୁ ମୁକ୍ତ ହୋଇଯାଇଛନ୍ତି। ଆଁହଜରତ ସ.ଅ କହିଲେ, ଆର୍ଥିକ ବଳିଦାନ ସହିତ ନମାଜା ପାଠ କରିବା ଓ ରୋଜା ରଖିବା ଏକାନ୍ତ ଅପିରହାର୍ଯ୍ୟ ଅଟେ । ଆଁହଜରତ ସ.ଅ କହିଲେ, ନମାଜ୍, ରୋଜା ସହିତ ଆର୍ଥିକ ବଳିଦାନ ଦେବା ମଧ୍ୟ ଏକାନ୍ତ ଜରୁରୀ ଅଟେ । ଯେପରିକି ମୁଁ ହଦିସ୍‌ରୁ ପ୍ରାମାଣ୍ୟମାନ ଉପସ୍ଥାପିତ କରି କହିଲି, ଯେ, ଏହି ପ୍ରସଙ୍ଗ ହିଁ ତୁମମାନଙ୍କୁ ଅଲ୍ଲାଃତାଲାଙ୍କ ସାମୀପ୍ୟତା ଓ ତାହାଙ୍କ ସାନ୍ନିଧ ପ୍ରଦାନ କରିବାରେ ସହାୟକ ହୋଇଥାଆନ୍ତି । ପୁନଶ୍ଚ ଏତଦ୍‌ପରେ ଅଲ୍ଲାଃତାଲା ତୁମମାନଙ୍କ ପ୍ରତି ସେଦୟ ହୋଇ ତୁମମାନଙ୍କର ଅର୍ଥକୁ ବୃଦ୍ଧି କରି ଚାଲିଥାଆନ୍ତି ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଅନେକ ଲୋକମାନେ ବଳିଦାନ ଦେଇଥାଆନ୍ତି । ଆଜିକାଲି ମଧ୍ୟ ଆମମାନଙ୍କ ପାଖରେ ଅନେକ ଉଦାହରଣମାନ ରହିଛି ଯେ, ଯେତେବେଳେ ଜମାଅତ୍‌କୁ ଆର୍ଥିକ ବଳିଦାନର ଆବଶ୍ୟକତା ପଡ଼େ ସେତେବେଳେ ମଧ୍ୟ ସେହି ପରୋପରକାରୀ ତଥା ବଦାନ୍ୟ ଲକୋମାନେ ନିଜର ଆବଶ୍ୟକତାକୁ ବାଦ୍‌ଦେଇ ଅଲ୍ଲାଃତାଲାଙ୍କ ମାର୍ଗରେ ନିଜର ପ୍ରିୟ ଧନକୁ ବ୍ୟୟ କରି ଦେଇଥାଆନ୍ତି । ସେହି ବଳିଦାନକାରୀମାନେ ଏହି ଆଶା ରଖି ଆର୍ଥିକ ବଳିଦାନ କରିଥାଆନ୍ତି ଯେ, ଅଲ୍ଲାଃତାଲାଙ୍କ ମାର୍ଗରେ ଆର୍ଥିକ ବଳିଦାନ ଦେବା ତାହାଙ୍କ ପ୍ରସନ୍ନତା ତଥା ଅନୁଗ୍ରହତା ପ୍ରାପ୍ତ କରିବାର କାରଣ ହେବ । ଏହା ହିଁ ଆମମାନଙ୍କର ସେହି ବଳିଦାନ ଯେଉଁ ବଳିଦାନ କେବେ ବି ଅବକ୍ଷୟ ହେବ ନାହିଁ, ଅଲ୍ଲାଃତାଲା ସେହି ବଳିଦାନକୁ କେବେ ବି ଅବକ୍ଷୟ ହେବାକୁ ଦେବେ ନାହିଁ । ବାସ୍ତବରେ ଅଲ୍ଲାଃତାଲା ସେହି ବଳିଦାନକୁ କେବେ ବି ଅବକ୍ଷୟ ଏବଂ ବ୍ୟର୍ଥ ଯିବାକୁ ଦିଅନ୍ତି ନାହିଁ ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଏକ ହଦିସ୍‌ରେ ଆଁହଜରତ ସ.ଅ କହିଲେ, "ଜଣେ ବ୍ୟକ୍ତି ଆଁହଜରତ୍ ସ.ଅଙ୍କ ପାଖକୁ ଆସିଲା ଏବଂ ସେ କହିଲା, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ପୁଣ୍ୟ ଦୃଷ୍ଟିରୁ ସବୁଠୁ ମହତ୍ ଦାନ କ'ଣ

### କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

**ଅଲ୍ଲାଃତାଲା କୁହନ୍ତି:** اَلَیۡسَ اللّٰہُ بِکَافٍ عَبۡدَہٗ

(ଅଜ୍ ଜୁମର: 36)

ଅନୁବାଦ୍: କ'ଣ ଅଲ୍ଲାଃତାଲା ନିଜ ଭକ୍ତ ପାଇଁ ଯଥେଷ୍ଟ ନୁହନ୍ତି କି ?

**ତାଲିବେ ଦୁଆ:** Qamrun Nisa, W/o- Zainul Khan,
Jamat Ahmadiya Pankal,
Halqa Qudrat Nagar (Odisha)

### କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ଯେଉଁ ବ୍ୟକ୍ତି ଅଲ୍ଲାଃତାଲାଙ୍କ ମାର୍ଗରେ କିଛି ଖର୍ଚ୍ଚ କରିଥାଏ ତେବେ ଏହା ବଦଳରେ ଉକ୍ତ ବ୍ୟକ୍ତିକୁ ସାତ ଶହ ଗୁଣା ପୁଣ୍ୟ ପ୍ରାପ୍ତ ହୋଇଥାଏ ।" **(ତିର୍ମିଜି, କିତାବୁ ଫଜାଇଲିଲ୍ ଜିହାଦ୍, ବାବ୍ ଫଜ୍‌ଲୁଲ୍ ଇଫ୍‌କତା ଫି ସବିଲିଲ୍ଲାଃହି )**

**ତାଲିବେ ଦୁଆ:** Shenaz Begum, W/o- Sheikh Ghulam
Ahmed & Family, Jamat Ahmadiya
Bhadrak (Odisha)

ଅଟେ ? ପ୍ରତ୍ୟୁତ୍ତରରେ ଆଁହଜରତ୍ ସ.ଅ କହିଲେ, "ସବୁଠୁ ବଡ଼ ବା ମହତ୍ ଦାନ ହେଲା, ଯେତେବେଳେ ତୁମେ ସୁସ୍ଥାବସ୍ଥାରେ ଥିବ ସେତେବେଳେ ତୁମେ ଦାନ ଦିଅ ତାହା ତୁମପକ୍ଷେ ଉତ୍ତମ ହେବ । ସେହିପରି ତୁମକୁ ଯେତେବେଳେ ଧନର ଆବଶ୍ୟକତା ଥିବ ସେତେବେଳେ ତୁମେ ସଦ୍‌କା କର । ସେହିପରି ଯେତେବେଳେ ତୁମେ ପରର ଧନକୁ ଦେଖି ଈର୍ଷା କର ଓ ଲୋଭ ତୁମ ମନରେ ଜାତ ହେବ ସେତେବେଳେ ତୁମେ ସଦ୍‌କା ଦିଅ। ସେହିପରି ତୁମେ ଯେତେବେଳେ ଦାରିଦ୍ର୍ୟତାକୁ ଭୟ କର ଏବଂ ସମୃଦ୍ଧାବସ୍ଥା ଓ ଧନାଢ୍ୟତା ଚାହଁ ସେତେବେଳେ ତୁମେ ସଦ୍‌କା କରେ । ଅତଏବ୍ ତୁମେ ଏହି ସମୟମାନଙ୍କରେ ସଦ୍‌କା ଦେବାକୁ ବିଳମ୍ବ କରିବ ନାହିଁ ।"

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଏହି ସମସ୍ତ ସାଂସାରିକ ବସ୍ତୁ, ଆକାଂକ୍ଷା ହୋଇଥାଇପାରନ୍ତି । କିନ୍ତୁ ଏସବୁ ସତ୍ତ୍ୱେ ତୁମେମାନେ ସଦ୍‌କା କର, ଦାନ ଦକ୍ଷିଣା କର, ଅଲ୍ଲାଃତାଲାଙ୍କ ମାର୍ଗରେ ଅର୍ଥ ବ୍ୟୟ କର । ଏପରି ନହେଉ ଯେ, ତୋର ପ୍ରାଣ ଯେତେବେଳେ କଣ୍ଠ ପର୍ଯ୍ୟନ୍ତ ଆସିଯିବ କିମ୍ବା ଯେତେବେଳେ ତୁ ମୃତ୍ୟୁ ନିକଟବର୍ତ୍ତୀ ହୋଇଯିବୁ ସେତେବେଳେ ତୁ ନିଜର ପରିବାରବର୍ଗଙ୍କୁ କହିବୁ କି ଅମକ ଜାଗାରେ ଏତେ ପଇସା ରହିଛି ଓ ଅମକ ବ୍ୟକ୍ତିକୁ ଏତେ ଟଙ୍କ ଦେଇଦିଅ । ଅଲ୍ଲାଃତାଲା କହିଲେ, ସେହି ଧନ ତ' ବର୍ତ୍ତମାନ ତୋର ଆଉ ରହିଲା ନାହିଁ ବର୍ତ୍ତମାନ ତାହା ଅମକ ବ୍ୟକ୍ତିର ହୋଇ ସାରିଛି ଏବଂ ତାହା ତୋର ଉତ୍ତରାଧିକାରୀଙ୍କୁ ମିଳିବ ହିଁ ମିଳିବ । **(ସିହହୁଲ୍ ବୁଖାରୀ, କିତାବୁଲ୍ ୱସାୟା, ବାବ୍- ଅସ୍ ସଦ୍‌କା ଇନ୍ଦଲ୍ ମୌତି, ହଦିସ୍ ନଂ-2748)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଅତଏବ୍ ସେଇଥି ପାଇଁ ଅଲ୍ଲାଃତାଲା କହିଲେ, ସ୍ୱାସ୍ଥ୍ୟାବସ୍ଥାରେ ଏବଂ ଆବଶ୍ୟକତା ସମୟରେ ହିଁ ଅଲ୍ଲାଃତାଲାଙ୍କ ମାର୍ଗରେ ଅର୍ଥକୁ ବ୍ୟୟ କରିବା ପ୍ରକୃତଓ ମହତ୍ ବଳିଦାନ ଅଟେ । ଯଦି ତୁମେମାନେ ଏପରି କରିବ ତେବେ ଅଲ୍ଲାଃତାଲା ତୁମମାନଙ୍କୁ ଏହି ସଂସାରରେ ମଧ୍ୟ ଅଭିବୃଦ୍ଧି ପ୍ରଦାନ କରିବେ ଓ ପରବର୍ତ୍ତୀକାଳରେ ମଧ୍ୟ ତୁମର ସ୍ତରକୁ ବୃଦ୍ଧି କରିବେ । ଆମ ଜମାଅତ୍‌ରେ ମଧ୍ୟ ପୁରାତନ ବରିଷ୍ଠ ସମ୍ମାନିତ ବ୍ୟକ୍ତିମାନଙ୍କର ଉଦାହରଣ ଏହିପରି ହେଉଥିଲା । ଅର୍ଥାତ୍ ସେମାନେ ନିଜର ଧନକୁ ଅଲ୍ଲାଃତାଲାଙ୍କ ମାର୍ଗରେ ବ୍ୟୟ କରିବା ନିମନ୍ତେ ଗଣୁ ନଥିଲେ ବରଂ ସେମାନେ ନିଃଶଙ୍କୋଚ ସେମାନେ ସେହି ଧନକୁ ପ୍ରଭୁଙ୍କ ମାର୍ଗରେ ତାହାଙ୍କ ପ୍ରସନ୍ନତା ପ୍ରାପ୍ତି ନମିନ୍ତେ ବ୍ୟୟ କରୁଥିଲେ । ସେହିପରି ଆଁହଜରତ ସ.ଅଙ୍କ କାଳରେ ସାହାବାମାନଙ୍କର ଉଦାହରଣ ଆମେମାନେ ଦେଖିବାକୁ ପାଇଥାଉ । ବର୍ଣ୍ଣନାରେ ବର୍ଣ୍ଣିତ ହୋଇଛି ଯେ, ଏକଦା ଆଁହଜରତ୍ ସ.ଅଙ୍କ ନିକଟ ସଂପର୍କୀୟ ଭଉଣୀ ଯାହାଙ୍କର ନାମ ଅସ୍‌ମା ବିନତ୍ ଅବୁ ବକ୍କର୍ ର.ଅଙ୍କୁ ଉପଦେଶ ଦେଇ କହିଲେ, ହେ ଅସମା: "ତୁମେ ଅଲ୍ଲାଃତାଲାଙ୍କ ମାର୍ଗରେ ଟଙ୍କାକୁ ଗଣି ଗଣି ଖର୍ଚ୍ଚ କର ନାହିଁ । ଅନ୍ୟଥା ଅଲ୍ଲାଃତାଲା ମଧ୍ୟ ତୁମକୁ ଗଣି ଗଣି ଅର୍ଥ ପ୍ରଦାନ କରିବେ । ସେହିପରି ଅନ୍ୟ ଏକ ସ୍ଥାନରେ କହିଲେ, ହେ ଲୋକମାନେ ତୁମେମାନେ ନିଜ ଟଙ୍କାର ମୁଣିକୁ କୃପଣତା (କଞ୍ଜୁସୀ) ଯୋଗୁଁ ବନ୍ଦ୍ କରିଦିଅ ନାହିଁ ।" **(ସିହହୁଲ୍ ବୁଖାରୀ, କିତାବୁଜ୍ ଜକାତ୍, ବାବ୍- ଅତ୍ ତହ୍‌ରିସୁ ଅଲସ୍ ସଦକତି, ହଦିସ୍ ନଂ-1433)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଅର୍ଥାତ୍ ଯେଉଁଠି ଟଙ୍କା ରହିଛି ସେହି ଟଙ୍କାର ମୁଣି (ବ୍ୟାଗର ମୁହଁ)କୁ ବନ୍ଦ୍ କର ନାହିଁ, କୃପଣତାକୁ ଚପାଇ ବସିଯାଅ ନାହିଁ । ଅନ୍ୟଥା ମୁଣିର ମୁହଁ ସବୁବେଳେ ବନ୍ଦ ହିଁ ରହିବ । ସେହି ମୁଣିରେ କେବେ ବି ଟଙ୍କା ଆସିବ ନାହିଁ । ଅତଏବ୍ ମୁକ୍ତ ହୃଦୟର ସହିତ ନିଜର ଅର୍ଥକୁ ଖର୍ଚ୍ଚ କର ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସଙ୍କ କାଳରେ ଆପଣ ଅ.ସ ଙ୍କ ମିଶନକୁ ସଂପୂର୍ଣ୍ଣ କରିବା ଏବଂ ଆପଣ ଅ.ସଙ୍କୁ ସାହାଯ୍ୟ କରିବା ନିମନ୍ତେ ଆପଣ ର.ଅ (ଖଲିଫା ଅୱଲ୍ ର.ଅ) ଅଜସ୍ର ଟଙ୍କା ଖର୍ଚ୍ଚ କରୁଥିଲେ । ସୁତରାଂ ହ. ମସିହ୍ ମଉଦ୍ ଅ.ସ ସ୍ୱୟଂ ଏକ ସ୍ଥାନରେ ଚର୍ଚ୍ଚା କରିଛନ୍ତି । ଆପଣ ଅ.ସ କୁହନ୍ତି: "ମୁଁ ଯଦି ସେହି ଆର୍ଥିକ ବଳିଦାନ ଦେଉଥିବା ବ୍ୟକ୍ତିମାନଙ୍କୁ ଆର୍ଥିକ ବଳିଦାନ ଦେବା ନିମନ୍ତେ ଅନୁମତି ପ୍ରଦାନ କରିଦେଇ ଥାଆନ୍ତି ତେବେ ସେମାନେ ସର୍ବସ୍ୱ ଦେଇ ଦେଇ ଥାଆନ୍ତେ । ଅର୍ଥାତ୍ ହ. ମୌଲାନା ହକିମ୍ ନୁରୁଦ୍ଦୀନ୍ ସାହେବ ଖଲିଫତୁଲ୍ ମସିହ୍ ଅୱଲ୍ ର.ଅ ନିଜର ସବୁ କିଛି ଉତ୍ସର୍ଗ କରି ନିଜର ଆର୍ଥିକ ସାହଚର୍ଯ୍ୟତ୍ୱ ପରି, ଶାରୀରୀକ ସାହଚର୍ଯ୍ୟତ୍ୱ ଏବଂ ପ୍ରତ୍ୟେକ ମୁହୂର୍ତ୍ତରେ ଉପସ୍ଥିତ ଏବଂ ବଳିଦାନ କରିବା ନିମନ୍ତେ କର୍ତ୍ତବ୍ୟ ନିର୍ବାହ କରିଥାଆନ୍ତେ । ମୁଁ ତ' ଅନୁମତି ପ୍ରଦାନ କରି ନାହିଁ ଅନ୍ୟଥା ହ. ଖଲିଫତୁଲ୍ ମସିହି ଅୱଲ୍ ର.ଅ ନିଜର ସର୍ବସ୍ୱ ଆଣି ଦେଇ ଦେଇଥାଆନ୍ତେ । ହ. ଖଲିଫତୁଲ୍ ମସିହ ଅୱଲ୍ ର.ଅ ହ. ମସିହ୍ ମଉଦ୍ ଅ.ସଙ୍କ ସେବାରେ ଉଲ୍ଲେଖ କରେ ଯେ, ମୁଁ ଆପଣ ଅ.ସଙ୍କ ମାର୍ଗରେ ନିଜକୁ ସମର୍ପିତ ଓ ଉତ୍ସର୍ଗ କରୁଅଛି । ମୋର ଯାହା କିଛି ରହିଛି ତାହା ମୋର ନୁହେଁ ବରଂ ଆପଣଙ୍କର ହିଁ ଅଟେ । ହେ ମୋର ମାର୍ଗଦର୍ଶକ ଓ ମୋର ଗୁରୁ ! ମୁଁ ସତ୍ୟତାର ସହିତ କହି ଦେଉଛି ଯେ, ମୋର ସମସ୍ତ ଧନ ସମ୍ପତ୍ତି ଯଦି ଧାର୍ମିକ ପ୍ରକାଶନ ସକାଶେ ବ୍ୟୟ ହୋଇଯାଏ ତେବେ ମୋ ଜୀବନ ସାର୍ଥକ ହୋଇଯିବ ଓ ମୁଁ ଧନ୍ୟ ହୋଇଯିବି ।"

**(ଫତହ୍ ଇସଲାମ୍, ରୁହାନୀ ଖଜାଏନ୍, ଗ୍ରନ୍ଥଖଣ୍ଡ-3, ପୃ-35-36)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ତେବେ ଦେଖନ୍ତୁ ଯେ, ହ. ଅବୁ ବକ୍କର୍ ର.ଅ, ହ. ଉମର୍ ର.ଅ ଓ ହ. ଉସ୍‌ମାନ୍ ର.ଅ ଆଁହଜରତ ସ.ଅଙ୍କ କାଳରେ ଆର୍ଥିକ ବଳିଦାନ ଦେଇଥିଲେ । ଠିକ୍ ସେହିପରି ସାଂପ୍ରତିକ ଯୁଗରେ ମଧ୍ୟ ହ. ଅବୁ ବକ୍କର୍ ର.ଅଙ୍କ ପରି ହ. ମସିହ ମଉଦ୍ ଅ.ସଙ୍କୁ ମଧ୍ୟ ନିଜର ପ୍ରିୟ ମୁନିବଙ୍କ ଆଜ୍ଞାବହତ୍ୱ ଯୋଗୁଁ ଏପରି ଦାସ ପ୍ରଦାନ କଲେ ଯିଏ ପ୍ରତ୍ୟେକ ବସ୍ତୁ (ସର୍ବସ୍ୱ)କୁ ଉତ୍ସର୍ଗ କରିବା ନିମନ୍ତେ ପ୍ରସ୍ତୁତ ଥିଲେ ଓ ହ. ଅବୁ ବକ୍କର ର.ଅଙ୍କ ପରି ଆଦର୍ଶ ସେ (ଖଲିଫା ଅୱଲ୍ ଓ ଅନ୍ୟ ବ୍ୟକ୍ତିମାନେ) ପ୍ରଦର୍ଶନ କଲେ । ହୁଜୁର ଅନ୍‌ୱର୍ ଅ.ବ କହିଲେ, ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସ କୁହନ୍ତି: "ଏହି ପ୍ରତିଶୃତି ମଧ୍ୟ ଅଲ୍ଲାଃତାଲାଙ୍କ ତରଫରୁ ରହିଛି ଯେ, ଯେଉଁ ବ୍ୟକ୍ତି ଅଲ୍ଲାଃତାଲାଙ୍କ ସକାଶେ ନିଜର ପ୍ରିୟ ଧନକୁ ବ୍ୟୟ କରିବ ଅର୍ଥାତ୍ ଅଲ୍ଲାଃତାଲାଙ୍କ ମାର୍ଗରେ ଚାନ୍ଦା ଦେବ ତେବେ ଅଲ୍ଲାଃତାଲା ସେହି ବ୍ୟକ୍ତିକୁ ଅଜସ୍ର କଲ୍ୟାଣ ପ୍ରଦାନ କରିବେ । ଅଲ୍ଲାଃତାଲା କୁହନ୍ତି: "ସଂସାରରେ ହିଁ ଆର୍ଥିକ ବଳିଦାନକାରୀକୁ ଅନେକ କିଛି ପ୍ରାପ୍ତ ହେବ ଓ ମୃତ୍ୟୁ ପରେ ଶେଷ ଦିବସରେ ଆର୍ଥିକ ବଳିଦାନ ଦେଇଥିବା ବ୍ୟକ୍ତି ନିଜର ପ୍ରତିଫଳକୁ ଦେଖିନେବ ଯେ, ତା'କୁ କିପରି ସୁଖ ଏବଂ ଶାନ୍ତି ପ୍ରାପ୍ତ ହୋଇଛି ।"

ହୁଜୁର ଅନ୍‌ୱର୍ ଅ.ବ କହିଲେ, ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସ କୁହନ୍ତି: "ଅତଏବ୍ ବର୍ତ୍ତମାନ ମୁଁ ତୁମ ସମସ୍ତଙ୍କର ଧ୍ୟାନ ଏହି ଆଡ଼କୁ ଆକର୍ଷିତ କରିବାକୁ ଚାହୁଁଛି ଯେ, ଇସ୍‌ଲାମ ଧର୍ମର ଉନ୍ନତି ନିମନ୍ତେ ତୁମେମାନେ ନିଜର ଅର୍ଥକୁ ବ୍ୟୟ କର ।"

**(ମଲ୍‌ଫୁଜାତ୍, ଗ୍ରନ୍ଥଖଣ୍ଡ-8, ପୃ-394, ସଂସ୍କରଣ ବର୍ଷ-1984)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଇହକାଳରେ କଲ୍ୟାଣ ପ୍ରାପ୍ତି ହୋଇଥାଏ ଏବଂ ପରକାଳରେ ମଧ୍ୟ ପୁଣ୍ୟ ପ୍ରାପ୍ତି ହୋଇଥାଏ । ଏହା କେବଳ କହିବା କଥା ନୁହେଁ । ବରଂ ଆଜି ମଧ୍ୟ ଆମେମାନେ ଏହା ଦେଖୁ ଯେ, ହ.ମସିହ୍ ମଉଦ୍ ଅ.ସ କୁହନ୍ତି ଯେ, ଆଜି ମଧ୍ୟ ମୋ ପାଖକୁ ଅନେକ ଏପରି ଘଟଣା


**ହ. ଅମୀରୁଲ୍ ମୁମିନିନଙ୍କ ନୀତିବାଣୀ:-**

"ଆମ ଅହେମଦିମାନଙ୍କୁ ହିଁ ସଂସାରବାସୀଙ୍କୁ ଇସ୍‌ଲାମ୍ ଧର୍ମର ସୁନ୍ଦର ଶିକ୍ଷା ସମ୍ବନ୍ଧରେ ଅବଗତ କରାଇବାକୁ ହେବ ଏବଂ ଏଥିପାଇଁ ସବୁଠାରୁ ଜରୁରୀ କଥା ହେଉଛି ଏହା କି ଆମମାନଙ୍କୁ ଅଲ୍ଲାଃତାଲାଙ୍କ ସହିତ ସମ୍ପର୍କ ସ୍ଥାପନ କରିବାକୁ ହେବ" ।

ତାଲିବେ ଦୁଆ: Sajeed Khan, S/O- Sultan Ahmad,
Jamat Ahmadiya Paradeep,
(Kerang) (Odisha)



**କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)**

"ଆମ ଜମାଅତ୍‌ର ସଦସ୍ୟବୃନ୍ଦଙ୍କ ପକ୍ଷେ ଏହି ଉଚିତ ହେବ ଯେ, ଜମାଅତ୍‌ର ସଦସ୍ୟବୃନ୍ଦ ଚାରିତ୍ରିକ ଅବସ୍ଥାରେ ଉନ୍ନତି କରନ୍ତୁ । କାରଣ 'ଅଲ୍ ଇସ୍ତିକାମତୁ ଫୌକଲ୍ କରାମତି' ।"

(ମଲ୍‌ଫୁଜାତ୍, ଖଣ୍ଡ-1, ପୃ-102, )

ତାଲିବେ ଦୁଆ: Halimuddin Khan & Family,
Jamat Ahmadiya Kerang,
Darul Barkat (Odisha)

ଉଲ୍ଲିଖିତ ଥିବା ପତ୍ର ପ୍ରାପ୍ତ ହେଉଛି ଯେଉଁ ପତ୍ରରେ ଲୋକମାନେ ଏହା ପରିପ୍ରକାଶ କରନ୍ତି ଯେ, ଅଲ୍ଲାଃତାଲାଙ୍କ ମାର୍ଗରେ ପ୍ରିୟ ଧନକୁ ବ୍ୟୟ କରିବା ପରେ କିପରି ଅଲ୍ଲାଃତାଲା ଆମମାନଙ୍କ ଧନରେ ଅଜସ୍ର କଲ୍ୟାଣ ପ୍ରଦାନ କରିଥାଆନ୍ତି, ଆମମାନଙ୍କର ଜୀବନରେ ଥିବା ସମସ୍ୟାକୁ ଦୂର କରିଥାଆନ୍ତି ଓ ଆମମାନଙ୍କର ବିଶ୍ୱାସକୁ ଦୃଢୀଭୂତ କରି ଦେଇଥାଆନ୍ତି ।

ହୁଜୁର ଅନ୍ୱର୍ ଅ.ବ କହିଲେ, ବର୍ତ୍ତମାନ ଆର୍ଥିକ ବଳିଦାନର କେତୋଟି ବିଶ୍ୱାସବର୍ଦ୍ଧକ କେତେକ ଘଟଣାବଳୀର ମୁଁ ଏଠାରେ ଚର୍ଚ୍ଚା କରିଦେଉଛି। ହୁଜୁର ଅନ୍ୱର୍ ଅ.ବ କହିଲେ, ଆଲ୍ବାନିୟାରୁ ମୁବଲ୍ଲିଗ୍ ସାହେବ ଉଲ୍ଲେଖ କରନ୍ତି ଯେ, ଆଲାବାନୀୟାର ବିଲାଲ୍ ୟୁସୁଫ୍ ସାହେବ ନାମକ ଜଣେ ବନ୍ଧୁ ଅଟନ୍ତି । ସେ ଅତି ସରଳ ସ୍ୱଭବାର ବ୍ୟକ୍ତି ଅଟନ୍ତି ଏବଂ ଗରିବ ମଧ ଅଟନ୍ତି। ତାଙ୍କ ସେଠାରେ ଏକ ଜଲସା ହେଉଥିଲା । ତେବେ ସେ ଅଲ୍ଲାଃତାଲାଙ୍କ ପ୍ରସନ୍ନତା ସକାଶେ ବିନା ପାରିଶ୍ରମିକରେ ଗୋଟିଏ ସପ୍ତାହ ପର୍ଯ୍ୟନ୍ତ ପ୍ରତ୍ୟେକ ଦିନ ସକାଳ 8.00ଟାରୁ ଅପରାହ୍ଣ 4.00ଟା ଯାଏ ଜଲ୍ସାର କାମ ଦାମ କରୁଥିଲେ । ହୁଜୁର ଅନ୍ୱର୍ ଅ.ବ କହିଲେ, ଆମର ଅନେକ ସ୍ୱେଚ୍ଛାସେବୀ କର୍ମୀମାନେ ଜଲ୍ସା ସାଲାନାରେ ବିଶ୍ୱବ୍ୟାପୀ ଉକ୍ତ କାମ କରିଥାଆନ୍ତି। କିନ୍ତୁ ସ୍ୱେଚ୍ଛାସେବୀ କର୍ମୀମାନଙ୍କ ବ୍ୟତୀତ ଯେତେବେଳେ ଅତିରିକ୍ତ ଲୋକମାନଙ୍କର ଆବଶ୍ୟକତା ପଡ଼େ ସେତେବେଳେ ଏହି ଲୋକମାନେ ଜଲ୍ସାରେ କାମ କରିଥାଆନ୍ତି ଓ ସ୍ୱେଚ୍ଛାସେବୀ କର୍ମୀମାନେ ମଧ ଅତିରିକ୍ତ ଡିୟୁଟି ଦେଇଥାନ୍ତି । ସେହି ସ୍ୱେଚ୍ଛାସେବୀ କର୍ମୀମାନେ ସ୍ୱେଚ୍ଛାକୃତ ଭାବରେ ଜଲ୍ସା ସାଲାନାରେ କାମ କରିଥାଆନ୍ତି ଏବଂ ବିଭିନ୍ନ ପ୍ରକାରର ଦାୟିତ୍ୱ ତୁଲାଇ ଥାଆନ୍ତି । ସେ ଯାହା ହେଉ ମହୋଦୟ ଅର୍ଥାତ୍ ବିଲାଲ୍ ୟୁସୁଫ୍ ସାହେବ ଅପରାହ୍ଣ 4.00 ସମୟ ପର୍ଯ୍ୟନ୍ତ ସେ କାମ କରୁଥିଲେ ଓ ପୁନଶ୍ଚ 4.00 ପରେ ସେ ନିଜର ଜବ୍ (ଚାକିରୀ) ସ୍ଥାନକୁ ଚାଲି ଯାଉଥିଲେ । ଦିନେ ଲଫାଫାରେ 75,000 ୟୁରେ ତେହ୍‌ରିକେ ଜଦିଦ୍‌ର ଚାନ୍ଦା ନେଇ ଆସିଲେ। ଅଲବାନିୟାର ପୂର୍ବୋତ୍ତର ପ୍ରାନ୍ତ ଇଉରୋପର ଦରିଦ୍ର ଦେଶ ଅଟେ । ମହୋଦୟ ମୁବଲ୍ଲିଗ୍ ସାହେବ କହିବାକୁ ଲାଗିଲେ ଯେ, ମୌଲବୀ ଅନେକ ଦିନ ହେଲା ମୁଁ ଉକ୍ତ ଅର୍ଥରାଶି ଚାନ୍ଦାରେ ଦେବା ନିମନ୍ତେ ଏକତ୍ରିତ କରିଥିଲି ଏବଂ ଲଫାଫା ଉପରେ ଆଲବାନୀୟ ଭାଷାରେ ଏହା ଲେଖା ହୋଇଥିଲା ଯେ, ସହୃଦୟତାର ସହିତ ମୁଁ ଉକ୍ତ ଭେଟି ଜମାଅତ୍ ସେବାରେ ଉପସ୍ଥାପିତ କରୁଛି । ହୁଏତ ଉକ୍ତ ଅର୍ଥ ରାଶି ଅର୍ଥାତ୍ 75 ୟୁରେ ଅନ୍ୟମାନଙ୍କୁ କମ୍ ଲାଗିପାରେ । କିନ୍ତୁ ମୁବଲ୍ଲିଗ୍ ସାହେବ ଉଲ୍ଲେଖ କରନ୍ତି ଯେ, ଏହି ଚାନ୍ଦା ତାଙ୍କ ଦରମାର 15 ପ୍ରତିଶତ ଦରମା ଥିଲା । ଅପରପକ୍ଷେ ତାଙ୍କୁ ଘରର ଭଡ଼ା ମଧ ଦେବାର ଥିଲା ।"

ହୁଜୁର ଅନ୍ୱର୍ ଅ.ବ କହିଲେ, ସାଂସାରିକ ବ୍ୟକ୍ତିମାନେ ଏହା କହି ପାରିବେ ଯେ, 75 ୟୁରେରୁ ଇସ୍‌ଲାମ୍ ଧର୍ମକୁ ପ୍ରସାରିତ ଓ ପରିବ୍ୟାପ୍ତ କରିବା କଥା ଅହମଦିମାନେ କହୁଛନ୍ତି କିମ୍ବା କିଛି ୟୁରୋରୁ ଇସ୍‌ଲାମ୍ ଧର୍ମକୁ ପରିବ୍ୟାପ୍ତ କରିବା ନିମନ୍ତେ କଥା କୁହନ୍ତି । ଅପରପକ୍ଷେ ଇସ୍‌ଲାମ୍ ଧର୍ମର ଯେଉଁ ବିରୋଧୀ ସଂଗଠନମାନେ ଏବଂ ଯେଉଁ ରାଷ୍ଟ୍ରମାନେ ଅଛନ୍ତି ସେମାନଙ୍କ ପାଖରେ ବିଲିୟନ୍ ବିଲିୟନ୍ (ଶତକୋଟି) ପାଉଣ୍ଡ୍ ଅର୍ଥରାଶି ରହିଛି । ସେମାନେ ନିଜର ଅର୍ଥରାଶିକୁ ଇସ୍‌ଲାମ୍ ଧର୍ମ ବିରୁଦ୍ଧରେ ବ୍ୟୟ କରୁଛନ୍ତି । କିନ୍ତୁ ଅଲ୍ଲାଃତାଲା ଅହମଦିମାନଙ୍କର ଏହି କ୍ଷୁଦ୍ର ବଳିଦାନରେ ଏତେ ଅଜସ୍ର କଲ୍ୟାଣ ଓ କୃପାବତୀର୍ଣ୍ଣ କରିଛନ୍ତି ଯେ, ସେହି ବଳିଦାନରୁ ଅର୍ଥାତ୍ ଚାନ୍ଦା ଜରିଆରେ ଜମାଅତ୍ ଅହମଦିୟାର ମିଶନ୍ ମଧ ସ୍ଥାପନ ହେଉଅଛି ।

ହୁଜୁର ଅନ୍ୱର୍ ଅ.ବ କହିଲେ, ଜମାଅତ୍ ଅହମଦିୟାରେ କେବଳ 75 ୟୁରୋ ଦେଲାବାଲା ଲୋକ ନାହାନ୍ତି ବରଂ ଅନେକ ଲୋକ ଏପରି ମଧ ଅଛନ୍ତି ଯେଉଁମାନେ ସ୍ୱଳ୍ପ ପରିମାଣର ଅର୍ଥରାଶି ଚାନ୍ଦା ଦେଇଥାଆନ୍ତି । ଅଲ୍ଲାଃତାଲାଙ୍କ କୃପାରୁ ଜମାଅତ୍ ଏହି ଛୋଟ ଛୋଟ ଅର୍ଥରାଶି ମାଧ୍ୟମରେ ନିଜର କାର୍ଯ୍ୟ ସମ୍ପାଦନ କରୁଅଛି । ପ୍ରଚାରର କାର୍ଯ୍ୟ ଏହି ଚାନ୍ଦାର ଅର୍ଥରାଶି ଦ୍ୱାରା ସମ୍ପାଦିତ ହେଉଅଛି । ସଂସାରରେ ଯେଉଁ ଉନ୍ନତି ହେଉଛି ତାହା କୋଟି କୋଟି ଏବଂ ବିଲିୟନ୍ ବିଲିୟନ୍ (ଶତକୋଟି) ଅର୍ଥ ଖର୍ଚ୍ଚକାରୀଙ୍କ ଅପେକ୍ଷା ଅଧିକ ଅଟେ । ହୁଜୁର ଅନ୍ୱର୍ ଅ.ବ କହିଲେ, ସେହିପରି ଏହାଠୁ ବି ଅଧିକ ଗରିବ ଦେଶମାନେ ରହିଛନ୍ତି, କେତେକ ବଳିଦାନକାରୀ ରାଷ୍ଟ୍ର ତଥା ଲୋକମାନେ ଅଛନ୍ତି ଯେଉଁମାନେ ଇସ୍‌ଲାମ୍ ଧର୍ମର ପ୍ରାରମ୍ଭିକ କାଳରେ କିମ୍ବା ସେତେବେଳେ ଯେତେବେଳେ ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସ ଆର୍ଥିକ ବଳିଦାନର ଆହ୍ୱାନ ଦେଇଥିଲେ ସେତେବେଳେ ସେହି ଲୋକମାନେ ଆର୍ଥିକ ବଳିଦାନ ଦେଇଥିଲେ । ସେହିପରି ହ. ମୁସ୍‌ଲେହ୍ ମଉଦ୍ ର.ଅ ଯେତେବେଳେ ତେହ୍‌ରିକେ ଜଦିଦ୍‌ର ଘୋଷଣା କରିଥିଲେ ଯେ, ଆଜି ଶତ୍ରୁ ସଂପୂର୍ଣ୍ଣ ରୂପେ ପ୍ରସ୍ତୁତ ହୋଇ ଆମମାନଙ୍କ ଉପରେ ଆକ୍ରମଣରତ ଅଛି ତେଣୁ ଆପଣମାନେ ନିଜର ପ୍ରିୟ ଧନକୁ ଇସ୍‌ଲାମ୍ ଧର୍ମ ସକାଶେ ବ୍ୟୟ କର । ଫଳତଃ ଲୋକମାନେ ଉକ୍ତ ଆହ୍ୱାନ କ୍ରମେ ଆର୍ଥିକ ବଳିଦାନ ଦେଲେ । ଅଭାବି, ଦରିଦ୍ର ମହିଳାମାନେ ସେତେବେଳେ ନିଜର କୁକୁଡ଼ା ଏବଂ କୁକୁଡ଼ା ଅଣ୍ଡା ବିକ୍ରି କରି ଚାନ୍ଦା ଦେଇଥିଲେ । ଏହି ବଳିଦାନ ସାଧାରଣ ବଳିଦାନ ଥିଲା । ସେତେବେଳେ ଦୁଇ କିମ୍ବା ତିନି ବର୍ଷରେ ହ. ମୁସ୍‌ଲେହ୍ ମଉଦ୍ ର.ଅ ଏହା କହିଥିଲେ ଯେ, ତିନି ବର୍ଷରେ ଭାରତରେ 27,000 ଟଙ୍କା ଏକତ୍ରିତ କର । କିନ୍ତୁ ଜମାଅତ୍ ଅହମଦିୟା ଯେଉଁ ବଳିଦାନ ଦେଲା ତାହା ଅବିସ୍ମରଣୀୟ ଓ ଅନନ୍ୟ ଥିଲା । ଜମାଅତ୍ ଅହମଦିୟା ଏକ ବର୍ଷ ମଧ୍ୟରେ ଏକ ଲକ୍ଷ ଟଙ୍କା ଏକତ୍ରିତ କରିନେଲା । ଆଜି ମଧ ବଳିଦାନର ଦୃଶ୍ୟ ଆମେମାନେ ଗରିବ ଦେଶମାନଙ୍କ ପକ୍ଷରୁ ଦିଆଯାଉଥିବାର ଅବଲୋକନ କରୁଛେ । **(ଅଲ୍ ହକମ୍, ଗ୍ରନ୍ଥଖଣ୍ଡ-25, ସଂଖ୍ୟା-8, ତା- 1923 ମସିହା ଫେବୃୟାରୀ ମାସ 21 ତାରିଖ, ପୃ-7ରୁ ଆହୃତ) (ତାରିଖେ ଅହମଦିୟତ୍, ଗ୍ରନ୍ଥଖଣ୍ଡ-7, ପୃ-35)**

ହୁଜୁର ଅନ୍ୱର୍ ଅ.ବ କହିଲେ, ଇଣ୍ଡୋନେସିଆର ଜାଦି ମୁଜଫ୍ଫର ସାହେବ ନାମକ ଜଣେ ବ୍ୟକ୍ତି ଅଟନ୍ତି । ସେ କୁହନ୍ତି ଯେ, ତାଙ୍କର ପତ୍ନିଙ୍କ ପାଖରେ ଜମାଅତ୍‌ର ଜଣେ ବରିଷ୍ଠ ବୃଦ୍ଧା ମହିଳା ଆସିଲେ । ସେ କିଛି ଘଣ୍ଟା କାଠ ଏହି ଉଦ୍ଦେଶ୍ୟ ରଖି ଉପସ୍ଥାପିତ କଲେ ଯେ, ଆମେମାନ ସେହି କାଠକୁ କିଣି ନେବୁ । ମୁଜଫ୍ଫର୍ ସାହେବ କହିଲେ, ଆମମାନଙ୍କୁ କାଠର ତ' ଆବଶ୍ୟକତା ନଥିଲା । ଆମେ ଆଗରୁ ହିଁ କାଠ କିଣି ରଖି ଦେଇଥିଲୁ । ଛୋଟ ଛୋଟ ପ୍ରାନ୍ତ କିମ୍ବା ଗ୍ରାମରେ ରହୁଥିଲେ । ସେହି ଦରିଦ୍ର ଦେଶମାନଙ୍କରେ ଲୋକମାନେ କାଠ ଜାଳି ଥାଆନ୍ତି । ସେହି ଦେଶ ଅନୁନ୍ନତି ଅଟନ୍ତି । ସେଠାରେ ଗ୍ୟାସ ନଥାଏ କିମ୍ବା କିରୋସିନ୍ ଚୁଲି ହୋଇଥାଏ। କିନ୍ତୁ ସେ ଯାହା ହେଉ ଲୋକେ କାଠ ବ୍ୟବହାର କରନ୍ତି । ଯେହେତୁ ଆମେମାନେ ଅନ୍ୟ ଜିନିଷ ଅର୍ଥାତ୍ ଗ୍ୟାସ୍ ଚୁଲି ବ୍ୟବହାର କୁରଥିଲି ତେଣୁ ଆମେମାନେ ଅଧିକ କାଠ ବ୍ୟବହାର କରୁ ନଥିଲୁ । କିନ୍ତୁ ଯେହେତୁ ସେହି ବୃଦ୍ଧା ମହିଳା କାଠ ବିଡ଼ା ଏକତ୍ରିତ କରି ଆଣିଥିଲେ ତେଣୁ ମୁଜଫ୍ଫର୍ ଖାନ୍‌ଙ୍କ ପତ୍ନି ସେହି ବୟସ୍କା ମହିଳାଙ୍କ ଠାରୁ କାଠ ବିଡ଼ା କିଣିନେଲେ । ସେହି କାଠ ବିଡ଼ାର ମୂଲ୍ୟ ଏକ ଲକ୍ଷ ଟଙ୍କା ଅର୍ଥାତ୍ ପାକିସ୍ତାନ୍ ମୁଦ୍ରା ଅନୁଯାୟୀ ଏକ ଲକ୍ଷ ଟଙ୍କା ହେବ। ସେହି କାଠ ବିଡ଼ାକୁ କିଣିନେଲୁ । ସେ ଯାହା ହେଉ ଯେତେବେଳେ କାଠ ବିଡ଼ା କିଣିନେଲୁ ଓ ମହିଳାକୁ ଅର୍ଥରାଶି ଦେବାକୁ ଚାହୁଁଥିଲୁ ସେତେବେଳେ ସେହି ବୃଦ୍ଧା ମହିଳା ଜଣକ କହିଲେ, ମହୋଦୟା ମୁଁ କାଠ ଏଇଥି ପାଇଁ ଆଣି ନଥିଲି ଯେ, ମୁଁ ଆପଣଙ୍କ ଠାରୁ ଟଙ୍କା ନେବି ଏବଂ ନିଜ ଉପରେ ଖର୍ଚ୍ଚ କରିବି । ବରଂ ମୁଁ କାଠ ଏଇଥି ପାଇଁ ଆଣିଥିଲି ଯେ, ମୁଁ ଉକ୍ତ କାଠ ବିକ୍ରି କରି ତେହ୍‌ରିକେ ଜଦିଦ୍‌ର ଚାନ୍ଦା ଦେବି । ଅତଏବ୍ ସେହି ବୃଦ୍ଧା ମହିଳା ଜଣକ ମୁଜଫ୍ଫର ଖାନ୍ ସାହେବଙ୍କୁ କହିଲେ, ମହୋଦୟ ଆପଣ ଉକ୍ତ ଟଙ୍କାକୁ ମୋ ତରଫରୁ ତେହ୍‌ରିକେ ଜଦିଦ୍‌ର ଚାନ୍ଦାର ଗଣ୍ୟ କିର ନିଅନ୍ତୁ। ମହୋଦୟ ମୁଜଫ୍ଫର୍ ସାହେବଙ୍କର ପତ୍ନି ଲଜ୍‌ନାର ପଦାଧିକାରୀ ମଧ ଥିଲେ ସେହି ଅର୍ଥାରାଶି ଯାହା କିଛି ରହିଥିଲା ସମସ୍ତ ଅର୍ଥରାଶିକୁ ଚାନ୍ଦାରେ ଦେଇ ଦିଆଗଲା । ବୃଦ୍ଧା ମହିଳା ଟଙ୍କା ଟିଏ ବି ନିଜ ସାଥିରେ ନେଇ ଗଲେ ନାହିଁ ।

ହୁଜୁର ଅନ୍ୱର୍ ଅ.ବ କହିଲେ, ସେହିପରି ଇଣ୍ଡୋନେସିଆରୁ ହିଁ ସସିଲା ସାହେବା ନାମକ ଜନୈକା ଲଜ୍‌ନାର ସଦସ୍ୟା ବର୍ଣ୍ଣନା କରନ୍ତି ଯେ, କିଛି ବର୍ଷ ପୂର୍ବେ ତାଙ୍କର ଆର୍ଥିକ ପରିସ୍ଥିତି ଅତ୍ୟନ୍ତ ଶୋଚନୀୟ ଥିଲା (ଆର୍ଥିକ ପରିସ୍ଥିତି ଅତି ଖରାପ୍ ଥିଲ, ଭଲ ନଥିଲା) । ଜଣେ 7 ବର୍ଷୀୟ ପୁତ୍ର ସନ୍ତାନ ମଧ ଥିଲା । ସେ ଗର୍ଭବତୀ ଥିଲେ । ଯେଉଁ ଦିନ ଦ୍ୱିତୀୟ ସନ୍ତାନ ହେଲା ଇତି ମଧ୍ୟରେ ଇଦୁଲ୍ ଫିତର୍‌ର ଦିନ ମଧ ଥିଲା ପାଖେଇ ଆସିଲା । ଅତଏବ୍ ସେହି ତିନି ଜଣଙ୍କର (ପିତା, ମାତା, ସନ୍ତାନଙ୍କର) ତେହ୍‌ରିକେ ଜଦିଦ୍‌ର ୱାଦାର ଅର୍ଥରାଶି 12 ଲକ୍ଷ ଟଙ୍କା ବାକି ଥିଲା । ଯେପରିକି ମୁଁ କହିଲି, ସେଠାରେ ଟଙ୍କାର ମୂଲ୍ୟ ଖୁବ୍ କମ୍ ଅଟେ । ଅତଏବ୍ ଏଠାରେ ମଧ ସେହି ଉତ୍ସାହ ଦେଖିବାକୁ ମିଳିଥାଏ । ଏହି ଉଦାହରଣ ଓ ଉତ୍ସାହ ଆମମାନଙ୍କୁ ପୂର୍ବ ପୁରୁଷମାନଙ୍କ ମଧ୍ୟରେ ଦେଖିବାକୁ ମିଳୁଥିଲା । ତାଙ୍କର 12 ଲକ୍ଷ ଟଙ୍କାର ଚାନ୍ଦା ଥିଲା । ସେହି ଟଙ୍କାକୁ ସେ ଚାନ୍ଦାରେ ଦେଇ ଦେବାକୁ

ଚାହୁଁଥିଲେ ଏବଂ ଖଲିଫତୁଲ୍ ମସିହ୍‌ଙ୍କୁ ଦୁଆ ନିମନ୍ତେ ପତ୍ର ଲେଖିଲେ। ସେ କହନ୍ତି ଯେ, ଆମେମାନେ ଭରପୁର ଉଦ୍ୟମ କଲୁ ଯେ, କୌଣସି ମତେ ଉକ୍ତ ଚାନ୍ଦା ପୈଠ ହୋଇଯାଉ । କିନ୍ତୁ ଅଭାବ ଯୋଗୁଁ ଏହା କଷ୍ଟ ଓ ଦୁଃସାଧ (ଅର୍ଥାତ୍ ଚାନ୍ଦା ପୈଠ ହେବା) ମନେହେଉଥିଲା । ମହୋଦୟା କୁହନ୍ତି: "ମୋର ଏକ ଛୋଟିଆ ବ୍ୟାଙ୍କ୍ ଆକାଉଣ୍ଟ୍ ଥିଲା । ଯେତେବେଳେ ମୁଁ ବ୍ୟାଙ୍କ୍ ଯାଇ ଦେଖିଲି ସେତେବେଳେ ସେହି ଆକାଉଣ୍ଟ୍‌ରେ 12 ଲକ୍ଷ ଟଙ୍କା ମହଜୁଦ୍ ରହିଥିଲା । ମହୋଦୟା କହିଲେ, ଯଦି ଆମେ ଏହି ସମସ୍ତ ଟଙ୍କା ଚାନ୍ଦାରେ ଦେଇ ଦେଉ ତେବେ ଆମ ପାଖରେ ଦେବା ନିମନ୍ତେ ଆଉ କିଛି ବି ରହିବ ନାହିଁ । କିନ୍ତୁ ସେ ଯାହା ହେଉ ସେ ଏହି ନିଷ୍ପତ୍ତି କରିନେଲେ ଯେ, ସେ 12 ଲକ୍ଷ ଟଙ୍କା ସ୍ୱାମୀ, ସ୍ତ୍ରୀ ଏବଂ ବଡ଼ ସନ୍ତାନଙ୍କ ତରଫରୁ ପୈଠ କରିଦେଲେ ଓ ବକେୟା 50 ହଜାର ଟଙ୍କା ସେ ନବ ଜନ୍ମିତ ସନ୍ତାନ ପକ୍ଷରୁ ପୈଠ କରିଦେଲେ । ଏହିପରି ଭାବରେ ଅର୍ଥରାଶି ସମାପ୍ତ ହୋଇଗଲା । କିଛି ବି ତାଙ୍କ ପାଖରେ ନଥିଲା । ସେ କୁହନ୍ତି: "ଆମେମାନେ ଚାନ୍ଦାରେ ଅର୍ଥ ପୈଠ କରି ଅନୁତପ୍ତ ହେଲୁ ନାହିଁ ବରଂ ସହୃଦୟର ସହିତ ଆନନ୍ଦ ଓ ପ୍ରସନ୍ନ ହେଲୁ। କାରଣ ଆମମାନେ ନିଜର ୱାଦା ପୂର୍ଣ୍ଣ କରିଦେଲୁ ଓ ନିଜର ନବ ଜନ୍ମିତ ସନ୍ତାନକୁ ମଧ ଉକ୍ତ ତେହ୍‌ରିକ୍ ଅର୍ଥାତ୍ ତେହ୍‌ରିକେ ଜଦିଦ୍‌ରେ ସାମିଲ୍ କରିନେଲୁ। ମହୋଦୟା କୁହନ୍ତି: "ଅଲ୍ଲାଃତାଲା ମଧ କିପରିକା କୃପା କଲେ ଯେ, ଗୋଟିଏ ସପ୍ତାହ ପରେ ହିଁ ତାଙ୍କୁ 1 କୋଟି ଟଙ୍କାର ଆୟ ହେଲା ଏବଂ ଏହା ଦେଖି ତାଙ୍କୁ ବିଶ୍ୱାସ ହୋଇଗଲା ଯେ, ଅଲ୍ଲାଃତାଲା ଯେଉଁ ଦଶଗୁଣା କରି ଅବିବୃଦ୍ଧି କରିବାର ପ୍ରତିଶୃତି କରିଥିଲେ ତାହାକୁ ସେ କିପରି ପୂର୍ଣ୍ଣ ଓ ସାକାର କଲେ ? ଅଲ୍ଲାଃତାଲା ନିଜର ପ୍ରତିଶୃତି ତୁରନ୍ତ ପୂର୍ଣ୍ଣ କରିଦେଲେ ।"

ହୁଜୁର ଅନ୍‌ୱର୍ ଅ.ବ କହିଲେ, ସେହିପରି ଘାନାର ମୁବଲ୍ଲିଗ୍ ସିଲ୍‌ସିଲା ଉଲ୍ଲେଖ କରନ୍ତି ଯେ, ହ. ଖଲିଫତୁଲ୍ ମସିହଙ୍କ ଖୁତ୍‌ବାରେ ବିଶ୍ୱାସବର୍ଦ୍ଧକ ଘଟଣାବଳୀ ସଂପର୍କରେ ଯେତେବେଳେ ଲୋକମାନଙ୍କୁ କୁହାଗଲା ସେତେବେଳେ ଜଣେ ଆଫ୍ରିକୀୟ ବଂଶୋଦ୍ଭବ ଘାନାରେ ବାସ କରୁଥିବା ବ୍ୟକ୍ତି ନିଜ ପକେଟରେ ଉପସ୍ଥିତ ଥିବା ଶେଷ ଅର୍ଥରାଶିକୁ ମଧ ଅଲ୍ଲାଃତାଲାଙ୍କ ମାର୍ଗରେ ଦେଇଦେଲେ । କିନ୍ତୁ ସେ (ଘାନାରେ ବାସ କରୁଥିବା) କୁହନ୍ତି ଯେ, ମସ୍‌ଜିଦ ବାହାରକୁ ବାହାରିବା ମାତ୍ରେ ତାଙ୍କୁ ଦୁଇଟି ଫୋନ୍ କଲ୍ ଆସିଲା । ସେହି ଫୋନ୍ କଲ ତାଙ୍କ ଜୀବନର ମୋଡ଼ ପରିବର୍ତ୍ତନକାରୀ ସାବ୍ୟସ୍ତ ହେଲା। ଅର୍ଥାତ୍ ଦୁଇ ଜଣ ସମ୍ଭାବ୍ୟ ଗ୍ରାହକମାନେ ତାଙ୍କ ସହିତ ଯୋଗାଯୋଗ କଲେ ଏବଂ ତାଙ୍କୁ ଏପରି ଆକର୍ଷଣୀୟ ଚାକିରୀର ଅବସର ଉପସ୍ଥାପିତ କଲେ ଯଦ୍ଦ୍ୱାରାକି ସେ ଯେଉଁ ଅର୍ଥ ଚାନ୍ଦା ଆକାରରେ ଦେଇଥିଲେ ତାହା 20 ଗୁଣା ଅଧିକ ଲାଭ ଆକାରରେ ତାଙ୍କୁ ପ୍ରାପ୍ତ ହେଲା । ଏହି ଅସାଧାରଣ ଘଟଣା ଉକ୍ତ ସତ୍ୟତାକୁ ବଳିଷ୍ଠ ରୂପେ ସ୍ମରଣ କରାଇ ଦେଉଛି ଯେ, ଅଲ୍ଲାଃତାଲା ନିଜ ମାର୍ଗରେ ବଳିଦାନ ଦେଉଥିବା ବଳିଦାନକାରୀମାନଙ୍କୁ କିପରି ପୁରସ୍କୃତ କରନ୍ତି । ଉକ୍ତ ଘଟଣା ମଧ ତାଙ୍କ ବିଶ୍ୱାସକୁ ଅଭିବୃଦ୍ଧି କରିବାର କାରଣ ହେଲା ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ସେହିପରି କେନିୟାରୁ ହିଁ ଜଣେ ମୁଅଲ୍ଲମି ସିଲ୍‌ସିଲା ସାହେବଙ୍କ ପତ୍ନି ଉଲ୍ଲେଖ କରନ୍ତି ଯେ, ତାଙ୍କର ପ୍ରଥମ ସନ୍ତାନ ଜନ୍ମ ହେବାକୁ ଉଭୟ ଦମ୍ପତ୍ତି ଅପେକ୍ଷା କରୁଥିଲେ । ଅନେକ ଜଟିଳତା ସୃଷ୍ଟି ହୋଇଗଲା । ଏହା ଦ୍ୱାରା ପତ୍ନି ବହୁତ ଚିନ୍ତିତ ଥିଲେ । ଡାକ୍ତରମାନେ ଚିନ୍ତିତ ହେବାର ପରିପ୍ରକାଶ କରୁଥିଲେ । ସେ କୁହନ୍ତି ଯେ, ମୁଁ ନିଜର ଅବସ୍ଥା, ସମସ୍ତ କଥା ସ୍ୱାମୀଙ୍କୁ ଜଣାଇଲି ଯେ, ମୋତେ ଡାକ୍ତର କଥା ଚିନ୍ତାରେ ପକାଇ ଦେଇଛି । ସ୍ୱାମୀ କହିଲେ, ହେ ପତ୍ନି ! ତୁମେ ଅଲ୍ଲାଃତାଲାଙ୍କ ନିକଟରେ ଦୁଆ (ପ୍ରାର୍ଥନା) କର ଏବଂ ଅଲ୍ଲାଃତାଲା ହିଁ ଆମମାନଙ୍କ ଶେଷ ସାହା ଭରସା ଅଟନ୍ତି । ଆମେମାନେ ତାତ୍‌କ୍ଷଣିକ ଯେଉଁ ବଳିଦାନ ଦେଇ ପାରିବୁ ତାହା ଏହିକି ଯେ, ଆଜିକାଲି ତେହ୍‌ରିକେ ଜଦିଦ୍‌ର ଆର୍ଥିକ ବର୍ଷ ସମାପ୍ତ ହେବାକୁ ଯାଉଛି । ତେହ୍‌ରିକେ ଜଦିଦ୍‌ରେ ତୁମର ବକେୟା ଚାନ୍ଦାର ଅର୍ଥରାଶି ରହିଛି ତେଣୁ ପୈଠ କରିଦିଅ । ଅଲ୍ଲାଃତାଲା ଅବଶ୍ୟ ନିଜର କୃପାବତୀର୍ଣ୍ଣ କରିବେ । ସେହି ଲୋକମାନଙ୍କର ବଡ଼ ବିଚିତ୍ର ବିଶ୍ୱାସର ଅବସ୍ଥା ଅଟେ । ମହୋଦୟା କୁହନ୍ତି ଯେ, ମୁଁ ଏହିପରି ହିଁ କଲି। କିଛି ଦିନ ପରେ ସେ ସ୍ୱପ୍ନରେ ଦେଖିଲେ ଯେ, ପୁଣ୍ୟଶ୍ଲୋକ ହ. ମସିହ୍ ମଉଦ୍ ଅ.ସ ଆସିଛନ୍ତି । ଆପଣ କଳା ରଙ୍ଗର ଏକ କୋଟ୍ ପିନ୍ଧିଛନ୍ତି । ମୁଣ୍ଡ ଉପରେ ପଗଡ଼ି ଅଛି ଏବଂ ହାତରେ ଆଶାବାଡ଼ି ମଧ ଥିଲା। ଆପଣ ସେହି ମହିଳାକୁ କହିଲେ, ମହୋଦୟା ଆପଣ ଚିନ୍ତା କରନ୍ତୁ ନାହିଁ । ପିଲାର ଜନ୍ମ ସକୁଶଳେ ହେବ ଏବଂ ତୁମ ପାର୍ଶ୍ୱରୁ ହିଁ ସନ୍ତାନ ଜନ୍ମ ହେବ । ସୁତରାଂ ତାଙ୍କ ଘରେ ସନ୍ତାନ ଜନ୍ମ ନେଲା । କିନ୍ତୁ ସନ୍ତାନର ଜନ୍ମ ବା ପ୍ରସବ ଅପରେସନ ମାଧ୍ୟମରେ ହେଲା । ସେହି ଅପରେସନ ପେଟର ଏକ ପାର୍ଶ୍ୱରୁ ହିଁ କରାଗଲା ଏବଂ କୌଣସି ପ୍ରକାରର ଜଟିଳାବସ୍ଥା ସୃଷ୍ଟି ହେଲା ନାହିଁ । ସେ ଯାହା ହେଉ ମହୋଦୟା ଏହା ମନେକରନ୍ତି ଯେ, ଏହି ସମସ୍ତ ପ୍ରସଙ୍ଗ ଅଲ୍ଲାଃତାଲାଙ୍କର କୃପା ଅଟେ ଏବଂ ଏହା ତାଙ୍କର ବଳିଦାନ ଯୋଗୁଁ ସମ୍ଭବପର ହୋଇଛି ଏବଂ ଅଲ୍ଲାଃତାଲା ଅଜସ୍ର କଲ୍ୟାଣ ପ୍ରଦାନ କଲେ । ଅନ୍ୟଥା ଗର୍ଭବତୀ ଦିନମାନଙ୍କରେ ଯେତେବେଳେ ସନ୍ତାନ ଜନ୍ମ ହେବାର ଥିଲା ସେତେବେଳେ ଡାକ୍ତରମାନେ ବହୁତ ବିପଦର ଆଶଙ୍କା ବ୍ୟକ୍ତ କରିଥିଲେ ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଏହିପରି ଅଲ୍ଲାଃତାଲା ଦୁରବର୍ତ୍ତୀ ଅଞ୍ଚଳମାନଙ୍କରେ ବାସ କରୁଥିବା ଅହମଦିମାନଙ୍କୁ ମଧ ଅଲ୍ଲାଃତାଲା ଏହିପରି ଭାବରେ ସ୍ୱପ୍ନ ମାଧ୍ୟମରେ କହି ସେମାନଙ୍କର ବିଶ୍ୱାସକୁ ଦୃଢୀଭୂତ କରିଥାଆନ୍ତି ଓ ତତ୍‌ସହିତ ପୁଣ୍ୟଶ୍ଲୋକ ହ. ମସିହ୍ ମଉଦ୍ ଅ.ସଙ୍କ ସତ୍ୟତାର ସମର୍ଥନ ମଧ କରିଦେଇ ଥାଆନ୍ତି ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ସେହିପରି ଗିନି କନକେରୀର ମୁବଲ୍ଲିଗ୍ ସିଲ୍‌ସିଲା ଉଲ୍ଲେଖ କରନ୍ତି ଯେ, ମୁଁ ହ. ଖଲିଫତୁଲ୍ ମସିହ୍‌ଙ୍କ ଖୁତ୍‌ବାତ୍ ମଧ୍ୟରୁ ବିଶ୍ୱାସବର୍ଦ୍ଧକ ଘଟଣାବଳୀ ଲୋକମାନଙ୍କୁ ଶୁଣାଉଥିଲି ଏବଂ ଲୋକମାନଙ୍କର ଧ୍ୟାନ ଆକର୍ଷଣ କଲି ଯେ, ଚାନ୍ଦାମାନଙ୍କରେ ବଳିଦାନ ଦେବା ଉଚିତ୍, ଆଗକୁ ଅଗ୍ରସର ହେବା ଉଚିତ୍ ଏବଂ ଏହିପରି ଭାବରେ ସମସ୍ତଙ୍କୁ ତେହ୍‌ରିକେ ଜଦିଦ୍‌ର ଆର୍ଥିକ ବର୍ଷ ସମାପ୍ତ ହେବା ଯୋଗୁଁ ଲୋକମାନଙ୍କର ଚାନ୍ଦା ପୈଠ କରିବା ପ୍ରତି ଧ୍ୟାନ ଆକର୍ଷଣ କରି କହିଲେ ଆଞ୍ଚା ବଜେଟ୍ ପୂର୍ଣ୍ଣ ହେଉ ନାହିଁ ତେଣୁ ବଜେଟ୍ ପୂର୍ଣ୍ଣ କରିବାର ଆବଶ୍ୟକତା ରହିଛି । ସେହି ଦିନ ସନ୍ଧ୍ୟା ସମୟରେ ଜଣେ ବ୍ୟକ୍ତି ମିଶନ ହାଉସ୍ ଆସିଲା ଏବଂ କହିଲେ, ଉକ୍ତ ଲଫାଫା ମୁହମ୍ମଦ୍ ଅଲ୍ ହସନ୍ କୋବି ସାହେବ ପ୍ରେରଣ କରିଛନ୍ତି । ଯେତେବେଳେ ଲଫାଫା ଖୋଲାଗଲା ସେତେବଳେ ତହିଁରେ 300 ୟୁରେ ଉପସ୍ଥିତ ରହିଥିଲା । ଅର୍ଥାତ୍ ସ୍ଥାନୀୟ ମୁଦ୍ରା ପ୍ରାୟ ତିନି ମିଲିୟନ୍ ଫ୍ରାଙ୍କ୍ ହେବ। କେବଳ ସେତିକି ନୁହେଁ ବରଂ ତାହାଠୁ ବି ଅଧିକ । ପ୍ରତ୍ୟୁତ୍ତରରେ ମୁବଲ୍ଲିଗ୍ ସାହେବ କୋବି ସାହେବଙ୍କୁ ଫୋନ୍ କରି ପଚାରିଲେ ଯେ, ମୁହମ୍ମଦୁଲ୍ ହସନ୍ ସାହେବ ! ଆପଣ ଏହି ଲଫାଫା ପ୍ରେରଣ କରିଛନ୍ତି? ମୁବଲ୍ଲିଗ୍ ସାହେବ ମହୋଦୟଙ୍କୁ କାରଣ ଯେତେବେଳେ ପଚାରିଲେ ସେତେବେଳେ ସେ କହିଲେ, ମୌଲବୀ ସାହେବ ! ମୁଁ ଖୁତ୍‌ବାରେ ଆପଣଙ୍କ ଠାରୁ ଶୁଣିଥିଲ ଯେ, ଟାର୍ଗେଟ ପୂର୍ଣ୍ଣ ହେଉ ନାହିଁ । ତେଣୁ ନମାଜ୍ ଜୁମା ପରେ ମୁଁ ଯେତେବେଳେ ନିଜ କାର୍ଯ୍ୟାଳୟ (ଅଫିସ)ରେ ପହଞ୍ଚିଲି ସେତେବେଳେ ମୋ ଡ୍ରୟରରେ ଉକ୍ତ ଟଙ୍କା ପଡ଼ିଥିଲା ଏବଂ ତତ୍‌ସହିତ ଖର୍ଚ୍ଚର ଏକ ଲମ୍ବା ସୂଚୀ ମଧ ରହିଥିଲା, ଯାହା ଉକ୍ତ ଅର୍ଥ ରାଶିରୁ ପୈଠ ହୋଇଥାଆନ୍ତା । ମୁଁ ଖର୍ଚ୍ଚର ସୂଚୀକୁ ଆବର୍ଜନା କୁଣ୍ଡ ଭିତରେ ପକାଇଦେଲି ଏବଂ ଉକ୍ତ ଅର୍ଥରାଶି ଆପଣଙ୍କୁ ତେହରିକେ ଜଦିଦ୍‌ରେ ସାମିଲ୍ କରିବା ନିମନ୍ତେ ପ୍ରେରଣ କରୁଛି। ମହୋଦୟ ନିଜର ତେହ୍‌ରିକେ ଜଦିଦ୍‌ର ଚାନ୍ଦା ପୂର୍ବରୁ ହିଁ ପୈଠ କରି ସାରିଥିଲେ ଏବଂ ଭଲ ଅର୍ଥରାଶିର ଚାନ୍ଦା ଦେଇ ସାରିଥିଲେ ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ତେବେ ଆଫ୍ରିକାରେ ବାସ କରୁଥିବା ଅହମଦିମାନଙ୍କର ମଧ ଅଭୂତପୂର୍ଣ୍ଣ ବଳିଦାନର ଘଟଣାବଳୀ ରହିଛି । ନିଃସନ୍ଦେହ ରୂପେ ଉପରୋକ୍ତ କଥା ସେମାନଙ୍କ ହୃଦୟରେ ବିଶ୍ୱାସର ଅବସ୍ଥା ସୃଷ୍ଟି କରିଥାଏ ଏବଂ ଉକ୍ତ ଅବସ୍ଥା ଅଲ୍ଲାଃତାଲା ହିଁ ସୃଷ୍ଟି କରିଥାଆନ୍ତା। ଅନ୍ୟଥା ମନୁଷ୍ୟର ଉକ୍ତ କାର୍ଯ୍ୟ ନୁହେଁ ଯେ, ସେ ଏପରି କାର୍ଯ୍ୟ ସମ୍ପାଦିତ କରିପାରିବ । ସେହି ଲୋକମାନେ ଏହା ଅନୁଭବ କରନ୍ତି ଯେ, ଅଲ୍ଲାଃତାଲା ଏହିପରି ସେମାନଙ୍କୁ ଅଭିବୃଦ୍ଧି ପ୍ରଦାନ କରିଥାଆନ୍ତି ଓ ସେମାନେ ଏହାପରେ ବଳିଦାନ ମଧ ଦେଇଥାଆନ୍ତି ।

ହୁଜୁର ଅନ୍‌ୱର୍ ଅ.ବ କହିଲେ ଘଟଣାବଳୀ ତ' ଅନେକ ରହିଛି ଯାହାକୁ ବର୍ଣ୍ଣନା କରିବା କଷ୍ଟକର ଅଟେ । କିଛି ଘଟଣାବଳୀ ତ' ମୁଁ ଚୟନ କରି ବର୍ଣ୍ଣନା କରି ଦେଇଛି ଓ ଆଉ କିଛି ଘଟଣା ମୁଁ ବର୍ଣ୍ଣନା କରି ପାରିବି ନାହିଁ। ସେ ଯାହା ହେଉ ଆଉ କେତେକ ଘଟଣାବଳୀ ମୁଁ ବର୍ଣ୍ଣନା କରି ଦେଉଛି ।

ଭାରତର ତେଲେଙ୍ଗାନା ରାଜ୍ୟର ତେହ୍‌ରିକେ ଜଦିଦ୍‌ର ଇନ୍‌ସ୍ପେକ୍ଟର୍ ମହୋଦୟ ଜଣେ ବ୍ୟକ୍ତି ସଂପର୍କରେ ଉଲ୍ଲେଖ କରନ୍ତି ଯେ, ହାଇଦ୍ରାବାଦ୍‌ର ଜଣେ ଚାନ୍ଦା ପୈଠକାରୀ ବ୍ୟକ୍ତି ଅଟନ୍ତି । ତାଙ୍କର ୱାଦା 1000 ଟଙ୍କା

ଥିଲା। କିନ୍ତୁ ଚାକିରୀ ସମାପ୍ତ ହୋଇଯିବା କାରଣରୁ ସେ ନିଜର ଚାନ୍ଦା ପୈଠ କରିପାରିଲେ ନାହିଁ । ଆସନ୍ତା ବର୍ଷ ନିମନ୍ତେ ସେ 10,000 ଟଙ୍କାର ୱାଦା ଲେଖାଇଦେଲେ । ତାଙ୍କୁ କୁହାଗଲା ଯେ, ମହୋଦୟ ! ବିଗତ ବର୍ଷର ୱାଦା ତ' ଆପଣ ପୂରଣ କରିପାରିଲେ ନାହିଁ ଆଉ ଆସନ୍ତା ବର୍ଷର ଆପଣ ୱଦା ଅଧିକ ଲେଖାଉଛନ୍ତି ? ଆପଣ ଚାନ୍ଦା ଦେଇ ପୋରିବେ ତ'? ତେବେ ମହୋଦୟ ଉତ୍ତର ଦେଲେ ଯେ, ମୋର ଏହି ବିଶ୍ୱାସ ରହିଛି ଯେ, ଅଲ୍ଲାଃତାଲା ଅବଶ୍ୟ ବ୍ୟବସ୍ଥା କରିଦେବେ । କାରଣ ମୁଁ ଅଲ୍ଲାଃତାଲାଙ୍କ ସକାଶେ ଚାନ୍ଦା ଦେଉଛି । ସୁତରାଂ କିଛି ଦିନ ମଧ୍ୟରେ ତାଙ୍କୁ ପୂର୍ବ ଚାକିରୀ ଅପେକ୍ଷା ଏକ ଉତ୍ତମ ଚାକିରୀ ମିଳିଗଲା ଏବଂ ସେ ବିଗତ ଦୁଇ ବର୍ଷର ଚାନ୍ଦା ମଧ୍ୟ ପୈଠ କରିଦେଲେ । ନୂତନ ଆର୍ଥିକ ବର୍ଷରେ ହିଁ ମହୋଦୟ ନିଜର ୱାଦା ମଧ୍ୟ 7000 ପରିବର୍ତ୍ତେ ବର୍ତ୍ତମାନ 20,000 ଟଙ୍କା ଉପସ୍ଥାପିତ କରିଦେଲେ । ଏହିପରି ଭାବରେ ଅଲ୍ଲାଃତାଲା ତାଙ୍କର ବିଶ୍ୱାସର ମାନ ମଧ୍ୟ ରଖିଲେ ଏବଂ ତାଙ୍କୁ ପୁରସ୍କୃତ ମଧ୍ୟ କଲେ ।

ହଜୁର ଅନ୍‌ୱର୍ ଅ.ବ କହିଲେ, ସେହିପରି ଇଣ୍ଡୋନସିଆର ଏକ ଉଦାହରଣ ରହିଛି । ବଡ଼ ବିଚିତ୍ର ପ୍ରକାରର ଘଟଣାବଳୀ ହୋଇଥାଏ । ତାହା ଦୈବାତ୍ ଓ ସଂଯୋଗ ନୁହେ । କାରଣ ଯେଉଁ ଲୋକମାନେ ଉକ୍ତ ଘଟଣାବଳୀର ସମ୍ମୁଖୀନ ହୋଇଥାଆନ୍ତି ସେମାନେ ଉକ୍ତ ପୃଷ୍ଠଭୂମିକୁ ମଧ୍ୟ ଜାଣନ୍ତି ଯେ, ସେମାନେ କେଉଁ କେଉଁ ପରିସ୍ଥିତିରେ ବଳିଦାନ ଦେଉଛନ୍ତି, କେଉଁ ପରିସ୍ଥିତିରେ ସେମାନଙ୍କ ମନରେ ବଳିଦାନ କରିବା ପାଇଁ ଧାରଣା ସୃଷ୍ଟି ହେଲା ଓ ଅଲ୍ଲାଃତାଲାଙ୍କର ଲୀଳାକୁ କିପରି ସେମାନେ ଅବଲୋକନ କଲେ? ହୁଜୁର ଅନୱର୍ ଅ.ବ କହିଲେ, ସେ ଯାହା ହେଉ ଇଣ୍ଡୋନେସିଆରେ ସେହି ମୁବଲ୍ଲିଗ୍ ଇନ୍‌ଚାର୍ଜ୍ ସାହେବ ଉଲ୍ଲେଖ କରନ୍ତି ଯେ, ବାହାଦୁର୍ ଜାନ୍ ନାମକ ଜନୈକ ନୈଷ୍ଠିକ ଅହମଦି ବନ୍ଧୁ ଅଟନ୍ତି । ସେ ଟ୍ୟାକ୍ସି ଚଳାଉଛନ୍ତି। କିଛି ଦିନ ପୂର୍ବେ ଏକ ଟ୍ୟାକ୍ସି କମ୍ପାନୀରୁ ନିଜର ଟ୍ୟାକ୍ସି କାମ ଜାରି ରଖିବା ନିମନ୍ତେ ଏକ କାର୍ କ୍ରୟ (କିଣିଲେ) କଲେ । ମହୋଦୟ କୁହନ୍ତି ଯେ, ଗାଡ଼ି କିଣିବା ପରେ ମୁଁ ଟ୍ରାଫିକ୍ ପୋଲିସ୍ କାର୍ଯ୍ୟାଳୟକୁ ପଞ୍ଜିକରଣ କରିବା ନିମନ୍ତେ ଗଲି । ତେବେ ସେ କହିଲେ ଯେ, ଅଦାଲତ୍ ସେହି ଗାଡ଼ିର ରେଜିଷ୍ଟ୍ରେସନ କରିବାକୁ ଅସ୍ୱୀକାର କରିଦେଲା । ମହୋଦୟ କୁହନ୍ତି ଯେ, ଗାଡ଼ି କିଣିବା ସମୟରେ ମୁଁ ସବୁକିଛି ଚେକ୍ କରିଥିଲି ଏବଂ ସବୁକିଛି ଆଇନ୍ ଅନୁଯାୟୀ ଥିଲା । କିନ୍ତୁ ପରବର୍ତ୍ତୀ ସମୟରେ ମୁଁ ଏହା ଜାଣିବାକୁ ପାଇଲି ଯେ, ଉକ୍ତ ଟ୍ୟାକ୍ସି କମ୍ପାନୀର ଋଣଗ୍ରସ୍ତ ଥିଲା ଏବଂ ଉକ୍ତ କମ୍ପାନୀକୁ ବ୍ୟାନ୍ କରି ଦିଆଯାଇଥିଲା । ସେତେବେଳେ କମ୍ପାନୀର 35ଟି ଗାଡ଼ି ଥିଲା । ସେହି ସମସ୍ତ ଗାଡ଼ିକୁ ବ୍ୟାନ୍ କରି ଦିଆଯାଇଥିଲା । କମ୍ପାନୀର ପୂର୍ବତନ ମାଲିକ ମୋତେ କହିଲେ, କ୍ରେତା ମହୋଦୟ ! ଆମେ ଅଦାଲତ୍‌ରେ ଏକ କେସ୍ ଫାଇଲ୍ କରିଛୁ ଏବଂ ଯେପର୍ଯ୍ୟନ୍ତ କୋର୍ଟଙ୍କ ରାୟ ଆସିଯାଇ ନାହିଁ ସେପର୍ଯ୍ୟନ୍ତ ଆପଣ ଅପେକ୍ଷା କରନ୍ତୁ । ଆପଣଙ୍କୁ **ଇନ୍‌ଶାଅଲ୍ଲାଃ** ଗାଡ଼ି ମିଳିଯିବ । ଅତଏବ୍ କ୍ରେତା ମହୋଦୟ ଅର୍ଥାତ୍ ବାହାଦୁର ଜାନ୍ ସାହେବ କହିଲେ, ହଉ ଠିକ୍ ଅଛି । ସେତେବେଳେ ମୋର ତେହ୍‌ରିକେ ଜଦିଦ୍‌ର ଚାନ୍ଦା ପୈଠ କରିବା ବାଞ୍ଛନୀୟ ହୋଇପାଡ଼ି ଥିଲା । ମୁଁ ଭାବିଲି ଯେ, ଆଗ ନିଜର ଚାନ୍ଦା ପୈଠ କରି ଦେଉଛି । ଏହି ଚିନ୍ତାରେ ଅର୍ଥାତ୍ ଗାଡ଼ିର ପଞ୍ଜୀକରଣ, କୋର୍ଟ କଚେରୀ ଚକ୍କରରେ ମୋର ୱକ୍‌ଫେ ଜଦିଦ୍ ଏବଂ ତେହ୍‌ରିକେ ଜଦିଦ୍‌ର ଚାନ୍ଦା ବାକି ରହି ନଯାଉ ଓ ମୁଁ ଏହି ସାଂସାରିକ ଜଞ୍ଜାଳରେ ଲିପ୍ତ ରହିଯିବ । ତେଣୁ ସେ ତୁରନ୍ତ ତେହ୍‌ରିକେ ଜଦିଦ୍ ଓ ୱକ୍‌ଫେ ଜଦିଦ୍‌ର ଚାନ୍ଦା ପୈଠ କରିଦେଲେ । କିଛି ଦିନ ପରେ ସେହି କମ୍ପାନୀର ୱେବ୍ ସାଇଟ୍‌ରେ ମୁଁ ଯେତେବେଳେ ଷ୍ଟାଟସ୍ ଚେକ୍ କଲି ସେତେବେଳେ ଗାଡ଼ି ଉପରେ ଯେଉଁ କଟକଣା ଲାଗୁ ହୋଇଥିଲା ତାହା ଆଶ୍ଚର୍ଯ୍ୟଜନକ ଭାବରେ ସମାପ୍ତ ହୋଇ ଯାଇଥିଲା । ଅର୍ଥାତ୍ ବ୍ୟାନ୍ ଆଦେଶ ହଟାଇ ଦିଆଯାଇଥିଲା । ସେ କହୁନ୍ତି ଯେ, ମୁଁ ବିଶ୍ୱାସ କରିପାରୁ ନଥିଲି ଅବା ମୋତେ ଭ୍ରମ ଲାଗିଥିଲା । ସୁତରାଂ ମୁଁ ଇନ୍‌ସ୍ପେକ୍ଟର ମହୋଦୟଙ୍କ ପାଖକୁ ଗଲି । ସେ ଚେକ୍ କରି ମୋତେ କହିଲେ, ଯେ ମହୋଦୟ 35 ଗାଡ଼ି ମଧ୍ୟରୁ ଗୋଟିଏ ଉପରେ ଲାଗିଥିବା ପ୍ରତିବନ୍ଧ ବା କଟକଣାକୁ ସମାପ୍ତ କରିଦିଆଯାଇଛି ଏବଂ ଅନ୍ୟ 35ଟି ଗାଡ଼ିରୁ କଟକଣା ସମାପ୍ତ ହେବାର ମାମଲା ଅଦାଲତ୍‌ର ରାୟ ଉପରେ ନିର୍ଭର କରେ । ଅତଏବ୍ ମୁଁ ଯେଉଁ ଗାଡ଼ି କିଣିଥିଲି ତାହା ସେହି ଗାଡ଼ି ଥିଲା ଯେଉଁ ଗାଡ଼ି ଉପରେ ଅଦାଲତ୍ କଟକଣାକୁ ଉଠାଇ ନେଇଥିଲେ ଏବଂ ଅଲ୍ଲାଃତାଲାଙ୍କ କୃପାରୁ ତାହାଙ୍କ ମାର୍ଗରେ ବ୍ୟୟ କରିବା ଫଳରେ ମୋ ଉପରେ ଅଲ୍ଲାଃତାଲାଙ୍କର ଏହି ବିଶେଷ କୃପା ହେଲା ଯେ, ଅଲ୍ଲାଃତାଲା ମୋତେ ତୁରନ୍ତ ପୁରସ୍କୃତ କଲେ । ହୁଜୁର ଅନୱର୍ ଅ.ବ କହିଲେ, ଅତଏବ୍ ଏହା ଅଲ୍ଲାଃତାଲାଙ୍କର ବିଶେଷ କୃପା ଅଟେ ଯେଉଁ କୃପାକୁ ମୁଁ ସ୍ୱଚକ୍ଷୁରୁ ଦେଖିନେଲି ଯେ, ଅଲ୍ଲାଃତାଲା କିପରି ଅହମଦିମାନଙ୍କୁ ପୁରସ୍କୃତ କରିଥାଆନ୍ତି ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ପୁନଶ୍ଚ ମାଲି ଅଞ୍ଚଳ ଅନ୍ତର୍ଗତ ଶିକାସୋର ମୁବଲ୍ଲିଗ୍ ସାହେବ ଉଲ୍ଲେଖ କରନ୍ତି ଯେ, ଅଲ୍ଲାଃତାଲାଙ୍କ ଆଶ୍ଚର୍ଯ୍ୟଜନକ ଭାବରେ ନବଦୀକ୍ଷିତମାନଙ୍କର ସଂସ୍କାର କରିଥାଆନ୍ତି । ଅର୍ଥାତ୍ ସେହି ନବଦୀକ୍ଷିତମାନଙ୍କୁ ଆର୍ଥିକ ବଳିଦାନ ଆଡ଼କୁ ଦୃଷ୍ଟି ଆକର୍ଷଣ କରିଥାଆନ୍ତି। ସହରର ମୁସା ସାହେବ ନାମକ ଜଣେ ନବଦୀକ୍ଷିତ ଏକ ମିଲିୟନ୍ ଫ୍ରାଙ୍କ ସିଫା ଅର୍ଥରାଶି ଘିନି ଆଣିଲେ ଏବଂ କହିଲେ, ମୁବଲ୍ଲିଗ୍ ସାହେବ ! ଉକ୍ତ ଅର୍ଥରାଶିରୁ 5 ଲକ୍ଷ ତାଙ୍କ ଘରର ସମ୍ପତ୍ତିର ଭାଗ ଅଟେ, ଚାରି ଲକ୍ଷ ୱସିୟତ୍‌ର ଚାନ୍ଦା ଏବଂ ଏକ ଲକ୍ଷ ତେହ୍‌ରିକେ ଜଦିଦ୍‌ର ଓ ୱକଫେ ଜଦିଦ୍‌ର ଚାନ୍ଦା ପାଣ୍ଠିରେ ଆପଣ ରସିଦ୍ କାଟି ଦିଅନ୍ତୁ । ଯେତେବେଳେ ତାଙ୍କୁ ଅର୍ଥରାଶି ସଂକ୍ରାନ୍ତରେ ପଚରାଗଲା ଯେ, କେଉଁ କାରଣ ରହିଛି ? ସେତେବେଳେ ମହୋଦୟ ଉତ୍ତର ଦେଲେ ଯେ, ସେ ଦୀର୍ଘକାଳ ହେଲା ବିଭିନ୍ନ ସାଂସାରିକ ପ୍ରକଳ୍ପ ନିମନ୍ତେ ଅର୍ଥରାଶି ଏକତ୍ରିତ କୁରଛନ୍ତି ଏବଂ ତାଙ୍କର ସଂପୂର୍ଣ୍ଣ ଧ୍ୟାନ ଏବଂ ଦୁଆ ଏହି ପ୍ରକଳ୍ପ ପ୍ରାପ୍ତି ନିମନ୍ତେ ଥିଲା । କିନ୍ତୁ କାଲି ରାତିରେ ଯେତେବେଳେ ମୁଁ ତହଜ୍ଜୁଦ୍ ପାଠ କରିବା ନିମନ୍ତେ ଶୋଇଥିଲି ସେତେବେଳେ ମୁଁ ସ୍ୱପ୍ନରେ ଦେଖିଲି ଯେ, ଧଳା ରଙ୍ଗର ବସ୍ତ୍ର ପରିହିତ ଥିବା ତିନିଜଣ ବ୍ୟକ୍ତି ତାଙ୍କ ପାଖକୁ ଆସିଲେ ଏବଂ ସେମାନଙ୍କ ମଧ୍ୟରୁ ପ୍ରଥମ ବ୍ୟକ୍ତି ଜଣକ ତାଙ୍କୁ ସମ୍ବୋଧିତ କରି କହିଲା, ବସ୍ସ ! ତୁମେ ଜଣେ ଅହମଦି ହେବା ସତ୍ତ୍ୱେ ସାଂସାରିକତା ଆଡ଼କୁ ଅଧିକ ଧ୍ୟାନ ଦେଉଛ। ହୁଜୁର ଅନୱର୍ ଅ.ବ କହିଲେ, ଦେଖନ୍ତି ଅଲ୍ଲାଃତାଲା କିପରି ସଂସ୍କାର କରନ୍ତି। ଧଳା ବସ୍ତ୍ର ପିନ୍ଧିଥିବା ସେହି ତିନି ଜଣ ଲୋକ ମହୋଦୟଙ୍କୁ କହିଲେ, ମହୋଦୟ ! ଆପଣ ଶେଷଦଶା ଓ ଶେଷାବସ୍ଥା ପ୍ରତି ଅଧିକ ଚିନ୍ତା କରନ୍ତୁ । ଏତଦପରେ ଦ୍ୱିତୀୟ ବ୍ୟକ୍ତି ଜଣକ ମହୋଦୟଙ୍କୁ କହିଲା, ବସ୍ସ ! ତୁମେ ନିଜ ଘରର ସମ୍ପତ୍ତି ଭାଗ ଏପର୍ଯ୍ୟନ୍ତ ପୈଠ କରି ନାହିଁ ? ତେଣୁ ତୁମେ ନିଜ ଘରର ସମ୍ପତ୍ତିର ଭାଗ ତୁରନ୍ତ ପୈଠ କର । ତପ୍ରରେ ତୃତୀୟ ବ୍ୟକ୍ତି ଜଣକ ମହୋଦୟଙ୍କୁ ସମ୍ବୋଧିତ କରି କହିଲେ, ବସ୍ସ ! ତୁମ ଆକାଉଣ୍ଟରେ 4 ମିଲିୟନ୍ ଅର୍ଥରାଶି ପଡ଼ି ରହିଛି । ତେଣୁ ତୁମେ ଉକ୍ତ ଅର୍ଥରାଶିର ମଧ୍ୟ ୱସିୟତ୍ ଚାନ୍ଦା ପୈଠ କରିଦିଅ । ହୁଜୁର୍ ଅନୱର୍ ଅ.ବ କହିଲେ, ତେଣୁ ଜଣେ ଅହମଦି ହେବା ହିସାବରେ ମୋ ନିମନ୍ତେ ବର୍ତ୍ତମାନ ଏହା ଉଚିତ୍ ନୁହେଁ କି ଈଶ୍ୱରଙ୍କ ତରଫରୁ ମାର୍ଗଦର୍ଶନ ପ୍ରାପ୍ତ ହେବା ପରେ ମୁଁ ସେହି ଅର୍ଥରାଶିକୁ ଅନ୍ୟ କୌଣସି ଉଦ୍ଦେଶ୍ୟରେ ବ୍ୟବହାର କରିବି । ଆପଣ ଉକ୍ତ ଅର୍ଥରାଶିକୁ ବିଭିନ୍ନ ଚାନ୍ଦାର ପାଣ୍ଠିରେ କାଟି ନିଅନ୍ତୁ । ହୁଜୁର ଅନୱର୍ ଅ.ବ କହିଲେ,ତେବେ ଏପରି ଘଟଣାବଳୀକୁ ଦେଖି ସେହି ଲୋକମାନଙ୍କର ବିଶ୍ୱାସ କେବଳ ଦୃଢୀଭୂତ ହୋଇ ନଥାଏ । ବରଂ ଆମମାନଙ୍କର ଯେଉଁ ପୁରାତନ ଅହମଦିମାନେ ରହିଛନ୍ତି ସେମାନଙ୍କର ବିଶ୍ୱାସ ମଧ୍ୟ ଦୃଢୀଭୂତ ହୋଇଥାଏ । ଆମମାନଙ୍କୁ ମଧ୍ୟ ଏହା ଭାବିବା ଉଚିତ୍ ଯେ, କିପରି ଅଲ୍ଲାଃତାଲା ସେହି ଲୋକମାନଙ୍କର ମାର୍ଗଦର୍ଶନ କରିଥାଆନ୍ତି ।

ବିରୋଧୀମାନେ କୁହନ୍ତି ଯେ, ହ. ମସିହ୍ ମଉଦ୍ ଅ.ସ ଯେଉଁ ଦାବି କରିଛନ୍ତି ତାହା ମିଛ ଅଟେ ଏବଂ ନାଉଜୁବିଲ୍ଲାଃ ଜଣେ ମିଥ୍ୟାବାଦୀ ଅବତାର ଅଟନ୍ତି । ଆପଣ ଅ.ସଙ୍କର ଯେଉଁ ଯୋଜନା ରହିଛି ତାହା କୁମନ୍ତ୍ରଣା ଜନିତ ଯୋଜନା ଅଟେ । ଆପଣ ଅ.ସ ଅହମଦିୟା ସଂପ୍ରଦାୟ ସ୍ଥାପିତ କରି ଏକ ଦୋକାନ ଚଳାଇଛନ୍ତି । କିନ୍ତୁ ଅଲ୍ଲାଃତାଲା ଯେଉଁ ଲୋକମାନଙ୍କର ଏପରି ମାର୍ଗଦର୍ଶନ କରିଥାଆନ୍ତି ଏବଂ ଦୂରବର୍ତ୍ତୀ ଅଞ୍ଚଳମାନଙ୍କରେ ବସିଛନ୍ତି ସେହି ଲୋକମାନେ ଯେଉଁ ଲୋକମାନଙ୍କର ବର୍ତ୍ତମାନ ବୈଅତ୍ କରିବାକୁ କିଛି କାଳ ହୋଇଛି, ସେମାନେ ଓସିୟତ୍ ମଧ୍ୟ କରିଦେଇଛନ୍ତି, ଯେଉଁ ଲୋକମାନେ ଉପସ୍ଥିତ ଖଲିଫାଙ୍କୁ ମୂଳରୁ ଦେଖି ନାହାନ୍ତି କିମ୍ବା ଏମ୍.ଟି.ଏ ବ୍ୟତୀତ ଅନ୍ୟ କୌଣସି ମାଧ୍ୟମରେ ସେମାନେ ଉପସ୍ଥିତ ଖଲିଫାଙ୍କୁ ସାକ୍ଷାତ୍ କରି ନାହାନ୍ତି, ସେମାନେ ସମ୍ଭବତଃ ଜମାଅତ୍‌ର ପ୍ରବନ୍ଧ ଏବଂ ସାହାତ୍ୟକୁ ବି ପାଠ କରି ନଥିବେ । କିନ୍ତୁ ଏସବୁ ସତ୍ତ୍ୱେ ଅଲ୍ଲାଃତାଲା ସେମାନଙ୍କର ବିଶ୍ୱାସକୁ ଏପରି ଦୃଢୀଭୂତ କରିଦେଇଛନ୍ତି ଯେ, ଯେତେବେଳେ ସେମାନେ ବଳିଦାନ ଦିଅନ୍ତି ସେତେବେଳେ ଅଲ୍ଲାଃତାଲା ସେମାନଙ୍କର ବଳିଦାନକୁ ସ୍ୱୀକାର କରି

ନେଇଥାଆନ୍ତି ଓ ପୁନଶ୍ଚ ସେମାନଙ୍କର ମାର୍ଗଦର୍ଶନ ମଧ୍ୟ କରିଥାଆନ୍ତି ।

ହୁଜୁର ଅନୱର୍ ଅ.ବ କହିଲେ, ଆହୁରି ଅନେକ ଘଟଣାବଳୀ ରହିଛି ଯେଉଁ ଘଟଣାବଳୀକୁ ମୁଁ ବର୍ତ୍ତମାନ ଛାଡ଼ି ଦେଉଛି । ଆଉ ସମୟ ହେବ ନାହିଁ। ଘଟଣାବଳୀର ଏଖ ଦୀର୍ଘ ସୂଚୀ ରହିଛି । ସେ ଯାହା ହେଉ ଚଳିତ ବର୍ଷ ଅଲ୍ଲାଃତାଲାଙ୍କର କୃପା ରହିଛି ଏବଂ ଜମାଅତ୍ ଅହମଦିୟା ଯେଉଁ ଆର୍ଥିକ ବଳିଦାନ ଦେଇଛି, ଜମାଅତ୍ ଅହମଦିୟା ପକ୍ଷରୁ ହୋଇଥିବା ଆର୍ଥିକ ବଳିଦାନର ଯେଉଁ ତଥ୍ୟ ତଥା ସୂଚନା ପ୍ରାପ୍ତ ହୋଇଛି, ତାହାର ସଂକ୍ଷିପ୍ତ ଚର୍ଚ୍ଚା କରିଦେବା ଏଠାରେ ଆବଶ୍ୟକ ବୋଲି ଅନୁମେୟ ହେଉଛି ।

ହୁଜୁର ଅନ୍ୱର୍ ଅ.ବ କହିଲେ, ଏସବୁ ଅଲ୍ଲାଃତାଲାଙ୍କ ଅସୀମ କୃପା ଅଟେ । ଏହି କୃପାକୁ ଆମମାନଙ୍କୁ ସର୍ବଦା ସ୍ମରଣ ରଖିବା ଉଚିତ୍ ଏବଂ ଏହା ଦେଖିବା ଉଚିତ୍ ଯେ, ସଂସ୍କାର ଦୃଷ୍ଟିରୁ ଅଲ୍ଲାଃତାଲା ନବାଗତ ଓ ପୁରତାନ ଅହମଦିମାନଙ୍କ ମଧ୍ୟରେ କିପରି ଉତ୍ସାହ ସୃଷ୍ଟି କରି ଦେଇଥାଆନ୍ତି। ଏହି ଉତ୍ସାହ ଦ୍ୱାରା ଅନୁପ୍ରାଣିତ ହୋଇ ସେମାନେ ଅଲ୍ଲାଃତାଲାଙ୍କ ମାର୍ଗରେ ଆର୍ଥିକ ବଳିଦାନ ଦେବା ନିମନ୍ତେ ଧ୍ୟାନ ଦେଇଥାଆନ୍ତି । ହୁଜୁର ଅନ୍ୱର୍ ଅ.ବ କହିଲେ, ଯେପରି ମୁଁ ପ୍ରତ୍ୟେକ ବର୍ଷ ତେହ୍‌ରିକେ ଜିଦଦ୍ ସଂପର୍କରେ ଘୋଷଣା କରିଥାଏ । ସେ ଯାହା ହେଉ ପୃଥିବୀର ବିଭିନ୍ନ ଦେଶରେ ଯେଉଁ ବର୍ଷ ତମାମର ରିପୋର୍ଟ ରହିଛି ତଦନୁଯାୟୀ ଅଲ୍ଲାଃତାଲାଙ୍କ କୃପାରୁ ତେହ୍‌ରିକେ ଜଦିଦ୍‌ର ୨୦ତମ ବର୍ଷ ଗତ ଅକ୍ଟୋବର ମାସର ୩୧ ତାରିଖ ଦିନ ସମାପ୍ତ ହେଲା ଏବଂ ନଭେମ୍ବର ମାସ୧ ତାରିଖରୁ ୨1ତମ ବର୍ଷର ଶୁଭାରମ୍ଭ ହୋଇଗଲା । ଆମେମାନେ ୨1ତମ ବର୍ଷରେ ପଦାର୍ପଣ କରୁଛେ। ଅଲ୍ଲାଃତାଲାଙ୍କ କୃପାରୁ ଚଳିତ ବର୍ଷ ବିଶ୍ୱରେ ପରିବ୍ୟାପ୍ତ ଅହେମଦି ଜମାଅତ୍‌କୁ ତେହ୍‌ରିକେ ଜଦିଦ୍‌ର ଆର୍ଥିକ ବ୍ୟବସ୍ଥାରେ 55.17 ମିଲୟନ୍ ପାଉଣ୍ଡ୍‌ର ଆର୍ଥିକ ବଳିଦାନ ଦେବାର ସାମର୍ଥ୍ୟ ପ୍ରାପ୍ତ ହୋଇଛି । ଉକ୍ତ ଆର୍ଥିକ ବଳିଦାନ ବିଗତ ବର୍ଷ ଅପେକ୍ଷା 15 ଲକ୍ଷ 64 ହଜାର ପାଉଣ୍ଡ୍ ଅଧିକ ଅଟେ । ଦେଢ ମିଲିୟନରୁ ଉର୍ଦ୍ଧ୍ୱ ପାଉଣ୍ଡ ହେବ ।

ହୁଜୁର ଅନ୍ୱର୍ ଅ.ବ କହିଲେ, ସେ ଯାହା ହେଉ ନା କାହିଁକି ସାମୂହିକ ଆଦାୟ ଦୃଷ୍ଟିରୁ ପାକିସ୍ତାନ ବ୍ୟତୀତ ଅନ୍ୟ ଯେଉଁ ଜମାଅତ୍‌ମାନେ ରହିଛନ୍ତି ସେମାନେ ଗଣ୍ୟ ହୁଅନ୍ତି ନାହିଁ । କିନ୍ତୁ ସାମୂହିକ ରୂପେ ମଧ୍ୟ ସମଗ୍ର ପୃଥିବୀରେ ଯେଉଁ ଜମାଅତ୍ ପ୍ରଥମ ସ୍ଥାନ ଅଧିକାର କରିଛି ସେ ହେଉଛି ଜର୍ମାନୀ । ଦ୍ୱିତୀୟ ସ୍ଥାନରେ ବ୍ରିଟେନ୍ ରହିଛି ।

ବ୍ରିଟେନ୍ ମଧ୍ୟ ଚଳିତ ବର୍ଷ ଅସାଧାରଣ ଅର୍ଥ ଅଗ୍ରଗତି କରିଛି ଏବଂ ଜର୍ମାନୀର ପ୍ରାୟ ପାଖରେ ପହଞ୍ଚି ଯାଇଛି । ମୋର ଏହି ଧାରଣା ରହିଛି ଯେ, ଯଦି ବ୍ରିଟେନ୍ ଏହପିର ଉନ୍ନତି କଲା ତେବେ ଆସନ୍ତା ବର୍ଷ ବ୍ରିଟେନ୍ ଜର୍ମାନୀକୁ ଅତିକ୍ରମ କରିଯିବ । ପୁନଶ୍ଚ ଏହପିର ଭାବରେ ତୃତୀୟ ସ୍ଥାନରେ କାନାଡ଼ା ରହିଛି । କାନାଡ଼ା ମଧ୍ୟ ବିଗତ ବର୍ଷ ତୁଳନାରେ ଅସାଧାରଣ ରୂପେ ଅଭିବୃଦ୍ଧି କରିଛନ୍ତି । ପୁନଶ୍ଚ ଏତଦ୍‌ପରେ ଭାରତ ରହିଛି ଭାରତ ମଧ୍ୟ ବିଗତ ବର୍ଷ ତୁଳନରାରେ ବେଶ୍ ଅତିରିକ୍ତ ଚାନ୍ଦା ପୈଠକାରୀ ଓ ଚାନ୍ଦାରେ ଅଭିବୃଦ୍ଧି କରିଛନ୍ତି । ଭାରତ ପଛକୁ ଅଷ୍ଟ୍ରେଲିୟା ରହିଛି । ଅଷ୍ଟ୍ରେଲିୟାବାସୀ ମଧ୍ୟ ଚାନ୍ଦାରେ ଅସାଧାରଣ ଅଭିବୃଦ୍ଧି କରିଛନ୍ତି। ସେହିପରି ଇଣ୍ଡୋନସିଆ ରହିଛି, ସେହିପରି ମିଡ଼ି ଇଷ୍ଟ (ମଧ୍ୟପୂର୍ବ)ର ଜମାଅତ୍ ରହିଛି । ପୁନଶ୍ଚ ଘାନା ରହିଛି । ଘାନାରେ ମଧ୍ୟ ଚଳିତ ବର୍ଷ ବଳିଦାନରେ ଅଭିବୃଦ୍ଧି କରିଛନ୍ତି। ହୁଜୁର ଅନ୍ୱର୍ ଅ.ବ କହିଲେ ଚାନ୍ଦା ଏବଂ ଚାନ୍ଦା ପୈଠକାରୀମାନଙ୍କ ସଂଖ୍ୟାରେ ଅଭିବୃଦ୍ଧି କରିବା ଦୃଷ୍ଟିରୁ ମରେଶିୟସ୍ ଓ ହଲାଣ୍ଡ୍ ମଧ୍ୟ ସାମଲ୍ ଅଟନ୍ତି ।

ହୁଜୁର୍ ଅନ୍ୱର୍ ଅ.ବ କହିଲେ, ସାମଗ୍ର କାର୍ଯ୍ୟକ୍ଷମତା ଦୃଷ୍ଟିରୁ ଚର୍ଚ୍ଚାଯୋଗ୍ୟ ଜମାଅତ୍‌ମାନେ ଯେଉଁମାନେ କୌଣସି ସ୍ଥାନ ଅଧିକାରୀ ତ' କରି ନାହାନ୍ତି କିନ୍ତୁ ସେମାନେ ବହୁତ ଭଲ କାମ କରିଛନ୍ତି । ତନ୍ମଧ୍ୟରେ ବେଲ୍‌ଜିୟମ୍ ଅନ୍ୟତମ ଅଟେ । ସ୍ୱିଡ଼େନ୍ ରହିଛି, ଫ୍ରାନସ୍, ରହିଛି । ହଲାଣ୍ଡ୍‌ର ଚର୍ଚ୍ଚା ପ୍ରଥମେ ହୋଇ ସାରିଛି । ଏହାପରେ କବାବିର ରହିଛି, ପୁନଶ୍ଚ ବାଂଲାଦେଶ ରହିଛି, ବୁର୍କିନାଫାସୋ, ନ୍ୟୁଜିଲାଣ୍ଡ୍ ରହିଛି । ବୁର୍କିନାଫାସୋର ଅବସ୍ଥା ଓ ପରିସ୍ଥିତି ଅତ୍ୟନ୍ତ ଶୋଚନୀୟ ରହିଛି । ସେରାଲିଓନ୍, ବେନିନ୍, ମାଲି ରହିଛି । ମାଲିରେ ମଧ୍ୟ ପରିସ୍ଥିତି ଅତ୍ୟନ୍ତ ଖରାପ ରହିଛି । ସେଠାରେ ଆତଙ୍କବାଦୀମାନଙ୍କ ପକ୍ଷରୁ ଆକ୍ରମଣ ସମୟେ ସମୟେ ହୋଇଥାଏ । ସେହିପରି ନାଇଜିରିୟା ରହିଛି, ତୁର୍କି ରହିଛି, ଜର୍ଜିୟା ରହିଛି ଓ ମିଡ଼ିଲ୍ ଇଷ୍ଟର ଜମାଅତ୍ ରହିଛି ଓ ଅଷ୍ଟ୍ରେଲିୟା ରିହଛି ।

ହୁଜୁର ଅନ୍ୱର୍ ଅ.ବ କହିଲେ, ଆଫ୍ରିକାର ଦେଶମାନଙ୍କରେ ଆଦାୟ ଦୃଷ୍ଟିରୁ ପ୍ରଥମ ପାଞ୍ଚଟି ଜମାଅତ୍‌ମାନେ ହେଲେ, ପ୍ରଥମ ସ୍ଥାନରେ ଘାନା ରହିଛି । ପୁନଶ୍ଚ ମରେଶିୟସ୍, ଏହା ପଛକୁ ବୁର୍କିନାଫାସୋ, ପୁନଶ୍ଚ ଏହା ପଛକୁ ତାନ୍‌ଜାନିୟା ରହିଛି । ତାନ୍‌ଜାନିୟା ପରେ ଆହୁରି ଅନେକ ଜମାଅତ୍ ରହିଛି (ନାଇଜେରୀୟା, ବେନିନ୍, ଗ୍ୟାମ୍ବିୟା, ଲାଇବେରିୟା, ସେରାଲିଓନ୍, ୟୁଗାଣ୍ଡା ଇତ୍ୟାଦି) । ଚାନ୍ଦାରେ ଅଂଶଗ୍ରହଣକାରୀଙ୍କ ସଂଖ୍ୟା ହେଉଛି 17 ଲକ୍ଷ ଟଙ୍କା ଅଟେ । ଚଳିତ ବର୍ଷର ରିପୋର୍ଟ ଅନୁଯାୟୀ ଦୁଇ ବର୍ଷ ପୂର୍ବେ ଯେଉଁ ଷଷ୍ଠ ଦଫ୍‌ତର୍ ଆରମ୍ଭ ହୋଇଥିଲା । ତହିଁରେ ଅଂଶଗ୍ରହଣକାରୀମାନଙ୍କର ସଂଖ୍ୟା 43 ହଜାର 5୫୪ ଅଟେ ।

ହୁଜୁର ଅନ୍ୱର୍ ଅ.ବ କହିଲେ, ସମସ୍ତ ଜମାଅତ୍ ଉକ୍ତ କଥାକୁ ନୋଟ୍ କରି ନିଅନ୍ତୁ ଯେ, ତେହ୍‌ରିକେ ଜଦିଦ୍‌ରେ ଯେଉଁ ନୂତନ ଅଂଶଗ୍ରହଣକାରୀ ଅଛନ୍ତି ସେମାନଙ୍କୁ ଦଫ୍‌ତର୍ ଷଷ୍ଠରେ ଗଣନ୍ତୁ ଏବଂ ଏହାର ରିପୋର୍ଟ ୱକାଲତେ ମାଲ୍‌କୁ ପ୍ରେରଣ କରି ଦିଅନ୍ତୁ ।

ହୁଜୁର ଅନ୍ୱର୍ ଅ.ବ କହିଲେ, ଜର୍ମାନୀର ପ୍ରଥମ ଦଶଟି ଜମାଅତ୍ ଯଥାକ୍ରମେ ହେଲେ- ରୋଡ଼୍‌ଗାଓ (Rodgau),ଓସ୍ନାବ୍ରୁକ୍ (Osnabrück), ପିନେବର୍ଗ (Pinneberg), ନିଡ଼ା (Nidda), ଫ୍ଲୋରିସ୍‌ହାଏମ୍ (Florsheim), ରୋଡ଼୍‌ମାର୍କ (Rodermark), ବ୍ରାମେନ୍, ନ୍ୟୁୱେଡ଼୍ ଫ୍ରାଇଡ଼୍‌ବର୍ଗ ମଟେ, କୋବଲେନ୍‌ଜ୍ ଇତ୍ୟାଦି ।

ହୁଜୁର ଅନ୍ୱର୍ ଅ.ବ କହିଲେ, 10ଟି ଏମିରାଟ୍‌ମାନେ ହେଲେ ହ୍ୟାମ୍ବର୍ଗ (Hamburg), ଫ୍ରାଙ୍କ୍‌ଫର୍ଟ (Frankfurt), ଗ୍ରସ୍‌ଗେରାଉ (Gross-Gerau), ୱିଜ୍‌ବାଦେନ୍ (Wiesbaden), ରିଏଡ଼୍‌ଷ୍ଟାଟିଡ଼୍ (Riedstadt), ମ୍ୟାନ୍‌ହାଏମ୍ (Mannheim), ଡିଏଟ୍‌ସନବାଖ୍ (Dietzenbach), ମୋର୍‌ଫେଲ୍‌ଡ଼ନ୍ ୱାଲଡ୍ରୋର୍ଫ (Morfelden Walldorf), ରଜେଲସ୍‌ହାଏମ୍ (Russelheim), ଡାର୍ମଷ୍ଟେଟେଡ଼୍(Darmstadt) ।

ହୁଜୁର ଅନ୍ୱର୍ ଅ.ବ କହିଲେ, ବ୍ରିଟେନ୍‌ର ପ୍ରଥମ ପାଞ୍ଚଟି ଅଞ୍ଚଳ (ଜିଲ୍ଲା) ମଧ୍ୟରେ ପ୍ରଥମ ହେଲା, ଇସ୍‌ଲାମାବାଦ୍, ବୈତୁଲ୍ ଫୁତୁହ୍, ମସ୍‌ଜିଦ୍ ଫଜଲ୍, ପୁନଶ୍ଚ ବୈତୁଲ୍ ଇହ୍‌ସାନ୍, ପୁନଶ୍ଚ ନର୍ଥ ଇଷ୍ଟ (ଉତ୍ତର ପୂର୍ବ) ।

ହୁଜୁର ଅନ୍ୱର୍ ଅ.ବ କହିଲେ, ବ୍ରିଟେନ୍‌ର ବଡ଼ ବଡ଼ ଜମାଅତ୍ ହେଲେ- ଇସ୍‌ଲାମାବାଦ୍,ଏଶ୍ (Ash), ୱୋର୍‌ସେଷ୍ଟର୍ ପାର୍କ (Worcester Park), ସାଉଥ୍ ଚେମ୍ (South Cheam),ୱାଲ୍‌ସାଲ୍ (Walsall), ଆଲଡର୍‌ଷଟ୍ ସାଉଥ୍ (Aldershot South), ମସ୍‌ଜିଦ୍ ଫଜଲ୍, ଇସ୍‌ଲାମାବାଦ୍, ଫାର୍ଣ୍ଣହ୍ୟାମ୍ ସାଉଥ୍ (Farnham South), ଇୱେଲ (Ewell)।

ହୁଜୁର ଅନ୍ୱର୍ ଅ.ବ କହିଲେ, କାମ କଲାବାଲା ଯେଉଁ ଛୋଟ ଜମାଅତ୍‌ମାନେ ଅଛନ୍ତି ସେମାନେ ହେଲେ, ଲ୍ୟାମଙ୍ଗ୍‌ଟନ୍ ସ୍ପା, ସ୍ୱେନ୍ ଭ୍ୟାଲୀ, କ୍ୟାଥଲୀ, ଫ୍ରଣ୍ଟ ୱୁଡ଼୍ ଏବଂ ଯାମିୟା ଇତ୍ୟାଦି ।

ହୁଜୁର ଅନ୍ୱର୍ ଅ.ବ କହିଲେ, ସାମୂହିକ ଆଦାୟ ଦୃଷ୍ଟିରୁ ଆମେରିକାର ପ୍ରମୁଖ ଜମାଅତ୍‌ଗୁଡ଼ିକ ହେଲେ- ମେରୀଲ୍ୟାଣ୍ଡ(Maryland), ଲସ୍ ଏଞ୍ଜେଲସ (Los Angeles), ସିୟାଟେଲ୍ (Seattle), ଶିକାଗୋ (ଚିକାଗୋ) (Chicago), ସିଲିକନ୍ ଭ୍ୟାଲୀ (Silicon Valley), ନର୍ଥ ଜର୍ସି (North Jersey), ସାଉଥ ଭର୍ଜିନିୟା (South Virginia), ସେଣ୍ଟ୍ରାଲ୍ ଜର୍ସି (Central Jersey), ବାଲ୍‌ଟି ମୋର୍, ଡେଟ୍ରଇଟ୍ (Detroit),

ହୁଜୁର ଅନ୍ୱର୍ ଅ.ବ କହିଲେ, ଆଦାୟ ଦୃଷଟିରୁ କାନାଡ଼ାର ସ୍ଥାନୀୟ ଏମିରାଟ୍ ମଧ୍ୟରେ ପ୍ରଥମ ସ୍ଥାନରେ ରହିଛି ୱାନ୍ (Vaughan), କ୍ୟାଲ୍‌ଗେରୀ (Calgary), ପିସ୍ ଭିଲେଜ୍ (Peace Village), ଭ୍ୟାଙ୍କ୍ ଓଭର (Vancouver), ଟରୋଣ୍ଟୋ ୱେଷ୍ଟ୍ (Toronto West), ବ୍ରାମ୍ପ୍‌ଟନ୍ ୱେଷ୍ଟ୍ (Brampton west), ବ୍ରାମ୍ପ୍‌ଟନ୍ ଇଷ୍ଟ୍ (Brampton east), ମିସିସାଗା ଉତ୍ୟାଦି ।

ହୁଜୁର ଅନ୍ୱର୍ ଅ.ବ କହିଲେ, ଆଦାୟ ଦୃଷ୍ଟିରୁ କାନାଡ଼ାର ଚର୍ଚ୍ଚାଯୋଗ୍ୟ ଜମାଅତମାନେ ହେଲେ, ହ୍ୟାମିଲ୍‌ଟନ୍ ମାଉଣ୍ଟେନ୍ (Hamilton Mountain), ଏଡ଼ମିଣ୍ଟନ୍ ୱେଷ୍ଟ୍, ହଦିକା ଅହେମଦ୍, ଓଟାୱା ଇଷ୍ଟ୍ (Ottawa East) ଓଟାୱା ୱେଷ୍ଟ୍ (Ottawa West), ୱିନିପିଗ୍, ରିଜାଇନା (Regina), ୱଡ଼୍‌ରାଏଲ୍, ୟେଲୋ ନ୍ନାଇଫ୍ (Yellow

Knife) ଇତ୍ୟାଦି ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ସାମଗ୍ରିକ ଆଦାୟ ଦୃଷ୍ଟିରୁ ପାକିସ୍ତାନ୍‌ର ଜମାଅତ୍‌ମାନେ ଯେଉଁ ସ୍ଥାନ ଅଧିକାର କରିଛନ୍ତି ତନ୍ମଧ୍ୟରେ ପ୍ରଥମ ସ୍ଥାନ ହେଲା ସିୟାଲକୋଟ୍, ସର୍ଗୋଧା, ଉମରକୋଟ୍, ନାରୋୱାଲ୍, ମୀରପୁର୍ ଖାସ୍, ରହିମୟାର୍ ଖାନ, ଟୋବା ଟେକ୍ ସିଂହ ଇତ୍ୟାଦି ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଆଦାୟ ଦୃଷ୍ଟିରୁ ପାକିସ୍ତାନ୍‌ର ବଳିଦାନକାରୀ ସହରୀ ଜମାଅତ୍‌ମାନେ ହେଲେ, ଇମାରତ୍ ଟାଉନ୍ ଶିପ୍ ଲାହୋର୍, ଦାରୁଲ୍ ଜିକର୍ ଲାହୋର, ଅଲ୍ଲାମା ଇକ୍‌ବାଲ୍ ଟାଉନ୍ ଲାହୋର୍, ବୈତୁଲ୍ ଫଜଲ୍, ବୈତୁଲ୍ ଫଜଲ୍ ଫୈସଲାବାଦ୍, ବାହାୱଲ୍ ନଗର୍, କ୍ୱେଟା, ବାହାୱଲପୁର୍, ସାହିୱାଲ୍ ଇତ୍ୟାଦି ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଭାରତର ପ୍ରଦେଶମାନଙ୍କ ମଧ୍ୟରେ ପ୍ରଥମ ଦଶଟି ପ୍ରଦେଶମାନେ ହେଲେ, କେରଳ, ତେଲେଙ୍ଗାନା, ତାମିଲନାଡୁ, ଓଡ଼ିଶା, ଜାମ୍ମୁ କାଶ୍ମୀର, କର୍ଣ୍ଣାଟକ, ପଞ୍ଜାବ, ପଶ୍ଚିମବଙ୍ଗ, ମହାରାଷ୍ଟ୍ର ଓ ଦିଲ୍ଲୀ ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ବଳିଦାନ ଦୃଷ୍ଟିରୁ ଭାରତର ଦଶଟି ଜମାଅତ୍‌ମାନେ ଯଥାକ୍ରମେ ହେଲେ, ହାଇଦ୍ରାବାଦ୍, କୋୟମ୍ବଟୁର୍ (ତାମିଲନାଡୁ), କାଦିୟାନ୍, କାଲିକଟ୍, ମେଲାପାଲମ୍, ମ୍ୟାଞ୍ଜେରୀ (କେରଳ), ବାଙ୍ଗାଲୋର, କେରଙ୍ଗ, କଲିକତା, କ୍ୟାରୁଲାଇ ଇତ୍ୟାଦି ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଅଷ୍ଟ୍ରେଲିୟାର ପ୍ରଥମ 10ଟି ଜମାଅତ୍‌ମାନେ ହେଲେ, ମେଲ୍‌ବର୍ଣ୍ଣ ଲଙ୍ଗ୍ ୱାରିନ୍ (Melbourne Lang warrin),ମେଲ୍‌ବର୍ଣ୍ଣ ବେରୱିକ୍ (Melbourne Berwick), ମାର୍ସଡ଼େନ୍ ପାର୍କ (Marsden Park), ପେନ୍‌ରିଥ୍ (Penrith), କାସିଲ୍ ହିଲ୍, ମେଲ୍‌ବର୍ଣ୍ଣ କ୍ଲାଇଡ୍ (Melbourne Clyde), ଏଡ଼ିଲେଡ୍ ୱେଷ୍ଟ (Adelaide West), ପର୍ଥ (Perth), ମେଲ୍‌ବର୍ଣ୍ଣ ଇଷ୍ଟ (Melbourne East), ଇତ୍ୟାଦି ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଯେପରିକି ମୁଁ କହିଲି, ତେହରିକେ ଜଦିଦ୍‌ର ଯେଉଁ ବର୍ଷ ରହିଛି ଯେପରି ମୁଁ କହିଲି, ଚଳିତ ବର୍ଷ ତେହ୍‌ରିକେ ଜଦିଦ୍‌ର 92 ତମ ବର୍ଷ ଆରମ୍ଭ ହେଲା । ତେବେ ଦଫ୍‌ତର୍ ଅୱଲ୍‌ର 92 ତମ ବର୍ଷ ହେବ, ଦଫ୍‌ତର୍ ଅୱଲର ପୁରୁଣା ଖାତାଗୁଡ଼ିକ ଜାରି ରହିଛନ୍ତି । ଦଫ୍‌ତର୍ ଦୋଏମ୍‌ର 82ତମ ବର୍ଷ ଆରମ୍ଭ ହେଲା । ଦଫ୍‌ତର୍ ସୋଏମ୍‌ର 61 ତମ ବର୍ଷ ଆମ୍ଭ ହେଲା । ଦଫତର୍ ଚାହାରମ୍‌ର 41ତମ ବର୍ଷ । ଦଫ୍‌ତର୍ ପଞ୍ଜମର 22 ତମ ବର୍ଷ ଅଟେ ଏବଂ ଦଫ୍‌ତର ଶଶମ୍‌ର ଏହା ତୃତୀୟ ବର୍ଷ ଆରମ୍ଭ ହେବ । ଯେପରି ମୁଁ କହିଲି, ନବାଗତମାନେ ଦଫ୍‌ତର ଶଶମ୍ (ଷଷ୍ଠ)ରେ ଗଣ୍ୟ ହେବେ ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସ କହନ୍ତି: "ହେ ମୋର ପ୍ରିୟ ବନ୍ଧୁମାନେ ! ମୁଁ ଆପଣମାନଙ୍କୁ ଏହି ବିଶ୍ୱାସ ଦେଉଅଛି ଯେ, ଅଲ୍ଲାଃତାଲା ମୋ ମଧ୍ୟରେ ପ୍ରକୃତ ଉତ୍ସାହ ଏବଂ ଆପଣମାନଙ୍କ ପ୍ରତି ପ୍ରକୃତ ସହାନୁଭୂତି ସହିତ ଏହି ସଂସାରକୁ ପ୍ରେରଣ କରିଛନ୍ତି ଏବଂ ସତ୍ୟ ଅଧ୍ୟାତ୍ମ ଆପଣମାନଙ୍କ ବିଶ୍ୱାସରେ ଆଧିକ୍ୟ ଓ ଜ୍ଞାନାତ୍ମକ ପରିଚୟ ନିମନ୍ତେ ମୋତେ ପ୍ରଦାନ କରାଯାଇଛି । ଉକ୍ତ ଅଧ୍ୟାତ୍ମ ଆପଣମାନଙ୍କୁ ଓ ଆପଣମାନଙ୍କର ସନ୍ତାନ ସନ୍ତତିଙ୍କୁ ଏକାନ୍ତ ଆବଶ୍ୟକତା ରହିଛି ।

ତେଣୁ ମୁଁ ଏଥି ନିମନ୍ତେ ତତ୍ପର ରୂପେ ଛିଡ଼ା ହୋଇଛି ଯେ, ଆପଣମାନେ ନିଜର ପବିତ୍ର ଧନ ମଧ୍ୟରୁ ଅର୍ଥାତ୍ ପବିତ୍ର ଅର୍ଥ ମଧ୍ୟରୁ ନିଜର ଧାର୍ମିକ ଅଭିଯାନ ସକାଶେ ସାହାଯ୍ୟ କରନ୍ତୁ ଏବଂ ପ୍ରତ୍ୟେକ ବ୍ୟକ୍ତିକୁ ଅଲ୍ଲାଃତାଲା ଯେଉଁ ପର୍ଯ୍ୟନ୍ତ ଶକ୍ତି ତଥା ସାମର୍ଥ୍ୟ ପ୍ରଦାନ କରିଛନ୍ତି ସେ ଅଲ୍ଲାଃତାଲାଙ୍କ ମାର୍ଗରେ ନିଜର ପ୍ରିୟ ପବିତ୍ର ଅର୍ଥକୁ ବ୍ୟୟ କରିବାକୁ କୁଣ୍ଠାବୋଧ ନକରୁ, ସେ ଅଲ୍ଲାଃତାଲା ଓ ତାହାଙ୍କ ବାର୍ତ୍ତାବହଙ୍କୁ ନିଜର ଧନ ସମ୍ପତ୍ତି ଉପରେ ପ୍ରାଧାନ୍ୟ ଦେଉ । ନିଜର ଧନକୁ ପ୍ରାଧାନ୍ୟ ନଦେଉ । ପୁନଶ୍ଚ ଯେଉଁ ପର୍ଯ୍ୟନ୍ତ ମୋର ପୁସ୍ତକ ସଂକଳନ ଏବଂ ପ୍ରକାଶନର ସମ୍ଭାବନା ରହିଛି ସେହି ସଂକଳନ ଓ ପୁସ୍ତକ ରଚନା ମାଧ୍ୟମର ଜ୍ଞାନଭିତ୍ତିକ ଓ କଲ୍ୟାଣଭିତ୍ତିକ ପରିଚୟକୁ ଏସିଆ ଓ ଇଉରୋପର ଦେଶମାନଙ୍କରେ ଆପଣମାନେ ପରିବ୍ୟାପ୍ତ ତଥା ସଂପ୍ରସାରିତ କରନ୍ତୁ । ଅର୍ଥାତ୍ ଅଲ୍ଲାଃତାଲାଙ୍କ ଯେଉଁ ପବିତ୍ରାତ୍ମା ମୋତେ ପ୍ରଦାନ କରିଛନ୍ତି ସେହି ପବିତ୍ରାତ୍ମାଙ୍କ ମାଧ୍ୟମରେ ମୁଁ ଜ୍ଞାନଭିତ୍ତିକ ଓ କଲ୍ୟାଣଭିତ୍ତିକ ପରିଚୟକୁ ଏସିଆ ଓ ଇଉରୋପର ଦେଶମାନଙ୍କରେ ପରିବ୍ୟାପ୍ତ ତଥା ସଂପ୍ରସାରିତ କରାଇବା ନିମନ୍ତେ ଆପଣମାନଙ୍କୁ ନିବେଦନ କରୁଛି ।" **(ଇଜାଲା ଔହାମ୍, ଭାଗ-2, ରୁହାନୀ ଖଜାଏନ୍, ଗ୍ରନ୍ଥଖଣ୍ଡ-3, ପୃ-516)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଅତଏବ୍ ଅଲ୍ଲାଃତାଲ ପ୍ରତିଶ୍ରୁତ ମସିହ୍ ମଉଦ୍ ଅ.ସଙ୍କ ଉପରେ ଯେଉଁ ମିଶନ୍ ସମ୍ପାଦନ କରିବା ନିମନ୍ତେ ଦାୟିତ୍ୱ ପ୍ରଦାନ କରିଛନ୍ତି ସେହି ମିଶନ୍‌କୁ ସାକାର କରିବା ବର୍ତ୍ତମାନ ଆମମାନଙ୍କ କର୍ତ୍ତବ୍ୟ ଅଟେ । ଏସିଆ, ଇଉରୋପ, ଆଫ୍ରିକା, ଆରବ ଦେଶମାନଙ୍କରେ, ସାଉଥ୍ ଆମେରିକାର ଦେଶମାନଙ୍କର ଏବଂ ଉପଦ୍ୱୀପ ଇତ୍ୟାଦି ପ୍ରତ୍ୟେକ ଦେଶମାନଙ୍କରେ ସେହି ଆର୍ଥିକ ବଳିଦାନ ଯୋଗୁଁ ଅଲ୍ଲାଃତାଲା ଆମମାନଙ୍କୁ ଇସ୍‌ଲାମ୍ ଧର୍ମର ସନ୍ଦେଶ ପହଞ୍ଚାଇବା ନିମନ୍ତେ ସାମର୍ଥ୍ୟ ପ୍ରଦାନ କରିଛନ୍ତି।

ହୁଜୁର ଅନ୍‌ୱର୍ ଅ.ବ କହିଲେ, କେବଳ ଏତିକି ନୁହେଁ ବରଂ ଏଠାରେ ଇଉରୋପରେ ବସିଥିବା ଲୋକମାନଙ୍କର ଆର୍ଥିକ ବଳିଦାନର ଉଦାହରଣମାନ ମଧ୍ୟ ରହିଛି ଓ ଦୂରବର୍ତ୍ତୀ ଦେଶରେ ବାସ କରୁଥିବା ଅହମଦିମାନଙ୍କର ଉଦାହରଣମାନ ମଧ୍ୟ ରହିଛି ଯେ, ସେହି ଲୋକମାନେ ଅର୍ଥିକ ବଳିଦାନରେ କିପରି ପ୍ରତିଦ୍ୱନ୍ଦ୍ୱିତ ଭାବରେ ଅଂଶ ଗ୍ରହଣ କରୁଛନ୍ତି ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଅଲ୍ଲାଃତାଲା ସେହି ଆର୍ଥିକ ବଳିଦାନକାରୀମାନଙ୍କର ଆର୍ଥିକ ବଳିଦାନକୁ ସ୍ୱୀକାର କରନ୍ତୁ । ଆମିନ୍। ଯେଉଁମାନେ ଆର୍ଥିକ ବଳିଦାନ ଦେଇଛନ୍ତି ସେହି ବଳିଦାନକାରୀମାନଙ୍କୁ ଅଲ୍ଲାଃତାଲା ଉତ୍ତମ ପ୍ରତିଫଳ ପ୍ରଦାନ କରନ୍ତୁ ଏବଂ ସମସ୍ତ ବଳିଦାନକାରୀଙ୍କ ଧନ ଜୀବନରେ ଅଜସ୍ର କଲ୍ୟାଣ ପ୍ରଦାନ କରନ୍ତୁ । **ଆମିନ୍ ।**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ସେହିପରି ଅଲ୍ଲାଃତାଲା ଉକ୍ତ ବଳିଦାନର ସୁପରିଣାମ ମଧ୍ୟ ସୃଷ୍ଟି କରନ୍ତୁ ଓ ଯଥାଶୀଘ୍ର ପୃଥିବୀରେ ଏକେଶ୍ୱରବାଦଙ୍କ ଶାସନକୁ ସ୍ଥାପିତ ହେଉଥିବାର ଆମେମାନେ ଅବଲୋକନ କରିବୁ ଓ ଆଁହଜରତ ସ.ଅଙ୍କ ଧ୍ୱଜା ଉଡୁଥିବାର ଦେଖିବାକୁ ଅଲ୍ଲାଃତାଲା ଆମମାନଙ୍କୁ ସାମର୍ଥ୍ୟ ପ୍ରଦାନ କରନ୍ତୁ । **ଆମିନ୍ । (ଅଲ୍ ଫଜଲ୍ ଇଣ୍ଟର୍ ନେସ୍‌ନାଲ୍, ନଭେମ୍ବର ମାସ 28 ତାରିଖ, 2025 ମସିହା, ପୃ-1-8)**

☆--☆--☆

## ଓଡ଼ିଆ ନଜମ୍

### ଜୀବନ ଓ ମୃତ୍ୟୁ

**ରହିମ୍ ଖାଁ (ମୁନ୍ନା)**

ଜୀବନ ଦେଇଥିଲୁ ତୁ ଜୀବନ ନେଉ ଆଜି ତୁଉ
କିଛି ଶୁଣୁ ନାହିଁ ଆଜି ତୁ ବାନ୍ଧି ନେଉଛୁ ସାଥେ ମୋତେ ତୁ
ହେ ଅଲ୍ଲାଃ ମୋର ...... ହେ ମଉଲା ମୋର
ଏତେ ଦୁଃଖ ଦେଉଛୁ କାହିଁ ତୁ

ସଂସାର ଯୋଡ଼ି ଦେଲୁ ତୁଉ ମୋହରେ ବାନ୍ଧି ଦେଲୁ ତୁଉ
ଧନ ସଂପତ୍ତି ଦେଲୁ ତୁଉ ଲୋଭ ଲଗାଇ ଦେଲୁ ତୁଉ
ଛାଡ଼ି ଯାଉଛି ସବୁ ଆଜି ମୁଁ. ସାଥେ ନେଇ ଯାଉଛୁ ମୋତେ ତୁଉ
ହେ ଅଲ୍ଲାଃ ମୋର...ହେ ମଉଲା ମୋର
ଏତେ ଦୁଃଖ ଦେଉଛୁ କାହିଁ ତୁଉ (1)

ଦେଖିପାରୁ ନାହିଁ ଆଜି ମୁଁ ଶୁଣିପାରୁ ନାହିଁ ଆଜି ମୁଁ
କହିପାରୁ ନାହିଁ ଆଜି ମୁଁ କରିପାରୁ ନାହିଁ କିଛି ମୁଁ
କାଢି ନେଇଛୁ ଜୀବନ କୁ ତୁ ..... ଜଡ଼ ହୋଇ ଯାଇଛି ଆଜି ମୁଁ
ହେ ଅଲ୍ଲାଃ ମୋର .... ହେ ମଉଲା ମୋର
ଏତେ ଦୁଃଖ ଦେଇଛୁ କାହିଁ ତୁ (2)
ଜୀବନ ଦେଇଥିଲୁ ତୁଉ ଜୀବନ ନେଉ ଆଜି ତୁଉ
କିଛି ଶୁଣି ନାହୁଁ ଆଜି ତୁ ବାନ୍ଧି ନେଉଛୁ ଆଜି ମୋତେ ତୁ
ହେ ଅଲ୍ଲାଃ ମୋର.........ହେ ମଉଲା ମୋର
ଏତେ ଦୁଃଖ ଦେଉଛୁ କାହିଁ ତୁ (3)

☆--☆--☆

## ଅଲ୍ଲାଃତାଲା ଆମମାନଙ୍କୁ ମାନବ ଜାତି ସହିତ (ପ୍ରତି) ନ୍ୟାୟ ବିଚାର, ଉପକାର କରିବା ଏବଂ ନିକଟ ସଂପର୍କୀୟମାନଙ୍କ ପ୍ରତି ଉତ୍ତମ ଆଚରଣ ପ୍ରଦର୍ଶନ କରିବା ନିମନ୍ତେ ଉପଦେଶ ଦେଇଛନ୍ତି (କୁରଆନୀୟ ଆଦେଶାବଳୀ)

يٰۤاَيُّهَا النَّاسُ اِنَّا خَلَقۡنٰكُمۡ مِّنۡ ذَكَرٍ وَّاُنۡثٰى وَجَعَلۡنٰكُمۡ شُعُوۡبًا وَّقَبَآٮِٕلَ لِتَعَارَفُوۡا ؕ اِنَّ اَكۡرَمَكُمۡ عِنۡدَ اللّٰهِ اَتۡقٰٮكُمۡ ؕ اِنَّ اللّٰهَ عَلِيۡمٌ خَبِيۡرٌ ۝

**(ସୁରତୁଲ୍ ହୁଜୁରାତ୍:14)**

**ଅନୁବାଦ:** ହେ ଲୋକମାନେ ! ଆମ୍ଭେ ତୁମମାନଙ୍କୁ ପୁରୁଷ ଓ ନାରୀମାନଙ୍କ ଠାରୁ ସୃଷ୍ଟି କରିଅଛୁ ଏବଂ ତୁମମାନଙ୍କୁ ଅନେକ ଜାତି ତଥା ବଂଶରେ ବିଭକ୍ତ କରିଅଛୁ ଯେପରିକି ତୁମେମାନେ ପରସ୍ପରକୁ ଚିହ୍ନି ପାରିବ। ତୁମମାନଙ୍କୁ ମଧ୍ୟରୁ ଯେ ସବୁଠାରୁ ଅଧିକ ଧର୍ମପରାୟଣ ସେ ଅଲ୍ଲାଃତାଲାଙ୍କ ନିକଟରେ ଅଧିକ ସମ୍ମାନିତ । ଅଲ୍ଲାଃତାଲା ନିଶ୍ଚିତ ରୂପେ ସର୍ବଜ୍ଞ ଓ ନିଃସନ୍ଦେହ ରୂପେ ସେ ଅନ୍ତର୍ଯାମୀ ଅଟନ୍ତି ।

ସେହିପରି ଅଲ୍ଲାଃତାଲା ଅନ୍ୟ ଏକ ସ୍ଥାନରେ କୁହନ୍ତି:

يٰۤاَيُّهَا النَّاسُ اتَّقُوۡا رَبَّكُمُ الَّذِىۡ خَلَقَكُمۡ مِّنۡ نَّفۡسٍ وَّاحِدَةٍ وَّخَلَقَ مِنۡهَا زَوۡجَهَا وَبَثَّ مِنۡهُمَا رِجَالًا كَثِيۡرًا وَّنِسَآءً‌ ۚ وَاتَّقُوا اللّٰهَ الَّذِىۡ تَسَآءَلُوۡنَ بِهٖ وَالۡاَرۡحَامَ‌ ؕ اِنَّ اللّٰهَ كَانَ عَلَيۡكُمۡ رَقِيۡبًا ۝ **(ସୁରତୁନ୍ ନିସା: 02)**

**ଅନୁବାଦ:** ହେ ଲୋକମାନେ ! ତୁମମାନେ ନିଜର ପାଳନକର୍ତ୍ତାଙ୍କୁ ଭୟ କର ଯେ କି ତୁମମାନଙ୍କୁ ଗୋଟିଏ ମାତ୍ର ଜୀବରୁ ସୃଷ୍ଟି କରିଛନ୍ତି ଏବଂ ତନ୍ମଧ୍ୟରୁ ତାହାର ସାଥୀ ମଧ୍ୟ ସୃଷ୍ଟି କରିଛନ୍ତି । ସେ ଉଭୟଙ୍କ ମଧ୍ୟରୁ ଅନେକ ପୁରୁଷ ଓ ନାରୀ ସୃଷ୍ଟି କରି ପୃଥିବୀରେ ବିସ୍ତାର କରିଛନ୍ତି ଏବଂ ଅଲ୍ଲାଃତାଲାଙ୍କୁ ଏଥିଯୋଗୁଁ ଭୟ କର ଯାହାଙ୍କ ନାମରେ ତୁମେମାନେ ପରସ୍ପରର ସାହାଯ୍ୟ ଭିକ୍ଷା କରୁଅଛ ଏବଂ ବିଶେଷତଃ ବନ୍ଧୁବାନ୍ଧବଙ୍କ ମାମଲା ସଂକ୍ରାନ୍ତରେ ଅଲ୍ଲାଃତାଲାଙ୍କୁ ଭୟ କର । ଅଲ୍ଲାଃ ନିଶ୍ଚିତ ରୂପେ ତୁମମାନଙ୍କର ତତ୍ତ୍ୱାବଧାରକ ଅଟନ୍ତି ।

ସେହିପରି ଅଲ୍ଲାଃତାଲା ଅନ୍ୟ ଏକ ସ୍ଥାନରେ କୁହନ୍ତି:

يٰۤاَيُّهَا الَّذِيۡنَ اٰمَنُوۡا لَا يَسۡخَرۡ قَوۡمٌ مِّنۡ قَوۡمٍ عَسٰٓى اَنۡ يَّكُوۡنُوۡا خَيۡرًا مِّنۡهُمۡ وَلَا نِسَآءٌ مِّنۡ نِّسَآءٍ عَسٰٓى اَنۡ يَّكُنَّ خَيۡرًا مِّنۡهُنَّ‌ ۚ وَلَا تَلۡمِزُوۡۤا اَنۡفُسَكُمۡ وَلَا تَنَابَزُوۡا بِالۡاَلۡقَابِ‌ ؕ بِئۡسَ الِاسۡمُ الۡفُسُوۡقُ بَعۡدَ الۡاِيۡمَانِ‌ ۚ وَمَنۡ لَّمۡ يَتُبۡ فَاُولٰٓٮِٕكَ هُمُ الظّٰلِمُوۡنَ ۝ **(ସୁରତୁଲ୍ ହୁଜୁରାତ୍:12)**

**ଅନୁବାଦ:** ହେ ବିଶ୍ୱାସକାରୀମାନେ ! ଅନେକଗୁଡ଼ିଏ ସନ୍ଦେହରୁ ନିଜକୁ ଦୂରେଇ ରଖ । କାରଣ କେତେକ ସନ୍ଦେହ ପାପରେ ପରିଣତ ହୋଇଯାଏ ଏବଂ ଗୋପନରେ ଅନ୍ୟର ଦୋଷ ଅନ୍ୱେଷଣ (ଖୋଜ)ଓ ନାହିଁ । ତୁମେମାନେ ପରସ୍ପରର ଚୁଗୁଲି କର ନାହିଁ । କ'ଣ ତୁମମାନଙ୍କ ମଧ୍ୟରୁ କେହି ନିଜ ମୃତ ଭାଇର ମାଂସ ଖାଇବାକୁ ପସନ୍ଦ କରିବ କି ? ଯଦି ତୁମମାନଙ୍କୁ ଏପରି କରିବାକୁ କୁହାଯାଏ ତେବେ ତୁମେମାନେ ଏହାକୁ ଅପ୍ରିୟ ବୋଲି ମନେକରିବ ଏବଂ ଅଲ୍ଲାଃତାଲାଙ୍କୁ ଭୟ କର । କାରଣ ଅଲ୍ଲାଃ ହିଁ ଶ୍ରେଷ୍ଠ ଅନୁତାପ ଗ୍ରହୀତା ଓ ସଦା କରୁଣାମୟ ।

ସେହିପରି ଅଲ୍ଲାଃତାଲା ଅନ୍ୟ ଏକ ସ୍ଥାନରେ କୁହନ୍ତି:

لَا يَنۡهٰٮكُمُ اللّٰهُ عَنِ الَّذِيۡنَ لَمۡ يُقَاتِلُوۡكُمۡ فِى الدِّيۡنِ وَلَمۡ يُخۡرِجُوۡكُمۡ مِّنۡ دِيَارِكُمۡ اَنۡ تَبَرُّوۡهُمۡ وَتُقۡسِطُوۡۤا اِلَيۡهِمۡ‌ ؕ اِنَّ اللّٰهَ يُحِبُّ الۡمُقۡسِطِيۡنَ ۝

**(ସୁରତୁଲ୍ ମୁମତହିନା: 09)**

**ଅନୁବାଦ:** ଯେଉଁମାନେ ତୁମମାନଙ୍କ ସହିତ ଧର୍ମ ସମ୍ବନ୍ଧୀୟ ମତ ପାର୍ଥକ୍ୟ ଯୋଗୁଁ ଯୁଦ୍ଧ କରି ନାହାନ୍ତି ଓ ଯେଉଁମାନେ ତୁମମାନଙ୍କୁ ତୁମମାନଙ୍କ ଗୃହରୁ ବିତାଡ଼ିତ କରି ନାହାନ୍ତି ସେମାନଙ୍କର କଲ୍ୟାଣ ସାଧନ କରିବା ନିମନ୍ତେ ଓ ସେମାନଙ୍କ ସହିତ ନ୍ୟାୟସଙ୍ଗତ ବ୍ୟବହାର ପ୍ରଦର୍ଶନ କରିବା ପାଇଁ ଅଲ୍ଲାଃତାଲା ବାରଣ କରି ନାହାନ୍ତି । ଅଲ୍ଲାଃତାଲା ନ୍ୟାୟବାନ୍‌ମାନଙ୍କୁ ପସନ୍ଦ କରିଥାଆନ୍ତି ।

ସେହିପରି ଅଲ୍ଲାଃତାଲା ଅନ୍ୟ ଏକ ସ୍ଥାନରେ କୁହନ୍ତି:

يٰۤاَيُّهَا الَّذِيۡنَ اٰمَنُوۡا كُوۡنُوۡا قَوّٰمِيۡنَ لِلّٰهِ شُهَدَآءَ بِالۡقِسۡطِ‌ وَلَا يَجۡرِمَنَّكُمۡ شَنَاٰنُ قَوۡمٍ عَلٰٓى اَلَّا تَعۡدِلُوۡا‌ ؕ اِعۡدِلُوۡا هُوَ اَقۡرَبُ لِلتَّقۡوٰى‌ وَاتَّقُوا اللّٰهَ‌ ؕ اِنَّ اللّٰهَ خَبِيۡرٌۢ بِمَا تَعۡمَلُوۡنَ ۝

**(ସୁରତୁଲ୍ ମାଇଦାହ୍: 09)**

**ଅନୁବାଦ:** ହେ ବିଶ୍ୱାସକାରୀମାନେ ! ତୁମେମାନେ ନ୍ୟାୟ ସଙ୍ଗତ ଭାବରେ ସାକ୍ଷ୍ୟ ପ୍ରଦାନ କରି ଅଲ୍ଲାଃତାଲାଙ୍କ ଉଦ୍ଦେଶ୍ୟରେ ଦୃଢ଼ ରୁହ ଏବଂ କୌଣସି ସଂପ୍ରଦାୟର ଶତ୍ରୁତା ତୁମମାନଙ୍କୁ ନ୍ୟାୟ ଭିନ୍ନ ଅନ୍ୟଥା କରିବାକୁ କଦାପି ନ ପ୍ରବର୍ତ୍ତାଉ । ତୁମେମାନେ ନ୍ୟାୟ କର । କାରଣ ତାହା ଧର୍ମପରାୟଣତାର ଅଧିକ ନିକଟବର୍ତ୍ତୀ ଏବଂ ଅଲ୍ଲାଃତାଲା ସେ ବିଷୟରେ ଅବଗତ ଅଛନ୍ତି ।

ସେହିପରି ଅଲ୍ଲାଃତାଲା ଅନ୍ୟ ଏକ ସ୍ଥାନରେ କୁହନ୍ତି:

قُلۡ يٰۤـاَهۡلَ الۡكِتٰبِ تَعَالَوۡا اِلٰى كَلِمَةٍ سَوَآءٍۢ بَيۡنَنَا وَبَيۡنَكُمۡ اَلَّا نَـعۡبُدَ اِلَّا اللّٰهَ وَلَا نُشۡرِكَ بِهٖ شَيۡـــًٔا وَّلَا يَتَّخِذَ بَعۡضُنَا بَعۡضًا اَرۡبَابًا مِّنۡ دُوۡنِ اللّٰهِ‌ؕ فَاِنۡ تَوَلَّوۡا فَقُوۡلُوا اشۡهَدُوۡا بِاَنَّا مُسۡلِمُوۡنَ ۝ **(ସୁରାଃ ଆଲେ ଇମ୍ରାନ୍: 65)**

**ଅନୁବାଦ:** ତୁମ୍ଭେ କୁହ, "ହେ ଗ୍ରନ୍ଥାଧାରୀମାନେ ! ତୁମେମାନେ ଅନ୍ତତଃ ଏପରି ଏକ ପନ୍ଥା ଅବଲମ୍ବନ କର ଯାହା ଆମମାନଙ୍କ ତଥା ତୁମମାନଙ୍କ ମଧ୍ୟରେ ସମାନ ଅଟେ ଏବଂ ତାହା ହେଉଛି ଯେ ଆମେମାନେ ଅଲ୍ଲାଃତାଲାଙ୍କ ବ୍ୟତୀତ ଅନ୍ୟ କାହାରି ଉପାସନା କରିବା ନାହିଁ ଏବଂ ଅନ୍ୟ କୌଣସି ବସ୍ତୁକୁ ତାହାଙ୍କ ସହିତ ସମକକ୍ଷ କରିବା ନାହିଁ ଏବଂ ଅଲ୍ଲାଃଙ୍କୁ ପରିତ୍ୟାଗ କରି ପରସ୍ପର ମଧ୍ୟରେ ଜଣେ ଅନ୍ୟ ଜଣକୁ ପାଳନକର୍ତ୍ତାଙ୍କ ରୂପେ ଗ୍ରହଣ କରିବା ନାହିଁ । କିନ୍ତୁ ଯଦି ସେମାନେ ପୁଣି ଫେରିଯାଆନ୍ତି ତେବେ ସେମାନଙ୍କୁ କୁହ, "ତୁମେମାନେ ସାକ୍ଷୀ ରୁହ ଯେ, ଆମେମାନେ ଅଲ୍ଲାଃତାଲାଙ୍କର ଆଜ୍ଞା ପାଳନକାରୀ ଅଟୁ ।"

ସେହିପରି ଅଲ୍ଲାଃତାଲା ଅନ୍ୟ ଏକ ସ୍ଥାନରେ କୁହନ୍ତି:

اِنَّاۤ اَرۡسَلۡنٰكَ بِالۡحَـقِّ بَشِيۡرًا وَّنَذِيۡرًا‌ ؕ وَاِنۡ مِّنۡ اُمَّةٍ اِلَّا خَلَا فِيۡهَا نَذِيۡرٌ ۝

**ଅନୁବାଦ:** ହେ ମୁହମ୍ମଦ୍[ସ.ଅ] ! ଆମ୍ଭେ ତୁମ୍ଭକୁ ଏକ ଚିରସ୍ଥାୟୀ ସତ୍ୟ ସହିତ ଏକ ସୁସମାଚାରଦାତା ଓ ସଚେତକ କରି ପ୍ରେରଣ କରିଅଛୁ ଏବଂ ଏପରି କୌଣସି ସଂପ୍ରଦାୟ ନାହିଁ ଯାହାଙ୍କ ନିକଟକୁ ଅଲ୍ଲାଃଙ୍କ ତରଫରୁ କୌଣସି ସଚେତକ ଆସି ନାହାନ୍ତି ।

ସେହିପରି ଅଲ୍ଲାଃତାଲା ଅନ୍ୟ ଏକ ସ୍ଥାନରେ କୁହନ୍ତି:

فَضۡلًا مِّنَ اللّٰهِ وَنِعۡمَةً‌ ؕ وَاللّٰهُ عَلِيۡمٌ حَكِيۡمٌ ۝ **(ସୁରତୁଲ୍ ହୁଜୁରାତ୍: 09)**

**ଅନୁବାଦ:** ଏହ କେବଳ ଅଲ୍ଲାଃତାଲାଙ୍କର କୃପା ଓ ଆଶୀର୍ବାଦରୁ ହିଁ ସମ୍ଭବପର ହୋଇଛି ଏବଂ ଅଲ୍ଲାଃ ହିଁ ସର୍ବଜ୍ଞ ଓ ତତ୍ତ୍ୱଜ୍ଞ ।

ସେହିପରି ଅଲ୍ଲାଃତାଲା ଅନ୍ୟ ଏକ ସ୍ଥାନରେ କୁହନ୍ତି:

اِنَّ اللّٰهَ يَاۡمُرُ بِالۡعَدۡلِ وَالۡاِحۡسَانِ وَاِيۡتَآىِٕ ذِى الۡقُرۡبٰى وَيَنۡهٰى عَنِ الۡفَحۡشَآءِ وَالۡمُنۡكَرِ وَالۡبَغۡىِ‌ ۚ يَعِظُكُمۡ لَعَلَّكُمۡ تَذَكَّرُوۡنَ ۝ **(ସୁରତୁନ୍ ନହଲ୍: 91)**

**ଅନୁବାଦ:** ବାସ୍ତବରେ ଅଲ୍ଲାଃ ନ୍ୟାୟ ବିଚାର କରିବାକୁ ତଥା ଅନ୍ୟର ହିତ ସାଧନ କରିବାକୁ ଏବଂ ଆତ୍ମୀୟ ସ୍ୱଜନମାନଙ୍କ ସଦୃଶ ଅନ୍ୟମାନଙ୍କୁ ସାହାଯ୍ୟ କରିବାକୁ ଆଦେଶ ଦେଉଛନ୍ତି ଏବଂ ପ୍ରତ୍ୟେକ ପ୍ରକାରର ନିର୍ଲଜ୍ଜତା ଓ ଅଶୋଭନୀୟ ବିଷୟ ତଥା ବିଦ୍ରୋହ କରିବାକୁ ବାରଣ କରୁଛନ୍ତି । ସେ ତୁମମାନଙ୍କୁ ଏଥି ନିମନ୍ତେ ଉପଦେଶ ଦେଇଛନ୍ତି ଯଦ୍ଦ୍ୱାରାକି ତୁମେମାନେ ତହିଁରୁ ଉଚିତ୍ ଶିକ୍ଷାକୁ ବୁଝିପାରିବ ।

ସେହିପରି ଅଲ୍ଲାଃତାଲା ଅନ୍ୟ ଏକ ସ୍ଥାନରେ କୁହନ୍ତି:

اِنَّ اللّٰهَ يَاۡمُرُكُمۡ اَنۡ تُؤَدُّوا الۡاَمٰنٰتِ اِلٰٓى اَهۡلِهَا ۙ وَاِذَا حَكَمۡتُمۡ بَيۡنَ النَّاسِ اَنۡ تَحۡكُمُوۡا بِالۡعَدۡلِ‌ ؕ اِنَّ اللّٰهَ نِعِمَّا يَعِظُكُمۡ بِهٖ‌ ؕ اِنَّ اللّٰهَ كَانَ سَمِيۡعًۢا بَصِيۡرًا ۝

**(ସୁରତୁନ୍ ନିସା: 59)**

**ଅନୁବାଦ:** ବାସ୍ତବରେ ଅଲ୍ଲାଃ ତୁମମାନଙ୍କୁ ଆଦେଶ ଦେଇଛନ୍ତି ଯେ, ତୁମେମାନେ ଅମାନତ୍‌କୁ ତାହାର ହକ୍‌ଦାର (ଯୋଗ୍ୟ ବା ପ୍ରକୃତ ଅଧିକାରୀ) ବ୍ୟକ୍ତିମାନଙ୍କୁ ଅର୍ପଣ କର ଏବଂ ତୁମେମାନେ ଲୋକମାନଙ୍କ ମଧ୍ୟରେ ନିଷ୍ପତ୍ତି କରିବା ବେଳେ ନ୍ୟାୟ ସଙ୍ଗତ ଭାବେ ନିଷ୍ପତ୍ତି କର । ଅଲ୍ଲାଃ ଯେଉଁ ବିଷୟରେ ତୁମମାନଙ୍କୁ ଉପଦେଶ ଦେଇଛନ୍ତି ତାହା ବାସ୍ତବିକ ଅତି ଉତ୍ତମ । ବାସ୍ତବରେ ଅଲ୍ଲାଃ ମହାନ୍ ଶ୍ରୋତା ଓ ମହାନ ଦ୍ରଷ୍ଟା ଅଟନ୍ତି ।

☆--☆--☆

### ପୃ-17ରେ ବର୍ଣ୍ଣିତ ହଦିସର ଅବଶିଷ୍ଟାଂଶ....

ବିଶ୍ୱାସକାରୀ ବ୍ୟକ୍ତି ହୋଇ ପାରିବ ନାହିଁ । ଅର୍ଥାତ୍ ଯଦି ଜଣେ ବ୍ୟକ୍ତି ନିଜ ନିମନ୍ତେ ସୁଖ, ସୁବିଧା ଓ ଶାନ୍ତି ଓ ମଙ୍ଗଳ କାମନା କରେ ତେବେ ସେ ଅନ୍ୟ ପାଇଁ ମଧ୍ୟ ସୁଖ, ସୁବିଧା, ଶାନ୍ତି ଓ ମଙ୍ଗଳ କାମନା କରୁ ।

**(ଅବଶିଷ୍ଟାଂଶ.....ପୃ-03ରେ)**

## (ହଦିସ୍) ସମସ୍ତ ନାନବଜାତି ଅଲ୍ଲାଃତାଲାଙ୍କ ବଂଶ (କୁଟୁମ୍ବ) ଅଟନ୍ତି (ଅର୍ଥାତ୍ ବସୁଧୈବ କୁଟୁମ୍ବକମ୍) ।

ଅଲ୍ଲାଃତାଲାଙ୍କ ବଂଶମାନଙ୍କ ସହିତ ଯିଏ ଉତ୍ତମ ବ୍ୟବହାର ପ୍ରଦର୍ଶ କରେ ସେହି ବ୍ୟକ୍ତି ହିଁ ଅଲ୍ଲାଃତାଲାଙ୍କ ନିକଟରେ ସର୍ବାଧିକ ପ୍ରିୟ ଓ ଉତ୍ତମ ଅଟେ ।

عَنْ اَبِیْ نَضْرَۃَ حَدَّثَنِیْ مَنْ سَمِعَ خُطْبَۃَ رَسُوْلِ اللّٰہِ صَلَّی اللّٰہُ عَلَیْہِ وَسَلَّمَ فِیْ وَسْطِ اَیَّامِ التَّشْرِیْقِ فَقَالَ یَا اَیُّھَا النَّاسُ اَلَا اِنَّ رَبَّکُمْ وَاحِدٌ وَاِنَّ اَبَاکُمْ وَاحِدٌ، اَلَا لَا فَضْلَ لِعَرَبِیٍّ عَلٰی عَجَمِیٍّ وَلَا لِعَجَمِیٍّ عَلٰی عَرَبِیٍّ وَلَا لِاَحْمَرَ عَلٰی اَسْوَدَ وَلَا لِاَسْوَدَ عَلٰی اَحْمَرَ اِلَّا بِالتَّقْوٰی اَبَلَّغْتُ؟ قَالُوْا اَبَلَّغَ رَسُوْلُ اللّٰہِ صَلَّی اللّٰہُ عَلَیْہِ وَسَلَّمَ۔

ثُمَّ قَالَ : اَیُّ یَوْمٍ ھٰذَا؟ قَالُوْا : یَوْمٌ حَرَامٌ، قَالَ : اَیُّ شَھْرٍ ھٰذَا؟ قَالُوْا : شَھْرٌ حَرَامٌ، قَالَ : ثُمَّ اَیُّ بَلَدٍ ھٰذَا؟ قَالُوْا: بَلَدٌ حَرَامٌ، قَالَ : فَاِنَّ اللّٰہَ قَدْ حَرَّمَ بَیْنَکُمْ دِمَاءَ کُمْ وَاَمْوَالَکُمْ، قَالَ : وَلَا اَدْرِیْ، قَالَ اَوْ بَلَدَکُمْ ھٰذَا۔ اَبَلَّغْتُ قَالُوْا : بَلَّغَ رَسُوْلُ اللّٰہِ صَلَّی اللّٰہُ عَلَیْہِ وَسَلَّمَ قَالَ : لِیُبَلِّغِ الشَّاھِدُ الْغَائِبَ۔

**ଅନୁବାଦ:** ହ. ଅବୁ ନଜ୍ରାହ୍ ର.ଅ ବର୍ଣ୍ଣନା କରନ୍ତି ଯେ, ମୋତେ ସେହି ବ୍ୟକ୍ତି କହିଲା ଯିଏ ହୁଜୁର୍ ସ.ଅଙ୍କ ଖୁତ୍ବା (ଉଦବୋଧନ) ଶୁଣିଥିଲା । ଅର୍ଥାତ୍ ଆଁହଜରତ ସ.ଅ ମିନା ଠାରେ ଯେଉଁ ଅଭିଭାଷଣ ଦେଇଥିଲେ ସେହି ଅଭିଭାଷଣ ସଂପର୍କରେ ମୋତେ ଜଣେ ବ୍ୟକ୍ତି କହିଲା । ସେହି ଖୁତ୍ବାରେ ଆପଣ ସ.ଅ କହିଲେ, ହେ ଲୋକମାନେ ! ତୁମମାନଙ୍କର ଈଶ୍ୱର ଏକ ଅଟନ୍ତି । ତୁମମାନଙ୍କର ପିତା ଏକ ଅଟନ୍ତି । ମନେରଖ ! କୌଣସି ଆରବ୍ୟ ବ୍ୟକ୍ତିଙ୍କୁ ଅଜମି (ଅଣ ଆରବ୍ୟ) ବ୍ୟକ୍ତି ଉପରେ ଶ୍ରେଷ୍ଠତା ପ୍ରାପ୍ତ ହୋଇ ନାହିଁ ଓ କୌଣସି ଅଣଆରବ୍ୟ ବ୍ୟକ୍ତିଙ୍କୁ ଆରବ୍ୟ ବ୍ୟକ୍ତି ଉପରେ ଶ୍ରେଷ୍ଠତ୍ୱ ପ୍ରାପ୍ତ ହୋଇ ନାହିଁ । ସେହିପରି କୌଣସି ଲୋହିତ ଓ ଶ୍ୱେତ ବ୍ୟକ୍ତିଙ୍କୁ କୃଷ୍ଣ (କଳା ରଙ୍ଗର) ବର୍ଣ୍ଣ ବ୍ୟକ୍ତି ଉପରେ ଶ୍ରେଷ୍ଠତ୍ୱ ପ୍ରାପ୍ତ ହୋଇ ନାହିଁ ଓ କୌଣସି କୃଷ୍ଣ ବର୍ଣ୍ଣ ବ୍ୟକ୍ତିଙ୍କୁ ଲୋହିତ ଓ ଶ୍ୱେତ ବ୍ୟକ୍ତି ଉପରେ ଶ୍ରେଷ୍ଠତ୍ୱ ପ୍ରାପ୍ତ ହୋଇ ନାହିଁ । ହଁ ଯେଉଁ ବ୍ୟକ୍ତି ମଧ୍ୟରେ ଧର୍ମପରାୟଣତାମୂଳକ ସାମର୍ଥ୍ୟତା ରହିଛି ସେହି ବ୍ୟକ୍ତି ହିଁ ଉତ୍ତମ ଓ ଶ୍ରେଷ୍ଠ ଅଟେ । ହେ ଲୋକମାନେ ! କ'ଣ ମୁଁ ତୁମମାନଙ୍କ ପର୍ଯ୍ୟନ୍ତ ଏହି ସନ୍ଦେଶ ପହଞ୍ଚାଇ ଦେଇ ନାହିଁ ? ଲୋକମାନେ ଉଚ୍ଚ ସ୍ୱରରେ କହିଲେ, ହଁ ଅଲ୍ଲାଃତାଲାଙ୍କ ବାର୍ତ୍ତାବହ ! ଆପଣ ଉକ୍ତ ସନ୍ଦେଶକୁ ଭଲ ଭାବରେ ପହଞ୍ଚାଇ ଦେଇଛନ୍ତି । ଆପଣ ସ.ଅ ପୁନଶ୍ଚ କହିଲେ,ହେ ଲୋକମାନେ ! ଆଜି କେଉଁ ଦିବସ ଅଟେ ? ଲୋକମାନେ ଉତ୍ତର ଦେଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଆଜି ପବିତ୍ର ତଥା ମର୍ଯ୍ୟାଦାପୂର୍ଣ୍ଣ ହଜ୍ର ଦିବସ ଅଟେ । ଆଁହଜରତ୍ ସ.ଅ ପୁନଶ୍ଚ ପ୍ରଶ୍ନ କଲେ ଯେ, ହେ ସାହାବାମାନେ ଏଇଟା କେଉଁ ସହର ଅଟେ? ଲୋକମାନେ ଉତ୍ତର ଦେଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଏଇଟା ପବିତ୍ର ତଥା ପାବନ ଓ ମର୍ଯ୍ୟାଦାପୂର୍ଣ୍ଣ ମକ୍କା ସହର ଅଟେ । ପ୍ରତ୍ୟୁତ୍ତରରେ ଆପଣ ସ.ଅ କହିଲେ, ହେ ଲୋକମାନେ ତୁମମାନଙ୍କର ପ୍ରାଣ, ତୁମମାନଙ୍କର ଧନ (ବର୍ଣ୍ଣନାକାରୀଙ୍କୁ ଏକଥା ମନେ ନାହିଁ ଯେ, ଆପଣ ସ.ଅ ମାନ ସମ୍ମାନର ଚର୍ଚ୍ଚା କରିଛନ୍ତି ଅବା ନୁହେଁ) ସେହିପରି ସମ୍ମାନଯୋଗ୍ୟ ଏବଂ ବୈଧ ଅଟନ୍ତି ଯେପରି ଏହି ମାସ ଏବଂ ଏହି ସହର ବୈଧ ଅଟନ୍ତି । (ଅର୍ଥାତ୍ ଯେପରି ମକ୍କା ସହର ଏବଂ ଧର୍ମ ମାସର ମର୍ଯ୍ୟାଦା କ୍ଷୁର୍ଣ୍ଣ କରିବା ସଂକ୍ରାନ୍ତରେ ତୁମେ ଚିନ୍ତା ମଧ୍ୟ କରି ପାରିବ ନାହିଁ ଠିକ୍ ସେହିପରି ଲୋକମାନଙ୍କର ପ୍ରାଣ ଏବଂ ସେମାନଙ୍କର ଧନ ଓ ସେମାନଙ୍କର ମାନ ସମ୍ମାନର ମର୍ଯ୍ୟାଦା କ୍ଷୁର୍ଣ୍ଣ କରିବା ଅବୈଧ ଅଟେ) ଆପଣ ସ.ଅ ପୁନଶ୍ଚ ପଚାରିଲେ, ହେ ଲୋକମାନେ ! କ'ଣ ମୁଁ ଏହି ମୁଖ୍ୟ ସନ୍ଦେଶକୁ ତୁମମାନଙ୍କ ପର୍ଯ୍ୟନ୍ତ ପହଞ୍ଚାଇ ଦେଇଅଛି ଅବା ନୁହେଁ ? ଲୋକମାନେ କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଅବଶ୍ୟ ଅଲ୍ଲାଃତାଲାଙ୍କ ବାର୍ତ୍ତାବହ ସବୁକିଛି ଆମମାନଙ୍କ ପର୍ଯ୍ୟନ୍ତ ପହଞ୍ଚାଇ ଦେଇଛନ୍ତି । ଆପଣ ସ.ଅ କହିଲେ, ଅତଏବ୍ ଯେଉଁ ଲୋକମାନେ ଏଠାରେ ଉପସ୍ଥିତ ନାହାନ୍ତି ସେହି ଲୋକମାନଙ୍କ ପର୍ଯ୍ୟନ୍ତ ଉକ୍ତ ସନ୍ଦେଶକୁ ପହଞ୍ଚାଇ ଦିଅ । **(ମସ୍‌ନଦ୍ ଅହମଦ୍, ଗ୍ରନ୍ଥଖଣ୍ଡ-5, ପୃ-411, ମସ୍‌ନଦ୍ ଅହମଦ୍, ଗ୍ରନ୍ଥଖଣ୍ଡ-1, ପୃ-230, ଅନ୍ ଇବନେ ଅବ୍‌ବାସ୍[ର.ଅ]) (ପ୍ରାମାଣ୍ୟ-ହଦିକତୁସ୍ ସାଲିହିନ୍, ଲେଖକ-ମଲକ୍ ସୈଫୁର୍ ରହ୍‌ମାନ୍ ସାହେବ, ହଦିସ୍ ନଂ-704)**

عَنِ ابْنِ عُمَرَ رَضِیَ اللّٰہُ عَنْہُ قَالَ : قَالَ رَسُوْلُ اللّٰہِ صَلَّی اللّٰہُ عَلَیْہِ وَسَلَّمَ : لَا تَحَاسَدُوْا وَلَا تَنَاجَشُوْا وَلَا تَبَاغَضُوْا وَلَا تَدَابَرُوْا وَلَا یَبِعْ بَعْضُکُمْ عَلٰی بَیْعِ بَعْضٍ، وَکُوْنُوْا عِبَادَ اللّٰہِ اِخْوَانًا ۔ اَلْمُسْلِمُ اَخُو الْمُسْلِمِ : لَا یَظْلِمُہٗ وَلَا یَحْقِرُہٗ وَلَا یَخْذُلُہٗ اَلتَّقْوٰی ھٰھُنَا ۔ وَیُشِیْرُ اِلٰی صَدْرِہٖ ثَلَاثَ مَرَّاتٍ بِحَسْبِ امْرِیءٍ مِّنَ الشَّرِّ اَنْ یَحْقِرَ اَخَاہُ الْمُسْلِمَ کُلُّ الْمُسْلِمِ عَلَی الْمُسْلِمِ حَرَامٌ دَمُہٗ وَمَالُہٗ وَعِرْضُہٗ۔

**ଅନୁବାଦ:** ହ. ଅବ୍‌ଦୁର୍ ରହମାନ୍[ର.ଅ] ବର୍ଣ୍ଣନା କରନ୍ତି ଯେ, ଆଁହଜରତ ସ.ଅ କହିଲେ, ହେ ଲୋକମାନେ ! ତୁମେମାନେ ପରସ୍ପର ପ୍ରତି ଈର୍ଷା ପ୍ରଦର୍ଶନ କର ନାହିଁ, ପରସ୍ପରକୁ କ୍ଷତି ପହଞ୍ଚାଇବା ନିମନ୍ତେ ପ୍ରତିସ୍ପର୍ଦ୍ଧିତ ହୋଇ କୌଣସି ବସ୍ତୁର ମୂଲ୍ୟ ବୃଦ୍ଧି କର ନାହିଁ । ତୁମେମାନେ ପରସ୍ପର ପ୍ରତି ମନ ଭିତରେ ବୈରାଗ୍ୟଭାବ ପୋଷଣ କର ନାହିଁ । ପରସ୍ପର ପ୍ରତି ବିମୁଖତା ପ୍ରଦର୍ଶନ କର ନାହିଁ, ପରସ୍ପର ଠାରୁ ସଂପର୍କ ହୀନ ଆଚରଣ ପ୍ରଦର୍ଶନ କର ନାହିଁ, ଜଣେ ବ୍ୟକ୍ତି ଯେତେବେଳେ ଅନ୍ୟ ବ୍ୟକ୍ତି ସହିତ କୌଣସି ପ୍ରସଙ୍ଗରେ ଚୁକ୍ତି କରୁଛି ତେବେ ତୁମେମାନେ ସେହି ଦୁହିଁଙ୍କ ମଧ୍ୟରେ ପଶି ନିଜେ ଚୁକ୍ତି କର ନାହିଁ । ବରଂ ତୁମେମାନେ ଅଲ୍ଲାଃତାଲାଙ୍କର ଭକ୍ତ ଓ ଭାଇ ଭାଇ ହୋଇ ରୁହ । ଜଣେ ମୁସଲମାନ ବ୍ୟକ୍ତି ଅନ୍ୟ ମୁସଲମାନ ବ୍ୟକ୍ତି ପ୍ରତି କେବେ ବି ଅନ୍ୟାୟ ଓ ଅତ୍ୟାଚାର ପ୍ରଦର୍ଶନ କରେ ନାହିଁ । ଜଣେ ମୁସଲମାନ ବ୍ୟକ୍ତି ଅନ୍ୟ ମୁସଲମାନ ବ୍ୟକ୍ତିଙ୍କୁ ହୀନ ମନେ କରେ ନାହିଁ କି ତାଚ୍ଛଲ୍ୟ କରେ ନାହିଁ। ଜଣେ ମୁସଲମାନ ବ୍ୟକ୍ତି ଅନ୍ୟ ମୁସଲମାନ ବ୍ୟକ୍ତିଙ୍କୁ କେବ ବି ତିରସ୍କାର ଓ ଲଜ୍ଜିତ କରେ ନାହିଁ । ଆପଣ ସ.ଅ ନିଜର ଛାତି ଆଡ଼କୁ ଇଙ୍ଗିତ କରି କହିଲେ, ଧର୍ମପରାୟଣତା ଏହିଠାରେ ରହିଛି । ଆଁହଜରତ୍ ସ.ଅ ଉକ୍ତ ଶବ୍ଦ ଅର୍ଥାତ୍ ଧର୍ମପରାୟଣତା ଏଠାରେ ରହିବା ଶବ୍ଦ ତିନି ଥର ପୁନରାବୃତ୍ତି କଲେ । ଆପଣ ସ.ଅ ପୁନଶ୍ଚ କହିଲେ, ମନୁଷ୍ୟର ଦୁର୍ଭାଗ୍ୟ ନିମନ୍ତେ ଏହା ପର୍ଯ୍ୟାପ୍ତ ଯେ, ସେ ନିଜର ମୁସଲମାନ ଭାଇକୁ ହୀନ ଚକ୍ଷୁରେ ଦେଖେ । ପ୍ରତ୍ୟେକ ମୁସଲମାନ ବ୍ୟକ୍ତିର ରକ୍ତ, ଅର୍ଥ ଏବଂ ତାହାର ମାନ ସମ୍ମାନ ତଥା ମର୍ଯ୍ୟାଦା ଅନ୍ୟ ମୁସଲମାନ ବ୍ୟକ୍ତି ଉପରେ ଅବୈଧ ଅଟେ ଓ ତା' ନିମନ୍ତେ ଅର୍ଥାତ୍ ଅନ୍ୟ ମୁସଲମାନ ବ୍ୟକ୍ତିର ସମ୍ମାନ କରିବା ଅନିର୍ବାର୍ଯ୍ୟ ଅଟେ । **(ମୁସ୍‌ଲିମ୍ କିତାବୁଲ୍ ବରିୟାହ୍, ବାବ୍-ତହ୍‌ରିମୁ ଜୁଲ୍‌ମଲ୍ ମୁସ୍‌ଲିମି ୱ ଖଜ୍‌ଲହୁ) (ପ୍ରାମାଣ୍ୟ- ହଦିକତୁସ୍ ସାଲିହିନ୍, ଲେଖକ-ମଲକ୍ ସୈଫୁର୍ ରହ୍‌ମାନ୍ ସାହେବ, ହଦିସ୍ ନଂ-705)**

عَنْ سَھْلِ بْنِ سَعْدٍ رَضِیَ اللّٰہُ عَنْہُ قَالَ : قَالَ رَسُوْلُ اللّٰہِ صَلَّی اللّٰہُ عَلَیْہِ وَسَلَّمَ : اَنَا وَکَافِلُ الْیَتِیْمِ فِی الْجَنَّۃِ ھٰکَذَا وَاَشَارَ بِالسَّبَّابَۃِ وَالْوُسْطٰی وَفَرَّجَ بَیْنَھُمَا ۔

**ଅନୁବାଦ:** ହ. ସହଲ୍ ବିନ୍ ସାଆଦ୍ ର.ଅ ବର୍ଣ୍ଣନା କରନ୍ତି ଯେ, ଆଁହଜରତ ସ.ଅ କହିଲେ, ମୁଁ ଏବଂ ଅନାଥମାନଙ୍କର ଦେଖାଶୁଣା କରୁଥିବା ତଥା ଯତ୍ନ ନେଉଥିବା ବ୍ୟକ୍ତି ବୈକୁଣ୍ଠ ପୁରରେ ଏହିପରି ସାଙ୍ଗରେ ରହିବୁ । ଅର୍ଥାତ୍ ଆପଣ ସ.ଅ ବ୍ୟାଖ୍ୟା ଉଦ୍ଦେଶ୍ୟରେ ନିଜର ଶାହାଦତ୍ (କଉ ଆଙ୍ଗୁଠି) ଏବଂ ମଧ୍ୟବର୍ତ୍ତୀ ଆଙ୍ଗୁଠି ମଧ୍ୟରେ ସାମାନ୍ୟ ବ୍ୟବଧାନ ରଖି ଇଙ୍ଗିତ କଲେ ଯେ, ମୁଁ ଓ ସେହି ବ୍ୟକ୍ତି ଯିଏ ଅନାଥମାନଙ୍କର ଦେଖାଶୁଣା କରୁଥିବା ସେହି ବ୍ୟକ୍ତି ଏହିପରି ରହିବ । **(ଇବ୍‌ନେ ମାଜା, କିତାବୁର୍ ରହନ୍, ବାବ୍- ଅଯ୍‌ଜାଉଲ୍ ଅଯ୍‌ଜା) (ପ୍ରାମାଣ୍ୟ- ହଦିକତୁସ୍ ସାଲିହିନ୍, ଲେଖକ-ମଲକ୍ ସୈଫୁର୍ ରହ୍‌ମାନ୍ ସାହେବ, ହଦିସ୍ ନଂ-728)**

عَنْ اَبِیْ ھُرَیْرَۃَ رَضِیَ اللّٰہُ عَنْہُ قَالَ : قَالَ رَسُوْلُ اللّٰہِ صَلَّی اللّٰہُ عَلَیْہِ وَسَلَّمَ : قَالَ اللّٰہُ تَعَالٰی ثَلَاثَۃٌ اَنَا خَصْمُھُمْ یَوْمَ الْقِیَامَۃِ، رَجُلٌ اَعْطٰی بِیْ ثُمَّ غَدَرَ وَرَجُلٌ بَاعَ حُرًّا فَاَکَلَ ثَمَنَہٗ وَرَجُلٌ اسْتَاْجَرَ اَجِیْرًا فَاسْتَوْفٰی مِنْہُ وَلَمْ یُعْطِہٖ اَجْرَہٗ۔

**ଅନୁବାଦ:** ହ. ହ. ଅବୁ ହୁରୈରାହ୍ ର.ଅ ର.ଅ ବର୍ଣ୍ଣନା କରନ୍ତି ଯେ, ଆଁହଜରତ ସ.ଅ କହିଲେ, ମୁଁ ଏବଂ ଅନାଥମାନଙ୍କୁ ଦେଖାଶୁଣା କରୁଥିବା ଓ ଯତ୍ନ ନେଉଥିବା ବ୍ୟକ୍ତି ବୈକୁଣ୍ଠ ପୁରରେ ଏହିପରି ସାଙ୍ଗରେ ରହିବେ। ଅର୍ଥାତ୍ ଆପଣ ସ.ଅ ବ୍ୟାଖ୍ୟା ଉଦ୍ଦେଶ୍ୟରେ ନିଜର ଶାହାଦତ୍ (କଉ ଆଙ୍ଗୁଠି) ଏବଂ ମଧ୍ୟବର୍ତ୍ତୀ ଆଙ୍ଗୁଠି ମଧ୍ୟରେ ସାମାନ୍ୟ ବ୍ୟବଧାନ ରଖି ଇଙ୍ଗିତ କଲେ ଯେ, ମୁଁ ଓ ସେହି ବ୍ୟକ୍ତି ଯିଏ ଅନାଥମାନଙ୍କର ଦେଖାଶୁଣା କରୁଥିଲା ସେହି ବ୍ୟକ୍ତି ଏହିପରି ରହିବ । **(ଇବ୍‌ନେ ମାଜା, କିତାବୁର୍ ରହନ୍, ବାବ୍- ଅଯ୍‌ଜାଉଲ୍ ଅଯ୍‌ଜା) (ପ୍ରାମାଣ୍ୟ- ହଦିକତୁସ୍ ସାଲିହିନ୍, ଲେଖକ-ମଲକ୍ ସୈଫୁର୍ ରହ୍‌ମାନ୍ ସାହେବ, ହଦିସ୍ ନଂ-728)**

عَنْ اَنَسٍ رَضِیَ اللّٰہُ عَنْہُ عَنِ النَّبِیِّ صَلَّی اللّٰہُ عَلَیْہِ وَسَلَّمَ قَالَ : لَا یُؤْمِنُ اَحَدُکُمْ حَتّٰی یُحِبَّ لِاَخِیْہِ مَا یُحِبُّ لِنَفْسِہٖ۔

**ଅନୁବାଦ:** ହ. ହ. ଅନସ୍ ର.ଅ ର.ଅ ବର୍ଣ୍ଣନା କରନ୍ତି ଯେ, ଯେପର୍ଯ୍ୟନ୍ତ ଜଣେ ବ୍ୟକ୍ତି ନିଜ ପାଇଁ ଯାହା ଚାହୁଁଛି ତାହା ଯଦି ଅନ୍ୟମାନଙ୍କ ପାଇଁ ଚାହୁଁ ନାହିଁ ତେବେ ସେପର୍ଯ୍ୟନ୍ତ ସେହି ବ୍ୟକ୍ତି **(ଅବଶିଷ୍ଟାଂଶ.....ପୃ-16ରେ)**

**ତୁମେମାନେ ସମସ୍ତ ଯେକୌଣସି ଜାତି, ସଂପ୍ରଦାୟ ଓ ଯେକୌଣସି ସ୍ଥିତବସ୍ଥା ଓ ସାମର୍ଥ୍ୟର ଅଧିକାରୀ ହୋଇଥାଉ ପଛେ, କିନ୍ତୁ ମନୁଷ୍ୟ ହେବା ଦୃଷ୍ଟିରୁ ତୁମେମାନେ ସମସ୍ତେ ସମାନ ଓ ସମ ସ୍ତରୀୟର ଅଧିକାରୀ ଅଟ ।**

ବିଶ୍ୱ ବ୍ରହ୍ମାଣ୍ଡ ମହାବତାର ହ. ମୁହମ୍ମଦ୍ ସ.ଅ ଯେକି ଜଣେ ଆରବ୍ୟ ବାର୍ତ୍ତାବହ ଥିଲେ । ଆପଣ ପ୍ରବାସର ନବମ ବର୍ଷରେ ହଜ୍ କଲେ ଓ ସେହି ଦିନ ଆପଣ ସ.ଅଙ୍କ ଉପରେ ପବିତ୍ର କୁରଆନ୍ କରୀମ୍‌ର ନିମ୍ନୋକ୍ତ ଆୟତ୍ ଅବତୀର୍ଣ୍ଣ ହେଲା:اَلۡيَوۡمَ اَكۡمَلۡتُ لَكُمۡ دِيۡنَكُمۡ وَاَتۡمَمۡتُ عَلَيۡكُمۡ نِعۡمَتِىۡ وَرَضِيۡتُ لَكُمُ الۡاِسۡلَامَ دِيۡنًا **(ଅଲ୍ ମାଏଦା:4)** ଆଜି ଆମ୍ଭେ ତୁମମାନଙ୍କ କଲ୍ୟାଣ ସକାଶେ ତୁମମାନଙ୍କର ଧର୍ମକୁ ପୂର୍ଣ୍ଣତା ପ୍ରଦାନ କରିଅଛୁ ଓ ତୁମମାନଙ୍କ ସକାଶେ ଇସ୍‌ଲାମ୍‌କୁ ଧର୍ମ ରୂପେ ପସନ୍ଦ କରିଅଛୁ ।

ଉପରୋକ୍ତ ଆୟତ୍‌କୁ ଆଁହଜରତ ସ.ଅ ମୁଜ୍‌ଦଲ୍‌ଫା ପଡ଼ିଆରେ ଯେତେବେଳେ ଲୋକମାନେ ହଜ୍ କରିବା ନିମନ୍ତେ ଏକତ୍ରିତ ହୋଇଥଆନ୍ତି ସେତେବେଳେ ସମସ୍ତ ଲୋକଙ୍କ ସମ୍ମୁଖରେ ଉଚ୍ଚ ସ୍ୱରରେ ପାଠ କରି ଶୁଣାଇଲେ ଏବଂ ନିମ୍ନୋକ୍ତ ଅଧାତ୍ମ ଚକ୍ଷୁବର୍ଦ୍ଧକ ଖୁତ୍‌ବା ଦେଲେ । ଉକ୍ତ ଖୁତବାଟି ମାନବିକ ସମ୍ମାନର ଆନ୍ତର୍ଜାତିକ ଆଦେଶପତ୍ର ଅଟେ ଏବଂ ଯେପର୍ଯ୍ୟନ୍ତ ଏହି ଧରାପୃଷ୍ଠ ତିଷ୍ଠି ରହିଛି ସେପର୍ଯ୍ୟନ୍ତ ଏହି ଆଁହଜରତ ସ.ଅଙ୍କ ଉପୋରକ୍ତ ଆଦେଶପତ୍ରଟି ଜୀବିତ ରହିବ ।

ଆଁହଜରତ ସ.ଅ କହିଲେ, ଏହ ଲୋକମାନେ ! ତୁମେମାନେ ମୋର କଥାକୁ ଭଲ ଭାବରେ ଶୁଣ ! କାରଣ ମୁଁ ଜାଣି ନାହିଁ ଯେ, ଚଳିତ ବର୍ଷ ପରେ ମୁଁ ଆଉ କେବେ ବି ତୁମମାନଙ୍କ ମଧ୍ୟରେ ଉକ୍ତ ଭୂମି ଅର୍ଥାତ୍ ମୁଜ୍‌ଦଲ୍‌ଫା ପଡ଼ିଆରେ ଛିଡ଼ା ହୋଇ କୌଣସି ଭାଷଣ ଦେବି । ତୁମମାନଙ୍କର ପ୍ରାଣ ଏବଂ ତୁମମାନଙ୍କର ଧନକୁ ଈଶ୍ୱର ପରସ୍ପର ଉପରେ ପ୍ରଳୟ ଦିବସସ ପର୍ଯ୍ୟନ୍ତ ସୁରକ୍ଷିତ ବୋଲି ବିବେଚିତ କରିଦେଇଛନ୍ତି । ଈଶ୍ୱର ପ୍ରତ୍ୟେକ ବ୍ୟକ୍ତି ପାଇଁ ସମ୍ପତ୍ତିରେ ଉତ୍ତରାଧିକାରୀର ଏକ ଅଂଶ ନିର୍ଦ୍ଧାରିତ ରିଦେଇଛନ୍ତି।

ତେଣୁ ଏପରି କୌଣଶସି ଓସିୟତ୍ (ଇଚ୍ଛାପତ୍ର) ବୈଧ ହେବ ନାହିଁ ଯେଉଁ ଓସିୟତ୍ ଅନ୍ୟ ଉତ୍ତରାଧିକାରୀର ଅଧିକାରର କ୍ଷତି ଘଟାଇବ । ଯେଉଁ ବ୍ୟକ୍ତିର ସନ୍ତାନ ଯେଉଁ ଘରେ ଜନ୍ମ ଗ୍ରହଣ କରିବ ସେହି ସନ୍ତାନ ସେହି ବ୍ୟକ୍ତିର ହିଁ ବିବେଚିତ ହେବ । ଯଦି କୌଣସି ବ୍ୟକ୍ତି ପାପ ଯୋଗୁଁ ସେହି ସନ୍ତାନର ଦାବି କରିବ ତେବେ ସେହି ବ୍ୟକ୍ତି ସ୍ୱୟଂ ଶାସ୍ତି ପାଇବାର ଅଧିକାରୀ ହେବ । ଅର୍ଥାତ୍ ତାକୁ ଦଣ୍ଡ ମିଳିବ । ଯେଉଁ ବ୍ୟକ୍ତି ଅନ୍ୟ ବ୍ୟକ୍ତିର ପିତାକୁ ଆଡ଼କୁ ନିଜକୁ ଇଙ୍ଗିତ କରେ କିମ୍ବା କୌଣସି ବ୍ୟକ୍ତିକୁ ମିଥ୍ୟା ରୂପେ ନିଜର ମାଲିକ ବୋଲି ବିବେଚିତ କରେ ତେବ ଈଶ୍ୱର ଓ ତାହାଙ୍କର ଦେବଦୂତମାନେ ସେହି ବ୍ୟକ୍ତି ଉପରେ ଅଭିଶାପ ପକାଇଥାଆନ୍ତି।

ହେ ଲୋକମାନେ ! ତୁମମାନଙ୍କର କେତେକ ଅଧିକାର ତୁମ ପତ୍ନିମାନଙ୍କ ଉପରେ ମଧ୍ୟ ରହିଛି ଏବଂ ତୁମ ପତ୍ନିମାନଙ୍କର ତୁମ ଉପରେ ମଧ୍ୟ କେତେକ ଅଧିକାର ରହିଛି । ପତ୍ନିମାନଙ୍କ ଉପରେ ତୁମର ଏହି ଅଧିକାର ରହିଛି ଯେ, ତୁମର ପତ୍ନିମାନେ ସତୀତ୍ୱ ଜୀବନ ଯାପନ କରନ୍ତି ଏବଂ ଏପରି ଖଳ ତଥା ଅନୈତିକ ପନ୍ଥା ଅବଲମ୍ବନ ନକରନ୍ତୁ ଯଦ୍ଦ୍ୱାରାକି ସମାଜ ଆଗରେ ସ୍ୱାମୀ ଅସମ୍ମାନିତ ଓ ତିରସ୍କୃତ ହେବ ।

ଯଦି ତୁମର ପତ୍ନିମାନେ ଏପରି କୃତ୍ୟ କରନ୍ତି ତେବେ ତୁମେମାନେ (ଯେପରିକି ପବିତ୍ର କୁରଆନ୍ କରୀମ୍‌ର ମାର୍ଗଦର୍ଶନ ରହିଛି ତୁମେମାନେ ନିୟମିତ ତଦନ୍ତ ଏବଂ ନ୍ୟାୟାଳୟର ନିର୍ଣ୍ଣୟ ପରେ ଏପରି ପଦକ୍ଷପ ଗ୍ରହଣ କରାଯାଇ ପାରିବ) ସେମାନଙ୍କୁ ଶାସ୍ତି ଦେଇପାରିବ । କିନ୍ତୁ ତହିଁରେ ମଧ୍ୟ ତୁମେମାନେ ସେମାନଙ୍କ ପ୍ରତି କ୍ରୂରତା ଏବଂ କଠୋରତା ପ୍ରଦର୍ଶନ କରିବ ନାହିଁ । କିନ୍ତୁ ତୁମର ପତ୍ନି ଯଦି ଏପରି କୌଣସି ଆଚରଣ ପ୍ରଦର୍ଶନ କରନ୍ତି ନାହିଁ ଯାହାକି ବଂଶ ଏବଂ ସ୍ୱାମୀର ମାନ ସମ୍ମାନ ଉପରେ କଳଙ୍କ ଲଗାଉଥିବ ତେବେ ତୁମର ଏହି ଦାୟିତ୍ୱ ରହିଛି ଯେ, ତୁମେ ନିଜର ସାମର୍ଥ୍ୟାନୁଯାୟୀ ସେମାନଙ୍କର ଭରଣ ପୋଷଣ, ବସ୍ତ୍ର ଇତ୍ୟାଦିର ବ୍ୟବସ୍ଥା କର ।

ହେ ଲୋକମାନେ ! ତୁମେମାନେ ଏକଥା ମନେରଖ ! ଯେ, ତୁମେମାନେ ସର୍ବଦା ନିଜର ପତ୍ନିମାନଙ୍କ ସହିତ ଉତ୍ତମ ଆଚରଣ ପ୍ରଦର୍ଶନ କରିବ । କାରଣ ଈଶ୍ୱର ତୁମ ପତ୍ନିମାନଙ୍କର ଦେଖାଶୁଣା ଓ ସେମାନଙ୍କର ଯତ୍ନ ନେବାର ଦାୟିତ୍ୱ ତୁମ ଉପରେ ନ୍ୟସ୍ତ କରିଛନ୍ତି ।

ନାରୀ ଏକ ଦୁର୍ବଳ ଅସ୍ତିତ୍ୱର ଅଧିକାରୀ ହୋଇଥାଏ ଏବଂ ସେ ନିଜ ଅଧିକାରକୁ ନିଜେ ରକ୍ଷା କରିପାରିବ ନାହିଁ । ତୁମେ ଯେତେବେଳେ ତୁମ ପତ୍ନି ସହିତ ବିବାହ କଲ ସେତେବେଳେ ତୁମେ ଈଶ୍ୱରଙ୍କୁ ପ୍ରତିଭୂ (ସାକ୍ଷୀ ରଖି) କରିଥିଲ । ଅର୍ଥାତ୍ ସେମାନଙ୍କର ଅଧିକାର ସମ୍ପାଦନ କରିବ ବୋଲି ଅଙ୍ଗୀକାର କରିଥିଲ ଏବଂ ଈଶ୍ୱରଙ୍କ ନିୟମ ଅନୁଯାୟୀ ଅର୍ଥାତ୍ ପବିତ୍ର କୁରଆନ୍ କରୀମ୍ ଅନୁଯାୟୀ ତୁମେମାନେ ସେମାନଙ୍କୁ ଅର୍ଥାତ୍ ପତ୍ନିକୁ ନିଜ ଘରକୁ ଆଣିଥିଲ । ଅତଏବ୍ ତୁମେମାନେ ଈଶ୍ୱରଙ୍କ ପ୍ରତିଭୂକୁ ତାଚ୍ଛଲ୍ୟ ଓ ହେୟ ବୋଲି ମନେକର ନାହିଁ ଓ ନାରୀ (ପତ୍ନି)ମାନଙ୍କର ଅଧିକାର ସମ୍ପାଦନ କରିବା ନିମନ୍ତେ ସର୍ବଦା ଧ୍ୟାନ ରଖିବ ।

ହେ ଲୋକମାନେ ! ତୁମମାନଙ୍କ ହସ୍ତରେ (କବଳର) ବର୍ତ୍ତମାନ କିଛି ଯୁଦ୍ଧରେ ବନ୍ଦୀ ହୋଇଥିବା କଏଦୀମାନେ ଅଛନ୍ତି । ମୁଁ ତୁମମାନଙ୍କୁ ଏହି ଉପଦେଶ ଦେଉଛି ଯେ, ତୁମେମାନେ ଯେଉଁ ଖାଦ୍ୟ ଖାଉଛ ତାହା ସେମାନଙ୍କୁ ମଧ୍ୟ ଖୁଆଅ, ସେହିପରି ତୁମେମାନେ ଯେଉଁ ବସ୍ତ୍ର ପରିଧାନ କର ତାହା ସେମାନଙ୍କୁ ମଧ୍ୟ ପରିଧାନ କରାଅ । ଯଦି ସେମାନଙ୍କ ଦ୍ୱାରା କୌଣସି ତ୍ରୁଟି ବିଚ୍ୟୁତି ହୋଇଯାଏ ତେବେ ସେପରିପ୍ରେକ୍ଷୀରେ ସେମାନଙ୍କୁ ଶାସ୍ତି କିମ୍ବା କଷ୍ଟ ଦେବା ଉଚିତ୍ ନୁହେଁ ।

ହେ ଲୋକମାନେ ! ମୁଁ ତୁମମାନଙ୍କୁ ଯାହା କହୁଛି ତୁମେମାନେ ତାହାକୁ ଭଲ ଭାବରେ କର୍ଣ୍ଣପାତ କର ଅର୍ଥାତ୍ ଧ୍ୟାନପୂର୍ବକ ଶୁଣି ଓ ମନରେଖ ! ପ୍ରତ୍ୟେକ ମୁସଲମାନ ବ୍ୟକ୍ତି ଅନ୍ୟ ମୁସଲମାନ ବ୍ୟକ୍ତିର ଭାଇ ଅଟେ । ତୁମେମାନେ ସମସ୍ତେ ସମସ୍ତରୀୟ ଅଟ । ତୁମେମାନେ ସମସ୍ତ ଯେକୌଣସି ଜାତି, ସଂପ୍ରଦାୟ ଓ ଯେକୌଣସି ସ୍ଥିତବସ୍ଥା ଓ ସାମର୍ଥ୍ୟର ଅଧିକାରୀ ହୋଇଥାଅ ପଛେ, କିନ୍ତୁ ମନୁଷ୍ୟ ହେବା ଦୃଷ୍ଟିରୁ ତୁମେମାନେ ସମସ୍ତେ ସମାନ ଓ ସମସ୍ତରୀୟ ଅଧିକାରୀ ଅଟ ।

ଆଁହଜରତ୍ ସ.ଅ ଉପରୋକ୍ତ କଥା କହି ନିଜର ଦୁଇ ହାତକୁ ଉଠାଇଲେ ଏବଂ ଦୁଇ ଆଙ୍ଗୁଳିକୁ ଏପରି ମିଶାଇ ଦେଲେ ଯେପରିକି ସେହି ଦୁଇ ହାତର ଆଙ୍ଗୁଠିମାନେ ପରସ୍ପର ମଧ୍ୟରେ ସମାନ ଅଟନ୍ତି । ଅତଏବ୍ ଏହିପରି ଭାବରେ ତୁମେ ମାନବଜତିମାନେ ସମାନ ଅଟ । ତୁମେମାନଙ୍କୁ କାହାରିକୁ କାହା ଉପରେ ସ୍ତର, ପ୍ରତିଷ୍ଠା ଓ ଶ୍ରେଷ୍ଠତ୍ୱ ପ୍ରକାଶ କରିବାର ଅଧିକାର ନାହିଁ। ତୁମେମାନେ ପରସ୍ପର ଭାଇମାନଙ୍କ ପରି ରୁହ ।

ଆପଣ ସ.ଅ ପୁନଶ୍ଚ କହିଲେ, ହେ ମୁସଲମାନମାନେ ! କ'ଣ ତୁମେମାନେ ଏକଥା ଜାଣ କି ଏହି ଅଞ୍ଚଳର ନାମ କ'ଣ ? କ'ଣ ତୁମେମାନେ ଜାଣ କି ଆଜି କେଉଁ ଦିନ ଅଟେ ? ଲୋକମାନେ କହିଲେ, ହେ ଅଲ୍ଲାଙ୍କ ବାର୍ତ୍ତାବହ ! ଏହି ଆଞ୍ଚଳ ହେଉଛି ପବିତ୍ର ମକ୍କା ଅଞ୍ଚଳ ଏବଂ ଆଜି ହେଉଛି ହଜ୍ (ତୀର୍ଥ) ଦିବସ ।

ଆଁହଜରତ୍ ସ.ଅ ପ୍ରତ୍ୟେକ ଉତ୍ତରରେ କହୁଥିଲେ, ହେ ମୁସଲମାନମାନେ! ଯେପରି ଉକ୍ତ ମାସଟି ପବିତ୍ର ମାସ ଅଟ, ଯେପରି ଉକ୍ତ ଅଞ୍ଚଳଟି ପବିତ୍ର ଅଞ୍ଚଳ ଅଟେ, ଯେପିର ଆଜିର ଦିନଟି ପବିତ୍ର ଦିନ ଅଟେ ଠିକ୍ ସେହିପରି ଅଲ୍ଲାଃତାଲା ପ୍ରତ୍ୟେକ ମନୁଷ୍ୟର ଜୀବନ ଓ ତା'ର ଧନକୁ ମଧ୍ୟ ପବିତ୍ର ବୋଲି ବିବେଚିତ କରିଛନ୍ତି ଏବଂ କୌଣସି ବ୍ୟକ୍ତିର ପ୍ରାଣ ଏବଂ କୌଣସି ବ୍ୟକ୍ତିର ଧନ ଉପରେ ଆକ୍ରମଣ କରିବା ସେହିପରି ଅବୈଧ, ଅନ୍ୟାୟ ଓ ଅନୈତିକ ଅଟେ ଯେପରି ଉକ୍ତ ପବିତ୍ର ମାସ, ପବିତ୍ର ଅଞ୍ଚଳ ଓ ପବିତ୍ର ଦିନର ମର୍ଯ୍ୟାଦାକୁ କ୍ଷୁର୍ଣ୍ଣ କରିବା ଅଟେ ।

ଉକ୍ତ ଆଦେଶଟି କେବଳ ଆଜି ନିମନ୍ତେ ଅର୍ଥାତ୍ ସଂପ୍ରତିକ ଯୁଗ ନିମନ୍ତେ ଉଦ୍ଦିଷ୍ଟ ନଥିଲା ବରଂ ସେହି ଦିନ ପର୍ଯ୍ୟନ୍ତ ଉଦ୍ଦିଷ୍ଟ ଅଟେ ଯେଉଁ ଦିନ ତୁମେ ନିଜ ଈଶ୍ୱରଙ୍କୁ ସାକ୍ଷାତ୍ କରିବ ।

ଆପଣ ସ.ଅ ପୁନଶ୍ଚ କହିଲେ, ମୁଁ ଯେଉଁ କଥା ତୁମମାନଙ୍କୁ କହୁଛି ସେହି କଥାକୁ ତୁମେମାନେ ପୃଥିବୀର ପ୍ରତ୍ୟେକ ପ୍ରାନ୍ତରେ ପହଞ୍ଚାଇ ଦିଅ । କାରଣ ସମ୍ଭବତଃ ଯେଉଁ ଲୋକମାନେ ମୋ କଥା ଶୁଣୁଛନ୍ତି ସେମାନଙ୍କ ତୁଳନାରେ ଯେଉଁ ଲୋକମାନେ ମୋ କଥାକୁ ଶୁଣି ନାହାନ୍ତି ସେହି ଲୋକମାନେ ଅର୍ଥାତ ଭବିଷ୍ୟତ ଯୁଗର (ଆଧୁନିକ ଯୁଗର) ଲୋକମାନେ ଉକ୍ତ ଆଦେଶାବଳୀ ଉପରେ ଅଧିକ କାର୍ଯ୍ୟାନୁସରଣ କରିବେ । ଅର୍ଥାତ୍ ଆଁହଜରତ ସ.ଅଙ୍କ ଆଦେଶାବଳୀକୁ ସର୍ବାଧିକ କାର୍ଯ୍ୟକାରୀ କରିବେ ଓ କରାଇବେ ।"

**(ଦିବାଚା ତଫ୍‌ସିରୁଲ୍ କୁରଆନ୍, ପୃ-227-229)**

☆--☆--☆

☆--☆--☆

## ସୟେଦିନା ହ. ଖଲିଫତୁଲ୍ ମସିହ୍ ଖାମିସ୍ ଅ.ବଙ୍କ ଦ୍ୱାରା "ଜାତୀୟ ଏକତା" ବିଷୟବସ୍ତୁ ଉପରେ ଦିଆଯାଇଥିବା ବହୁମୂଲ୍ୟ ତଥା ଉପାଦେୟ ଉପଦେଶାବଳୀ ।

(ଏଚ୍-ଶମ୍ସୁଦ୍ଦୀନ୍ କାୱାଶିରୀ ସାହେବ, ସମ୍ପାଦକ-ମାଲିୟାଲମ୍ ବଦର)

بسم اللہ الرحمٰن الرحیم
نحمدہ ونصلی علیٰ رسولہ الکریم وعلیٰ عبدہ المسیح الموعود
خدا کے فضل اور رحم کے ساتھ
ھو النّاصر

ଜାତୀୟ ଏକତା ବା ଜାତୀୟ ସଂହତି କହିଲେ ଗୋଟିଏ ଜାତିର ସଦସ୍ୟମାନଙ୍କ ମଧ୍ୟରେ ଏପରି ଏକତା, ପାରସ୍ପାରିକ, ଭ୍ରାତୃତ୍ୱବୋଧ, ପାରସ୍ପାରିକ ମୂଲ୍ୟବୋଧ, ପାରସ୍ପାରିକ ବିଶ୍ୱାସ ଯାହା ବର୍ଣ୍ଣ, ଭାଷା, ଧର୍ମ, ଆଞ୍ଚଳିକତାଜନିତ ପାର୍ଥକ୍ୟତା ଠାରୁ ଉର୍ଦ୍ଧ୍ୱରେ ଥିବାକୁ ବୁଝାଏ । ଏହା ହେଉଛି ସେହି ଅବସ୍ଥା ଯହିଁରେ ଜାତିର ସମସ୍ତ ଶ୍ରେଣୀ ଗୋଷ୍ଠୀର ସାମୂହିକ ସ୍ୱାର୍ଥ ତଥା ଲକ୍ଷ୍ୟ ସାଧନ ସକାଶେ ମିଳିତ ହୋଇ କାମ କରିଥାଆନ୍ତି ଓ ପରସ୍ପରର ସୁଖ ଦୁଃଖରେ ମଧ୍ୟ ସାମିଲ (ଭାଗୀଦାର) ହୋଇଥାଆନ୍ତି। ସଂସାରର ପ୍ରତ୍ୟେକ ଭୂଖଣ୍ଡରେ ସ୍ଥାୟୀ ଓ ସୁଦୃଢ଼ ଉନ୍ନତିର ମୂଳମନ୍ତ୍ର ଉପରୋକ୍ତ ନୀତିରେ ହିଁ ଅନ୍ତର୍ନିହିତ ରହିଛି । ଇତିହାସ ଉକ୍ତ କଥାର ସାକ୍ଷୀ ଯେ, ଯେପର୍ଯ୍ୟନ୍ତ କୌଣସି ଜାତି ଏକତାର ବନ୍ଧନରେ (ସଂପର୍କରେ) ବାନ୍ଧି ହୋଇ ରହିଥାଏ ସେପର୍ଯ୍ୟନ୍ତ ସେହି ଜାତି ଆଭ୍ୟନ୍ତରୀଣ ଓ ବାହ୍ୟ ଚ୍ୟାଲେଞ୍ଜ (ବାଧା ବିଘ୍ନ ଓ ଶତ୍ରୁ)ର ଅବିଚଳ ହୋଇ ମୁକିବିଲା କରିଥାଏ । କିନ୍ତୁ ଯେତେବେଳେ ଜାତି ମଧ୍ୟରେ ବିକ୍ଷିପ୍ତାବସ୍ଥା ସୃଷ୍ଟି ହୁଏ ସେତେବେଳେ ଜାତି ନିଜର ଶକ୍ତିକୁ ହରାଇ ବସିଥାଏ ।

### ଜାତୀୟ ଏକତା ଓ ନବୀ କରୀମ୍ ସ.ଅ:

ପବିତ୍ର କୁରଆନ୍ କରୀମ୍ ଜାତୀୟ ଏକତା ଉପରେ ଜୋର୍ (ଗୁରୁତ୍ୱାରୋପ କରିଥାଏ) ଦେଇଥାଏ । ଅତଏବ୍ ଅଲ୍ଲାଃତାଲା ପବିତ୍ର କୁରଆନ୍ କରୀମରେ କୁହନ୍ତି: كَانَ النَّاسُ أُمَّةً وَّاحِدَةً **(ଅଲ୍ ବକ୍ରାହ୍: 214)** ଅର୍ଥାତ୍ ସମସ୍ତ ମାନବ ସମାଜ ଏକ ସମ-ମନୋଭାବ ସମ୍ପନ୍ନ ସଂପ୍ରଦାୟ ଥିଲା । ସୁତରାଂ ଅଲ୍ଲାଃତାଲା ମାନବଜାତିକୁ ପୁନଃ ଏକ ଡୋରରେ ଗୁନ୍ଥିବା ନିମନ୍ତେ ଉଭୟ ପୁରର ଅଧିପତି ହ. ମୁହମ୍ମଦ୍ ସ.ଅଙ୍କୁ ଅବତୀର୍ଣ୍ଣ କଲେ ଏବଂ ଆଦେଶ ଦେଲେ: قُلْ يَا أَيُّهَا النَّاسُ إِنِّي رَسُولُ اللّٰهِ إِلَيْكُمْ جَمِيعًا الَّذِي لَهُ مُلْكُ السَّمَاوَاتِ وَالْأَرْضِ لَا إِلٰهَ إِلَّا هُوَ يُحْيِي وَيُمِيتُ فَآمِنُوا بِاللّٰهِ وَرَسُولِهِ النَّبِيِّ الْأُمِّيِّ الَّذِي يُؤْمِنُ بِاللّٰهِ وَكَلِمَاتِهِ وَاتَّبِعُوهُ لَعَلَّكُمْ تَهْتَدُونَ **(ଅଲ୍ ଆରାଫ୍: 159)** ଅର୍ଥାତ୍ କୁହ ହେ ଲୋକମାନେ ! ନିଶ୍ଚୟ ଆମ୍ଭେ ତୁମ୍ଭ ସମସ୍ତଙ୍କ ପାଇଁ ଆକାଶ ଓ ପୃଥିବୀର ଅଧୀଶ୍ୱର ଅଲ୍ଲାଃଙ୍କର ରସୁଲ୍ ଅଟୁ । ତାହାଙ୍କ ବ୍ୟତୀତ ଅନ୍ୟ କେହି ଉପାସ୍ୟ ନାହିଁ । ସେ ଜୀବନ ଦାନ କରନ୍ତି ଓ ମୃତ୍ୟୁ ଦିଅନ୍ତି । ସୁତରାଂ ତୁମେମାନେ ଅଲ୍ଲାଃଙ୍କ ଉପରେ ତଥା ତାହାଙ୍କ ବାର୍ତ୍ତାବହଙ୍କ ଉପରେ ବିଶ୍ୱାସ ସ୍ଥାପନ କର, ଯେ କି ନବୀ ଓ ନିରକ୍ଷମର ଅଟନ୍ତି ଏବଂ ଯେ କି ଅଲ୍ଲାଃଙ୍କ ଉପରେ ତଥା ତାହାଙ୍କର ବାଣୀ ଉପେ ବିଶ୍ୱାସ କରନ୍ତି ଏବଂ ତାଙ୍କୁ ହିଁ ଅନୁସରଣ କର, ତାହା ହେଲେ ତୁମେମାନଙ୍କୁ ସତ୍‌ପଥ ପ୍ରାପ୍ତ ହେବ ।"

ଅତଏବ୍ ଉକ୍ତ ଅଭିପ୍ରାୟର ସମ୍ପୂର୍ଣ୍ଣ ନିମନ୍ତେ ଆପଣ ସ.ଅଙ୍କୁ ଆନ୍ତର୍ଜାତିକ ଧର୍ମବିଧାନ ଅର୍ଥାତ୍ ପବିତ୍ର କୁରଆନ୍ କରୀମ୍ ପ୍ରାପ୍ତ ହେଲା । ଉକ୍ତ ପବିତ୍ର ଧର୍ମଗ୍ରନ୍ଥ ସମଗ୍ର ବିଶ୍ୱ ନିମନ୍ତେ ଦୃଷ୍ଟାନ୍ତ ଅଟେ । **(ଅଲ୍ ଫୁର୍କାନ୍:2)** ଉକ୍ତ ଗ୍ରନ୍ଥ ଏଂବଂ ସମସ୍ତ ମାନବଜାତିକୁ ଏହି ବାର୍ତ୍ତା ଦିଆଗଲା: قُلْ يَا أَهْلَ الْكِتَابِ تَعَالَوْا إِلَىٰ كَلِمَةٍ سَوَاءٍ بَيْنَنَا وَبَيْنَكُمْ أَلَّا نَعْبُدَ إِلَّا اللّٰهَ وَلَا نُشْرِكَ بِهِ شَيْئًا وَلَا يَتَّخِذَ بَعْضُنَا بَعْضًا أَرْبَابًا مِنْ دُونِ اللّٰهِ **(ଅଲ୍ ଇମ୍ରାନ୍: 65)**"ତୁମ୍ଭେ କୁହ, ହେ ଗ୍ରନ୍ଥାଧାରୀମାନେ ! ତୁମେମାନେ ଅନ୍ତତଃ ଏପରି ପନ୍ଥା ଅବଲମ୍ବନ କର ଯାହା ଆମମାନଙ୍କ ତଥା ତୁମମାନଙ୍କ ମଧ୍ୟରେ ସମାନ ଅଟେ ଏବଂ ତାହା ହେଉଛି ଯେ, ଆମେମାନେ ଅଲ୍ଲାଃଙ୍କ ବ୍ୟତୀତ ଅନ୍ୟ କାହାରି ଉପାସନା କରିବା ନାହିଁ ଏବଂ ଅନ୍ୟ କୌଣସି ବସ୍ତୁକୁ ତାହାଙ୍କ ସହିତ ସମକକ୍ଷ କରିବ ନାହିଁ ଏବଂ ଅଲ୍ଲାଃଙ୍କୁ ପରିତ୍ୟାଗ କରି ପରସ୍ପର ମଧ୍ୟରେ ଜଣେ ଅନ୍ୟ ଜଣକୁ ପାଳନକର୍ତ୍ତା ରୂପେ ଗ୍ରହଣ କରିବ ନାହିଁ । କିନ୍ତୁ ଯଦି ସେମାନେ ପୁଣି ଫେରିଯାଆନ୍ତି ତେବେ ସେମାନଙ୍କୁ କୁହ କି ତୁମେମାନେ ସାକ୍ଷୀ ରୁହ ଯେ, ଆମେମାନେ ଅଲ୍ଲାଃଙ୍କର ଅଜ୍ଞା ପାଳନକାରୀ ଅଟୁ ।"

ପୁନଶ୍ଚ ହୁଜୁର ସ.ଅ ଜାତୀୟ ଏକତାର ଏପରି ସର୍ବୋଚ୍ଚ ଉଦାହରଣ ସ୍ଥାପନ କଲେ ଯେ, କଳା, ଗୋରା, ଦାସ, ମାଲିକ ଏବଂ ଆରବ୍ୟ ଓ ଅଣ ଆରବ୍ୟ ସମସ୍ତଙ୍କୁ ଗୋଟିଏ ଧାଡ଼ିରେ ଆଣି ଛିଡ଼ା କରିଦେଲେ । ଅର୍ଥାତ ନା କେହି ଭକ୍ତ (ବ୍ୟକ୍ତି) ରହିଲା ଓ ନା କେହି ଭକ୍ତକୁ ପୁରସ୍କୃତ କଲାବାଲା ମାଲିକ ।

ସେହିପରି ହଜ୍ଜତୁଲ୍ ୱିଦା ଅବସରରେ ଆଁହଜରତ ସ.ଅ ନିଜର ଶେଷ ସନ୍ଦେଶରେ ପୁଣିଥରେ ଜନସାଧାରଣଙ୍କୁ ଜାତୀୟ ଏକତାର ମୂଳମନ୍ତ୍ର ସଂପର୍କରେ ଶିକ୍ଷା ଦେଇ ମୁସଲମାନ ଧର୍ମାବଲମ୍ବୀମାନଙ୍କୁ ଏହି ନିର୍ଦ୍ଦେଶ ମଧ୍ୟ ଦେଲେ ଯେ, أَلَا فَلْيُبَلِّغِ الشَّاهِدُ مِنْكُمُ الْغَائِبَ ଅର୍ଥାତ୍ ଯେଉଁ ବ୍ୟକ୍ତି ଏଠାରେ ଉପସ୍ଥିତ ଅଛି, ସେ ଉକ୍ତ ବାର୍ତ୍ତା ତଥା ସନ୍ଦେଶକୁ ଅନ୍ୟ ବ୍ୟକ୍ତି ପର୍ଯ୍ୟନ୍ତ ପହଞ୍ଚାଇ ଦେଉ ଯିଏ ଏଠାରେ ଉପସ୍ଥିତ ନାହିଁ । **(ବୁଖାରୀ କିତାବୁଲ୍ ଇଲମି, ବାବ୍-ଲିୟୁବଲ୍ଲିଗିଲ୍ ଇଲମିଶ୍ ଶାହିଦୁଲ୍ ଗାଇବି)**

### ପାରସ୍ୟ ପୁରୁଷ ଏବଂ ଗୋଟିଏ ଜାତିର ସଂସ୍ଥାପନ ! :

ହୁଜୁର୍ ଅ.ବ କହିଲେ, ଯଦିଓ ନବୀ କରୀମ୍ ସ.ଅଙ୍କ ଆଦେଶାବଳୀ ମଧ୍ୟରେ 'ମିନ୍‌କୁମ୍' (ତୁମମାନଙ୍କ ମଧ୍ୟରୁ) ଶବ୍ଦରୁ ପ୍ରାଥମିକ ସମ୍ବୋଧିତ ଲୋକ ସାହାବାମାନେ ହିଁ ଥିଲେ । କିନ୍ତୁ ସେମାନଙ୍କ ମଧ୍ୟରେ ହ. ସଲ୍‌ମାନ୍ ଫାର୍ସି ନାମକ ଜଣେ ବ୍ୟକ୍ତି ରହିଥିଲେ । ସୁତରାଂ ଆପଣ ର.ଅ ନିଜର ଏକ ବର୍ଣ୍ଣନାରେ ବର୍ଣ୍ଣନା କରନ୍ତି ଯେ, فَشَهِدْتُ مَعَ رَسُولِ اللّٰهِ صَلَّى اللّٰهُ عَلَيْهِ وَسَلَّمَ الْخَنْدَقَ ثُمَّ لَمْ يَفُتْنِي مَعَهُ مَشْهَدٌ ଅର୍ଥାତ୍ ମୁଁ ରସୁଲୁଲ୍ଲାଃ ସ.ଅଙ୍କ ସହିତ ଖନ୍ଦକ୍ ଯୁଦ୍ଧରେ ସାମିଲ୍ ହେଲି ଏବଂ ଏହାପରେ ଆପଣ ସ.ଅଙ୍କ ସହିତ ଅନ୍ୟ କୌଣସି ଅବସରରେ ମଧ୍ୟ ସାମିଲ୍ ହେବାରୁ ବଞ୍ଚିତ ରହିଲି ନାହିଁ। **(ଅହ୍‌ମଦ, 444-441/5, ୱ ଇବ୍‌ନି ସାଆଦ୍ ଫିତ୍ ତବ୍‌କାତି (53-57/4) ମିନ୍ ତରିକି ଇବ୍‌ନେ ଇସ୍‌ହାକ୍ ହଦ୍‌ସନି ଆସିମ୍ ଇବ୍‌ନି ଉମର୍ ବିନ୍ କତାଦା ଅଲ୍ ଅନ୍‌ସାରୀ ଅନ ମହ୍‌ମୁଦ ବିନ୍ ଲବିଦ୍ ଅନ୍ ଅବଦିଲ୍ଲାଃ ଇବ୍‌ନି ଅବ୍ବାସ୍, ଦଲାଇଲୁନ୍ ନୁବୁୱାହ୍ ଲିଲ୍ ବହିକିରେ ସପ୍ରମାଣେରୁ ଆନୀତ)**

ହୁଜୁର ଅନୱର୍ ଅ.ବ କହିଲେ, ଉକ୍ତ ସାମୂହିକର ବର୍ଣ୍ଣନାରୁ ଏହା ହିଁ ଆଶଙ୍କା କରାଯାଏ ଯେ, ଆଁହଜରତ ସ.ଅଙ୍କ ହଜ୍ଜତୁଲ୍ ୱିଦା (10 ହିଜ୍ରୀ) ପରି ମହାନ ସମ୍ମିଳନୀରେ ହ. ସଲମାନ ଫାର୍ସି ର.ଅ ଅବଶ୍ୟ ସାମିଲ୍ ଥିଲେ। ଅଲ୍ଲାଃତାଲା ହିଁ ସର୍ବଜ୍ଞ ଅଟନ୍ତି, ସେ ବ୍ୟକ୍ତିକୁ ଭଲ ଭାବରେ ଜାଣନ୍ତି।

ସେ ଯାହା ହେଉ ଅଲ୍ଲାଃତାଲାଙ୍କୁ ସେତେବେଳେ ସେଠାରେ ଉପସ୍ଥିତ ଥିବା ସାହାବାମାନଙ୍କ ମଧ୍ୟରୁ ହ. ସଲମାନ୍ ଫାର୍ସି ର.ଅଙ୍କ ଜାତି ଉପରେ ହିଁ ଆଁହଜରତ ସ.ଅଙ୍କ ଆଜ୍ଞାପାଳନର ଉକ୍ତ ଭବ୍ୟ ସେବା ନ୍ୟସ୍ତ ହେବା ସ୍ୱୀକୃତ ଥିଲା । ସୁତରାଂ ଶେଷ ଯୁଗରେ ପ୍ରିୟ ମହାବତାର ସ.ଅ ନିଜର ଆଗମନର ଅଭିପ୍ରାୟ ସଂପର୍କରେ ଅବ୍‌ନାଉଲ୍ ଫାରସ୍ (ପାରସ୍ୟ ଲୋକମାନଙ୍କ ମଧ୍ୟରୁ) ମଧ୍ୟରୁ କେତେକ ମହାନୁଭବ ତଥା ଭବ୍ୟ ଲୋକମାନଙ୍କର ଆଗମନ ସଂପର୍କରେ ସୁସମାଚାର ପ୍ରଦାନ କରିଥିଲେ । ପୁନଶ୍ଚ ଏହାର କଲ୍ୟାଣମୟ ବଂଶଧର ମଧ୍ୟରୁ ଅଲ୍ଲାଃତାଲା ହ. ମିର୍ଜା ଗୁଲାମ୍ ଅହମଦ କାଦିୟାନୀ ଅ.ସ (ପ୍ରତିଶ୍ରୁତ ମସିହ୍ ଏବଂ ଅଙ୍ଗୀକୃତ ମେହଦୀ)ଙ୍କୁ ଅବତୀର୍ଣ୍ଣ କଲେ । ଯାହାଙ୍କ ସଂପର୍କରେ ସ୍ୱୟଂ ଅଲ୍ଲାଃତାଲା ଏହି ସାକ୍ଷ୍ୟ ପ୍ରଦାନ କଲେ ଯେ, هٰذَا رَجُلٌ يُحِبُّ رَسُولَ اللّٰهِ ଅର୍ଥାତ୍ ଏ ହେଉଛି ସେହି ପୁରୁଷ ଯିଏ ପ୍ରିୟ ମହାବତାର ହ. ମୁହମ୍ମଦ୍ ସ.ଅଙ୍କ ସହିତ ପ୍ରକୃତ ପ୍ରେମ ପ୍ରଦର୍ଶନ କରେ ।

### ଜାତୀୟ ଏକତା ଓ ହ. ମସିହ୍ ମଉଦ୍ ଅ.ସ:

ସାଂପ୍ରତିକ ଯୁଗରେ ଯୁଗାବତାର ତଥା ଇମାମ୍ ମେହ୍‌ଦୀଙ୍କ ଆଗମନର ପ୍ରକୃତ ଅଭିପ୍ରାୟ ମୁସଲମାନ ଧର୍ମବଲମ୍ବୀମାନଙ୍କୁ ପୁନଃ ଅନନ୍ୟ ଜାତିରେ ରୂପାନ୍ତରିତ କରିବା ଅଟେ । ପ୍ରିୟ ମହାବତାର ହ. ମୁହମ୍ମଦ୍ ସ.ଅ ଇମାମ୍ ମେହ୍‌ଦୀଙ୍କ ମାଧ୍ୟମରେ ସ୍ଥାପିତ ହେବାକୁ ଥିବା ଗୋଷ୍ଠୀ ସଂପର୍କରେ କହିଥିଲେ ଯେ, وَهِيَ الْجَمَاعَةُ ଅର୍ଥାତ୍ ତାହା ଏକ ଜମାଅତ୍ ହେବ । ସେହିପରି ଆପଣ ସ.ଅ ମୁସଲମାନମାନଙ୍କୁ ଏହି ନିର୍ଦ୍ଦେଶ ମଧ୍ୟ ଦେଲେ ଯେ, تَلْزَمُ جَمَاعَةَ الْمُسْلِمِينَ وَإِمَامَهُمْ ଅର୍ଥାତ୍ ସମସ୍ତ ମୁସଲମାନ ଧର୍ମାବଲମ୍ବୀମାନେ ସେହି ଇମାମ୍‌ଙ୍କୁ ଜାବୁଡ଼ି ଧରିନେବ । ତାହାଙ୍କ ଆଜ୍ଞା ପାଳନ କରିବ । فَاعْتَزِلْ تِلْكَ الْفِرَقَ كُلَّهَا، وَلَوْ أَنْ تَعَضَّ بِأَصْلِ شَجَرَةٍ، حَتَّى يُدْرِكَكَ الْمَوْتُ، وَأَنْتَ عَلَى ذَلِكَ ଅର୍ଥାତ୍ ପ୍ରତ୍ୟେକ ସଂପ୍ରଦାୟରୁ ପୃଥକ୍ ହୋଇଯିବ। ତୁମକୁ ବୃକ୍ଷର

ଚେର ଖାଇ ଜୀବନ ଅତିବାହିତ କରିବାକୁ ପଡ଼େ ଏବଂ ଏପର୍ଯ୍ୟନ୍ତକି ସେହି ଅବସ୍ଥାରେ ହିଁ ତୋର ମୃତ୍ୟୁ ଘଟିବ ତେବେ ଏହା ତୋ ନିମନ୍ତେ ଉତ୍ତମ ହେବ । ସୁତରାଂ ଅଲ୍ଲାଃତାଲା ସେହି ପାରସ୍ୟ ବ୍ୟକ୍ତି ଅର୍ଥାତ୍ ହ. ମସିହ୍ ମଉଦ୍ ଅ.ସଙ୍କୁ ଆଦେଶ ଦେଲେ ଯେ, اَجْمِعُوْا مَنْ فِي الْاَرْضِ مِنَ الْمُسْلِمِيْنَ لِيَجْتَمِعُوْا عَلٰى دِيْنٍ وَّاحِدٍ ।

ଏହାର ବ୍ୟାଖ୍ୟା କରି ହ. ମସିହ୍ ମଉଦ୍ ଅ.ସ କୁହନ୍ତି: "ଉକ୍ତ ପ୍ରସଙ୍ଗଟି ଅର୍ଥାତ୍ ସମସ୍ତ ମୁସଲମାନମାନଙ୍କୁ ଯେଉଁମାନେ ଭୂପୃଷ୍ଠରେ ବାସ କରୁଛନ୍ତି ସେମାନଙ୍କୁ ଏକତ୍ରିତ କର । عَلٰى دِيْنٍ وَّاحِدٍ ଏହା ଏକ ବିଶେଷ ପ୍ରକାରର ପ୍ରସଙ୍ଗ ଅଟେ.......ଏବଂ ଉକ୍ତ ପ୍ରସଙ୍ଗଟି ମୋର ଐଶୀବାଣୀ ମଧ୍ୟରେ ରହିଛି। ଏହା ମଧ୍ୟ ଏକ ପ୍ରକାରର ବୋଲି ମନେହୁଏ । ଅର୍ଥାତ୍ ଅଲ୍ଲାଃତାଲା ଚାହାନ୍ତି ଯେ, ମୁସଲମାନମାନେ ଭୂପୃଷ୍ଠରେ عَلٰى دِيْنٍ وَّاحِدٍ ଏକ ଧର୍ମରେ ଏକତ୍ରିତ ହୁଅନ୍ତୁ ଏବଂ ସେମାନେ ଅବଶ୍ୟ ଏକ ହେବେ । ହଁ ତହିଁରୁ ଏହା ଯଥାର୍ଥ ନୁହେଁ ଯେ, ସେମାନଙ୍କ ମଧ୍ୟରେ କୌଣସି ପ୍ରକାରର ମତଭେଦ ଯେପରି ରହିବ ନାହିଁ । କିନ୍ତୁ ତାହା ଏପରି ହେବ ଯେପରିକି ଚର୍ଚ୍ଚାଯୋଗ୍ୟ ଏବଂ ମର୍ଯ୍ୟାଦା ନୁହେଁ । କେବଳ ଶେଷ ଯୁଗରେ ପୁଣିଥରେ ଲୋକମାନଙ୍କୁ ଏକ ଜାତି ତଥା ଏକ ସଂପ୍ରଦାୟ କରିବା ଜାତୀୟ ଏକତା ଏବଂ ସଂହତିର ପରମ୍ପରାରେ ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସଙ୍କ ଆଦେଶାବଳୀ କେବଳ ନୈତିକ ମାର୍ଗଦର୍ଶକ ନୁହେଁ ବରଂ ମାର୍ଗର ମଶାଲ ପରି ମଧ୍ୟ ଅଟେ।

ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସ କୁହନ୍ତି: "ଅତଏବ୍ ଈଶ୍ୱର ବିଭିନ୍ନ ଜାତିର ପୃଥକ୍ ପୃଥକ୍ ଗୋଷ୍ଠୀ କରିଛନ୍ତି ଏବଂ ପ୍ରତ୍ୟେକ ଜାତି ମଧ୍ୟରେ ଏକତା ସୃଷ୍ଟି କରିଲେ । ତହିଁରେ ଏହି ରହସ୍ୟ ନିହିତ ରହିଥିଲା ଯେ, ଜାତିମାନଙ୍କ ମଧ୍ୟରେ ପରସ୍ପରର ପରିଚୟ ପ୍ରାପ୍ତ କରିବାରେ ସହଜତା ସୃଷ୍ଟି ହେଉ ଏବଂ ସେମାନଙ୍କ ମଧ୍ୟରେ ପାରସ୍ପାରିକ ସଂପର୍କ ସୃଷ୍ଟି ହେବାରେ କୌଣସି ସମସ୍ୟା ଯେପରି ସୃଷ୍ଟି ନହେଉ । ପୁନଶ୍ଚ ଜାତିମାନଙ୍କର ଛୋଟ ଛୋଟ ଭାଗରେ ପରିଚୟ ସୃଷ୍ଟି ହୋଇଗଲା ସେତେବେଳେ ଈଶ୍ୱର ଏହା ଚାହିଁଲେ ଯେ, ସମସ୍ତ ଜାତିମାନଙ୍କୁ ଏକ ଜାତିରେ ପରିଣିତ କରିଦେବ । ଉଦହାରଣ ସ୍ୱରୂପ ଯେପରି ଜଣେ ବ୍ୟକ୍ତି ଉଦ୍ୟାନ ମଧ୍ୟରେ ବୃକ୍ଷ ରୋପଣ କଲେ ଏବଂ ଉଦ୍ୟାନରେ ନାନା ତରୁ ଲତାମାନଙ୍କୁ ବିଭକ୍ତ କରିଥାଏ । ପୁନଶ୍ଚ ଏତଦ୍‌ପରେ ସମସ୍ତ ଉଦ୍ୟାନର ଆଖପାଖରେ ପ୍ରାଚୀର (କାନ୍ଥ) ନିର୍ମାଣ କରି ସମସ୍ତ ବୃକ୍ଷକୁ ଗୋଟିଏ ପରିଧି ମଧ୍ୟରେ କରିନିଏ । ଏହି ଆଡ଼କୁ ପବିତ୍ର କୁରଆନ୍ କରୀମ୍ ଇଙ୍ଗିତ କରିଛନ୍ତି ଏବଂ ତାହା ହେଉଛି ଏହା ଆୟତ୍ ଅର୍ଥାତ୍ اِنَّ هٰذِهٖۤ اُمَّتُكُمْ اُمَّةً وَّاحِدَةً وَّاَنَا رَبُّكُمْ فَاعْبُدُوْنِ **(ଅଲ୍ ଅମ୍ବିୟା:93)** ଅର୍ଥାତ୍ ତୁମ୍ଭମାନଙ୍କର ଏହି ସଂପ୍ରଦାୟ ଗୋଟିଏ ସଂପ୍ରଦାୟ ଅଟେ ଏବଂ ଆମ୍ଭେ ତୁମମାନଙ୍କର ପାଳନକର୍ତ୍ତା ଅଟେ । ସୁତରାଂ ତୁମେମାନେ ଆମ୍ଭରୁ ହିଁ ଉପାସନା କର । ସୁତରାଂ ଅଲ୍ଲାଃତାଲାଙ୍କର ଏହି ପରମ୍ପରା ଅନ୍ୟ ଧର୍ମର ଐଶୀବାଣୀ ସମ୍ବଳିତ ଧର୍ମଗ୍ରନ୍ଥମାନଙ୍କରେ ମଧ୍ୟ ରହିଛି ଏବଂ ତହିଁରେ ଈଶ୍ୱର ଏହା ହିଁ ଚାହିଁଛନ୍ତି ଯେ, ସେ ଧୀରେ ଧୀରେ ମାନବ ଜାତିର ଏକତାର ପରିଧିକୁ ସଂପ୍ରସାରିତ ଓ ସଂପୂର୍ଣ୍ଣ କରିଦେବେ । ପ୍ରଥମତଃ କିଛି କିଛି ଦେଶର ଭାଗରେ ଏକତା ସୃଷ୍ଟି କରି ପୁନଶ୍ଚ ଶେଷରେ ହଜ୍‌ର ସମାବେଶ ପରି ସମସ୍ତଙ୍କୁ ଏକ ସ୍ଥାନରେ ଏକତ୍ରିତ କରିଦେବ । ଯେପରିକି ଅଲ୍ଲାଃତାଲାଙ୍କ ପ୍ରତିଶ୍ରୁତି ପବିତ୍ର କୁରଆନ୍ କରୀମ୍‌ରେ ବର୍ଣ୍ଣିତ ହୋଇଛି ଯେ, وَنُفِخَ فِي الصُّوْرِ فَجَمَعْنٰهُمْ جَمْعًا **(ସୁରତୁଲ୍ କହଫ୍: 100)** ଅର୍ଥାତ୍ ବିଗୁଲ ବଜାଇ ଦିଆଯିବ । ଏହାପରେ ଆମେ ସେମାନଙ୍କୁ ଏକତ୍ରିତ କରାଇବୁ । ଅର୍ଥାତ୍ ଶେଷ ଯୁଗରେ ଈଶ୍ୱର ନିଜର ସ୍ୱର ଦ୍ୱାରା ସମସ୍ତ ପବିତ୍ର ଲୋକମାନଙ୍କୁ ଏକ ଧର୍ମରେ ଏକତ୍ରିତ କରିଦେବେ ଯେପରି ସେ ପ୍ରାରମ୍ଭରେ ଏକ ଧର୍ମ ଉପରେ ଏକତ୍ରିତ କରିଥିଲେ । କାରଣ ପ୍ରଥମ ଓ ଶେଷ ଯୁଗ ମଧ୍ୟରେ ସାମଞ୍ଜସ୍ୟତା ସୃଷ୍ଟି କରାଇଛନ୍ତି । ଅତଃ ପୂର୍ବେ ମାନବଜାତି କେବଳ ଗୋଟିଏ ଜାତି ପରି ଥିଲେ ଏବଂ ପୁନଶ୍ଚ ସେ ସମଗ୍ର ଭୂପୃଷ୍ଠିରେ ପରିବ୍ୟାପ୍ତ ହୋଇଗଲେ । ତେବେ ଈଶ୍ୱର ସେମାନଙ୍କ ସୁବିଧା ତଥା ସେମାନଙ୍କ ପରିଚୟ ନିମନ୍ତେ ସେମାନଙ୍କୁ ଜାତି ଉପରେ ବିଭକ୍ତିକୃତ କରିଦେଲେ ଏବଂ ପ୍ରତ୍ୟେକ ଜାତି ନିମନ୍ତେ ଅବସ୍ଥାନୁଯାୟୀ ଏକ ଧର୍ମ ବୋଲି ବିବେଚିତ କରିଲେ । ଯେପରିକି ସେ କୁହନ୍ତି ଯେ, يٰۤاَيُّهَا النَّاسُ اِنَّا خَلَقْنٰكُمْ مِّنْ ذَكَرٍ وَّاُنْثٰى وَجَعَلْنٰكُمْ شُعُوْبًا وَّقَبَآئِلَ لِتَعَارَفُوْا **(ଅଲ୍ ହୁଜୁରାତ୍: 14)** ହେ ଲୋକମାନେ ! ଅର୍ଥାତ୍ ଆମ୍ଭେ ତୁମମାନଙ୍କୁ ପୁରୁଷ ଓ ନାରୀମାନଙ୍କ ଠାରୁ ସୃଷ୍ଟି କରିଅଛୁ ଏବଂ ତୁମମାନଙ୍କୁ ଅନେକ ଜାତି ଓ ବଂଶରେ ବିଭକ୍ତ କରିଅଛୁ। ଯେପରିକି ତୁମେମାନେ ପରସ୍ପରକୁ ଚିହ୍ନି ପାରିବ, ତୁମମାନଙ୍କ ମଧ୍ୟରୁ ଯେ ସବୁଠାରୁ ଅଧିକ ଧର୍ମପରାୟଣ ଓ ଈଶ୍ୱରଭୀରୁ ସେ ଅଲ୍ଲାଃତାଲାଙ୍କ ନିକଟରେ ସମସ୍ତଙ୍କ ଅପେକ୍ଷା ଅଧିକ ସମ୍ମାନିତ । ଅଲ୍ଲାଃତାଲା ନିଶ୍ଚିତ ରୂପେ ସର୍ବଜ୍ଞ ଓ ଅନ୍ତର୍ଯାମୀ ଅଟନ୍ତି ।"

.......ଏବଂ ଅଲ୍ଲାଃତାଲା ପୁନଶ୍ଚ କହିଲେ, لِكُلٍّ جَعَلْنَا مِنْكُمْ شِرْعَةً وَّمِنْهَاجًا وَلَوْ شَآءَ اللّٰهُ لَجَعَلَكُمْ اُمَّةً وَّاحِدَةً وَّلٰكِنْ لِّيَبْلُوَكُمْ فِيْ مَاۤ اٰتٰىكُمْ فَاسْتَبِقُوا الْخَيْرٰتِ **(ଅଲମାଏଦା: 49)** ଅର୍ଥାତ୍ ଅମ୍ଭେ ତୁମମାନଙ୍କ ମଧ୍ୟରୁ ପ୍ରତ୍ୟେକକଙ୍କ ପାଇଁ ନିଜ ନିଜ ସାମର୍ଥ୍ୟ ଅନୁସାରେ ପ୍ରେରିତ ଆଧାତ୍ମିକ ଜଳ ପର୍ଯ୍ୟନ୍ତ ପହଞ୍ଚିବା ସକାଶେ ଛୋଟ ବଡ଼ ରାସ୍ତା ନିର୍ମାଣ କରିଅଛୁ ଏବଂ ଯଦି ଅଲ୍ଲାଃତାଲା ଇଚ୍ଛା କରିଥାଆନ୍ତେ ତେବେ ତୁମମାନଙ୍କୁ ଗୋଟିଏ ସଂପ୍ରଦାୟରେ ପରିଣତ କରିଥାଆନ୍ତେ । କିନ୍ତୁ ସେ ଏପରି କଲେ ନାହିଁ । କାରଣ ତୁମମାନଙ୍କୁ ଯାହା ଦିଆଯାଇଅଛି ତଦ୍ଦ୍ୱାରା ତୁମମାନଙ୍କୁ ପରୀକ୍ଷା କରାଯିବ । ସୁତରାଂ ତୁମେମାନେ ସତ୍‌କାର୍ଯ୍ୟରେ ପରସ୍ପର ଠାରୁ ପ୍ରତିସ୍ପର୍ଦ୍ଧା ମନୋଭାବ (ଆଗୁଆ ହେବା ପାଇଁ) ରଖି ପ୍ରତିଯୋଗିତା କର । **(ଚଶ୍‌ମାଏ ମାଆରିଫତ୍, ରୁହାନୀ ଖଜାଏନ୍, ଗ୍ରନ୍ଥଖଣ୍ଡ-23, ପୃ-144-146)**

وَضَعْنَا النَّاسَ تَحْتَ اَقْدَامِكَ

ଅଲ୍ଲାଃତାଲା ଆଁହଜରତ ସ.ଅଙ୍କ ଏକତାଜନିତ ସେହି ମିଶନକୁ ଆଗକୁ ଅଗ୍ରସର କରାଇବା ନିମନ୍ତେ ଆପଣ ସ.ଅଙ୍କ ପରେ ଆପଣସ.ଅଙ୍କର ହିଁ ସନ୍ତାନ ମଧ୍ୟରୁ ଅର୍ଥାତ୍ ପାରସ୍ୟ ସନ୍ତାନମାନଙ୍କ ମାଧ୍ୟମରେ ଖିଲାଫତ୍ ଅଲା ମିନ୍‌ହାଜେ ନୁବୁୱତ୍ (ଅବତାରତ୍ୱ ପନ୍ଥା ଅନୁଯାୟୀ ଖିଲାଫତ୍ ସ୍ଥାପନ)ର ପରମ୍ପରାକୁ ଜାରି କଲେ । ଏଥି ସଂକ୍ରାନ୍ତରେ ପ୍ରିୟ ମହାବତାର ସ.ଅ ଶୁଭ ସମାଚାର ପ୍ରଦାନ କରିଥିଲେ । ଅର୍ଥାତ୍ رِجَالٌ مِّنْ هٰؤُلَآءِ ଅର୍ଥାତ୍ ଏହି ପାରସ୍ୟ ବ୍ୟକ୍ତିମାନଙ୍କ ମଧ୍ୟରୁ ମହାନ୍ ବ୍ୟକ୍ତିମାନଙ୍କୁ ଛିଡ଼ା କରାଯିବ। ସୁତରାଂ ଏହାର ଭବିଷ୍ୟବାଣୀ ଅନୁଯାୟୀ ଗୋଟିଏ ପରେ ଅନ୍ୟ ଜଣେ ପାଞ୍ଚ ଜଣ ଦାସ ଆପଣ ଅ.ସଙ୍କ ବରିଷ୍ଠ ଖଲିଫାମାନେ ଆପଣ ଅ.ସଙ୍କ ଉତ୍ତରାଧିକାରୀ ସୂତ୍ରରେ ଖିଲାଫତ୍ ଆସନରେ ଅଭିଷିକ୍ତ ଏବଂ ଆସନ୍ନିତ ହେଲେ । ଅତିରିକ୍ତ ଏହା ଯେ, ଅଲ୍ଲାଃତାଲ ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସଙ୍କୁ ଐଶୀବାଣୀ ପ୍ରଦାନ କଲେ ଅର୍ଥାତ୍ اِنِّيْ مَعَكَ يَا مَسْرُوْر ଯାହା ମାଧ୍ୟମରେ ହ. ମିର୍ଜା ମସ୍ରୁର୍ ଅହମଦ୍, ଖଲିଫତୁଲ୍ ମସିହ୍ ଖାମିସ୍ ଅ.ବଙ୍କ ଖିଲାଫତ୍ ଆଡ଼କୁ ଇଙ୍ଗିକ ଓ ଚିହ୍ନିତ ମଧ୍ୟ କରିଦିଆ ଯାଇଥିଲା ।

ଉକ୍ତ କ୍ରମାନ୍ୱୟରେ ଆପଣ ଅ.ସଙ୍କୁ ଏହି ଐଶୀବାଣୀ ହେଲା: وَضَعْنَا النَّاسَ تَحْتَ اَقْدَامِكَ ଅର୍ଥାତ୍ ଆମେମାନେ ଲୋକମାନଙ୍କୁ ତୁମ ପାଦ ତଳେ କରିଦେଲୁ । ଅର୍ଥାତ୍ ତୁମ ଅଧୀନ କରିଦେଲୁ । **(ତଜ୍‌କିରାହ୍:630)**

### ଜାତୀୟ ଏକତା ନିମନ୍ତେ ହ. ଖଲିଫତୁଲ୍ ମସିହ୍ ଖାମିସ୍ ଅ.ବଙ୍କ ପ୍ରୟାସ ଓ ପରିଶ୍ରମ :

ଉକ୍ତ ଐଶୀବାଣୀ ସେହି ସତ୍ୟତାକୁ ମଧ୍ୟ ସ୍ପଷ୍ଟ କରିଥାଏ ଯେ, ଜାତୀୟ ଏକତାର ମହା ମିଶନ, ହ. ମିର୍ଜା ମସ୍ରୁର୍ ଅହମଦ ଖଲିଫତୁଲ୍ ମସିହ୍ ଖାମିସ୍ ଅ.ବଙ୍କ ମାଧ୍ୟମରେ ହିଁ ସମ୍ପନ୍ନ ହେବ । ସୁତରାଂ ହ. ଖଲିଫତୁଲ୍ ମସିହ୍ ଖାମିସ୍ ଅ.ବ ନିଜର ଅନେକ ଖୁତ୍‌ବାମାନଙ୍କରେ ଓ ଉଦ୍‌ବୋଧନମାନଙ୍କରେ ତଥ ପ୍ରବନ୍ଧ ରଚନାରେ କେବଳ ସତ୍ୟତାକୁ ଉଜାଗର କରି ନାହାନ୍ତି । ବରଂ ତାହାର ବ୍ୟବହାରିକ ଆବଶ୍ୟକତାର ମଧ୍ୟ ମାର୍ଗ ଦର୍ଶନ କରିଛନ୍ତି ।

### ଜାତୀୟ ଏକତାର ବାସ୍ତବତା:

ହୁଜୁର ଅ.ବ କୁହନ୍ତି: "କୌଣସି ଦେଶର ନାଗରିକ ହେବା ହିସାବରେ ଆମେମାନେ ସେହି ଦେଶ ପ୍ରତି ବିଶ୍ୱସ୍ତତା ଏବଂ ମାତୃଭୂମି ପ୍ରତି ଥିବା ପ୍ରେମ, ଆନ୍ତରୀକତା ଅର୍ଥାତ୍ ଦେଶ ପ୍ରେମ ନିଜ ମଧ୍ୟରେ ପୋଷଣ କରିଥାଉ। ପ୍ରତ୍ୟେକ ଦେଶର ଅହମଦିମାନଙ୍କୁ ନିଜ ଦେଶକୁ ଅନ୍ୟ ଦେଶ ତୁଳନାରେ ଅଧିକ ଉଚ୍ଚ ଓ ଅନନ୍ୟ ରୂପେ ଦେଖିବାର ଇଚ୍ଛା ମଧ୍ୟ ରହିଛି । ଏଥି ନିମନ୍ତେ ଅହମଦି ପ୍ରୟାସ ମଧ୍ୟ କରିଥାଏ ଏବଂ ଦୁଆ ମଧ୍ୟ କରିଥାଏ ଓ ଦୁଆ କରିବା ମଧ୍ୟ ଉଚିତ୍ । ପ୍ରତ୍ୟେକ ଅହମଦି ନିଜର ବ୍ୟକ୍ତିଗତ ସାମର୍ଥ୍ୟତା ମାଧ୍ୟମରେ ଯେକୌଣସି ଦେଶର ରାଜନୀତିରେ କିମ୍ବା କୌଣସି ରାଜନୈତି ଦଳ ସହିତ ସଂଶ୍ଳୀଷ୍ଟ ହୋଇ ରାଜନୀତିରେ ଅଂଶଗ୍ରହଣ ମଧ୍ୟ କରିଥାଏ । ସଂସାରରେ ଏପରି ଅନେକ ଦେଶମାନେ ରହିଛନ୍ତି ଯେଉଁଠି ଅହଦିମାନେ ଯଦି ଦେଶର ଦଳରେ ସାମିଲ୍ ହୋଇ ଦେଶର ସର୍ବାଙ୍ଗୀନ ଉନ୍ନତି ନିମନ୍ତେ ନିଜର ଭୂମିକା ନିର୍ବାହ କରିଥାଆନ୍ତି ତେବେ ଅଣଦେଶୀୟ କିମ୍ବା ବିରୋଧୀ ଦଳରେ ମଧ୍ୟ ସାମିଲ୍ ହୋଇ ଦେଶର ନିର୍ମାଣ ଓ ବିକାଶରେ ନିଜର ଭୂମିକା ନିର୍ବାହ କରୁଛନ୍ତି । ଅତଏବ୍ ପ୍ରତ୍ୟେକ ଅହମଦି ଦେଶର ନାଗରିକ ହିସାବରେ ତ'

ଦେଶରେ ରାଜନୈତିକ ପ୍ରସଙ୍ଗରେ ରୁଚି ରଖୁଛି, ରୁଚି ହୋଇପାରେ ଏବଂ ହେବା ମଧ୍ୟ ଉଚିତ୍ । କିନ୍ତୁ ଜମାଅତ୍ ଅହମଦିୟାକୁ ଜମାଅତ୍ ହେବା ଦୃଷ୍ଟିରୁ କିମ୍ବା ଖିଲାଫତ୍ ଅହମଦିୟାକୁ କୌଣସି ସରକାର, କୌଣସି ଦେଶର ସରକାରଙ୍କ ଉପରେ ଅଧିକାର କରିବାର କୌଣସି ଆଗ୍ରହ ନାହିଁ ଓ ନା ହିଁ ଏହା ଆମମାନଙ୍କର ଅଭିପ୍ରାୟ ଅଟେ । କାରଣ ଆମମାନଙ୍କୁ ଆଁହଜରତ ସ.ଅଙ୍କ ପ୍ରକୃତ ତଥା ସତ୍ୟବାଦୀ ପ୍ରେମୀ ଯେଉଁ ମାର୍ଗ ପ୍ରଦର୍ଶନ (ଆମମାନଙ୍କୁ ଦେଖାଇଛନ୍ତି) କରିଛନ୍ତି ତାହା ବସ୍ତୁବାଦୀ ଦେଶମାନଙ୍କୁ ଅକ୍ତିଆର କରିବା ନିମନ୍ତେ ଉଦ୍ଦିଷ୍ଟ ନୁହେଁ । ବରଂ ଆଧ୍ୟାତ୍ମିକ ସମ୍ରାଟତ୍ୱ ପ୍ରାପ୍ତ ନିମନ୍ତେ ହିଁ ଉଦ୍ଦିଷ୍ଟ ଅଟେ । ଅଲ୍ଲାଃତାଲାଙ୍କ ପ୍ରସନ୍ନତା ତଥା ତାହାଙ୍କ ଅନୁଗ୍ରହତା ପ୍ରାପ୍ତି ହିଁ ଆମମାନଙ୍କର ମୂଳାଭିପ୍ରାୟ ଅଟେ । ହଁ ଯେତେବେଳେ ବି କୌଣସି ସରକାରଙ୍କୁ ଦେଶ ନିର୍ମାଣ, ଉନ୍ନତି ଓ ସ୍ଥାୟୀତ୍ୱ ନିମନ୍ତେ ପରାମର୍ଶର ଓ ବଳିଦାନ ଆବଶ୍ୟକତା ହୁଏ ତେବେ ସେତେବେଳେ ଜମାଅତ୍ ଅହମଦିୟା ହିଁ ଅଂଶ ଗ୍ରହଣ କରିଛି ଓ ଅଂଶ ଗ୍ରହଣ କରିଥାଏ । "

ଆମମାନଙ୍କର ଚିନ୍ତିତ ହେବା ଦେଶ ପାଇଁ ନୁହେଁ ବରଂ ଆମମାନଙ୍କର ଚିନ୍ତିତ ହେବା ଦେଶର ସ୍ଥାୟୀତ୍ୱତା ସକାଶେ ଉଦ୍ଦିଷ୍ଟ ଅଟେ, ଆମମାନଙ୍କର ଚିନ୍ତିତ ହେବା ଜନସାଧାରଣଙ୍କ ନିମନ୍ତେ ଉଦ୍ଦିଷ୍ଟ ଅଟେ । ଆମେମାନେ କେବଳ ଏହି ଉଦ୍ୟମ କରି ନଥାଉ ବରଂ ଯେତେଦୂର ପର୍ଯ୍ୟନ୍ତ ସାଧନ ଅନୁମତି ଦେଇଥାଏ ସେପର୍ଯ୍ୟନ୍ତ ଆମେମାନେ ସମଗ୍ର ପୃଥିବୀରେ ବୁଲି ଦେଶକୁ ଯେକୌଣସି ମତେ ବିପତ୍ତିରୁ ଉଦ୍ଧାର କରିବା ନିମନ୍ତେ ଉଦ୍ୟମ କରିଥାଉ । ଉକ୍ତ କୃତ୍ୟ ଆମମାନଙ୍କର ସେହି ଶିକ୍ଷା ଯୋଗୁଁ ହିଁ ସମ୍ଭବପର ହୋଇପାରିଛି ଯାହା ଆମମାନଙ୍କର ପ୍ରିୟ ମୁନିବ ହ. ମୁହମ୍ମଦ ମୁସ୍ତଫା ସ.ଅ ଆମମାନଙ୍କୁ ପ୍ରଦାନ କରିଛନ୍ତି । ଏହି ମହାବତାରଙ୍କ ଆଦର୍ଶ ଉପରେ ପରିଚାଳିତ ହେବା ନିମନ୍ତେ ଅଲ୍ଲାଃତାଲା ଆମମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଅର୍ଥାତ୍ ଅଲ୍ଲାଃତାଲା କୁହନ୍ତି ଯେ, ଏହି ମହାବତାର ହିଁ ମୋର ସେହି ପ୍ରିୟ ବାର୍ତ୍ତାବହ ଅଟନ୍ତି ଯାହାଙ୍କ ଆଦର୍ଶଗତ ମାର୍ଗ ଉପରେ ପରିଚାଳିତା ହେବା ନିମନ୍ତେ ଅଲ୍ଲାଃତାଲା ଆମମାନଙ୍କ ନିମନ୍ତେ ଅନିର୍ବାର୍ଯ୍ୟ କରିଛନ୍ତି । ଯେଉଁ ଆଦର୍ଶ ତଥା ଉଦାହରଣ ସେହି ମାନବତା ପ୍ରତି ପରୋପକାରୀ ବାର୍ତ୍ତାବହ ତଥା ସମଗ୍ର ଜଗତ ପାଇଁ ଦୟା ଓ କରୁଣା ରୂପେ ବିବେଚିତ ମହାବତାର ହ. ମୁହମ୍ମଦ୍ ସ.ଅ ଆମମାନଙ୍କ ସମ୍ମୁଖରେ ଉପସ୍ଥାପିତ କରିଛନ୍ତି । ଅର୍ଥାତ୍ ଆପଣ ସ.ଅ କହିଲେ, ହେ ଲୋକମାନେ! ତୁମେମାନେ ନିଜର ଦୁଃଖ ଯନ୍ତ୍ରଣାକୁ ଭୁଲି ମାନବତାର ସେବା କର ।"

**(ଖୁତ୍‌ବା ଜୁମା, 2010 ମସିହା ଅକ୍ଟୋବର ମାସ 8 ତାରିଖ)**

## ମୁସଲମାନ ଧର୍ମାବଲମ୍ବୀମାନଙ୍କୁ ଏକତାର ଉପଦେଶ:

ହୁଜୁର ଅନ୍‌ୱର୍ ଅ.ବ ସମସ୍ତ ମୁସଲମାନ ଧର୍ମାବଲମ୍ବୀମାନଙ୍କୁ ସମ୍ବୋଧିତ କରି କୁହନ୍ତି: "ସାଉଦି ଆରବରେ ବର୍ତ୍ତମାନ ବିଗତ ଦିନ ଅର୍ଥାତ୍ ପଅର ଦିନ ଯେଉଁ ଇଦ୍ ଅତିବାହିତ ହୋଇଛି, ସେହି ଇଦ୍‌ରେ କାଆବାର ଇମାମ୍ ମଧ୍ୟ ମକ୍କାରେ ହଜର ଖୁତ୍‌ବାରେ ମୁସଲମାନ ରାଷ୍ଟ୍ରମାନଙ୍କୁ ଏହି ଆଡ଼କୁ ଧ୍ୟାନ ଆକର୍ଷଣ କରିଛନ୍ତି ଯେ, ସେହି ରାଷ୍ଟ୍ରମାନେ ନିଜର ଦାୟିତ୍ୱକୁ ହୃଦୟଙ୍ଗମ କରନ୍ତି ଏବଂ ସେମାନଙ୍କୁ ଏକତା ଆଡ଼କୁ ଧ୍ୟାନ ଦେବା ଉଚିତ୍। କାଆବାର ଇମାମ୍ଙ୍କ ଉକ୍ତ ଖୁତ୍‌ବାଟି ଯଦିଓ ଦୀର୍ଘ ଖୁତ୍‌ବା ଅଟେ କିନ୍ତୁ ସେହି ଖୁତ୍‌ବାର ସାରାଂଶ ଏହା ହିଁ ଯେ, ଆମମାନଙ୍କୁ ଏକତା ଆଡ଼କୁ ଧ୍ୟାନ ଦେବା ଉଚିତ୍ । କିନ୍ତୁ ବର୍ତ୍ତମାନ୍ ସେମାନଙ୍କ ନିମନ୍ତେ ଏହି ଏକତା ପ୍ରାପ୍ତ କରିବା ନିଜ ଦ୍ୱାରା ପ୍ରଣୀତ ନୀତି ନିୟମ ଅନୁଯାୟୀ ସମ୍ଭବପର ନୁହେଁ । ଯେପରିକି ପୂର୍ବେ ଚର୍ଚ୍ଚା ହୋଇ ସାରିଛି ଯେ, ସେହି ମୁସଲମାନ ରାଷ୍ଟ୍ରମାନେ ସମସ୍ତ ନୈତିକତାକୁ ପାସୋରି ଦେଇଛନ୍ତି । ସେହି ରାଷ୍ଟ୍ରମାନଙ୍କରେ ନା ସ୍ୱାଭିମାନ, ବିବେକ ରହିଲା ଓ ନା ହିଁ ସେମାନଙ୍କ ମଧ୍ୟରେ ଧର୍ମ ବାକି ଲାଗିଲା । ଫଳତଃ ଧର୍ମ ମଧ୍ୟ ହାତରୁ ଗଲା ଓ ସଂସାର ମଧ୍ୟ ହାତରୁ ଗଲା । ମୁସଲମାନ ଧର୍ମାବଲମ୍ବୀମାନଙ୍କୁ ଏକତ୍ରିତ କରିବା ନିମନ୍ତେ ଅଲ୍ଲାଃତାଲାଙ୍କ ଦ୍ୱାରା ନିର୍ଦ୍ଦେଶିତ ମାର୍ଗ ଉପରେ ପରିଚାଳିତ ହେବାକୁ ହେବ । କୌଣସି ଧର୍ମାବଲମ୍ବୀର ନିଜସ୍ୱ ପନ୍ଥା ଓ ଅନ୍ୟ କୌଣସି ଇମାମଙ୍କର ଅନ୍ୟ ପନ୍ଥା କାମ ଦେବ ନାହିଁ । ସେହି ଇମାମ୍ଙ୍କର ମାର୍ଗପନ୍ଥା କାମ ଦେବ ଯାହାଙ୍କୁ ଈଶ୍ୱର ଇମାମ୍ ରୂପେ ପ୍ରେରଣ କରିଛନ୍ତି । ଅର୍ଥାତ୍ ସମସ୍ତ ମୁସଲମାନମାନଙ୍କୁ ଧରାପୃଷ୍ଠରେ ଏକତ୍ରିତ କର । عَلٰی دِیۡنٍ وَّاحِدٍ ଅର୍ଥାତ୍ ଏକ ଧର୍ମରେ ଏକତ୍ରିକ କର । ସୁତାରଂ ଯେଉଁ ମୁସଲମାନ ଲୋକମାନେ ଯୁଗାବତାରଙ୍କ ସହିତ ସଂଶ୍ଳିଷ୍ଟ ରହିବେ ସେହିମାନେ ହିଁ ଉକ୍ତ ଅଭିପ୍ରାୟକୁ ପ୍ରାପ୍ତ କରିପାରିବେ ।"

**(ଖୁତ୍‌ବା ଇଦୁଲ୍ ଅଜ୍‌ହା, 2011 ମସିହା ନଭେମ୍ବର ମାସ 7 ତାରିଖ)**

## ଗୋଟିଏ କଲ୍‌ମା କୁହାଳୀ ମୁସଲମାନମାନଙ୍କ ନିମନ୍ତେ ଚିନ୍ତାଜନକ ପ୍ରସଙ୍ଗ:

ହୁଜୁର୍ ସ.ଅଙ୍କ ପ୍ରଭାବଶାଳୀ ବେଦନାପୂର୍ଣ୍ଣ ଉପଦେଶ ଜଣେ କଲ୍‌ମା କୁହାଳୀ ମୁସଲମାନ ବ୍ୟକ୍ତି ପାଇଁ ବିଶେଷ କରି ମୁସଲମାନ ରାଷ୍ଟ୍ରମାନଙ୍କ ନିମନ୍ତେ ଅତ୍ୟନ୍ତ ଗଭୀର ଓ ଚିନ୍ତାଜନକ ପ୍ରସଙ୍ଗ ଅଟେ । ଅତଏବ୍ ହୁଜୁର ର.ଅ କୁହନ୍ତି: "ମୁସଲମାନ ରାଷ୍ଟ୍ରମାନଙ୍କୁ ଅନ୍ତତଃ ହେଜ ତଥା ମୁଣ୍ଡରେ ବୁଦ୍ଧି ପଶିବା ଉଚିତ୍ । ଅର୍ଥାତ୍ ମୁସଲମାନ ରାଷ୍ଟ୍ରମାନେ ନିଜ ନିଜର ମତଭେଦ, ବୈମନସ୍ୟତାକୁ ସମାପ୍ତ କରି ନିଜ ମଧ୍ୟରେ ଏକତାକୁ ସ୍ଥାପିତ କରିବା ଉଚିତ୍। ମୁସଲମାନମାନଙ୍କୁ ଉକ୍ତ ନିର୍ଦ୍ଦେଶ ଅଲ୍ଲାଃତାଲା ଗ୍ରନ୍ଥାଧାରୀମାନଙ୍କ ସହିତ ସଂପର୍କକୁ ଉନ୍ନତ କରିବା ନିମନ୍ତେ ପ୍ରଦାନ କରିଛନ୍ତି ଯେ, تَعَالَوۡا اِلٰی کَلِمَۃٍ سَوَآءٍۭ بَیۡنَنَا وَبَیۡنَکُمۡ (ଆଲେ ଇମ୍ରାନ୍: 65) ଅର୍ଥାତ୍ ହେ ଗ୍ରନ୍ଥାଧାରୀମାନେ ତୁମେମାନେ ଅନ୍ତତଃ ଏପରି ଏକ ପନ୍ଥା ଅବଲମ୍ବନ କର ଯାହା ଆମମାନଙ୍କ ତଥା ତୁମମାନଙ୍କ ମଧ୍ୟରେ ସମାନ ଅଟେ । ଏହା ଅଲ୍ଲାଃତାଲାଙ୍କର ଅସ୍ତିତ୍ୱ ଅଟେ । ତେଣୁ ଯେଉଁ ମୁସଲମାନମାନଙ୍କର ସଂପୂର୍ଣ୍ଣ ରୂପେ ଯଦି ଗୋଟିଏ କଲମା ରହିଛି ତେବେ ସେମାନେ ମତଭେଦକୁ ସମାପ୍ତ କରି ଏକତ୍ରିତ କାହିଁକି ହୋଇପାରୁ ନାହାନ୍ତି ? ଅତଏବ୍ ଟିକେ ଚିନ୍ତା କରନ୍ତୁ ଏବଂ ନିଜର ଏକତାକୁ ସ୍ଥାପନ କରନ୍ତୁ ଓ ଏହା ହିଁ ସଂସାରରୁ ଉପଦ୍ରବ ଦୂର କରିବାର ପ୍ରମୁଖ ମାଧ୍ୟମ ରୂପେ ସହାୟକ ହେବ । ପୁନଶ୍ଚ ଏକ ହୋଇ ନ୍ୟାୟ ଆମମାନଙ୍କ ଠାରୁ ଯେଉଁ ଆଶା କରେ ତାହାକୁ ପୂରଣ କରିବା ନିମନ୍ତେ ପ୍ରତ୍ୟେକ ସ୍ଥାନରେ ଅତ୍ୟାଚିରିତ ତଥା ନିଷ୍ପେଷିତମାନଙ୍କର ଅଧିକାର ସ୍ଥାପନ କରିବା ନିମନ୍ତେ ଭରପୁର ସ୍ୱରୋତ୍ତଳନ କରନ୍ତୁ । ଯଦି ମୁସଲମାନ ରାଷ୍ଟ୍ରମାନେ ଏକଜୁଟ୍ ହେବେ ତେବେ ସ୍ୱରରେ ମଧ୍ୟ ଶକ୍ତି ହେବ । ଅନ୍ୟଥା ନିରୀହ ମୁସଲମାନମାନଙ୍କର ପ୍ରାଣ ନଷ୍ଟ ହେବାରେ ଏହି ଲୋକମାନେ ହିଁ ଦାୟୀ ରହିବେ । ଅର୍ଥାତ୍ ମୁସଲମାନ ରାଷ୍ଟ୍ରମାନେ ହିଁ ଦାୟୀ ରହିବେ ।"

**(ଖୁତ୍‌ବା ଜୁମା, 2023 ମସିହା ଅକ୍ଟୋବର ମାସ 13 ତାରିଖ)**

## ବିକ୍ଷିପ୍ତତା ଠାରୁ ବର୍ତ୍ତିବାକୁ ପ୍ରୟାସ କର !

ଅଲ୍ଲାଃତାଲା ଶେଷ ଯୁଗରେ ଇମାମ୍ ମେହଦୀ ଅ.ସଙ୍କ ମାଧ୍ୟମରେ ଖିଲାଫତର ସୁଦୃଢ ରଜ୍ଜୁ ପ୍ରଦାନ କରି ମୁସଲମାନ ଧର୍ମାବଲମ୍ବୀମାନଙ୍କୁ ଉପଦେଶ କହିଲେ, وَاعۡتَصِمُوۡا بِحَبۡلِ اللّٰہِ جَمِیۡعًا وَّلَا تَفَرَّقُوۡا وَاذۡکُرُوۡا نِعۡمَتَ اللّٰہِ عَلَیۡکُمۡ اِذۡ کُنۡتُمۡ اَعۡدَآءً فَاَلَّفَ بَیۡنَ قُلُوۡبِکُمۡ فَاَصۡبَحۡتُمۡ بِنِعۡمَتِہٖۤ اِخۡوَانًا **(ଆଲେ ଇମ୍ରାନ୍:104)** ଏବଂ ତୁମେମାନେ ସମସ୍ତେ ଅଲ୍ଲାଃଙ୍କ ରଜ୍ଜୁକୁ ଦୃଢ ଭାବେ ଧାରଣ କର (ଧରିନିଅ) ଏବଂ ପରସ୍ପର ଠାରୁ ପୃଥକ୍ ହୁଅ ନାହିଁ ଏବଂ ତୁମମାନଙ୍କ ପ୍ରତି ହୋଇଥିବା ଅଲ୍ଲାଃଙ୍କ କୃପାକୁ ସ୍ମରଣ କର, ଯେତେବେଳେ କି ତୁମେମାନେ ପରସ୍ପରର ଶତ୍ରୁ ଥିଲ ସେ ତୁମମାନଙ୍କ ହୃଦୟରେ ପ୍ରେମଭାବ ଜାଗ୍ରତ କରାଇଲେ, ଯଦ୍ଦ୍ୱାରାକି ତୁମେମାନେ ତାହାଙ୍କ କୃପାରୁ ଭାଇଭାଇ ହୋଇଗଲ ।

ପବିତ୍ର କୁରଆନ୍ କରୀମର ଉପରୋକ୍ତ ଆଦେଶାବଳୀ ଆଡ଼କୁ ଧ୍ୟାନ ଆକର୍ଷଣ କରି ଏବଂ ମୁସଲମାନ ସଂପ୍ରଦାମାନଙ୍କ ମଧ୍ୟରେ ଦେଖାଯାଉଥିବା ବିକ୍ଷିପ୍ତତା, ବିନାଶକାରୀ ପରିଣାମର ଚର୍ଚ୍ଚା କରି ହୁଜୁର ଅନ୍‌ୱର୍ ଅ.ବ କହନ୍ତି: "ମୁସଲମାନମାନେ ଯଦି ଏକଜୁଟ୍ ହୋଇଯାଆନ୍ତି ତେବେ ସେମାନେ ଏହିସବୁ ସମସ୍ୟାରୁ ବର୍ତ୍ତି ପାରିବେ ।"

**(ଖୁତ୍‌ବା ଜୁମା, 2023 ମସିହା ଜୁଲାଇ ମାସ 07 ତାରିଖ)**

ଉକ୍ତ ବର୍ଣ୍ଣନାଟି ମୁସଲମାନ ସଂପ୍ରଦାୟମାନଙ୍କୁ ଏହି ସତ୍ୟତା ଆଡ଼କୁ ଧ୍ୟାନ ଆକର୍ଷିତ କରାଉଛି ଯେ, ବିକ୍ଷିପ୍ତତା ଏବଂ ବିଭେଦତା ମୁସଲମାନମାନଙ୍କୁ କେବଳ ଦୁର୍ବଳ କରୁ ନାହିଁ ବରଂ ସେମାନଙ୍କର ଶତ୍ରୁକୁ ସେମାନଙ୍କ ଉପରେ ବିଜୟ ପ୍ରାପ୍ତ କରିବାର ସୁଯୋଗ ମଧ୍ୟ ପ୍ରଦାନ କରୁଛି ।

ଆନ୍ତର୍ଜାତିକ ଶାନ୍ତି ପ୍ରତିଷ୍ଠା ନିମନ୍ତେ ଏକତାର ଆବଶ୍ୟକତା ଉପେର ଜୋର ଦେଇ ୟୁକ୍ରେନ୍ ଏବଂ ଋଷର କଳହର ପୃଷ୍ଠଭୂମିରେ ଆପଣ ସ.ଅ କହିଲେ, "ତତ୍‌ସହିତ ଉକ୍ତ ଯେଉଁ ଯୁଦ୍ଧ ରହିଛି ତହିଁରୁ ଆମମାନଙ୍କୁ ବିଶେଷ କରି ମୁସଲମାନ ରାଷ୍ଟ୍ରମାନଙ୍କୁ ଉଚିତ୍ ଶିକ୍ଷା ପ୍ରାପ୍ତ କରିବା ଉଚିତ୍। ଅର୍ଥାତ୍ କିପରି ଏହି ଲୋକମାନେ ଏକତ୍ରିତ ହୋଇଯାଇଛନ୍ତି । କିନ୍ତୁ ମୁସଲମାନମାନେ ଏକ କଲମା ପାଠ କରିବା ସତ୍ତ୍ୱେ କେବେ ବି ଏକ ହୁଅନ୍ତି ନାହିଁ । ମୁସଲମାନମାନେ ଅନ୍ୟ ରାଷ୍ଟ୍ରମାନଙ୍କ ଦ୍ୱାରା ଗୋଟିଏ ରାଷ୍ଟ୍ରକୁ ଧ୍ୱଂସ କଲେ, ଇରାକ୍ ଧ୍ୱଂସ କରାଇଲେ, ସିରୀୟା ଧ୍ୱଂସ କରାଇଲେ, ୟମନ୍ ଧ୍ୱଂସ

ପ୍ରକ୍ରିୟା ଚାଲିଛି । ମୁସଲମାନମାନେ ଏକ ପରିବର୍ତ୍ତେ ଏହି ଧ୍ୱଂସ ସାଧନ ପ୍ରକ୍ରିୟା ମୁସଲମାନମାନେ ଅନ୍ୟ ରାଷ୍ଟ୍ରମାନଙ୍କ ମାଧ୍ୟମରେ କରାଉଛନ୍ତି । ଅନ୍ତତଃ ଏହି ଏକତାର ନୀତିଶିକ୍ଷା ହିଁ ଏହି ମୁସଲମାନମାନେ ସେମାନଙ୍କ ଠାରୁ ଶିକ୍ଷା କରି ନିଅନ୍ତୁ ।" ଉକ୍ତ ବାର୍ତ୍ତା ଏହା ସ୍ପଷ୍ଟ କରୁଛି ଯେ, ଜାତୀୟ ଏକତା କେବଳ ଆଭ୍ୟନ୍ତରୀଣ ପ୍ରସଙ୍ଗ ପର୍ଯ୍ୟନ୍ତ ସୀମିତ ନୁହେଁ । ବରଂ ଆନ୍ତର୍ଜାତିକ ଶାନ୍ତିରେ ମଧ୍ୟ ଏହାର ମୁଖ୍ୟ ଭୂମିକା ରହିଛି ।

**ନ୍ୟାୟ ବିଚାର ଓ ସହଯୋଗୀତା:**

**ଏକତାର ମୌଳିକ ବିଷୟବସ୍ତୁ: Globel Unity** : The Key to Paeceରେ ଆପଣ ଅ.ବ କହିଲେ,

'If these measures are taken then it will soon become apparent that the existing conflicts will end and be replaced by peace and mutual respect, provided true justice is practiced and each country realises its responsibility. It is with great regret that I must say that, although it is an Islamic teaching, the Islamic countries have been unable to unite amongst themselves."

ଅର୍ଥାତ୍ ଯଦି ସଠିକ୍ ପଦକ୍ଷେପ ନିଆଯାଏ ତେବେ ଖୁବ୍ ଶୀଘ୍ର ଏହା ପ୍ରକଟିତ ହୋଇଯିବ ଯେ, ସାଂପ୍ରତିକ କଳହ ସମାପ୍ତ ହୋଇ ଶାନ୍ତି ଏବଂ ପାରସ୍ପରିକ ସମ୍ମାନରେ ତାହା ରୂପାନ୍ତରିତ ହେଇଯିବେ । କିନ୍ତୁ ସର୍ତ୍ତ ଏହିକି ଯେ, ପ୍ରକୃତ ନ୍ୟାୟକୁ ଅକ୍ଷୁର୍ଣ୍ଣ ରଖାଯାଉ ଏବଂ ପ୍ରତ୍ୟେକ ରାଷ୍ଟ୍ର ନିଜ ନିଜର ଦାୟିତ୍ୱାବଳୀକୁ ଅନୁଭବ କରନ୍ତୁ । ଏହା ଅତ୍ୟନ୍ତ ଦୁଃଖ ଓ ପରିତାପର ସହିତ କହିବାକୁ ପଡୁଛି ଯେ, ଯଦିଓ ସମଗ୍ର ମୁସଲମାନ ରାଷ୍ଟ୍ରମାନଙ୍କରେ ଏକ ଇସ୍‌ଲାମୀୟ ଶିକ୍ଷା ରହିଛି, କିନ୍ତୁ ଇସ୍‌ଲମୀୟ ରାଷ୍ଟ୍ରମାନେ ପରସ୍ପର ମଧ୍ୟରେ ଏକତାକୁ ଅକ୍ଷୁର୍ଣ୍ଣ ତଥା ସ୍ଥାପନ କରିବାରେ ବିଫଳ ରହିଛନ୍ତି ।

**(ପ୍ରେସ ରିଲିଜ୍, alislam.org)**

ଉପରୋକ୍ତ ଆଦେଶାବଳୀ ଏକତାର ସେହି ସିଦ୍ଧାନ୍ତଗତ ପାର୍ଶ୍ୱର ସ୍ପଷ୍ଟୀକରଣ ପ୍ରଦାନ କରିଥାଏ ଯେ, ଏହାକୁ ବାଦ୍ ଦେଲେ ଏକତା ସ୍ଥାପିତ ହୋଇପାରିବ ନାହିଁ । ଅର୍ଥାତ୍ ନ୍ୟାୟ ବିଚାର ଓ ପାରସ୍ପରିକ ସହଯୋଗୀତା।

**ସାମୂହିକ ନିର୍ଦ୍ଦେଶ:**

ଫ୍ରାନ୍‌ସର 27 ତମ ଜଲ୍‌ସା ସାଲାନା (ଅନୁଷ୍ଠିତ-2019 ମସିହା, ଅକ୍ଟୋବର ମାସ- 5 ତାରିଖ) ଅବସରରେ ସମ୍ମାନିତ ସହରୀ ନାଗରିକମାନଙ୍କୁ ଓ ଅତିଥିମାନଙ୍କୁ ଉଦ୍‌ବୋଧନ ଦେଇ ହୁଜୁର ଅନ୍‌ୱର୍ ଅ.ବ କହିଲେ:

**"A true Muslim is a person who is himself peaceful and who strives to establish peace and harmony in the world."**

ଅର୍ଥାତ୍ ଜଣେ ପ୍ରକୃତ ମୁସଲମାନ ବ୍ୟକ୍ତି ହେଉଛି ସେହି ବ୍ୟକ୍ତି ଯିଏ ନିଜ ଶାନ୍ତିପୂର୍ଣ୍ଣ ତଥା ଶାନ୍ତି ପ୍ରଦାନକାରୀ ହେବା ସହିତ ସଂସାରରେ ମଧ୍ୟ ଶାନ୍ତି ଏବଂ ଭ୍ରାତୃତାତା ସ୍ଥାପନ କରିବା ନିମନ୍ତେ ଉଦ୍ୟମ କରୁଥିବ । **(ଅଲ୍ ଫଜଲ୍ ଇଣ୍ଟର ନେସନାଲ୍, 2020 ମସିହା ଜୁଲାଇ ମାସ 14 ତାରିଖ)**

ସେହିପରି ଇଉରୋପୀୟ ସଂସଦ (ବେଲଜିୟମ୍) ଠାରେ ଏକ ସାମ୍ବାଦିକ ସମ୍ମିଳନୀ ଅବସରରେ (ଆୟୋଜିତ-2012 ମସିହା, ଡିସେମ୍ବର ମାସ-4 ତାରିଖ) ହୁଜୁର ଅନୱର୍ ଅ.ବ କହିଲେ:

"slam's message of peace is universal, which is why our motto is Love for All, Hatred for None."

**(alislam.org/ Articles)**

ଅର୍ଥାତ୍ ଇସ୍‌ଲାମ୍ ଧର୍ମର ବାର୍ତ୍ତା ହେଉଛି ଶାନ୍ତିର ବାର୍ତ୍ତା । ସେଇଥି ପାଇଁ ଆମମାନଙ୍କର ଏହି ସ୍ଳୋଗାନ୍ ରହିଛି ଯେ, "ପ୍ରେମ ସଭିଙ୍କ ପାଇଁ, ଘୃଣା କାହାରିକୁ ନୁହେଁ ।" **(The Key to Peace Global Unity: Historic Address by Hazrat Mirza Masroor Ahmadaba, Khalifatul Masih V, Head of the worldwide Ahmadiyya Muslim Community, at the European Parliament in Brussels, Belgium)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲ, 40 ବର୍ଷ ହେଲା ମୁସଲମାନମାନଙ୍କୁ ଉପଦେଶ ଦେଉଛନ୍ତି ଯେ, ମୁସଲମାନ ଜଗତକୁ ବିକ୍ଷିପ୍ତାର ଝିଞ୍ଜିର (ବେଢ଼ି) ଠାରୁ ମୁକ୍ତ କରିବାର ଏକମାତ୍ର ମାର୍ଗ ହେଉଛି ଏକତା ।

For decades, he has been advising Muslims that unity is the only way to free the Muslim world from the shackles of discord.

**(ALHAKAM 15th December 2023)**

ପରିଶେଷରେ ହ. ଖଲିଫତୁଲ୍ ମସିହ୍ ଖାମିସ୍ ଅ.ବଙ୍କ ଏକ ଆଲେଖ୍ୟ ଉପସ୍ଥାପିତ କରି ଉକ୍ତ ବିଷୟବସ୍ତୁକୁ ସମାପ୍ତ କରିବି । ହ. ଖଲିଫତୁଲ୍ ମସିହ୍ ଖାମିସ୍ ଅ.ବ ଏହି ଆନ୍ତର୍ଜାତିକ ଏକତା ଏବଂ ଆନ୍ତରୀକତାକୁ ଐଶୀ ସମର୍ଥନର ଏକ ନିଦର୍ଶନ ବୋଲି ଅଭିହିତ କରି ଏକ ଅବସରରେ କହିଲେ: "ବର୍ତ୍ତମାନ ସେହି ଦୂରବର୍ତ୍ତୀ ଅଞ୍ଚଳମାନଙ୍କରେ ମଧ୍ୟ ବିଭିନ୍ନ ଦେଶରେ ଅହମଦିମାନେ ବାସ କରୁଛନ୍ତି । ସେମାନେ ବିଭିନ୍ନ ଜାତିର ଅଟନ୍ତି । ଏହି ଲୋକମାନଙ୍କର ଖିଲାଫତ୍ ସହିତ କିଏ ବା ସଂପର୍କ ସ୍ଥାପନ କରୁଛି? ନିଃସନ୍ଦେହ ରୂପେ ଅଲ୍ଲାଃତାଲାଙ୍କ ସାହାଯ୍ୟ ଓ ସମର୍ଥନ ହିଁ ରହିଛି। ଅନ୍ୟଥା ମାନବିକ ଚିନ୍ତା ଚେତନା ଏହାକୁ କଳନା କରିପାରିବ ନାହିଁ କି ମାନବିକ ଚିନ୍ତା ସେପର୍ଯ୍ୟନ୍ତ ପହଞ୍ଚି ମଧ୍ୟ ପାରିବ ନାହିଁ । ସାଂସାରିକ ଲୋକମାନେ ଉକ୍ତ କଥାକୁ ହୃଦଙ୍ଗମ କରି ପାରିବେ ନାହିଁ । ଜର୍ମାନୀରେ ଜଣେ ଅରବ୍ୟ ବ୍ୟକ୍ତି ଯେତେବେଳେ ବୈଅତ୍ କଲେ ସେତେବେଳେ ତାଙ୍କୁ ଚିହ୍ନିଥିବା ବ୍ୟକ୍ତି ଜଣେ କହିଲା, ମହୋଦୟ କ'ଣ ତୁମେ କାଦିୟାନୀ ହୋଇଯାଇଛ କି ? ପ୍ରତ୍ୟୁତ୍ତରରେ ସେହି ନବାଗତ ଉତ୍ତର ଦେଲେ ଯେ, ତୁମେମାନେ ଏଠାରେ ଶହ ଶହ ଆରବୀୟ ଲୋକ ବାସ କରୁଛ । ତୁମେମାନେ କୌଣସି କଥାରେ ଏକତ୍ରିତ ହୋଇପାରୁ ନାହିଁ । ଜମାଅତ୍ ଅହମଦିୟାର ଏକ ଇମାମ ଅଟନ୍ତି ଏବଂ ତାଙ୍କ କହିବା ଅନୁସାରେ ଜମାଅତ୍‌କୁ ଉଠ କହିଲେ ଜମାଅତ୍ ଉଠୁଛି ଆଉ ବସ୍ କହିଲେ ଜମାଅତ୍ ବସୁଛି । ତେଣୁ ଉକ୍ତ କାର୍ଯ୍ୟରେ କଲ୍ୟାଣ ରହିଛି । ତେବେ ବର୍ତ୍ତମାନ କୁହ ତୁମ ମଧ୍ୟରେ କେଉଁ ବିଶେଷତା ରହିଛି ଯେ, ମୁଁ ତୁମ ସହିତ ମିଶିଯିବି ଏବଂ ଏମାନଙ୍କୁ (ଅହମଦିମାନଙ୍କୁ) ଛାଡ଼ିଦେବି ।"

**(ଖୁତ୍‌ବା ଜୁମା, 2022 ମସିହା ମେ ମାସ 27 ତାରିଖ)**

قوم کے لوگو! اِدھر آؤ کہ نکلا آفتاب وادیٔ ظلمت میں کیا بیٹھے ہو تم لیل و نہار

☆--☆--☆

## କ'ଣ ଆପଣମାନେ ପ୍ରତ୍ୟେକ ଦିନ ନିମ୍ନଲିଖିତ ଦୁଆ ଜପନ୍ତି କି ?

سُبْحَانَ اللّٰہِ وَبِحَمْدِہٖ سُبْحَانَ اللّٰہِ الْعَظِیْمِ

اَللّٰھُمَّ صَلِّ عَلٰی مُحَمَّدٍ وَّاٰلِ مُحَمَّدٍ

**ଅନୁବାଦ୍:** ଅଲ୍ଲାଃତାଲା ନିଜର ପ୍ରଶଂସା ସହିତ ପବିତ୍ର ଅଟନ୍ତି, ଅଲ୍ଲାଃତାଲା ପବିତ୍ର ଅଟନ୍ତି ଏବଂ ସେ ମହାନ୍ ଅଟନ୍ତି । ହେ ଅଲ୍ଲାଃ ତୁମ୍ଭେ ମୁହମ୍ମଦ୍ ସ.ଅଙ୍କ ଉପରେ ଶାନ୍ତି ଅବତୀର୍ଣ୍ଣ କର ଓ ଆପଣ ସ.ଅଙ୍କ ପରିବାରବର୍ଗଙ୍କ ଉପରେ ମଧ୍ୟ ଶାନ୍ତି ଅବତୀର୍ଣ୍ଣ କର ।

☆--☆--☆

اَسْتَغْفِرُ اللّٰہَ رَبِّیْ مِنْ کُلِّ ذَنْبٍ وَّاَتُوْبُ اِلَیْہِ

**ଅନୁବାଦ୍:** ଅଲ୍ଲାଃତାଲାଙ୍କ ନିକଟରେ ମୁଁ କ୍ଷମାପ୍ରାର୍ଥୀ ଅଟେ, ସେ ମୋର ପାଳନକର୍ତ୍ତା ଅଟନ୍ତି । ମୁଁ ତାହାଙ୍କ ଆଡ଼କୁ ହିଁ ଆନତ ହେଉଅଛି (ନତମସ୍ତକ ହେଉଅଛି) ।

☆--☆--☆

رَبِّ کُلُّ شَیْءٍ خَادِمُکَ رَبِّ فَاحْفَظْنِیْ وَانْصُرْنِیْ وَارْحَمْنِیْ

**ଅନୁବାଦ୍:** ହେ ମୋର ପାଳନକର୍ତ୍ତା ! ପ୍ରତ୍ୟେକ ବସ୍ତୁ ତୁମ୍ଭର ସେବକ ଅଟେ । ତେଣୁ ହେ ମୋର ପାଳନକର୍ତ୍ତା ! ତୁମ୍ଭେ ମୋତେ ସୁରକ୍ଷିତ ଏବଂ ନିରାପଦ ରଖ, ମୋତେ ସାହାଯ୍ୟ କର ଓ ମୋ ଉପରେ ଦୟା କର ।

☆--☆--☆

## ଏମ୍.ଟି.ଏ ଇଣ୍ଟରନ୍ୟାସ୍‌ନଲ୍ ଇଣ୍ଡିୟା ଷ୍ଟୁଡ଼ିଓ ପକ୍ଷରୁ ଏକ ବିଶେଷ ଉପସ୍ଥାପନ

## "ଐତିହାସିକ କାର୍ଯ୍ୟକ୍ରମ"

ଜମାଅତ୍ ଅହମଦିୟାର ସ୍ୱର୍ଣ୍ଣିମ ଇତିହାସ ଉପରେ ଆଧାରିତ କାର୍ଯ୍ୟକ୍ରମ! ଏମ୍.ଟି.ଏ ଇଣ୍ଟର୍‌ନ୍ୟାସ୍‌ନଲ୍ ଇଣ୍ଡିୟା ଷ୍ଟୁଡ଼ିଆ ପକ୍ଷରୁ ଏକ ବିଶେଷ ସିରିଜ୍ ଉପସ୍ଥାପିତ କରାଯାଉଅଛି । ଯହିଁରେ ଜମାଅତ୍ ଅହମଦିୟାର ଇତିହାସରେ ଘଟିଥିବା ମୁଖ୍ୟ ଘଟଣାବଳୀର ବିବରଣୀମାନ ଉପସ୍ଥାପିତ କରାଯାଇଛି । ଯେଉଁଠି ଉକ୍ତ ଘଟଣାବଳୀ ଘଟିଛି ଏହି କାର୍ଯ୍ୟକ୍ରମ ମୁଖ୍ୟତଃ ସେହି ଐତିହାସିକ ସ୍ଥାନକୁ ସେନ୍ଦ୍ର କରି ଉକ୍ତ କାର୍ଯ୍ୟକ୍ରମ ପ୍ରସ୍ତୁତ କରାଯାଇଛି । ତହିଁରେ ସଂକ୍ଷିପ୍ତ ଡକ୍ୟୁମେଣ୍ଟାରୀ (ପ୍ରାମାଣିକ ଭିଡ଼ିଓମାନ) ଇତ୍ୟାଦି ମଧ୍ୟ ଅନ୍ତର୍ଭୁକ୍ତ ରହିଛି । କାରଣ ଦର୍ଶକମାନେ ଏହା ଜାଣନ୍ତୁ ଯେ, ଏହି ସ୍ଥାନଗୁଡ଼ିକର ନାମ କ'ଣ, କେଉଁଠି ଏହି ସ୍ଥାନଗୁଡ଼ିକ ଅବସ୍ଥିତ ଅଟନ୍ତି? ଉକ୍ତ କାର୍ଯ୍ୟକ୍ରମ ବେଳେବେଳେ ଏମ୍.ଟି.ଏରେ ପ୍ରସାରଣ କରାଯାଇଥାଏ । ତତ୍‌ସହିତ ଏମ୍.ଟି.ଏ ଭାରତର ୟୁଟ୍ୟୁବ ଚ୍ୟାନେଲ୍‌ରେ ମଧ୍ୟ ଏହି କାର୍ଯ୍ୟକ୍ରମ ଉପଲବ୍ଧ ରହିଛି। ତେଣୁ ଜମାଅତ୍‌ର ସଦସ୍ୟବୃନ୍ଦ ନିଜର ସୁବିଧା ମୁତାବକ ଏହି କାର୍ଯ୍ୟକ୍ରମଗୁଡ଼ିକରୁ ଉପକୃତ ହୁଅନ୍ତୁ ଏବଂ ଜମାଅତ୍‌ର ଇତିହାସ ସହିତ ଅବଗତ ହୁଅନ୍ତୁ । ଏମ୍.ଟି.ଏର ଅଫିସିୟାଲ ୟୁଟ୍ୟୁବ୍ ଚ୍ୟାନେଲ୍‌କୁ ସବସ୍କ୍ରାଇବ କରନ୍ତୁ ଓ ହ୍ୱାଟସ୍ ଅପ୍ ଚ୍ୟାନେଲ୍‌କୁ ଫଲୋ କରନ୍ତୁ । କାରଣ ଆପଣମାନଙ୍କୁ ପ୍ରତ୍ୟେକ ନୂତନ କାର୍ଯ୍ୟକ୍ରମ ସଂପର୍କରେ ଯଥା ସମୟରେ ସୂଚନା ମିଳିପାରିବ ।

ଏମ୍.ଟି.ଏ ର ଅଫିସିୟାଲ୍
Youtube ଚ୍ୟାନେଲ୍

ଏମ୍.ଟି.ଏ ର ଅଫିସିୟାଲ୍
Whatsappp ଚ୍ୟାନେଲ୍

## ବେପରଦା ପ୍ରତି ବୃଦ୍ଧି ପାଉଥିବା କୁମାନସିକତା

ହ. ଖଲିଫତୁଲ୍ ମସିହ୍ ସାନି ର.ଅ କୁହନ୍ତି: "ଯେତେବେଳେ ବର କନ୍ୟା ଘରକୁ ଆସେ ଏବଂ ସେ ଅଣ ସଂପର୍କୀୟ ହିଁ ହୁଅନ୍ତୁ ନା କାହିଁକି, ସାହିର ସମସ୍ତ ମହିଳାମାନେ ବରକୁ ଦେଖି ପରଦା କରିବାକୁ ଜରୁରୀ ବୋଲି ମନେକରନ୍ତି ନାହିଁ । ସେମାନେ କୁହନ୍ତି, ହେଁ ବର ଠାରୁ କ'ଣ ବା ପରଦା କରିବୁ ଆମେ । ପୁନଶ୍ଚ କେବଳ ସେତିକି ନୁହେଁ ଅର୍ଥାତ୍ ସେମାନେ ବରକୁ ଦେଖି ପରଦା କରନ୍ତି ନାହିଁ ବରଂ ସେମାନେ ବର ସହିତ ଥଟ୍ଟା ମଜା ମଧ୍ୟ କରିଥାଆନ୍ତି । ଅତଏବ୍ ଏପରି ଅନେକ ପ୍ରକାରର କଥା ରହିଛି ଯେ, ବିବାହ ପର୍ବରେ ଧର୍ମବିଧାନର ବିରୁଦ୍ଧାଚାରଣ କରାଯାଇଥାଏ। ଲୋକମାନେ ଧର୍ମବିଧାନର ବିରୁଦ୍ଧାଚରଣ କରିଥାଆନ୍ତି। କିନ୍ତୁ ଏହା ଏପରି ଏକ ପ୍ରସଙ୍ଗ ଯେ, ଏଥି ସଂକ୍ରାନ୍ତରେ ଖୁବ୍ ସତର୍କତାର ସହିତ ଧର୍ମବିଧାନର ନିୟମାନୁବର୍ତ୍ତୀ ହେବା ଉଚିତ୍ ଓ ଆବଶ୍ୟକତା ଥିଲା।"**(ଖୁତବାତେ ମହମୁଦ୍, ଗ୍ରନ୍ଥଖଣ୍ଡ-3, ପୃ-71)**

ହ. ଖଲିଫତୁଲ୍ ମସିହ୍ ରାବେ ର.ଅ ବର୍ଣ୍ଣନା କରନ୍ତି: "ଯେଉଁ ଦୋଷ ଦୁର୍ବଳତା ତଥା କୁପ୍ରଥା ସ୍ଥାନିତ ହୋଇଯାଇଛି ତନ୍ମଧ୍ୟରୁ ଗୋଟିଏ ପ୍ରଥା ହେଲା ବେପରଦା ପ୍ରତି ବୃଦ୍ଧି ପାଉଥିବା କୁମାନସିକତା ମଧ୍ୟ ଏକ ପ୍ରସଙ୍ଗ ଅଟେ । ନିଃସନ୍ଦେହ ରୂପେ ଏହା ଧର୍ମବିଧାନକୁ ସୀମାଲଂଘ ନିକଟବର୍ତ୍ତୀ ହୋଇଯାଇଛି । ବର ପକ୍ଷ ଏଥି ସଂକ୍ରାନ୍ତରେ ନିଃସ୍ତବ୍ଧତାକୁ ମଧ୍ୟ ପରିପ୍ରକାଶିତ କରିଥାଏ । କାରଣ ସମ୍ମାନସ୍ପଦ ଅତିଥିମାନଙ୍କ ମଧ୍ୟରେ ଅନେକ ପ୍ରକାରର ଲଜ୍ଜାଶୀଳ ପରଦା ପରିଧାନ କରିଥିବା ମହିଳାମାନେ ମଧ୍ୟ ଥାଆନ୍ତି । ବେଧଡ଼କ ଫୋଟୋ ଉତ୍ତୋଳନକାରୀ କିମ୍ବା ଦାୟିତ୍ୱହୀନତା ଏବଂ ସତୀ ତଥା ଅବିବାହିତକୁ ଡାକୁ ଫଟୋ ଉତ୍ତୋଳନ କରିବା ଏବଂ ଏହା ଚିନ୍ତା ନକରିବା କି ଉକ୍ତ ପ୍ରସଙ୍ଗଟି କେବଳ ବଂଶର ନିକଟ ପରିଧି ମଧ୍ୟରେ ସୀମିତ ଅଟେ। ଏଥି ସଂକ୍ରାନ୍ତରେ

## ଏମ୍.ଟି.ଏ ଇଣ୍ଟରନ୍ୟାସ୍‌ନଲ୍ ଇଣ୍ଡିୟା ଷ୍ଟୁଡ଼ିଓ ପକ୍ଷରୁ ଏକ ଅନନ୍ୟ ଉପସ୍ଥାପନ

## "ପୁସ୍ତକ ପରିଚୟ"

ରୁହାନୀ ଖଜାଏନ୍ ଏବଂ ଅନ୍‌ୱାରୁଲ୍ ଉଲୁମ୍‌ର ସାମଗ୍ରିକି ସମୀକ୍ଷା ଏମ୍.ଟି.ଏ ଇଣ୍ଟରନ୍ୟାସ୍‌ନଲ୍ ଇଣ୍ଡିୟା ଷ୍ଟୁଡ଼ିଆ ପକ୍ଷରୁ "**ପୁସ୍ତକ ପରିଚୟ**" ଉପରେ ଆଧାରିତ ଏକ ନୂତନ ତଥ୍ୟଭିତ୍ତିକ ସିରିଜ୍ ଉପସ୍ଥାପିତ କରାଯାଉଅଛି । ଯହିଁରେ ରୁହାନୀ ଖଜାଏନ୍, ଅନୁୱାରୁଲ୍ ଉଲୁମ ଗ୍ରନ୍ଥର ପୁସ୍ତକ ପରିଚୟ ଉପସ୍ଥାପିତ କରାଯାଇଥାଏ। ଏହି କାର୍ଯ୍ୟକ୍ରମଗୁଡ଼ିକ ମୁଖ୍ୟତଃ ଜମାଅତ୍‌ର ସଦସ୍ୟବୃନ୍ଦଙ୍କ ନିମନ୍ତେ ଜ୍ଞାନଭିତ୍ତିକ, ଆଧାତ୍ମିକ ଓ ସାଂସ୍କାରିକ ଦୃଷ୍ଟିରୁ ଅତ୍ୟନ୍ତ ଉପାଦେୟ ଅଟନ୍ତି । ଉକ୍ତ କାର୍ଯ୍ୟକ୍ରମ ସାହାଯ୍ୟରେ ପୁସ୍ତକଗୁଡ଼ିକୁ ବୁଝିବାରେ ବେଶ୍ ସହାୟକ ଏବଂ ପୁସ୍ତକ ଅଧ୍ୟୟନ କରିବା ପ୍ରତି ସଦସ୍ୟବୃନ୍ଦଙ୍କ ମଧ୍ୟରେ ଆଗ୍ରହ ତଥା ରୁଚି ସୃଷ୍ଟି ହୋଇଥାଏ । ତେଣୁ ଉକ୍ତ କାର୍ଯ୍ୟକ୍ରମ ବେଳେବେଳେ ଏମ୍.ଟି.ଏରେ ପ୍ରସାରଣ କରାଯାଇଥାଏ ଏବଂ ତତ୍‌ସହିତ ଏମ୍.ଟି.ଏ ଭାରତର ୟୁଟ୍ୟୁବ୍ ଚ୍ୟାନେଲ୍ (MTA International India Studios)ରେ ମଧ୍ୟ ଏହି କାର୍ଯ୍ୟକ୍ରମ ଉପଲବ୍ଧ ରହିଛି । ତେଣୁ ଜମାଅତ୍‌ର ସଦସ୍ୟବୃନ୍ଦ ନିଜର ସୁବିଧା ଅନୁଯାୟୀ ଏହି କାର୍ଯ୍ୟକ୍ରମଗୁଡ଼ିକରୁ ଉପକୃତ ହୋଇପାରିବେ । ଏମ୍.ଟି.ଏର ଅଫିସିୟାଲ୍ ୟୁଟ୍ୟୁବ୍ ଚ୍ୟାନେଲ୍‌କୁ ସବସ୍କ୍ରାଇବ କରନ୍ତୁ ଓ ହ୍ୱାଟସ୍ ଅପ୍ ଚ୍ୟାନେଲ୍‌କୁ ଫଲୋ କରନ୍ତୁ । କାରଣ ଆପଣମାନଙ୍କୁ ପ୍ରତ୍ୟେକ ନୂତନ କାର୍ଯ୍ୟକ୍ରମ ସଂପର୍କରେ ଯଥା ସମୟରେ ସୂଚନା ମିଳିପାରିବ ।

ଏମ୍.ଟି.ଏ ର ଅଫିସିୟାଲ୍
Youtube ଚ୍ୟାନେଲ୍

ଏମ୍.ଟି.ଏ ର ଅଫିସିୟାଲ୍
Whatsappp ଚ୍ୟାନେଲ୍

## ସ୍ତମ୍ଭ-1ରେ ବର୍ଣ୍ଣିତ ଆଲେଖ୍ୟର ଅବଶିଷ୍ଟାଂଶ

ସ୍ୱଷ୍ଟ ରୂପେ ବାରମ୍ବାର ଉପଦେଶ ଦିଆଯିବା ଉଚିତ୍ ଯେ, ଆପଣ ଯଦି ପରିବାରବର୍ଗଙ୍କ ଭିଡ଼ିଓ ଇତ୍ୟାଦି କରିବେ ତେବେ ପ୍ରଥମେ ଅତିଥିମାନଙ୍କୁ ସାବଧାନ ଓ ସତର୍କକ କରିଦିଆଯାଉ । କେବଳ ସିମିତ ପରିବାରବର୍ଗ ତଥା ବଂଶ ପରିଧି ମ ଧରେ ହିଁ ନିଜର ସୌକକୁ ପୂର୍ଣ୍ଣ କରାଯାଉ ସମସ୍ତଙ୍କ ପାଇଁ ନୁହେଁ।"**(ଦୈନିକ ଅଲ୍ ଫଜଲ୍, ରବୱା, 2002 ମସିହା, ଜୁନ୍ ମାସ 26 ତାରିଖ, ପୃ-4) (ରିସ୍ତା ନାତା ବିଭାଗ, ନଜାରତ୍ ଇସଲାହ୍ ଓ ଇର୍ଶାଦ୍ ମର୍କଜିୟା, କାଦିୟାନ୍)** ☆☆☆

## ଓଡ଼ିଆ ନଜମ୍ (ରହିମ୍ ଖାଁ) (ଓରଫ୍ ମୁନ୍ନା)

ସଭିଙ୍କ ପାଇଁ ଆଲ୍ଲାଃ ଦ୍ୱାର ତୁମ ଖୋଲାରେ
ଫେରନ୍ତିନି ତୁମ ପାଖୁ ଖାଲି ହାତ କେହିରେ ।
ତୁମ ମହାନତା ପାଇଁ ସର୍ବଶ୍ରେଷ୍ଠ ତୁମେରେ
ବିଚାରରେ ପକ୍ଷପାତ ମୋ ପାଇଁ କାହିଁରେ ।
କେତେକ ଯେ, ପରୀକ୍ଷା ନେବ ମୋ ଜୀବନ କାଳରେ
କୃତକାର୍ଯ୍ୟ ହୁଏ ନାହିଁ ଫଳ ହୁଏ ଶୂନରେ ।
ଦୁନିଆଁ ସାରା ଦୁଃଖ ଆସେ ମୋ ଉପରେ
ସଂସାରର ବାଟ ଚାଲେ ଧରି ମୁହିଁ ବକ୍ଷରେ ।
ସୁଖ କି ମିଳିବ ସତେ ଲେଖିଛି ମୋ ଭାଗ୍ୟରେ
ଆଶା ବାନ୍ଧି ବସିଛି ମୁଁ ପୂର୍ଣ୍ଣ ହେବ କେବେରେ ।
ଜୀବନର ଶେଷ ଯାଏଁ ଦୁଆ ମାଗୁ ଥିବିରେ
ତୁମ ବିନା ଦୁନିଆଁରେ ସାହା କେହି ନାହିଁରେ ।

☆☆☆

## ଇଚ୍ଛୁକ ଓ ଆଗ୍ରହୀ ପ୍ରାର୍ଥୀମାନେ ଦୟାକାରି ଧ୍ୟାନ ଦିଅନ୍ତୁ ! ନିଜାମତ୍ ତାମିରାତ୍ (ନିର୍ମାଣ ବିଭାଗ) କାଦିୟାନରେ ଜଣେ ଇଲେକ୍ଟ୍ରିକାଲ୍ ସୁପରଭାଇଜରର ଆବଶ୍ୟକତା ରହିଛି ।

**ସର୍ତ୍ତାବଳୀ/ଶିକ୍ଷାଗତ ଯୋଗ୍ୟତା ଓ ଅଭିଜ୍ଞତା :**

(1) ପ୍ରାର୍ଥୀଙ୍କୁ 18 ବର୍ଷରୁ କମ୍ ବୟସ ହୋଇ ନଥିବା ଉଚିତ୍ ଏବଂ 50 ବର୍ଷରୁ ଅଧିକ ବୟସ ହୋଇ ନଥିବା ଉଚିତ୍ (ପରିସ୍ଥିତିକୁ ଧ୍ୟାନରେ ରଖି ଜରୁରୀ କାଳୀନ ସ୍ଥିତିରେ ବିଚାର କରାଯାଇ ପାରିବ) ।

(2) ପ୍ରାର୍ଥୀ ଜଣକ ଇଲେକ୍ଟ୍ରିକାଲ ଫିଲ୍ଡ଼ରେ ପ୍ରମାଣ ପତ୍ର କିମ୍ବା Trade Qualification (ଉଦାହରଣ ସ୍ୱରୂପ କଳା, ବାଣିଜ୍ୟ ଆଦି ସଂସ୍ଥାନରୁ ଭୋକେସନାଲ ସ୍କୁଲରୁ) ପ୍ରାପ୍ତ କରିଥିବା ଉଚିତ୍ ।

(3) ପ୍ରାର୍ଥୀ ନିକଟରେ ଇଲେକ୍ଟ୍ରିକାଲ୍ ସୁପରଭାଇଜରର ଲାଇସେନସ୍ ହୋଇଥିବା ଉଚିତ୍ ।

(4) ପ୍ରାର୍ଥୀ ନିକଟରେ ଅତିରିକ୍ତ ସାର୍ଟିଫିକେଟ୍ ଯଥା- Safety Certificate, First Aid/CPR Training, Certificate Of HV/LV Switching Operations ହେବା ଉଚିତ୍ ।

(5) ପ୍ରାର୍ଥୀଙ୍କୁ ଅନ୍ତତଃ ଇଲେକ୍ଟ୍ରିକାଲ ଇନଷ୍ଟଲେସନ, ମରାମତି କିମ୍ବା ପ୍ରୋଜେକ୍ଟ ୱାର୍କରେ 2 ବର୍ଷ ବ୍ୟବହାରିକ ଅଭିଜ୍ଞତା ରହିଥିବା ଉଚିତ୍ ।

(6) ପ୍ରାର୍ଥୀଙ୍କୁ ସୁପରଭାଇଜର କିମ୍ବା Lead Technician Roleର ଅତି କମରେ 1 ବର୍ଷର ଅଭିଜ୍ଞତା ରହିଥିବା ଉଚିତ୍ ।

(7) ପ୍ରାର୍ଥୀଙ୍କୁ Industrial electrical systems,Control panels,Switchgear, Power Distribution Systems,Wiring and Conduit Systemsର କାର୍ଯ୍ୟର ଅଭିଜ୍ଞତା ରହିଥିବା ଉଚିତ୍ ।

(8) ପ୍ରାର୍ଥୀ Electricians କିମ୍ବା Techniciansର ଟିମକୁ ମ୍ୟାନେଜ୍ (ପରିଚାଳନା) କରିବାର ଅଭିଜ୍ଞତା ରହିଥିବା ଉଚିତ୍ ।

(9) ପ୍ରାର୍ଥୀଙ୍କୁ ନିକଟରେ ଇଲେକ୍ଟ୍ରିକାଲ୍ Codes ଏବଂ ସୁରକ୍ଷା ସ୍ତରର ଗଭୀର ଅବବୋଧ (ବୁଝିବା, ଧାରଣା) ରହିଥିବା ଉଚିତ୍ ।

(10) ପ୍ରାର୍ଥୀଙ୍କୁ ନିକଟରେ ଇଲେକ୍ଟ୍ରିକାଲ୍ Drawings ଓ Blueprints ପାଠ କରିବାର ଦକ୍ଷତା ରହିଥିବା ଉଚିତ୍ ।

(11) ପ୍ରାର୍ଥୀ ଇଲେକ୍ଟ୍ରିକାଲ୍ ସମସ୍ୟାକୁ ଅତି ସହଜରେ Troubleshooting କରିପାରୁଥିବା ଉଚିତ୍ ।

(12) ପ୍ରାର୍ଥୀ ନିକଟରେ ଭାଷା, ଯୋଗାଯୋଗ ଦକ୍ଷତା ଏବଂ ଟିମ୍ ଲିଡ଼ରଶିପରେ ଅଭିଜ୍ଞ ଓ ପାରଙ୍ଗମ ହୋଇଥିବା ଉଚିତ୍ ।

(13) ପ୍ରାର୍ଥୀ ସୁସ୍ଥ ହୋଇଥିବା ଉଚିତ୍ । ପ୍ରାର୍ଥୀଙ୍କର ଧାର୍ମିକ ଏବଂ ଚାରିତ୍ରିକ ଅବସ୍ଥା ଉତ୍ତମ ହୋଇଥିବା ଉଚିତ୍ ଏବଂ କାମ କଲାବାଲା ସହକର୍ମୀଙ୍କ ସହିତ ନମ୍ରତା ପ୍ରଦର୍ଶନ କରୁଥିବା ଉଚିତ୍ ।

**ଆବଶ୍ୟକୀୟ ମାର୍ଗଦର୍ଶିକା ବା ନିର୍ଦ୍ଦେଶାବଳୀ :**

(1) ସାପ୍ତାହିକ ବଦରରେ ଉକ୍ତ ଘୋଷଣାର ଶେଷ ଘୋଷଣାର 2 ମାସ ମଧ୍ୟରେ ଯେଉଁ ଆବେଦନଗୁଡ଼ିକ କାର୍ଯ୍ୟାଳୟରେ ହସ୍ତଗତ ହେବ ସେହି ଆବେଦନଗୁଡ଼ିକ ଉପରେ ହିଁ ବିଚାର କରାଯିବ ।

(2) ଇଚ୍ଛୁକ ପ୍ରାର୍ଥୀମାନେ ନିଜ ନିଜର ଆବେଦନ ପ୍ରକାଶିତ ଆବେଦନ ଫର୍ମ ପୂରଣ କରି ଜିଲ୍ଲା ଅମୀର୍/ସ୍ଥାନୀୟ ଅମୀର୍/ସଦର୍ ଜମାଅତ୍/ମୁବ୍ଲିଗ୍ ଇନଚାର୍ଜଙ୍କ ଦ୍ୱାରା ପୃଷ୍ଟିଗତ ଦସ୍ତଖତ ଏବଂ ମୋହର ସହିତ କାର୍ଯ୍ୟାଳୟକୁ ପ୍ରେରଣ କରନ୍ତୁ ।

(3) ଇଣ୍ଟରଭ୍ୟୁ (ସାକ୍ଷାତ୍କାର)ରେ କୃତକାର୍ଯ୍ୟ ହେବା ସ୍ଥଳେ ପ୍ରାର୍ଥୀଙ୍କୁ ନୁର୍ ହସ୍ପିଟାଲ୍ କାଦିୟାନଙ୍କ ଦ୍ୱାରା ଡାକ୍ତରୀ ପରୀକ୍ଷା କରାଇବାକୁ ପଡ଼ିବ । ଯେଉଁ ପ୍ରାର୍ଥୀ ନୁର୍ ହସ୍ପିଟାଲଙ୍କ ମେଡ଼ିକାଲ କର୍ତ୍ତୃପକ୍ଷ ବୋର୍ଡ଼ଙ୍କ ଅନୁଯାୟୀ ସୁସ୍ଥ ଏବଂ ସ୍ୱାସ୍ଥ୍ୟବାନ୍ ବିବେଚିତ ହେବେ କେବଳ ସେହି ପ୍ରାର୍ଥୀମାନେ ହିଁ ସେବା କରିବା ନିମନ୍ତେ ଯୋଗ୍ୟ ବିବେଚିତ ହେବେ ।

(4) କାଦିୟାନ୍ ଯିବା ଆସିବା ନିମନ୍ତେ ବାଟ ଖର୍ଚ୍ଚ ଓ ମେଡ଼ିକାଲ୍ ସାର୍ଟିଫିକେଟର ଖର୍ଚ୍ଚ ପ୍ରାର୍ଥୀ ନିଜେ ବହନ କରିବେ ।

**(ଅବଶିଷ୍ଟାଂଶ...............ପରବର୍ତ୍ତୀ ସ୍ତମ୍ଭରେ)**

## ସ୍ତମ୍ଭ-1ରେ ବର୍ଣ୍ଣିତ ବିଜ୍ଞାପନର ଅବଶିଷ୍ଟାଂଶ

(5) ଇଣ୍ଟରଭ୍ୟୁ ସମୟରେ ପ୍ରାର୍ଥୀଙ୍କୁ ନିଜର ଶିକ୍ଷାଗତ ଯୋଗ୍ୟତାର ସମସ୍ତ ସାର୍ଟିଫିକେଟ୍ ନିଜ ସାଙ୍ଗରେ ଆଣିବା ଆବଶ୍ୟକ ଅଟେ।

**ନୋଟ୍:** ଇଣ୍ଟରଭ୍ୟୁର ତାରିଖ ସହିତ ପ୍ରାର୍ଥୀଙ୍କୁ ପରବର୍ତ୍ତୀ ସମୟରେ ଜଣାଇ ଦିଆଯିବ ।

**ଅଧିକ ତଥ୍ୟ ଜାଣିବା ପାଇଁ ନିମ୍ନଲିଖିତ ଠିକଣାରେ ଯୋଗାଯୋଗ କରନ୍ତୁ**

ନଜାରତ୍ ଦିୱାନ୍ ସଦର୍ ଅଞ୍ଜୁମନ୍ ଅହମଦିୟା କାଦିୟାନ୍,
ଗୁର୍ଦାସପୁର, ପଞ୍ଜାବ, ପିନ୍ କୋଡ୍-143516,
ମୋବାଇଲ୍ ନଂ: 9682587713 ,9888232530,
9682627592,
କାର୍ଯ୍ୟାଳୟ: 01872-501130
Email:diwan@qadian.in

☆--☆--☆

## ଓଡ଼ିଆ ନଜମ୍

### (ମୁ ତୀର୍ଥ ଯିବି ଆରୋ ମୁଁ ତୀର୍ଥ ଯିବି)

ମୁଁକାଦିଆନ୍ ଯିବି ଆରେ ମୁଁ କାଦିଆନ୍ ଯିବି
କଳକୀ ଦୂତର ଜନମ ସ୍ଥାନ ବୁଲି ଦେଖୁଥିବି
ମୁଁ କାଦିଆନ୍ ଯିବି .........................।।
କଳକୀ ଦୂତ ହୋଇବେ ଜାତ
ଏ ସତ୍ୟ ବଚନ ସେ ତ' କୁରଆନ ଲିଖନ
ତାହା ଦେଖି ମୋ ନୟନକୁ ପବିତ୍ର କରିବି ।।
ଦେଖିବି ସେଠି ମିନାରା ମସିହ୍
କେତେ ଉଚ୍ଚ ବାବୁ ସେ ତ' କେଡ଼େ ମନୋରମ
ସେ ବାଟେ କାହିଁ ଇସା ସ୍ୱର୍ଗରୁ ଆସୁ ନାହାନ୍ତି
ମୁଁ ତାହା ଦେଖିବି..........................।।
କେତେ ପଣ୍ଡିତ ଦିଅନ୍ତି ଶିକ୍ଷା
ବିଶ୍ୱ ଶାନ୍ତି ବାଟ ସେ ତ' ବିଶ୍ୱ ଶାନ୍ତି ବାଟ
ପ୍ରଚାର ଲାଗି ସେବକ ଗଣ ଗଡ଼ା ହୁଅନ୍ତି
ମୁଁ ତାହା ଦେଖିବି..........................।।
ବୈତୁଦ୍ ଦୁଆରେ ନଫିଲ୍ ପଢି
ମନର ବେଦନା ଯାହା ମନର ବେଦନା
ଅଲ୍ଲାଃ ପାଶରେ କହି ଦେଇ ମୁଁ ଶାନ୍ତି ପାଇବି
ମୁଁ କାଦିଆନ୍ ଯିବି .........................।।
ଧରମ ସଭା କି ମନ ଲୋଭା
କେତେ ଦେଶୁ ବାବୁ ଭକ୍ତ (ବାବୁ) କେତେ ଦେଶ ଭକ୍ତ
ଧାଇଁ ଅଛନ୍ତି ପତଙ୍ଗ ସମ ଜ୍ୱଳନ୍ତ ଦୀପ ଲଭି
ମୁଁ ତାହା ଦେଖିବି..........................।।
ଦୁଇ ମସଜିଦେ କେଡ଼ ଆନନ୍ଦେ
ପ୍ରାର୍ଥନା କରନ୍ତି ଭକ୍ତେ ପ୍ରାର୍ଥନା କରନ୍ତି
ତାଙ୍କ ସହିତ ପ୍ରାର୍ଥନା କରି ପାପ ଉଦ୍ଧରିବି
ମଁ କାଦିଆନ୍ ଯିବି .........................।।
ସବୁରି ହୃଦେ ଗୋଟିଏ ଭାବ
ଦେଖିଲେ ଜାଣିବ, ଭାଇ ଦେଖିଲେ ଜାଣିବ
ଧନ ଜୀବନ ତୁଚ୍ଛ କରି ମାଟିରେ ଗଡିବ
ମୁଁ କାଦିଆନ୍ ଯିବି .........................।।

☆--☆--☆




2025 ମସିହା ଜୁଲାଇ ମାସ 27 ତାରିଖ ଦିନ ବ୍ରିଟେନର 59 ତମ ଜଲ୍‌ସା ସାଲାନା ଅବସରରେ ଆନ୍ତର୍ଜାତିକ ବୈଅତ୍‌ର ବିଶ୍ୱାସବର୍ଦ୍ଧକ ମନୋରମ ଦୃଶ୍ୟ, 111ଟି ଦେଶର 500 ଜାତିର 2,44,408 ଜଣ ଲୋକମାନଙ୍କୁ ପ୍ରେମର ଡୋରରେ ଗୁନ୍ଥାଗଲା ।




2025 ମସିହା ବ୍ରିଟେନ୍‌ର ଜଲ୍‌ସା ସାଲାନା ଅବସରରେ ହ. ଅମୀରୁଲ୍ ମୁମିନିନ୍ ଅୟେଦହୁଲ୍ଲାଃହୁ ତାଆଲା ବିନସ୍ରେହିଲ୍ ଅଜିଜ୍ ଉଦ୍‌ବୋଧନ ଦେଉଥିବାର ମନୋରମ ଦୃଶ୍ୟ ।




2025 ମସିହାର ବ୍ରିଟେନ ଜଲସା ସାଲାନାର ବିଶ୍ୱାସବର୍ଦ୍ଧକ ମନୋରମ ଦୃଶ୍ୟ ।

EDITOR
QAMARUL HAQUE KHAN
Sub Editor
SAYED ATAUL WAHAB
Mobile : +91 - 8437782443
E-mail : badrqadian@rediffmail.com
Website : www.akhbarbadr.in
: www.alislam.org/badr

REGISTERED WITH THE REGISTRAR OF THE NEWSPAPERS FOR INDIA AT NO PUN ODI/2016/68750

Weekly **BADAR** Qadian

Qadian - 143516 Distt. Gurdaspur (Pb.) INDIA

Vol. 10 Thursday 18 - 25 - December - 2025 Issue. 51-52

Postal Reg. No.GDP-40/2023-2025 Vol. 10 Thursday-18-25 DECEMBER 2025 Issue No. 51-52

ACT. MANAGER
ATHAR AHMAD SHAMIM
MOBILE NO. +91-9815639670
e -mail:managerbadrqnd@gmail.com
ANNUAL SUBSCRIPTION
Yearly 600
PER ISSUE - RS 12
WEIGHT- 20-50 GMS/ISSUE

## ଇସ୍‌ଲାମ୍ ଧର୍ମ ସକଳ ଧର୍ମ ଓ ଧାର୍ମିକ ପୀଠମାନଙ୍କର ରକ୍ଷକ ଅଟେ ।

**ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସ କୁହନ୍ତି:**

"ଅଲ୍ଲାଃତାଲା ଏହା ପ୍ରକାଶ କରନ୍ତି ଯେ, ସେହି ସମସ୍ତ ଧର୍ମପୀଠମାନଙ୍କର ଆମ୍ଭେ ହିଁ ସମର୍ଥକ ଅଟୁ । ଇସ୍‌ଲାମ୍ ଧର୍ମର ଏହି କର୍ତ୍ତବ୍ୟ ରହିଛି ଯେ, ଇସ୍‌ଲାମ୍ ଧର୍ମ ଯଦି କୌଣସି ଖ୍ରୀଷ୍ଟ ରାଷ୍ଟ୍ର ଉପରେ ଅଧିକାର କରେ ତେବେ ସେପରିପ୍ରେକ୍ଷୀରେ ଇସ୍‌ଲାମ୍ ଧର୍ମ ଖ୍ରୀଷ୍ଟ ଧର୍ମାବଲମ୍ବୀମାନଙ୍କର ଉପାସନା ସ୍ଥଳୀରେ କୌଣସି ହସ୍ତକ୍ଷେପ ନକରୁ ଏବଂ ହସ୍ତକ୍ଷେପ କରିବାକୁ ମନା କରିଦେଉ ବା (ଆପତ୍ତି ନକରୁ)। କାରଣ ସେମାନଙ୍କର ଗୀର୍ଜାଘରକୁ ଭୂମିସାତ୍ କରା ନଯାଉ । ସେମାନଙ୍କର ଉପାସନା ସ୍ଥଳୀ ସହିତ ଲାଗିବା ଉଚିତ୍ ହେବ ନାହିଁ ଓ ସେମାନଙ୍କର ଉପାସନା ସ୍ଥଳୀକୁ ଭୂମିସାତ୍ କରିବା ମଧ୍ୟ ଉଚିତ୍ ହେବ ନାହିଁ । ଉପରୋକ୍ତ ନିର୍ଦ୍ଦେଶାବଳୀ ହଦିସ୍‌ର ହିଁ ଭାବାର୍ଥ ଅଟେ । କାରଣ ହଦିସ୍‌ମାନଙ୍କରୁ ଏହା ଜ୍ଞାତ ହୋଇଥାଏ ଯେ, ଯେତେବେଳେ ଇସ୍‌ଲାମୀୟ ସେନାପତି କୌଣସି ଜାତି ବିପକ୍ଷରେ ନିଯୁକ୍ତ ହେଉଥିଲେ ସେତେବେଳେ ତାଙ୍କୁ ଏହି ଆଦେଶ ଦିଆଯାଉଥିଲା ଯେ, ସେ ଖ୍ରୀଷ୍ଟିଆନ୍‌ମାନଙ୍କୁ ଏବଂ ଇହୁଦୀମାନଙ୍କର ଉପାସନା ସ୍ଥଳୀ, ଅଭାବି, ଦରିଦ୍ରମାନଙ୍କର ଏକାନ୍ତ ଆଶ୍ରୟ ସ୍ଥଳୀ ପ୍ରତି ହସ୍ତକ୍ଷେପ ଓ ଆପତ୍ତି ନକରୁ । ତହିଁରୁ ଏହା ପ୍ରକାଶିତ ଯେ, ଇସ୍‌ଲାମ୍ ଧର୍ମ ପ୍ରତ୍ୟେକ ପରିସ୍ଥିତିରେ ଧର୍ମାନ୍ଧତାମୂଳକ ପନ୍ଥାରୁ ଦୂରରେ ରହିଛି । ଅର୍ଥାତ୍ ଇସ୍‌ଲାମ୍ ଧର୍ମ ଯେପରି ମସ୍‌ଜିଦମାନଙ୍କର ସମର୍ଥକ ଅଟେ ଠିକ୍ ସେହିପରି ଖ୍ରୀଷ୍ଟିଆନ୍‌ମାନଙ୍କ ଗୀର୍ଜା ଓ ଇହୁଦୀମାନଙ୍କର ଉପାସନା ପୀଠର ମଧ୍ୟ ସମର୍ଥକ ଅଟେ ।" **(ଚଶ୍‌ମା ମାଆରିଫତ୍, ପୃ-393-394)**

## ଉକ୍ତ ମୌଳିକ ନୀତି ଅତ୍ୟନ୍ତ ସୁନ୍ଦର, ଶାନ୍ତି ପ୍ରଦାନକାରୀ, ସନ୍ଧି ସ୍ଥାପନକାରୀ ଓ ଭିତ୍ତି ସ୍ଥାପନକାରୀ ଅଟେ.... କାରଣ ଯେଉଁ ଅବତାରମାନେ ଏହି ଧରାପୃଷ୍ଠକୁ ଆସିଛନ୍ତି ସେହି ସମସ୍ତ ଅବତାରମାନଙ୍କୁ ଆମେମାନେ ସତ୍ୟାବତାର ରୂପେ ଗ୍ରହଣ କରିନେବା ଉଚିତ୍ ।

**ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସ କୁହନ୍ତି:**

"ଉକ୍ତ ମୌଳିକ ନୀତି ଅତ୍ୟନ୍ତ ସୁନ୍ଦର, ଶାନ୍ତି ପ୍ରଦାନକାରୀ, ସନ୍ଧି ସ୍ଥାପନକାରୀ ଓ ଭିତ୍ତି ସ୍ଥାପନକାରୀ ଅଟେ । ଉକ୍ତ ମୌଳିକ ନୀତି ଚାରିତ୍ରିକ ଅବସ୍ଥାକୁ ଶୃଙ୍ଖଳିତ ତଥା ମାର୍ଜିତ କରିବାରେ ସହାୟକ ହୋଇଥାଏ । ଅର୍ଥାତ୍ ଯେଉଁ ଅବତାରମାନେ ଏହି ଧରାପୃଷ୍ଠକୁ ଆସିଛନ୍ତି, ସେ ପଛେ ଭାରତ ବର୍ଷରେ ଆସିଛନ୍ତି ଅବା ପାରସ୍ୟ (ଇରାନ୍)ରେ ଆସିଛନ୍ତି ଅବା ଚୀନ୍‌ରେ କିମ୍ବା ଅନ୍ୟ କୌଣସି ରାଷ୍ଟ୍ରରେ ଆସିଛନ୍ତି ସେହି ସମସ୍ତ ଅବତାରମାନଙ୍କୁ ଆମେମାନେ ସତ୍ୟାବତାର ରୂପେ ଗ୍ରହଣ କରିନେବା ଉଚିତ୍ । ଈଶ୍ୱର କୋଟି କୋଟି ଲୋକମାନଙ୍କ ହୃଦୟରେ ସେହି ଅବତାରମାନଙ୍କର ସମ୍ମାନ ଏବଂ ମର୍ଯ୍ୟାଦାକୁ ଆସନ୍ନିତ କରାଇ ଦେଇଛନ୍ତି ଏବଂ ସେହି ଅବତାରମାନଙ୍କର ମୂଳକୁ (ଧର୍ମକୁ) ସେ ସ୍ଥାପିତ କରି ଦେଇଛନ୍ତି । ଅନେକ ବର୍ଷ ପର୍ଯ୍ୟନ୍ତ ସେହି ଅବତାରମାନଙ୍କର ଧର୍ମ ଅକ୍ଷୁର୍ଣ୍ଣ ହୋଇ ଆସିଛି । ତେଣୁ ପବିତ୍ର କୁରଆନ୍ କରୀମ୍ ଆମମାନଙ୍କୁ ଏହି ମୌଳିକ ନୀତି ସଂପର୍କରେ ଶିକ୍ଷା ପ୍ରଦାନ କରିଛି ଏବଂ ଉକ୍ତ ମୌଳିକ ନୀତି ଦୃଷ୍ଟିରୁ ଆମେମାନେ ପ୍ରତ୍ୟେକ ଧର୍ମର ସଂସ୍ଥାପକମାନଙ୍କୁ ଯେଉଁମାନଙ୍କର ଜୀବନୀ ଉକ୍ତ ପ୍ରଶଂସା ଅଧୀନ ଆସିଯାଇଅଛି ତାହାକୁ ଆମେମାନେ ସମ୍ମାନ ଚକ୍ଷୁରେ ଦେଖିଥାଉ । ଅର୍ଥାତ୍ ସେହି ଅବତାରମାନେ ହିନ୍ଦୁ ଧର୍ମର ହୁଅନ୍ତୁ ଅବା ପାର୍ସୀ ଧର୍ମର ହୁଅନ୍ତୁ କିମ୍ବା ଚାଇନାମାନଙ୍କ ଧର୍ମର ଧର୍ମ ପ୍ରବର୍ତ୍ତକ ହୁଅନ୍ତୁ ଅବା ଇହୁଦୀ ଧର୍ମର ହୁଅନ୍ତୁ କିମ୍ବା ଖ୍ରୀଷ୍ଟ ଧର୍ମର ହୁଅନ୍ତୁ ସମସ୍ତଙ୍କୁ ଆମେମାନେ ସମାନ ଦୃଷ୍ଟିରେ ଓ ସମ୍ମାନ ଚକ୍ଷୁରେ ଦେଖିଥାଉ ।" **(ତୋହ୍‌ଫା କେସରୀୟା, ପୃ-7)**

Printed & Published by: Jameel Ahmed Nasir on behalf of Nigran Board of Badar. Name of Owner: Nigran Board of Badar. And printed at Fazle-Umar Printing Press. Harchowal Road, Qadian, Distt. Gurdaspur-143516, Punjab. And published at office of the Weekly Badar Mohallah - Ahmadiyya, Qadian Distt. Gsp-143516, Punjab. India. Editor: Qamrul Haque Khan